ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩୦/୨୦୨୫ (୧୮ ପୃଷ୍ଠା+ଛୁଟିଦିନ) Bhubaneswar, Sunday, March 30/2025 Page 18 ₹ 7.00
୫୧ଶ ଭାଗ ୧୨୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 124 ମୂଲ୍ୟ ₹୭/-

DSPL - 436

ଓଡ଼ିଶା ଶାସନ

ଅନ୍ତ୍ୟୋଦୟ ଗୃହ ଯୋଜନା



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ଶୁଭାରମ୍ଭ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟମନ୍ତ୍ରୀ **ଶ୍ରୀ ମୋହନ ଚରଣ ମାଝୀ**ଙ୍କ
କରକମଳରେ

# ଅନ୍ତ୍ୟୋଦୟ ଗୃହ ଯୋଜନା

**ପୂରଣ ହେବ ପକ୍କାଘର ଆଶା, ବିକଶିତ ହେବ ଆମ ଓଡ଼ିଶା**

**ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତ, ଶହୀଦ ପରିବାର, ଘରପୋଡ଼ି, ହାତୀ ଉପଦ୍ରବ, ବନ୍ୟା ବାତ୍ୟା କ୍ଷତିଗ୍ରସ୍ତ ଯୋଗ୍ୟ ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର ହେବ ।**

**୩ ବର୍ଷରେ ବିନିଯୋଗ ହେବ ୭,୫୫୦ କୋଟି ଟଙ୍କା**

ଏବଂ

**ସମୁଦାୟ ୭୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ**

୩୦ ମାର୍ଚ୍ଚ ୨୦୨୫ । ଦିବା ୧୦.୩୦ ଘଟିକା
ଶ୍ରୀକୃଷ୍ଣ ନଗର ପଡ଼ିଆ, ରିସିଗାଁ, ଭବାନୀପାଟଣା, କଳାହାଣ୍ଡି

**www.rhodisha.gov.in** | ନିଃଶୁଳ୍କ ନମ୍ବର ୦୬୭୪- ୬୮ ୧୭୭୭୭

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

PRDeptOdisha | prdw_odisha | PRDWDeptOdisha

OIPR-19001/13/0015/2425

# ଭାଜପା ସରକାର କିଛି ଆକ୍ସନ ନେଇପାରିବେନି: ବିରୋଧୀ

ଭୁବନେଶ୍ୱର,୨୯।୩(ସୁଜିତ୍ ମିଶ୍ର)

୨୦୨୫-୨୬ ଆର୍ଥିକବର୍ଷଲାଗି ରାଜ୍ୟ ସରକାର ଆଣିଥିବା ବ୍ୟୟ ମଞ୍ଜୁରି ବିଲ୍ ଉପରେ ବିଧାନସଭାରେ ଆଲୋଚନା ହୋଇଛି। ଆଲୋଚନାରେ ବିରୋଧୀ ଦଳର ମୋଟ୍ ୭ ଓ ଶାସକ ଦଳର ମୋଟ୍ ୧୦ ଭାଗ ନେଇଛନ୍ତି। ଏହି ଅବସରରେ ଶାସକ ଦଳକୁ ବିଭିନ୍ନ କଥାରେ ବିରୋଧୀ ଟାର୍ଗେଟ କରିଛନ୍ତି। ବିଜେଡି ସରକାରରୁ ଯିବା ପରେ ୨ ଆଇପିଏସ୍ ଅଧିକାରୀଙ୍କ କେନ୍ଦ୍ରୀୟ ଡେପୁଟେଶନ ନେଇ ସର୍ବାଧିକ ଚର୍ଚ୍ଚା ଥିଲା। ଏହି ଦୁଇ ଆଇପିଏସ୍ ଅଧିକାରୀଙ୍କ କଥା ଗୃହରେ ବିରୋଧୀ ଉଠାଇ ପାଲଟା ଶାସକ ଦଳକୁ ଟାର୍ଗେଟ କରିଛନ୍ତି। ଅନ୍ୟପଟେ କଥା କଥାରେ କାହିଁକି ବହୁ ଅଭିଯୋଗ ବିଜେଡି ବିରୋଧରେ ଆଣୁଥିବା ସତ୍ତ୍ୱେ ଆକ୍ସନ ନେଇପାରୁନ ବୋଲି ବିରୋଧୀ ସଦସ୍ୟମାନେ ଟାର୍ଗେଟକରି ଶାସକ ଦଳକୁ କହୁଥିବା ଦେଖିବାକୁ ମିଳିଛି।

ଆଲୋଚନାରେ ଭାଗନେଇ ବିଜେଡି ସଦସ୍ୟ ଅରବିନ୍ଦ ମହାପାତ୍ର କହିଛନ୍ତି, ରାଜ୍ୟରେ ଭାଜପା ସରକାର ଆସିବା ପରେ ୩ ଗୁରୁତ୍ୱପୂର୍ଣ୍ଣ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେ ସବୁ କଥାରେ ଫେଲ୍ ହୋଇଛନ୍ତି। ସରକାର ଯାହା କିଛି ଉନ୍ନୟନମୂଳକ କାର୍ଯ୍ୟ କରିବେ ସେଥିଲାଗି ବାଲି ଆଉ ମାଟି ଦରକାର। ଏଯାଏ ସରକାର ବାଲି ପଲିସି ଆଣିପାରି ନାହାନ୍ତି। ଯୋଉଠି ବାଲି ନାହିଁ କାମ କେମିତି କଲେ। ଯଦି ରାଜ୍ୟରେ ବାଲି ମାଫିଆ ଅଛନ୍ତି ସେମାନେ ଯିଏ ହୁଅନ୍ତୁ ସେମାନଙ୍କୁ କାହିଁକି ଧରୁନାହାନ୍ତି। ମହାନଦୀରୁ ଜଳ ଶୁଖିଗଲାଣି। ଆଗକୁ ହାହାକାର ହେବ। ନିକଟରେ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀ କଥା ହେଲେ। ତେବେ କ'ଣ କଥା ହେଲେ ସେକଥା କେହି ଜାଣିପାରିଲେ ନାହିଁ। ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ କୁହନ୍ତୁ ଆଗ ଖରାଦିନରେ ୨୦ ହଜାର କ୍ୟୁସେକ୍ ପାଣି ରାଜ୍ୟକୁ ଛାଡ଼ିବେ। କଥା କଥାରେ ଭାଜପା ସରକାର ୨୪ ବର୍ଷ ଶାସନ କଥା କହି ତାଚ୍ଛଲ୍ୟ କରୁଛନ୍ତି। ହେଲେ ଇତିହାସକୁ କେହି କେବେ ଭୁଲିନାହାନ୍ତି କି ଭୁଲିବେନାହିଁ। ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଆପଣମାନେ ବିଜେଡି ସହ ମିଳିତ ସରକାରରେ ଥିଲେ। ଆପଣମାନେ ବିଭିନ୍ନ ପଦପଦବୀରେ ରହି ବହୁ କ୍ଷମତା ଉପଭୋଗ କରିଛନ୍ତି। ୯ ବର୍ଷ ଚାଲିଗଲା ବହୁ ବଡ଼ ଭୁଲ୍ କରିଦେଲେ ବୋଲି ଏହା ଭିତରେ ଆପଣମାନେ ଜାଣିପାରିଲେନାହିଁ। ସରକାରକୁ ଆସିବା ପରେ ଏହା ଭିତରେ ଗୋଟିଏ ଆର୍ଥିକ ବର୍ଷ ପଳାଇଲାଣି। ଏମିତି ଆଉ ୪ ବର୍ଷ ପଳାଇବ। ତେଣୁ କଥା ନ କହି କାମ କରନ୍ତୁ। ଛତିଶଗଡ଼, ଦିଲ୍ଲୀ, ମହାରାଷ୍ଟ୍ର ଭଳି ରାଜ୍ୟରେ ଆପଣମାନେ ଇଡି, ସିବିଆଇର ବ୍ୟବହାର କଲେ। ଯଦି ଏତେସବୁ ଅଭିଯୋଗ ଗତ ସରକାର ବିରୋଧରେ ଅଛି ତା'ହେଲେ କାହିଁକି ଏଠି ତା'ର ବ୍ୟବହାର କରାଯାଉନାହିଁ। ୨୦୧୪ରେ କେନ୍ଦ୍ରରେ ଭାଜପା ସରକାର ଆସିବା ପରେ ଏକାଧିକ ବାର ପ୍ରଧାନମନ୍ତ୍ରୀ ଓଡ଼ିଶା ଆସି ବିଜେଡି ସରକାରକୁ ପ୍ରଶଂସା କରୁଥିଲେ। ସେତେବେଳେ ଆପଣମାନଙ୍କୁ କେମିତି ଲାଗୁଥିଲା ସେକଥା ସମସ୍ତେ ଜାଣନ୍ତି। ଆପଣମାନେ ୨ ଜଣ ଅଣଓଡ଼ିଆ ଏଠି ରାଜ୍ୟକୁ ଚଳାଉଥିଲେ ବୋଲି ଅଭିଯୋଗ କରୁଥିଲେ। ଦୁଇ ଜଣ ଅଣଓଡ଼ିଆ ଆଇପିଏସ୍ ଅଫିସରଙ୍କ ବିଷୟରେ କେତେ କଥା ଉଠିଲା। କାହିଁକି ସେମାନଙ୍କ ବିରୋଧରେ କିଛି କରିପାରିଲେନାହିଁ । ସେମାନେ ପଦୋନ୍ନତି ପାଇ ଏଠୁ ଚାଲିଗଲେ। ଆଗକୁ ବହୁ ଅଫିସର ବି ସେମିତି ଚାଲିଯିବେ। ଆପଣମାନେ କିଛି କରିପାରିବେନାହିଁ ବୋଲି ଅରବିନ୍ଦ କହିଛନ୍ତି। ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଓଡ଼ିଶାକୁ ଛାଡ଼ି ଦେଶର ସବୁଠାରେ ପେସା ଆଇନ ଲାଗୁ ହୋଇସାରିଛି। ଆସନ୍ତା ଅଧିବେଶନରେ ପେସା ଆଇନ ଲାଗୁହେବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ କହିଥିଲେ। ପେସା ଆଇନ କେବେ ଆଣିବେ କୁହନ୍ତୁ। ବିଜେଡି ସଦସ୍ୟଙ୍କୁ କାଉଣ୍ଟରକରି ଭାଜପା ସଦସ୍ୟ ଇରାଶିଷ ଆଚାର୍ଯ୍ୟ କହିଛନ୍ତି, ଯାଜପୁରରୁ ଫୋନ୍ ଆସିବା ପରେ ବୋଧହୁଏ ବାଲି ଚୋରି କଥା ଉଠିଲା। ଭାଜପା ସରକାରକୁ ଆସିବା ପରେ ସବୁଥିରୁ ଟିକସ ଆଦାୟ କରୁଛି ବୋଲି ସେ କହିଛନ୍ତି। ବିଧାୟକ ବାବୁ ସିଂ କହିଛନ୍ତି, କଂଗ୍ରେସକୁ ୯୦ ଭାଗ ରାଜ୍ୟବାସୀ ନଣ୍ଟ କରିସାରିଥିଲେ। ଗୃହରେ ରାଜାଭାଇ ସେମାନଙ୍କୁ ବାକି ନଣ୍ଟ କରିଦେଲେ। ଏବେ ସେମାନେ ଗୃହରୁ ସମ୍ପୂର୍ଣ୍ଣ ଶୂନ ହୋଇଗଲେ। ଯେଉଁମାନେ ଏଠି ଓବିସିମାନଙ୍କ ବିଷୟରେ ଆଲୋଚନା କରୁଛନ୍ତି ଗତ ୨୪ ବର୍ଷରେ ସେମାନେ ଏହି ଜାତି ପାଇଁ କ'ଣ କରିଛନ୍ତି। କିଭଳି ଓବିସିମାନଙ୍କ କଥାକୁ ନେଇ ଡ୍ରାମା କରୁଛନ୍ତି। ଯେଉଁମାନେ ଅଯଥାରେ ବିଧାନସଭା ବନ୍ଦ କରିବାକୁ ଚିନ୍ତା କରୁଥିଲେ ସେମାନଙ୍କୁ ଉଚିତ ଜବାବ ମିଳିବ ବୋଲି ବାବୁ କହିଛନ୍ତି। ବିଧାୟକ ସନ୍ତୋଷ ଖଟୁଆ କହିଛନ୍ତି, ହାତୀ ଭଳିଆ ବଜେଟ ପିମ୍ପୁଡି ଭଳି ଖର୍ଚ୍ଚ ହେଉଛି। ସେ ଜାଣିବା ଦରକାର ହାତୀ ସବୁ ଜନ୍ତୁମାନଙ୍କ ଠାରୁ ବୁଦ୍ଧିଆ, ତେଣୁ ଆମେ ବୁଦ୍ଧିମାନ ବଜେଟ କରିଛୁ।

# ମୁଖ୍ୟମନ୍ତ୍ରୀ ଆଗତକଲେ ବିନିଯୋଗ ବିଧେୟକ

ଭୁବନେଶ୍ୱର,୨୯।୩
(ରବିନାରାୟଣ ଜେନା)



ରାଜ୍ୟ ସରକାର ଗୃହରେ ଦୁଇଟି ବଜେଟ ଉପସ୍ଥାପନ କରିସାରିଲେଣି। ପ୍ରଥମଟିରେ ଶିଶୁ ଥିଲେ, ହେଲେ ଏବେ ଶୁଖୁଆ। ହାତୀ ଭଳି ବଜେଟ କରିଛନ୍ତି, ମାତ୍ର ଖର୍ଚ୍ଚ ପିମ୍ପୁଡ଼ି ପରି କରୁଛନ୍ତି କହି ପ୍ରମୁଖ ବିରୋଧୀ ବିଜେଡି ସରକାରଙ୍କୁ ବିନିଯୋଗ ବିଧେୟକ ଆଲୋଚନା କାଳରେ ଘେରିବାକୁ ଉଦ୍ୟମ କରିଛି। ଅନ୍ୟପକ୍ଷରେ ଶାସକଦଳ ପକ୍ଷରୁ ଏହାର କଡ଼ା ଜବାବ ରଖାଯାଇଛି। ପୂର୍ବ ସରକାର ପଛୁଆବର୍ଗଙ୍କ ଅଧିକାରକୁ ହତ୍ୟା କରିଥିଲା କହି ଶାସକଦଳ ସମାଲୋଚନା କରିଛି।

ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଆସନ୍ତା ୨୦୨୫-୨୬ ଆର୍ଥିକବର୍ଷ ଲାଗି ବିନିଯୋଗ ବିଲ୍ ପ୍ରସ୍ଥାପନ, ବିଚାର ଓ ପାରିତ୍ ପ୍ରସ୍ତାବ ଆଗତ କରିବା ପରେ ବିଜେଡି ସଦସ୍ୟ ଅରୁଣ ସାହୁ ଆଲୋଚନା ଆରମ୍ଭ କରି କହିଥିଲେ, ଏ ସରକାରରେ ଗହମ ମଞ୍ଜି ଏବେ ପୋତିଲେ ୨୦୨୯ରେ ଗଛ ହେବ। ପୂର୍ବରୁ ସରକାର ଶିଶୁ ସରକାର କହୁଥିଲେ, ହେଲେ ଏବେ ଶୁଖୁଆ ସରକାର। ସରକାର ଯେଉଁ ବଜେଟ କରିଛନ୍ତି ତାହା ହାତୀ ଆକାରର, ହେଲେ ଖର୍ଚ୍ଚ ପିମ୍ପୁଡ଼ି ପରାଏ ହେଉଛି। ରାଜ୍ୟ ସରକାର 'ସୁଭଦ୍ରା' ଯୋଜନା କରି କେନ୍ଦ୍ରକୁ ୯୦୦ କୋଟି ଟଙ୍କାର ସିଜିଏସ୍‌ଟି ଦେଉଛନ୍ତି। ଲକ୍ଷପତି ଦିଦିର ସଂଜ୍ଞା କ'ଣ ? ମହିଳାମାନଙ୍କୁ ବର୍ଷକୁ ୫ହଜାର ଟଙ୍କା ଦୁଇଥର ଦେଇଦେଲେ ସେମାନେ ଲକ୍ଷପତି ଦିଦି ହୋଇଯିବେ କି ?

ସେ କହିଥିଲେ, ଓଡ଼ିଶାରେ ଏବେ ଗୁଜରାଟୀକରଣ ଚାଲିଛି। ଓଡ଼ିଶା ଖଣି ନିଗମ ଯାହା କରୁଥିଲା ଏବେ ତାହା ଗୁଜରାଟୀ କମ୍ପାନୀକୁ ଟେକି ଦିଆଯାଉଛି। ୱାଲଟିଅର ଚାଲିଗଲା, ଜାତି ଜନଗଣନା କରାଯାଉନାହିଁ। ଦରଦାମ୍ ମହାକାଶ ଛୁଇଁଲାଣି। ମୋଦି ସରକାର ପ୍ରତିବର୍ଷ ୨କୋଟି ଯୁବକଙ୍କୁ ଚାକିରି ଦେବ ବୋଲି କହିଥିଲେ, ହେଲେ ଏବେ ଦେଶର ୪୨ପ୍ରତିଶତ ଯୁବଗୋଷ୍ଠୀ ନାଗଫାଶରେ ପଡ଼ିଛନ୍ତି।

ଅରୁଣ କହିଥିଲେ, ରାଜ୍ୟ ସରକାର ଯେଉଁ ବଜେଟ କରିଛନ୍ତି ସେଥିରୁ କେନ୍ଦ୍ରର ଅଂଶଧନ ୬୫ହଜାର କୋଟି ଟଙ୍କା, ସରକାର ଋଣ କରିବେ ୪୭ହଜାର କୋଟି, ସରକାରୀ ଚାକିରିଆ ଓ ପେନ୍‌ସନଭୋଗୀଙ୍କ ପାଇଁ ୫୭ ହଜାର କୋଟି ଏବଂ ଋଣର ସୁଧ ବାବଦକୁ ପ୍ରାୟ ୧୦ ହଜାର କୋଟି ଯିବ। ସରକାର ଯେଉଁ ବଜେଟ କରିଛନ୍ତି ରାଜ୍ୟବାସୀଙ୍କ ପାଇଁ କେତେ ରହିଲା। ସରକାର ଶପଥ ନେବାବେଳେ କହିଥିଲେ ୧୦୦ ଦିନରେ ନିର୍ବାଚନୀ ପ୍ରତିଶ୍ରୁତି ସବୁ ପୂରା କରିବୁ। ହେଲେ ବଡ଼ଠାକୁର ବଳଭଦ୍ରଙ୍କ ପଡ଼ିବାଠାରୁ ଆରମ୍ଭ କରି ମାଣ୍ଡିପଙ୍କା ଜାଉ ମୃତ୍ୟୁ ଘଟଣା ସବୁ ତଦନ୍ତ ଭିତରେ ରହିଛି। ସରକାରଙ୍କ ଚିନ୍ତାଧାରା 'ଓଟ' ସଦୃଶ କହି ଅରୁଣ କଟାକ୍ଷ କରିଥିଲେ।

ବରିଷ୍ଠ ସଦସ୍ୟ ନିରଞ୍ଜନ ପୂଜାରୀ କହିଥିଲେ, ମୁଖ୍ୟମନ୍ତ୍ରୀ ଗତ ଜୁଲାଇରେ ନୀତି ଆୟୋଗଙ୍କଠାରେ ୧୪ଟି ଦାବି ଉପସ୍ଥାପନ କରିଥିଲେ। ହେଲେ ସଂସଦରେ ଓଡ଼ିଶାର ୨୦ ସାଂସଦ ରହିଥିଲେ ହେଁ ଏପର୍ଯ୍ୟନ୍ତ ଗୋଟିଏ ଦାବି କେନ୍ଦ୍ର ସରକାର ପୂରଣ କରିନାହାନ୍ତି। ଅନ୍ୟପକ୍ଷରେ ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ, ସମାଜର ଶେଷବର୍ଗରୁ ଆସିଥିବା ମୁଖ୍ୟମନ୍ତ୍ରୀଙ୍କୁ ନେଇ ବିଜେଡିକୁ ଭାରି ବାଧୁଛି। ରାଜ୍ୟରେ ଛାତ୍ରୀଛାତ୍ରଙ୍କଠାରେ ୪୬% ରକ୍ତହୀନତା ହିଁ ପୂର୍ବ ସରକାରଙ୍କ ଦାନ। ପୂର୍ବ ସରକାର ଓବିସିଙ୍କ ଅଧିକାରକୁ ହତ୍ୟା କରିଥିଲେ।

ବିରୋଧୀ ଲଣ୍ଠନ ଲଗାଇ ଆମ ମୁଖ୍ୟମନ୍ତ୍ରୀଙ୍କୁ ଖୋଜିବାର ନାଟକ କରୁଥିଲେ। ହେଲେ ଏବେ ତାଙ୍କ ନେତା କୋଏମ୍ବାଟୁରରେ ବୁଲୁଛନ୍ତି। ଜଣେ ହେଲେ ବି ସଦସ୍ୟ କହିପାରିବେ ଯେ, ତାଙ୍କ ନେତା ଏବେ କେଉଁଠି?

# ଓଏଏସ୍ ଅଧିକାରୀସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୯।୩
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଶନିବାର ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ଶନିବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ତିନୋଟି ପୃଥକ୍ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ଏନ୍ଏଚ୍ଏମ୍‌ର ଅତିରିକ୍ତ ନିର୍ଦ୍ଦେଶକ ମୃଣାଳକାନ୍ତି ଦାସଙ୍କୁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ସେହିପରି ବୀରେନ୍ଦ୍ର କୋରକୋରାଙ୍କୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବାବେଳେ ମନୋରଞ୍ଜନ ମଲ୍ଲିକଙ୍କୁ ସିଡିଆଇ ଏବଂ ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ପିଏମ୍ ପୋଷଣ ଏବଂ ଏମ୍ଏମ୍ ପୋଷଣର ରାଜ୍ୟ ଆଞ୍ଚଳିକ ଅଧିକାରୀ, ପ୍ରବୀର କୁମାର ନାୟକଙ୍କୁ ଭୁବନେଶ୍ୱରସ୍ଥିତ ଅତିରିକ୍ତ ଡିଭିଜନାଲ କୋର୍ଟର ଅତିରିକ୍ତ ଆୟୁକ୍ତ, ଜସ୍ମିନ ପଟ୍ଟନାୟକଙ୍କୁ ଓସେପାର ଯୁଗ୍ମ ନିର୍ଦ୍ଦେଶକ, ଦେବୀ ପ୍ରସାଦ ମହାନ୍ତିଙ୍କୁ ଯାଜପୁର ଜିଲା ପରିଷଦର ସିଡିଓ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ତାପସ ରଞ୍ଜନ ଦେହୁରୀଙ୍କୁ ଯାଜପୁର ଉପଜିଲାପାଳ ଭାବେ ନିଯୁକ୍ତ କରାଯାଇଛି।

ସେହିପରି ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ଏସ୍.କେ. ଜମୀରୁଦ୍ଦିନଙ୍କୁ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ବିଭାଗର ଅତିରିକ୍ତ ସଚିବ ସହିତ ଓଡ଼ିଶା ୱାକ୍‌ଫ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ରାଜ୍ୟ ହଜ୍ କମିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଥିବାବେଳେ ବିକ୍ରମାଦିତ୍ୟ ବାରିକଙ୍କୁ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ଅତିରିକ୍ତ ସଚିବ, ନିଲୁ ମହାପାତ୍ରଙ୍କୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅତିରିକ୍ତ ସଚିବ, ନୀଳମାଧବ ଭୋଇଙ୍କୁ ପୁରୀର ଅତିରିକ୍ତ ଜିଲାପାଳ(ପ୍ରୋଟୋକଲ), ଦୁଃଖିବନ୍ଧୁ ନାୟକଙ୍କୁ ଉଚ୍ଚଶିକ୍ଷା ବିଭାଗ ଯୁଗ୍ମସଚିବ ଏବଂ ପ୍ରତିଭା ଦୋରାଙ୍କୁ ଓୟୁଏଟିର ରେଜିଷ୍ଟ୍ରାର ଭାବେ ନିଯୁକ୍ତ କରାଯାଇଛି।

# କଂଗ୍ରେସର ବିକ୍ଷୋଭବେଳେ ହିଂସା ଘଟଣା: ଜଣେ ଗିରଫ

## ଅଭିଯୁକ୍ତଙ୍କ ନାମରେ ରହିଛି କୋଟିଏ ଟଙ୍କାର ଠକେଇ ମାମଲା

ଭୁବନେଶ୍ୱର,୨୯।୩(ସୂର୍ଯ୍ୟକାନ୍ତ ବେହେରା)



ମିରଜା ଇସ୍‌ଲାମ ବେଗ

ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ଦାବି ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ବିକ୍ଷୋଭ ସମାବେଶ ଓ ବିଧାନସଭା ଘେରାଉ ବେଳେ ହିଂସା ଘଟଣାରେ ସମ୍ପୃକ୍ତ ଜଣଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ପାହାଳ ଥାନା ଅନ୍ତର୍ଗତ ହରିଦାସପୁରର ମିରଜା ଇସ୍‌ଲାମ ବେଗ(୨୯)। ତାଙ୍କୁ କୋର୍ଟ ଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଅଭିଯୁକ୍ତ ଜଣକ ଘଟଣା ଦିନ ଏହି ହିଂସାକାଣ୍ଡର ନେତୃତ୍ୱ ନେଇଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଶନିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଡିସିପି କହିଛନ୍ତି, ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ପାହାଳ ଥାନାରେ ଏକ ମାମଲା ରହିଥିବା ବେଳେ ଶନିବାର ମଧ୍ୟ ଆଉ ଏକ ଠକେଇ ମାମଲା ରୁଜୁ ହୋଇଛି। ଜଣେ ମହିଳାଙ୍କୁ ୧ କୋଟିରୁ ଅଧିକ ଟଙ୍କା ସେ ଠକେଇ କରିଛନ୍ତି। ତେଣୁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇ ତାଙ୍କ ଆପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରାଯିବ ବୋଲି ଡିସିପି ମୀନା କହିଛନ୍ତି।

ସୂଚନାନୁସାରେ, କଂଗ୍ରେସ ଆଇନକୁ ହାତକୁ ନେଇ ବିଶୃଙ୍ଖଳା ସୃଷ୍ଟି କରିବା ଘଟଣାରେ କ୍ୟାପିଟାଲ ଥାନାରେ ୩ଟି ମାମଲା ରୁଜୁ ହୋଇଛି। ଗତ ୨୭ ତାରିଖରେ କଂଗ୍ରେସର ବିକ୍ଷୋଭ ସମୟରେ ପୋଲିସ ଓ ବିକ୍ଷୋଭକାରୀ ମୁହାଁମୁହିଁ ହୋଇଥିଲେ। ଏହି ସମୟରେ ବିକ୍ଷୋଭକାରୀମାନେ ପୋଲିସ ଉପରକୁ ଅଣ୍ଡା, ପଥର, ଚେୟାର ମାଡ଼ କରିଥିଲେ। ଏହି ଘଟଣାରେ ବିଏନ୍ଏସ୍ ଦଫା ୧୮୯(୨), ୧୯୧(୨), ୧୨୬(୨), ୧୩୨, ୧୨୧(୧), ୩୨୪(୪), ୨୯୬, ୩୫୧(୨), ୧୯୦ ଏବଂ ଓଡିଶା ଅର୍ବାନ୍ ପୋଲିସ୍ ଆକ୍ଟର ଦଫା ୯୬ରେ ମାମଲା (ନଂ.୧୩୦/୨୦୨୫) ରୁଜୁ ହୋଇଛି। ଏଥିସହ ଗାନ୍ଧୀମାର୍ଗ କଡ଼ରେ ପାର୍କିଂ ହୋଇଥିବା ପୋଲିସ ଗାଡ଼ିରେ ନିଆଁ ଲଗାଇବା ଘଟଣାରେ ବିଏନ୍ଏସ୍ ଦଫା ୩୨୭ରେ ମାମଲା (ନଂ.୧୨୯/୨୦୨୫) ରୁଜୁ ହୋଇଛି। ଅନ୍ୟପକ୍ଷରେ ଏହା ପୂର୍ବରୁ ବିଧାନସଭାର ପୂର୍ବ ଗେଟ୍ ପରିସରରେ କଂଗ୍ରେସ କର୍ମୀମାନେ ହୋହଲ୍ଲା କରିବା ସହ ଭିତରକୁ ପଶିବାକୁ ଉଦ୍ୟମ କରି ବିଶୃଙ୍ଖଳା ଆଚରଣ ପ୍ରଦର୍ଶନ କରିଥିଲେ। ଏହି ଘଟଣାରେ ବିଏନ୍ଏସ୍ ଦଫା ୧୮୯(୨), ୨୨୧, ୨୯୬, ୧୩୨, ୧୯୦ ଏବଂ ଓଡ଼ିଶା ଅର୍ବାନ୍ ପୋଲିସ୍ ଆକ୍ଟର ଦଫା ୯୬ରେ ମାମଲା (ନଂ.୧୨୮/୨୦୨୫) ରୁଜୁ ହୋଇଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩୦/୨୦୨୫ Bhubaneswar, Sunday, March 30/2025

# କୋଟିଆରେ ପୁଣି ପଶିଲା ଆନ୍ଧ୍ର

ଦାରିଦ୍ର୍ୟ, କୁପୋଷଣ ଓ ଅନଗ୍ରସରତାକୁ ନେଇ ରାଜ୍ୟରେ ଚର୍ଚ୍ଚିତ ଥିବା କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ୍‌ର ଆଦିବାସୀ ବହୁଳ କୋଟିଆ ଅଞ୍ଚଳକୁ ପୁଣି ଅନୁପ୍ରବେଶ କରିଛି ଆନ୍ଧ୍ରପ୍ରଦେଶ ପ୍ରଶାସନ। କୋଟିଆ ପଞ୍ଚାୟତ ସୀମାନ୍ତ ନେରିଡ଼ିବାଲସା ଗ୍ରାମରେ ଶନିବାର ପଡ଼ୋଶୀ ଆନ୍ଧ୍ରର ଅଧିକାରୀମାନେ ଆସି ସରଳ ଆଦିବାସୀମାନଙ୍କୁ ନିଜ ଯୋଜନାରେ ସାମିଲ କରିବା ପାଇଁ ସେମାନଙ୍କ ଆଧାର ଅପ୍‌ଡେଟ୍ ସହ ଇ-କେୱାଇସି (ବୈଦ୍ୟୁତିକ ମାଧ୍ୟମରେ ନୋ ୟୋର୍ କଷ୍ଟମର) ମଧ୍ୟ କରାଇଛନ୍ତି। ପୂର୍ବରୁ କୋଟିଆ ପଞ୍ଚାୟତବାସୀଙ୍କ ଇ-କେୱାଇସି ହୋଇପାରି ନ ଥିବାରୁ କେତେକ ଗ୍ରାମର ମହିଳାମାନେ ଓଡ଼ିଶା ସରକାରଙ୍କ ସୁଭଦ୍ରା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏହାର ସୁଯୋଗ ନେଇ ଆନ୍ଧ୍ର ପ୍ରଶାସନ ପୁଣି ଥରେ ଏହି ଅଞ୍ଚଳକୁ ଟାର୍ଗେଟ କରିଥିବା କୁହାଯାଉଛି। ଏସବୁ ସତ୍ତ୍ୱେ ପଟ୍ଟାଙ୍ଗୀ ବ୍ଲକ୍ ଅଧିକାରୀମାନେ ଘଟଣା ସମ୍ପର୍କରେ ଅଜ୍ଞ ରହିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆନ୍ଧ୍ରପ୍ରଦେଶ ସରକାର କୋଟିଆକୁ ନିଜ ରାଜ୍ୟ ସହ ମିଶାଇବାକୁ ଯୋଜନାବଦ୍ଧ ଭାବେ ଉଦ୍ୟମ ଚଳାଇଥିବାବେଳେ ସଦ୍ୟ ଘଟଣା ଏହି ଅନୁନ୍ନତ ଅଞ୍ଚଳ ଉପରେ ଓଡ଼ିଶାର ଦାବିକୁ ଆହୁରି ଦୁର୍ବଳ କରିଦେଇଛି।

## ଜିଲା ପ୍ରଶାସନର ଅପାରଗତା ଦେଉଛି ଅନୁପ୍ରବେଶ ସୁଯୋଗ



କୋଟିଆର ନେରେଡିବଲସା ଗ୍ରାମସ୍ଥିତ ଏକ ଗଛ ତଳେ ବସି ଲୋକଙ୍କ ଆଧାର ଅପ୍‌ଡେଟ୍ ଏବଂ ଇ-କେୱାଇସି କରାଉଛନ୍ତି ଆନ୍ଧ୍ର ଅଧିକାରୀ।

ପଟ୍ଟାଙ୍ଗି,୨୯।୩(ଶରତ କୁମାର ଧଳ)

କୋଟିଆରେ ଓଡ଼ିଶାର କ୍ଷେତ୍ରୀୟ ଅଖଣ୍ଡତାକୁ ପୁନର୍ବାର ଆହ୍ୱାନ ଦେବା ଭଳି କାର୍ଯ୍ୟ କରିଛନ୍ତି ଆନ୍ଧ୍ରପ୍ରଦେଶର ସରକାରୀ ଅଧିକାରୀ। ଆନ୍ଧ୍ର ପ୍ରଶାସନର ଅଧିକାରୀମାନେ ନେରେଡିବଲସା ଗ୍ରାମକୁ ଆସି ଲୋକଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏତିକି ନୁହେଁ, ସେମାନେ ଏହି ଗ୍ରାମର ଏକ ଗଛ ମୂଳେ ବସି ଛାତ୍ରୀଛାତ୍ର, ବୃଦ୍ଧାବୃଦ୍ଧ, ଅଙ୍ଗନୱାଡି ପିଲାମାନଙ୍କ ଇ-କେୱାଇସି କରାଇଛନ୍ତି। ଆନ୍ଧ୍ର ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା, ପିଲାଙ୍କୁ ମିଳୁଥିବା ଆମ୍ମାୱାଡି ଯୋଜନାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରି ଆର୍ଥିକ ସହାୟତା ପ୍ରଦାନ ସକାଶେ ଆଶ୍ୱାସନା ଦେଇଥିବା ମଧ୍ୟ ☞ପୃଷ୍ଠା-୧୦

## ଭିଆର୍‌ଏସ୍ ନେଲେ ସୁଜାତା କାର୍ତ୍ତିକେୟନ

ଭୁବନେଶ୍ୱର,୨୯।୩ (ରବିନାରାୟଣ ଜେନା)



ଦୀର୍ଘବର୍ଷ ଧରି ରାଜ୍ୟ ସରକାରୀ କଳରେ ପ୍ରମୁଖ ଭୂମିକା ନେଇଥିବା ପାଣ୍ଡିଆନ ଦମ୍ପତି ଏବେ ସମ୍ପୂର୍ଣ୍ଣ ଭାବେ ଅବ୍ୟାହତି ନେଇଛନ୍ତି। ୨୦୨୩ ଅକ୍ଟୋବରରେ ଭି.କେ.ପାଣ୍ଡିଆନ ସ୍ୱେଚ୍ଛାକୃତ ଅବସର ନେଇଥିବାବେଳେ ଶୁକ୍ରବାର ୨୦୦୦ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ସୁଜାତା ରାଉତ କାର୍ତ୍ତିକେୟନ ସ୍ୱେଚ୍ଛାକୃତ ଅବସର (ଭିଆର୍‌ଏସ୍) ଗ୍ରହଣ କରିଛନ୍ତି । ଏନେଇ ଭାରତ ☞ପୃଷ୍ଠା-୧୦












# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଗବେଷଣା କେନ୍ଦ୍ର ପକ୍ଷରୁ 'ସମୟ ସାଗର ତୀରେ: ଓଡ଼ିଶାର ସାମୁଦ୍ରିକ ଐତିହ୍ୟ ଓ ନୀଳ ଅର୍ଥନୀତିର ଭବିଷ୍ୟତ' ଶୀର୍ଷକ କର୍ମଶାଳା, ସ୍ଥାନ: ଆଇଏମ୍ଏମ୍‌ଟି ଏସ୍‌ଏସ୍ ଭଟ୍ନାଗର ହଲ୍, ଆଚାର୍ଯ୍ୟ ବିହାର, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ପତ୍ରିକା 'ଶାଶ୍ୱତ ପାହାଚ' ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସାହିତ୍ୟ ପର୍ବ, ସ୍ଥାନ: ଭାରତୀୟ ବିଦ୍ୟାଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- 'ଚଲାପଥ'ର ୫୧ତମ ସାରସ୍ୱତ ମହୋତ୍ସବ ଅବସରରେ କବିତା ପାଠୋତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।
- ଆଦିଶକ୍ତି ଚାରିଟେବଲ ଟ୍ରଷ୍ଟ, ଇଣ୍ଡିଆ ପକ୍ଷରୁ ଶ୍ରୀମଦ୍ଦେବୀ ଭାଗବତ ମହାପୁରାଣ କାର୍ଯ୍ୟକ୍ରମ, ସ୍ଥାନ: ମା'ଖଣ୍ଡୁଆଳୀ ବୁଢ଼ୀ ଠାକୁରାଣୀ ପୀଠ, ଶହୀଦ ନଗର, ସମୟ: ଅପରାହ୍ନ ୫ଟା।
- କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ମାସିକ ଆଲୋଚନାଚକ୍ର, ସ୍ଥାନ: ପ୍ରତିଷ୍ଠାନ ପରିସର, ସମୟ: ଅପରାହ୍ନ ୫ଟା ୩୦।
- ସୟଦ ମମତାଜ ଅଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର, ନୟାପଲ୍ଲୀ, ସମୟ: ସନ୍ଧ୍ୟା ୬ଟା।
- ସରସ୍ୱତୀ ଶିକ୍ଷା ମନ୍ଦିରର ୨୧ତମ ବାର୍ଷିକ ଉତ୍ସବ 'ବୈଶାଖୀ-୨୦୨୫' , ସ୍ଥାନ: ନହରକଣ୍ଟାସ୍ଥିତ ଶିକ୍ଷା ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ଏସ୍‌ଏନ୍‌ଏମ୍ ଗ୍ରୁପ୍ ପକ୍ଷରୁ ଭୁବନେଶ୍ୱର ରନ୍‌ୱେ ଉଇକ୍, ସ୍ଥାନ: ୱେଲକମ୍ ହୋଟେଲ, ସମୟ: ସନ୍ଧ୍ୟା ୬ଟା।
- ଆଇଏମ୍‌ବି ଫିଏଷ୍ଟା-୨୦୨୫, ସ୍ଥାନ: ଆଇଏମ୍‌ବି କଲେଜ ପରିସର, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଜ୍ଞାନ ବିହାର, ରସୁଲଗଡ଼, ସମୟ: ସନ୍ଧ୍ୟା ୬ଟା।
- ରାଷ୍ଟ୍ରୀୟ ନବବର୍ଷ ପାଳନ, ସ୍ଥାନ: ନହରକଣ୍ଟା ଦୁର୍ଗାମଣ୍ଡପ ସମ୍ମୁଖ ପଡ଼ିଆ, ସମୟ: ରାତି ୭ଟା ୩୦।

## କଟକ

- ସିଭିଲ ଜଜେସ୍ (ଜୁନିୟର ଡିଭିଜନ) ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଜୁଡିସିଆଲ ଏକାଡେମୀ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ, ସ୍ଥାନ: କଟକ ସଦର ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର ପରିସର, ବଡ଼ମ୍ବା, ସମୟ: ସନ୍ଧ୍ୟା ୬ଟା।
- ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: କଟକ କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ରାଷ୍ଟ୍ରୀୟ ନବବର୍ଷ ପାଳନ, ସ୍ଥାନ: ମଧୁବନ ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସକାଳ ୯ଟା।
- ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦିବସ, ସ୍ଥାନ: ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳନ ଅବସରରେ ଦୀପଦାନ ଓ ଶୋଭାଯାତ୍ରା, ସ୍ଥାନ: ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ, ସମୟ: ଅପରାହ୍ନ ୫ଟା।
- ଗୁରୁକୁଳ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ରାମହରି ଦାସ ଓଡ଼ିଶୀ ଗୁରୁକୁଳ, ବଡ଼ହାଟ, ବୀରଗୋବିନ୍ଦପୁର, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ମା'ଜାଗୁଳାଇଙ୍କ ବାସନ୍ତୀକ ଦୁର୍ଗାପୂଜା ଓ ନବରାତ୍ରି ଦ୍ୱିତୀୟ ଦିବସରେ ବ୍ରହ୍ମଚାରିଣୀ ବେଶ, ସ୍ଥାନ: ମା'ଜାଗୁଳାଇଙ୍କ ମନ୍ଦିର, କୁଦିଆରୀ, ଜଟଣୀ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ପଥୋତ୍ସବ, ସ୍ଥାନ: ଫକୀରମୋହନ ଗୋଲେଇରୁ ଷ୍ଟେଶନ ଛକ, ବାଲେଶ୍ୱର, ସମୟ: ପ୍ରାତଃ ୫ଟା ୩୦।
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ନୋସି ବିଜିନେସ ପାର୍କ, ବାମପଦା, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ଅନ୍ତ୍ୟୋଦୟ ଗୃହ ଯୋଜନା ଉଦ୍‌ଘାଟନୀ, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ

- ମାତୃଭୂମି ପାଇଁ ଗଣଦୌଡ଼, ସ୍ଥାନ: କାଳୀମନ୍ଦିରଠାରୁ ନୂଆ ବସ୍‌ଷ୍ଟାଣ୍ଡ, ଚାନ୍ଦବାଲି, ସମୟ: ସକାଳ ୭ଟା।
- ହିନ୍ଦୁ ନବବର୍ଷ ପାଳନ, ଗୋମାତା ଓ ସାଧୁସନ୍ଥ ପୂଜନ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଢୋଲକ ବାଦ୍ୟ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ବହୁଗାଁ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତରଫରୁ ହିନ୍ଦୁ ନବ ବର୍ଷ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ପାଟଣା, ସମୟ: ଅପରାହ୍ନ ୪ଟା।
- ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକ୍ରମ, ସ୍ଥାନ: ହାଟଡ଼ିହୀ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ମୟୂରଭଞ୍ଜ

- ବଳାଙ୍ଗୀ ମହୋତ୍ସବର ମେଗା ଅଡିଶନ, ସ୍ଥାନ: ଡିଭାଇନ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ କଲେଜ, ବାରିପଦା, ସମୟ: ସକାଳ ୯ ଟା।
- ୯ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ସଂସ୍କାର କାର୍ଯ୍ୟକ୍ରମ ଓ ପୂର୍ଣ୍ଣାହୂତି, ସ୍ଥାନ: ଗାୟତ୍ରୀ ଆଶ୍ରମ ଶ୍ରୀରାମକୁଞ୍ଜ, ବୈଶିଙ୍ଗା, ବେତନଟୀ ବ୍ଲକ, ସମୟ: ଅପରାହ୍ନ ୨ ଟା।
- ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ଚିତ୍ରଡ଼ା, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ସାଧାରଣ ବୈଠକ, ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ମଧ୍ୟାହ୍ନ ୧୨ଟା।
- ଉଗାଦି ଉତ୍ସବ ପାଳନ ସ୍ଥାନ, ଖାସ୍ବା ସାହି, ସମୟ: ଅପରାହ୍ନ ୪ଟା ୩୦।

## ଗଞ୍ଜାମ

- ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ପାଳନ, ସ୍ଥାନ: ସରସତୀ ଶିଶୁ ବିଦ୍ୟାମନ୍ଦିର ବୁଗୁଡ଼ା, ସମୟ: ସକାଳ ୮ଟା।
- ଅନନ୍ୟ କଳାଦର୍ପଣର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ : ଜିଲା ସଂସ୍କୃତି ଭବନ, ସମୟ : ଅପରାହ୍ନ୫ ଟା ୩୦।

## କନ୍ଧମାଳ

- ଅନ୍ତ୍ୟୋଦୟ ଗୃହ ଯୋଜନାର ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ଦାରିଙ୍ଗବାଡ଼ି, ସମୟ : ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଶ୍ରୀସଙ୍କଟମୋଚନ ହନୁମାନ ଦେବଙ୍କ ନବ କଳେବର ଓ ପ୍ରତିଷ୍ଠା ଉତ୍ସବ, ସାଧୁସନ୍ଥଙ୍କ ପ୍ରବଚନ ସଭା, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ବ୍ୟାସ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୭ ତମ ସୌମିକ ହିରୋ ବ୍ୟାସନଗର ପ୍ରିମିୟର ଲିଗ୍ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଏନ୍.ସି. ହାଇସ୍କୁଲ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ୨ୟ ବୈଷ୍ଣୋଦେବୀଙ୍କ ପୀଠରେ ଶକ୍ତି ଓ ଉପାସନାର ମହାପର୍ବ ନବରାତ୍ରୀର ଚଣ୍ଡି ହବନ ଓ ଯଜ୍ଞ ଆରମ୍ଭ, ସ୍ଥାନ: ଓଡ଼ଗାଁ ବ୍ଲକର ଜାମୁକୋଣ ପାହାଡ଼, ସମୟ: ସକାଳ ୮ଟା
- ୧୪ ଦୋଳ ପର୍ବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ରୟତ ଢୋଲମରା, ସମୟ: ପୂର୍ବାହ୍ନ ୧୦ଟା।
- ୧୫ ଦିନିଆ ଦଣ୍ଡପର୍ବର ଅୟମ୍ଭାରମ୍ଭ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡ଼ା ଓ ସିଦ୍ଧାମୂଳା, ସମୟ: ରାତି ୧୨ଟା।

## ରାୟଗଡ଼ା

- ଚୈତ୍ର ନବରାତ୍ର ଉପଲକ୍ଷେ କଳସ ଯାତ୍ରା ଏବଂ ବେଦି ପୂଜା ଚଣ୍ଡୀ ପାଠ, ସ୍ଥାନ: ବିଶିରୋଡ଼, ଜେକେପୁର, ସମୟ: ସକାଳ ୭ ଟା।
- ଜିଲା ଉଗାଦି ଉତ୍ସବ କମିଟି ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ରାୟଗଡ଼ା ତେଜସ୍ୱୀ ହୋଟେଲ ସମ୍ମୁଖ ପଡିଆ, ସମୟ: ଅପରାହ୍ନ ୩ଟା ୩୦।

## ନବରଙ୍ଗପୁର

- ଅନ୍ୱେଷା ହଷ୍ଟେଲ ବାର୍ଷିକ ଉତ୍ସବ, ସ୍ଥାନ: ନବରଙ୍ଗପୁରସ୍ଥିତ ହଷ୍ଟେଲ ପରିସର, ସମୟ: ଅପରାହ୍ନ ୪ଟା।
- ହିନ୍ଦୁ ନବବର୍ଷ ପାଳନ ଅବସରରେ ଶୋଭାଯାତ୍ରା, ସ୍ଥାନ: ଡାବୁଗାଁ ଠାକୁରାଣୀ ମନ୍ଦିରରୁ ଆରମ୍ଭ, ସମୟ: ଅପରାହ୍ନ ୫ଟା।

## କୋରାପୁଟ

- ରଣ ମେଳା, ସ୍ଥାନ: ବ୍ଲକ୍ କାଯ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତ୍ୟୋଦୟ ଗୃହ ଯୋଜନା ଉନ୍ମୋଚନ, ସ୍ଥାନ: ବ୍ଲକ ପରିସର,ବୈପାରୀଗୁଡା, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ବାର୍ଷିକ ସତ୍‌ସଙ୍ଗ, ସ୍ଥାନ: ବୈପାରୀଗୁଡା, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ଜିଲାସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ, ସ୍ଥାନ: ମାଲକାନଗିରି ସଦର ମହକୁମା ବ୍ଲକ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ୱେଷା ଆବାସିକ ଛାତ୍ରୀଛାତ୍ରୀ ଓ ଅଭିଭାବକଙ୍କୁ ନେଇ କର୍ମଶାଳା, ସ୍ଥାନ: ପୌର ପରିଷଦ ଅଞ୍ଚଳ ଅନ୍ୱେଷା ଛାତ୍ରୀଛାତ୍ରାବାସ ପରିସର, ସମୟ: ସକାଳ ୯ଟା ୩୦।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ସମ୍ବଲପୁର ମହାନଗର ନିଗମ ଖବରକାଗଜ ବିକ୍ରେତା ସଂଘର ଆଲୋଚନାଚକ୍ର, ସ୍ଥାନ: ସାମ୍ବାଦକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ବିଶ୍ୱହିନ୍ଦୁ ପରିଷଦ ଓ ହନୁମାନ ଜୟନ୍ତୀ ସମନ୍ୱୟ ସମିତ ଆୟୋଜିତ ହିନ୍ଦୁନବ ବର୍ଷ ଉପଲକ୍ଷେ ବିବିଧ ପାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ବାସନ୍ତୀକ ନବରାତ୍ର ଉପାସନ,ସ୍ଥାନ: ଆନନ୍ଦ ନିକେତନ ଆଶ୍ରମ, ଖୁଜେନପାଲି, ବଲାଙ୍ଗୀର, ସମୟ: ସକାଳ ୮ଟା।
- ଚୈତ୍ର ଶୁକ୍ଳ ପ୍ରତିପଦା ହିନ୍ଦୁ ନବବର୍ଷ ଉପଲକ୍ଷେ ଭାରତମାତାଙ୍କ ପୂଜନ ଉତ୍ସବ, ସ୍ଥାନ: ଶ୍ରୀରାମ ଚରିତ ମାନସ ମନ୍ଦିର, ଡେଲିମାର୍କେଟ, ବଲାଙ୍ଗୀର, ସମୟ: ସକାଳ ୯ଟା।

## ରାଉରକେଲା

- ଚୈତ୍ର ନବରାତ୍ର ଆରମ୍ଭ, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା।
- ବିଶ୍ୱ ଅଟୋଷ୍ଟିମ୍ ସଚେତନତା ଦିବସ, ସ୍ଥାନ: ସେକ୍ଟର-୧୬, ଶ୍ରଦ୍ଧା, ସମୟ: ସକାଳ ୯ଟା।
- ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ପରାମର୍ଶ ଶିବିର, ସ୍ଥାନ: ସେକ୍ଟର-୩ ଖଡ୍ଗ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ସ୍ୱାଭିମାନ ଦିବସ, ସ୍ଥାନ: ଲକ୍ଷ୍ମୀପୂଜା ପେଣ୍ଡାଲ, ସେକ୍ଟର-୨, ସମୟ: ମଧ୍ୟାହ୍ନ ୧୨ଟା।

## ସୁନ୍ଦରଗଡ଼

- ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ,ସ୍ଥାନ:କୁଆଁରମୁଣ୍ଡା ବ୍ଲକ ପରିସର,ସମୟ:ପୂର୍ବାହ୍ନ ୧୦ଟା।

## ବରଗଡ଼

- ସମଲେଶରୀଙ୍କ ବାସନ୍ତୀକ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ଜାଗୃତି ହାଇସ୍କୁଲର ରୌପ୍ୟ ଜୟନ୍ତୀ,ସ୍ଥାନ- ଦୁଲମପୁର, ଅତାବିରା,ସମୟ:ସକାଳ ୯ଟା।

## କଳାହାଣ୍ଡି

- ଲାଞ୍ଜିଗଡ ଡିଏଭି ଅନ୍ତର୍ଜାତୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବେଦାନ୍ତ ଟାଉନଶିପସ୍ଥିତ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।
- ଲାଞ୍ଜିଗଡ଼ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସହଭାଗୀ ଅଭିଭାବକ ସମ୍ମିଳନୀ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଅନ୍ତ୍ୟୋଦ୍ୱୟ ଗୃହ ଯୋଜନାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସର , ସମୟ: ସକାଳ ୯ଟା।

## ଦେବଗଡ଼

- ବାସନ୍ତିକ ନବରାତ୍ର ପୂଜା ଆରମ୍ଭ ଓ ଅଖଣ୍ଡ ଦୀପ ସ୍ଥାପନ, ସ୍ଥାନ: ଗୋହରୀ ପୋଖରୀ, ଶନି ମନ୍ଦିର, ସମୟ :ସକାଳ ୯ ଠାରୁ।
- ଜିଲାର ଚାଷୀମାନଙ୍କ ପାଇଁ କୃଷକ କଲ୍ୟାଣ ଟ୍ରଷ୍ଟ, ଦେବଗଡ଼ ତରଫରୁ ଜୀବନ ବୀମା ପ୍ରଦତ୍ତ କାର୍ଯ୍ୟକ୍ରମ,ସ୍ଥାନ :ପ୍ରଧାନପାଟ ସ୍ଥିତ ବଡବଗିଚା,ଦେବଗଡ଼, ସମୟ:ସକାଳ ୯ଟା।

## ସୁବର୍ଣ୍ଣପୁର

- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳନ, ସ୍ଥାନ: ସୋନପୁର ରୟାଲ ପଡିଆ ସ୍ଥିତ ବାଲାଜୀ ମନ୍ଦିର ପରିସର, ସମୟ: ସକାଳ ୭ଟା ୪୫।
- ଆରଏମ୍‌ସି ପରିସରରେ ଡୁଙ୍ଗୁରିପାଲି ବ୍ଲକ ଆନୁକୂଲ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକ୍ରମ, ସ୍ଥାନ: ଆର୍‌ଏମ୍‌ସି ପରିସରରେ, ସମୟ: ପୂର୍ବାହ୍ନ ୧୦ ଟା।

## ନୂଆପଡ଼ା

- ମାରାଗୁଡା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ରଜତ ଜୟନ୍ତୀ ସମାରୋହ, ସ୍ଥାନ: ଖଡିଆଳ ବ୍ଲକ ଡୁକଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା

- ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍‌ଏପି ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ରାମାୟଣ ପଠନ, ସ୍ଥାନ :କୁମର କଲ୍ୟାଣ ମଣ୍ଡପ, ସମୟ :ପୂର୍ବାହ୍ନ ୧୧ ଟା।

# ରାଜ୍ୟ ଖବର

## ଡିଏସ୍‌ପି ରମେଶ ଦୋରାଙ୍କ ଜାତି ପ୍ରମାଣପତ୍ର ରଦ୍ଦ ନିର୍ଦ୍ଦେଶ

### ଜାଲ୍ ଜାତି ପ୍ରମାଣପତ୍ର ବଳରେ ପୋଲିସ ଚାକିରି

**ସମ୍ବଲପୁର,୨୯।୩(ଭବାନୀ ଶଙ୍କର ଭୋଇ)**

କ୍ରାଇମ୍‌ବ୍ରାଞ୍ଚର ପୂର୍ବତନ ଡିଏସ୍‌ପି ତଥା ବର୍ତ୍ତମାନର ଢେଙ୍କାନାଳ ଏସ୍‌ଡିପିଓ ରମେଶ ଦୋରା ଜାଲ୍‌ଏସ୍‌ଟି ପ୍ରମାଣପତ୍ର ବଳରେ ପୋଲିସ ଚାକିରି କରୁଥିବା ନେଇ ପ୍ରମାଣିତ ହୋଇଛି। ଉତ୍ତରାଞ୍ଚଳ ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବଙ୍କ ଅଧ୍ୟକ୍ଷତାରେ ଗଠିତ ରାଜ୍ୟସ୍ତରୀୟ ଯାଞ୍ଚ କମିଟ ଦୋରା ଭୁଲ୍ ତଥ୍ୟ ଦେଇ ହାସଲ କରିଥିବା ଜନଜାତି ପ୍ରମାଣପତ୍ର ରଦ୍ଦ କରିବାକୁ ଆଦେଶ ଦେଇଛନ୍ତି।

୨୦୨୧ରେ ସମ୍ବଲପୁର ଟାଉନ ଥାନା ଅଧିକାରୀ ଥିବା ସମୟରେ ଦୋରାଙ୍କ ନାଁରେ ହାଇକୋର୍ଟରେ ଆଇନଜୀବୀ ସୁରେନ୍ଦ୍ର ମହାପାତ୍ର ଜାତି ପ୍ରମାଣପତ୍ର ଜାଲିଆତି ଅଭିଯୋଗ ଆଣିଥିଲେ। ଏହାପରେ ଉତ୍ତରାଞ୍ଚଳ ଆର୍‌ଡିସିଙ୍କ ଅଧ୍ୟକ୍ଷତାରେ ଗଠିତ ରାଜ୍ୟସ୍ତରୀୟ ଯାଞ୍ଚ କମିଟି ଏହାର ତଦନ୍ତ କରିଥିଲା। ବରଗଡ଼ ଜିଲାର ମୂଳନିବାସୀ ଦୋରା ତେଲେଙ୍ଗା ଜାତିର ହୋଇଥିବାବେଳେ ସେ ନିଜର ଜାତି 'କୋଣ୍ଡାଦୋରା' ଦର୍ଶାଇ ଜନଜାତି ପ୍ରମାଣପତ୍ର ହାସଲ କରିଥିଲେ।

**ପ୍ରାଥମିକ ବିଦ୍ୟାଳୟ ରେକର୍ଡ ତେଲେଙ୍ଗା ବୋଲି ପ୍ରମାଣିତ କଲା**

ରମେଶ ଦୋରା ପାଠ ପଢ଼ିଥିବା ରଙ୍ଗପଡ଼ା ପ୍ରାଥମିକ ବିଦ୍ୟାଳୟର ସ୍କୁଲ ପ୍ରବେଶ ରେଜିଷ୍ଟାରରେ କ୍ରମିକ ନମ୍ବର ୧୩୪ରେ ଜାତି ତେଲେଙ୍ଗା ବୋଲି ରେକର୍ଡ କରାଯାଇଛି। ପୁଣି ତାଙ୍କ ପିତାଙ୍କ ନାମରେ ଥିବା ଜମି ପଟ୍ଟାରେ ଜାତି ତେଲେଙ୍ଗା ମଧ୍ୟ ରହିଛି। ତେବେ ପରେ ସେ ସରକାରୀ ସୁବିଧା ହାସଲ କରିବା ପାଇଁ କୋଣ୍ଡାଦୋରା ଜନଜାତି ପ୍ରମାଣପତ୍ର ହାସଲ କରିଥିଲେ। ଏହି ପ୍ରମାଣପତ୍ର ବଳରେ ସେ ପୋଲିସ ଚାକିରି ପାଇ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ହାତେଇଥିଲେ। ଦୋରାଙ୍କ ଜାତି ସମ୍ପର୍କୀୟ, ବନ୍ଧୁ ଏବଂ ପଡ଼ୋଶୀମାନଙ୍କ ବୟାନ ଏବଂ ତାଙ୍କ ପରିବାରର ପରମ୍ପରା, ରୀତିନୀତି ଇତ୍ୟାଦି ତଦନ୍ତ କରିବା ପରେ ସେ ତେଲେଙ୍ଗା ଜାତିର ହୋଇଥିବା ପ୍ରମାଣିତ ହୋଇଛି।

**ରାଜ୍ୟସ୍ତରୀୟ ଯାଞ୍ଚ କମିଟିର ଆଦେଶ**

ଉତ୍ତରାଞ୍ଚଳ ଆରଡିସି ଯାଦବଙ୍କ ଅଧ୍ୟକ୍ଷତାରେ ଗଠିତ ରାଜ୍ୟସ୍ତରୀୟ ଯାଞ୍ଚ କମିଟିରେ ଉପନିର୍ଦ୍ଦେଶକ ଅଶ୍ୱନୀ କୁମାର ଦାଶ, ଏସ୍‌ସି ଏସ୍‌ଟି ବିଭାଗ ସହକାରୀ ନିର୍ଦ୍ଦେଶକ ମଧୁସୂଦନ ସାହୁ, ବରଗଡ ଏଡିଏମ୍ ମଧୁଛନ୍ଦା ସାହୁ ସଦସ୍ୟ ରହିଥିଲେ। ତେଲେଙ୍ଗା ଜନଜାତି ବର୍ଗରେ ଆସୁ ନ ଥିବାରୁ କମିଟି ତାଙ୍କ ଜନଜାତି ପ୍ରମାଣପତ୍ର ରଦ୍ଦ ପାଇଁ ଆଦେଶ ଦେଇଛି। ଏଭଳି ସ୍ଥିତିରେ ରମେଶ ଚାକିରି ହରାଇବା ସହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ବି ସମ୍ମୁଖୀନ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏସ୍‌ଟି ପ୍ରମାଣପତ୍ର ବଳରେ କିଣିଥିବା ଜମି, ହାତେଇଥିବା ସୁବିଧାର ଯାଞ୍ଚ କରାଯାଇ ଭରଣା ଦେବାକୁ ନିର୍ଦ୍ଦେଶ ହୋଇଛି। ରମେଶ ପୂର୍ବରୁ ବ୍ୟକ୍ତିଗତଭାବେ ରାଜ୍ୟସ୍ତରୀୟ ଯାଞ୍ଚ କମିଟି ସମ୍ମୁଖରେ ହାଜର ହୋଇ ନିଜ ପକ୍ଷ ରଖିଥିଲେ। ଗତ ୧୮ତାରିଖରେ ରାଜ୍ୟସ୍ତରୀୟ ଯାଞ୍ଚ କମିଟି ବୈଠକ ବସିଥିଲା। ତେବେ ଯାଞ୍ଚ କମିଟିଅଧ୍ୟକ୍ଷ ଉତ୍ତରାଞ୍ଚଳ ଆରଡିସି ଯାଦବ ଉକ୍ତ ଦିନ ମାମଲାର ରାୟ ସଂରକ୍ଷିତ ରଖିଥିଲେ। ଶୁକ୍ରବାର ଯାଞ୍ଚ କମିଟି ରାୟ ପ୍ରକାଶ ପାଇଛି।

## ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟକଲା ଛଉନୃତ୍ୟ



ବିଭିନ୍ନ ଦେଶରୁ ଆସିଥିବା ଟୁର୍ ଅପରେଟରଙ୍କ ସହ ଛଉ ନୃତ୍ୟଶିଳ୍ପୀ ଓ ରାଜ ପରିବାରର ସଦସ୍ୟମାନେ।

**ବାରିପଦା,୨୯।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା ବେଲଗଡ଼ିଆସ୍ଥିତ ରାଜପ୍ରାସାଦ ପରିସରରେ ୩ ଦିନ ଧରି ଛଉ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜଜେମା ମୃଣାଳିକା ମଞ୍ଜରୀ ଭଞ୍ଜଦେଓ ଏବଂ ଅକ୍ଷିତା ମଞ୍ଜରୀ ଭଞ୍ଜଦେଓଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ ଦେଶ ବିଦେଶରୁ ଟୁର ଅପରେଟର ଯୋଗଦେଇଥିଲେ। ବିଦେଶର ଟୁର୍ ଅପରେଟରଙ୍କୁ ଛଉନୃତ୍ୟ ବହୁତ ଆକୃଷ୍ଟ କରିଥିଲା।

ପ୍ରଥମ ସନ୍ଧ୍ୟାରେ ପୁରୁଲିଆର ଭଗବାନ ବିର୍ସାମୁଣ୍ଡା ଛଉନୃତ୍ୟ କଳାକେନ୍ଦ୍ର, ଦ୍ୱିତୀୟ ସନ୍ଧ୍ୟାରେ ଶ୍ରୀ ଶ୍ରୀ ଶିବଶମ୍ଭୁ ଛଉନୃତ୍ୟ କଳାମନ୍ଦିର ଓ ତୃତୀୟ ସନ୍ଧ୍ୟାରେ ବାରିପଦାର ପ୍ରୋଜେକ୍ଟ ଛାଉଣି ପକ୍ଷରୁ ଛଉନୃତ୍ୟ ପରିବେଷଣ କରାଯାଇଥିଲା। ଏହିଅବସରରେ ଆମେରିକା, ଅଷ୍ଟ୍ରେଲିଆ, ଆୟର୍ଲାଣ୍ଡ, ଇଟାଲି ଓ ଡେନମାର୍କରୁ ଆସିଥିବା ଟୁର୍ ଅପରେଟରମାନେ ସବୁଜ ବନାନୀ ଶିମିଳିପାଳ ସମେତ ଶୁଳିଆପଦା ବ୍ଲକ୍‌ର ସାଲୋସାହିସ୍ଥିତ ସବାଇ କ୍ଲଷ୍ଟର, କୁଳିଅଣା ଅଞ୍ଚଳର ଡୋକ୍ରା କ୍ଲଷ୍ଟର ଏବଂ ଅନ୍ୟାନ୍ୟ ଅଞ୍ଚଳ ପରିଦର୍ଶନ କରିଥିଲେ। ଗ୍ରାମାଞ୍ଚଳର ଛଉନୃତ୍ୟ ଦଳଗୁଡ଼ିକର ଆଖଡ଼ାକୁ ଯାଇ ନୃତ୍ୟାଭ୍ୟାସ ଦେଖିଥିଲେ। ମୟୂରଭଞ୍ଜରେ ପର୍ଯ୍ୟଟନ ଶିଳ୍ପକୁ ସମୃଦ୍ଧ କରିବାକୁ ଟୁର୍ ଅପରେଟରଙ୍କୁ ଆସିବାକୁ ଅନୁରୋଧ କରାଯାଇଥିବା ରାଜପ୍ରାସାଦ ପକ୍ଷରୁ କୁହାଯାଇଛି। ବିଭିନ୍ନ କାରଣରୁ ମୟୂରଭଞ୍ଜ ଜିଲାରେ ବୃହତ୍ ଶିଳ୍ପମାନ ପ୍ରତିଷ୍ଠା କରାଯାଇ ପାରୁ ନ ଥିବା ବେଳେ ପର୍ଯ୍ୟଟନ ଶିଳ୍ପର ଅନେକ ସମ୍ଭାବନା ରହିଛି। ଏହି ଶିଳ୍ପ ଜରିଆରେ ଅନେକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ରୋଜଗାର ସୃଷ୍ଟି କରାଯାଇପାରିବ। ଏହାକୁ ବ୍ୟାପକ ରୂପ ଦେବା ପାଇଁ ଉଦ୍ୟମ ଜାରି ରହିଛି ଏବଂ ଆଗକୁ ମଧ୍ୟ ଜାରି ରହିବ ବୋଲି ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ପ୍ରକାଶ କରିଛନ୍ତି।

## ଫ୍ୟାଶନ,ବୟନ ଶିଳ୍ପରେ ଶୂନ୍ୟ ଅପଚୟକୁ ଗୁରୁତ୍ୱ




### ଅନ୍ତର୍ଜାତୀୟ ଶୂନ୍ୟ ଅପଚୟ ଦିବସ

ପ୍ରତିବର୍ଷ ମାର୍ଚ୍ଚ ୩୦ରେ ଅନ୍ତର୍ଜାତୀୟ ଶୂନ୍ୟ ଅପଚୟ (ଜିରୋ ୱେଷ୍ଟ) ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି 'ଫ୍ୟାଶନ ଏବଂ ବୟନ ଶିଳ୍ପରେ ଶୂନ୍ୟ ଅପଚୟ'। ଫ୍ୟାଶନ ଏବଂ ବୟନ ଶିଳ୍ପ କ୍ଷେତ୍ରରେ ଅପଚୟ ହ୍ରାସକୁ ଗୁରୁତ୍ୱ ଦିଆଯିବାର କାରଣ ଏକ୍ଷେତ୍ରରେ ଆର୍ଥିକ ସ୍ଥିତିକୁ ଦୃଢ କରିବା। ସୂଚନାଯୋଗ୍ୟ ମିଳିତ ଜାତିସଂଘ ସାଧାରଣ ସଭା ୩୦ ମାର୍ଚ୍ଚକୁ ଅନ୍ତର୍ଜାତୀୟ ଶୂନ୍ୟ ଅପଚୟ ଦିବସ ଭାବରେ ପାଳନ ଲାଗି ୨୦୨୨ ମସିହା ଡିସେମ୍ବର ୧୪ରେ ଘୋଷଣା କରିଥିଲା। ୨୦୨୩ରୁ ପାଳିତ ହୋଇଆସୁଥିବା ଏହି ଦିବସ ଅବସରରେ ସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଏବଂ ଶୂନ୍ୟ-ଅପଚୟ କ୍ଷେତ୍ରରେ ସଚେତନତା ବୃଦ୍ଧି କରାଯାଇଥାଏ। ତେବେ ଏହି ଦିବସ ପାଳନକୁ ୟୁଏନ୍‌ଇପି(ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ) ଏବଂ ୟୁଏନ୍ ହାବିଟାଟ୍ (ଜାତିସଂଘ ମାନବ ବସତି କାର୍ଯ୍ୟକ୍ରମ) ଦ୍ୱାରା ମିଳିତ ଭାବରେ ସହାୟତା କରାଯାଉଛି।

## ୭ ବର୍ଷ ପରେ ମା' କୋଳକୁ ଫେରିଲେ ଝିଅ

**ବାରିପଦା,୨୯।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିଶୁ ଯତ୍ନ ଅନୁଷ୍ଠାନରେ ପଢ଼ିବାବେଳେ ନିଖୋଜ ହୋଇଯାଇଥିବା ବେବି ପାତ୍ର ୭ ବର୍ଷ ପରେ ମା' କୋଳକୁ ଫେରିଛନ୍ତି। ପରିବାର ଲୋକେ ଝିଅକୁ ପାଇ ଆନନ୍ଦିତ ହୋଇଛନ୍ତି। ୨୦୧୮ରେ ଝରାଡ଼ିହୀ ପୋଲିସ ଜଣେ ଝିଅକୁ ଉଦ୍ଧାର କରି ଚାଇଲ୍ଡଲାଇନ ସବ୍ ସେଣ୍ଟରକୁ ହସ୍ତାନ୍ତର କରିଥିଲା। ଚାଇଲ୍ଡଲାଇନ ତାଙ୍କୁ ମୟୂରଭଞ୍ଜ ଶିଶୁ ମଙ୍ଗଳ ସମିତିରେ ହାଜର ପରେ ବାରିପଦାର ଏକ ଶିଶୁଯତ୍ନ ଅନୁଷ୍ଠାନରେ ରଖାଯାଇଥିଲା। ନିକଟସ୍ଥ ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ପାଠ ପଢ଼ିବା ମଧ୍ୟରେ ଅନୁଷ୍ଠାନ ପକ୍ଷରୁ ବାରମ୍ବାର ଆଲୋଚନା କରାଯାଇ ଠିକଣା ସମ୍ପର୍କରେ ବୁଝିବାକୁ ଚେଷ୍ଟା କରାଯାଇଥିଲା। ତେବେ କିଛିଦିନ ପୂର୍ବରୁ ସେ ନିଜ ଅଞ୍ଚଳକୁ ନେଇଗଲେ ଘର ପରିବାରକୁ ଦେଖାଇପାରିବେ ବୋଲି କହିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରିଣୀ ମମତାମୟୀ ବିଶ୍ୱାଳ ଓ ଅନ୍ୟମାନେ ଗୁରୁବାର ବେବିଙ୍କୁ ସାଙ୍ଗରେ ଧରି ତାଙ୍କ ଗ୍ରାମ ଅଭିମୁଖେ ବାହାରିଥିଲେ। ସୂଚନାକୁ ନେଇ ଝାଡ଼ଖଣ୍ଡ ଜାମଶେଦପୁର ସହରରେ ପହଞ୍ଚି ଠିକଣା ଜାଣିବାକୁ ଚେଷ୍ଟା କରିଥିଲେ। ମାତ୍ର କୌଣସି ଠିକ୍ ଠିକଣା ନ ପାଇବାରୁ ଅଧିକାରୀମାନେ ନିରାଶ ହୋଇଥିଲେ। ନୂଆଘର, ନୂଆରାସ୍ତା ଦେଖି ବେବି ବାଟବଣା ହୋଇଯାଇଥିଲେ। ସେ କହୁଥିବା ସଙ୍କେତକୁ ଆଧାର କରି ଅଧିକାରୀମାନେ ସ୍ଥାନୀୟ ଲୋକଙ୍କୁ ପଚାରିଥିଲେ ମଧ୍ୟ କେହି ଠିକ୍ ସୂଚନା ଦେଇପାରି ନ ଥିଲେ। ପ୍ରଥମେ ତାଙ୍କ ବଡଭାଇ କାମ କରୁଥିବା ସ୍ଥାନର ସନ୍ଧାନ ମିଳିବା ପରେ ସମ୍ପୂର୍ଣ୍ଣ ଠିକଣା ପାଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଏକାଧିକ ଗ୍ରହ ମଧ୍ୟରେ ଦ୍ୱାଦଶସ୍ଥ ଚନ୍ଦ୍ର ହେତୁ ଆର୍ଥିକ ଉନ୍ନତି ସହ ମାନସିକ ଅସ୍ଥିରତା ଲାଗି ରହିବ। ପର୍ଯ୍ୟଟନ, ପରିଭ୍ରମଣ, ଦୂରଯାତ୍ରା ସକାଶେ ବହୁତ ଖର୍ଚ୍ଚାନ୍ତ ହେବେ। ଆତ୍ମୀୟସ୍ୱଜନଙ୍କ ରୁଗ୍ଣ ସ୍ୱାସ୍ଥ୍ୟର ଆଶୁ ଚିକିତ୍ସା ପାଇଁ ଚିନ୍ତା ବଢ଼ିପାରେ। କର୍ମକ୍ଷେତ୍ରରେ ନିଜର ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିବ।

**ବୃଷ**
ସହକର୍ମୀଙ୍କ ପ୍ରେରଣାରେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। କୌଣସି ଅସମର୍ଥିତ ସୂତ୍ରରୁ ଶୁଣାକଥା ମନକୁ ଭାରାକ୍ରାନ୍ତ କରିବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ। ଆତ୍ମୀୟ ସ୍ୱଜନଙ୍କ ସ୍ୱାସ୍ଥ୍ୟହାନିର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମିଥୁନ**
ବନ୍ଧୁଙ୍କ ବ୍ୟବହାର ମନକୁ ନ ପାଇଲେ ମଧ୍ୟ ସମ୍ମୁଖରେ କିଛି କହିପାରିବେ ନାହିଁ। ବାରମ୍ବାର କ୍ଷତିର ସମ୍ମୁଖୀନ ହୋଇ ବ୍ୟବସାୟକୁ ସଙ୍କୁଚିତ କରିପାରନ୍ତି। ବିଦେଶ ଯାତ୍ରା ପ୍ରତି ଅନୁକୂଳ ସୁଯୋଗ ଆପେ ଆପେ ଜୁଟିଯିବ। ପାରିବାରିକ କ୍ଷେତ୍ରରେ ସମସ୍ୟା କେତେକାଂଶରେ କମି କମି ଆସିପାରେ।

**କର୍କଟ**
କର୍ମକ୍ଷେତ୍ରରେ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ, ଅନ୍ୟଥା ସମସ୍ୟାର ସମ୍ମୁଖୀନ ହେବେ। ପ୍ରଶାସନିକ କିମ୍ବା ଆନୁଷ୍ଠାନିକ କାମକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରି ମୁଣ୍ଡରେ ହାତ ଦେଇ ବସିବେ। ସାଂସ୍କୃତିକ କାର୍ଯ୍ୟକ୍ରମରୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ**
କର୍ତ୍ତବ୍ୟରେ ଅବହେଳାଜନିତ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ଦୀର୍ଘ ଦିନର ପ୍ରତୀକ୍ଷା ପରେ ଆଜି ହଠାତ୍ କୌଣସି ଖବର ପାଇ ଖୁସି ହୋଇପାରନ୍ତି। ନିକଟ ବନ୍ଧୁମାନେ ଆବଶ୍ୟକତାକୁ ଯଥା ସମୟରେ ପୂରଣ କରିବାରେ ସମର୍ଥ ହେବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ପ୍ରଶଂସିତ ହୋଇପାରନ୍ତି।

**କନ୍ୟା**
ଉପରିସ୍ଥଙ୍କ ଆଦେଶାନୁସାରେ ବିଭିନ୍ନ କ୍ଷେତ୍ରରେ ନିଜକୁ ନିୟୋଜିତ କରିବାକୁ ବାଧ୍ୟ ହେବେ। ପ୍ରତିଯୋଗିତାରେ ସଫଳତା, କଚେରି ମାମଲାରେ ବିଜୟ, ବ୍ୟବସାୟରେ ଉନ୍ନତି ହେତୁ ମନ ଖୁସି ରହିବ। ଶତ୍ରୁତାର ଅବସାନ ଘଟାଇବା ସକାଶେ ଅନ୍ୟର ସାହାଯ୍ୟ ନେଇପାରନ୍ତି। ବନ୍ଧୁଙ୍କ କଥାରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ତୁଳା**
ସେବା ଓ ପରୋପକାର ପ୍ରବୃତ୍ତିରୁ ପଡ଼ୋଶୀଙ୍କଠାରୁ ଅନୁରକ୍ତି ଲାଭ କରିବେ। ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ମିଳିବ। ଜମିଜମା, ମାଲିମକଦ୍ଦମା, ତର୍କବିତର୍କ ତଥା ବିବାଦୀୟ ଘଟଣାରେ ବିଜୟୀ ହେବେ। ନୂତନ କାର୍ଯ୍ୟ ପାଇଁ ହିତୈଷୀମାନଙ୍କ ନିକଟରୁ ପ୍ରେରଣା ମିଳିପାରେ।

**ବିଛା**
ଆପଣଙ୍କ କାମରେ ସହଯୋଗ ସକାଶେ ଆତ୍ମୀୟମାନେ ସ୍ୱାର୍ଥବାଦୀ ହେବା ସହ ମୁହଁ ଫେରାଇ ନେଇପାରନ୍ତି। ଅସାବଧାନବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଆଶଙ୍କାକୁ ଏଡ଼ି ଦେବା ଠିକ୍ ହେବ ନାହିଁ। ଲଘୁକ୍ରୋଧର ବଶବର୍ତ୍ତୀ ହୋଇ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ସାହିତ୍ୟ ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ।

**ଧନୁ**
ବିଭିନ୍ନ ଦିଗରୁ ସମସ୍ୟା ଆସିଲେ ମଧ୍ୟ ତାହାର ସମାଧାନ କରିବାରେ ସଫଳ ହେବେ। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣାଜନିତ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବ। ବ୍ୟବସାୟିକ ଉନ୍ନତି, ଅର୍ଥପ୍ରାପ୍ତି, ସହ ବନ୍ଧୁ ମିଳନଜନିତ ଶୁଭଫଳ ମଧ୍ୟ ପାଇପାରନ୍ତି। ସ୍ୱାର୍ଥକୁ ଗୁରୁତ୍ୱ ଦେଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ମକର**
କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତିର ସମାଧାନର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। କଳା, ସାହିତ୍ୟ, ସାମ୍ବାଦିକତା ତଥା ମନୋରଞ୍ଜନ କ୍ଷେତ୍ରରୁ ସୁଫଳ ମିଳିବ। ପରିବାରର ଆବଶ୍ୟକତାନୁଯାୟୀ ଔଷଧ ପତ୍ର, ଅଳଙ୍କାର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଯୁକ୍ତିତର୍କଜନିତ ଭ୍ରାତୃସମ୍ପର୍କ କ୍ଷୁଣ୍ଣ ହୋଇପାରେ।

**କୁମ୍ଭ**
ଆଜି କେତେକ କ୍ଷେତ୍ରରେ ଭଲ କରିବାକୁ ଯାଇ ଓଲଟା ଫଳ ପାଇପାରନ୍ତି। ପାରିବାରିକ କ୍ଷେତ୍ରରେ କେତେକ ଅସ୍ୱାଭାବିକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବିଭିନ୍ନ କ୍ଷେତ୍ରରୁ ଅର୍ଥ, ସମ୍ମାନ, ପ୍ରଶଂସା, ଶୁଭେଚ୍ଛା, ସଦିଚ୍ଛା ଲାଭ କରି ଖୁସି ହେବେ। ଭୁଲ୍ ବୁଝାମଣାରୁ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ।

**ମୀନ**
ଆଜି ଆପଣଙ୍କ କଥା ଓ କାମକୁ ଅନ୍ୟମାନେ ସମର୍ଥନ ଜଣାଇପାରନ୍ତି। ଆର୍ଥିକ ଉନ୍ନତି ସାଙ୍ଗକୁ ସମସ୍ୟାର ସମାଧାନ ମନକୁ ସ୍ଥିରତା ଆଣିବାରେ ସାହାଯ୍ୟ କରିବ। ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣାରୁ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇପାରେ। ହଠାତ୍ ଜଣେ ବନ୍ଧୁଙ୍କ ଦ୍ୱାରା ଆହୂତ ଦୂରଯାତ୍ରାର ଯୋଜନା କରିପାରନ୍ତି।

ଆଜି ହିନ୍ଦୁ ନବବର୍ଷ, ସୃଷ୍ଟ୍ୟାରମ୍ଭ ଦିବସ, ଚୈତ୍ର ଶୁକ୍ଳ ପ୍ରତିପଦାଯୁକ୍ତ ଦ୍ୱିତୀୟା ରବିବାର, ମାର୍ଚ୍ଚ ୩୦ ତାରିଖ, ରମଜାନ୍ ମାସର ରୋଜାଶେଷ, ରାଶିନକ୍ଷତ୍ର-ରେବତୀ/ମୀନ, ପ୍ରତିପଦାର ଏକୋଦ୍ଦିଷ୍ଟ ଏବଂ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୪୫ ଗତେ ଘ.୦୯।୪୯ ମଧ୍ୟେ, ଘ.୦୧।୨୨ ଗତେ ଘ.୦୧।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୫ ଗତେ ଘ.୦୫।୫୬ ମଧ୍ୟେ ରାହୁକାଳ।

ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩୦/୨୦୨୫ | Bhubaneswar, Sunday, March 30/2025 | ପୃଷ୍ଠା-୧




ଲୋକସେବା ଭବନରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା।

## ବିରୋଧୀଙ୍କୁ ତଥ୍ୟଭିତ୍ତିକ ଆଲୋଚନା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୨୯।୩(ସୁନିତ୍ ମିଶ୍ର)

ନାରୀ ନିର୍ଯାତନା ପ୍ରସଙ୍ଗରେ ବିରୋଧୀ ଯଦି ଆଲୋଚନା କରିବାକୁ ଚାହାନ୍ତି ତେବେ ଆସନ୍ତୁ, କିଛି ଅସୁବିଧା ନାହିଁ। କିନ୍ତୁ ତଥ୍ୟଭିତ୍ତିକ ଆଲୋଚନା ହେଉ। ବିତର୍କ ହେଲେ ବିଲୁଆଘାଇଠାରୁ ଆରମ୍ଭକରି ଭୁବନେଶ୍ୱର ପର୍ଯ୍ୟନ୍ତ ସବୁ କଥା ଆଲୋଚନା ହେବ। ଏହା ହେଲେ ବିରୋଧୀ ଦଳର ବ୍ୟାପକ କ୍ଷତି ହେବ। ନାରୀ ନିର୍ଯାତନା ପ୍ରସଙ୍ଗରେ ଗୃହ କମିଟି ଗଠନ ନାଁରେ କଂଗ୍ରେସ ନାମକୁ ମାତ୍ର ରାଜନୀତି କରିବାକୁ ଚେଷ୍ଟା କରୁଛି। ଏପରି କରି ସେମାନେ ତାଙ୍କ ନୂଆ ସଭାପତିଙ୍କ ନିର୍ଦ୍ଦେଶରେ ଦଳର ଶକ୍ତି ବୃଦ୍ଧି କରିବାକୁ ଉଦ୍ୟମ ଚଳାଇଛନ୍ତି। ଆହ୍ୱାନ କରୁଛି ବିରୋଧୀ ଆଲୋଚନା କରିବାକୁ ଆସନ୍ତୁ। ଭାଜପା ସରକାର କେତେଦିନ ରହିବ ତାହା ଜରୁରୀ ନୁହେଁ, କାମ ଆମ ପାଇଁ ସବୁବେଳେ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ବିଧାନସଭାରେ ଶନିବାର ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା

### ବିଧାନସଭାରେ ୨ ଲକ୍ଷ ୯୦ ହଜାର କୋଟିର ବ୍ୟୟମଞ୍ଜୁରୀ ବିଲ୍ ପାରିତ

ଉପରେ ଉତ୍ତର ରଖିବାବେଳେ ବିରୋଧୀଙ୍କୁ ଟାର୍ଗେଟକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ମହିଳାମାନଙ୍କ ଲାଗି ରାଜ୍ୟ ସରକାର ପ୍ରଥମ ଥର ପାଇଁ ସବୁଠୁ ଅଧିକ ୭୧ ହଜାର ୫୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା କରିଛନ୍ତି। ଡବ୍ଲ୍ୟୁଓଡିସି ପାଇଁ ୫୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏସ୍ଓଡିସି ଏବଂ ଏନ୍ଓଡିସି ପ୍ରତିଷ୍ଠା ଲାଗି ଟାସ୍କଫୋର୍ସ ଗଠନ କରିଥିବାବେଳେ ଏଥିଲାଗି ଆଗୁଆ ୨୦୦ କୋଟି ଟଙ୍କା ଲେଖାଏ ବରାଦ କରିଛନ୍ତି। କେବିକେର ବିକାଶ ଲାଗି ୨୫୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ରାଜ୍ୟର ସବୁ ଜିଲାରେ ଖୋଲିବ ମେଡିକାଲ କଲେଜ। ଭଦ୍ରକ, ଜଗତ୍‌ସିଂହପୁର, ନବରଙ୍ଗପୁର, ଢେଙ୍କାନାଳରେ ଏମ୍‌ବିବିଏସ୍ କଲେଜ ପ୍ରତିଷ୍ଠା କରାଯିବ। ସେହିପରି ବୁର୍ଲା, ବ୍ରହ୍ମପୁର, ବଲାଙ୍ଗୀର ☞ପୃଷ୍ଠା-୧୦

## ଗୋପାଳ ପଟ୍ଟନାୟକ 'ରେରା' ଅଧ୍ୟକ୍ଷ

ଭୁବନେଶ୍ୱର,୨୯।୩(ରବିନାରାୟଣ ଜେନା)

ଗୋପାଳ ଚନ୍ଦ୍ର ପଟ୍ଟନାୟକ ଓଡ଼ିଶା-ରିଅଲ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟି(ଓରେରା)ର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ଏନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ଶୁକ୍ରବାର ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତିରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଦର୍ଶାଇଛନ୍ତି, 'ରେରା'ର ସଦସ୍ୟ ଗୋପାଳ ପଟ୍ଟନାୟକଙ୍କୁ ଅଧ୍ୟକ୍ଷ ପଦରେ ସରକାର ନିଯୁକ୍ତ କରିଛନ୍ତି। ଯେ ପର୍ଯ୍ୟନ୍ତ 'ରେରା'ର ନିୟମିତ ଅଧ୍ୟକ୍ଷ ନିଯୁକ୍ତ ହୋଇ ନାହାନ୍ତି ସେପର୍ଯ୍ୟନ୍ତ ସେ ଅଧ୍ୟକ୍ଷ ଦାୟିତ୍ୱ ☞ପୃଷ୍ଠା-୧୦






### ଆଜିର ସମ୍ପାଦକୀୟ

ଧର୍ମୀୟ ସ୍ୱାଧୀନତା ଓ ଭାରତ

### ଆଜିର ମନ୍ତବ୍ୟ

"ପାଖରେ ଅସ୍ତ୍ର ରଖି ହିଂସା ଭିଆଉଥିବା ଲୋକେ ପରିବର୍ତ୍ତନ ଆଣିପାରିବେ ନାହିଁ। କେବଳ ଶାନ୍ତି ଓ ବିକାଶ ଦ୍ୱାରା ପରିବର୍ତ୍ତନ ଆସିପାରିବ।

-ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ

## ସୁକ୍‌ମା ଏନ୍‌କାଉଣ୍ଟର: ୧୮ ମାଓବାଦୀ ନିହତ

### ମାଓବାଦମୁକ୍ତ ଭାରତ: କେନ୍ଦ୍ର ଡେଡ୍‌ଲାଇନ୍‌କୁ ବର୍ଷେ ବାକି

ମାଲକାନଗିରି, ୨୯।୩ (ଦୁର୍ଯ୍ୟୋଧନ ପାତ୍ର), ସୁକମା (ପି.ଟି.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ଅଧୀନ କେରାଲପାଲ ଜଙ୍ଗଲରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଶନିବାର ସକାଳେ ଗୁଳି ବିନିମୟ ଘଟିଛି। ସୁରକ୍ଷା କର୍ମୀଙ୍କ ଗୁଳିରେ ୧୭ ମାଓବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟ ବେଳେ ୪ ଜଣ ଯବାନ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଡିଆର୍‌ଜି ବାହିନୀର ୩ଜଣ ଓ ସିଆର୍‌ପିଏଫ୍‌ର ଜଣେ ଯବାନ ଥିବା ସୂଚନା ମିଳିଛି। ସେହିପରି ବିଜାପୁର ଜିଲାରେ ଅନ୍ୟ ଏକ ଏନ୍‌କାଉଣ୍ଟରରେ ଜଣେ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦୀଙ୍କୁ ସମ୍ପୂର୍ଣ୍ଣ ମୂଳପୋଛ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବାବେଳେ ଶନିବାର ଏନ୍‌କାଉଣ୍ଟର ଏହି ମିଶନ ଦିଗରେ ଏକ ବଡ଼ ସଫଳତା ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଛତିଶଗଡ଼ ଗସ୍ତ କାର୍ଯ୍ୟକ୍ରମ ଥିବାରୁ ଏହା ପୂର୍ବରୁ ସୁରକ୍ଷା ବଳ ସୁକମା ଅଞ୍ଚଳରେ ତଲାସି ଅଭିଯାନକୁ ଜୋର୍‌ଦାର କରିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସୁକମ୍ ଏନ୍‌କାଉଣ୍ଟରର ପ୍ରଶଂସା କରିଛନ୍ତି। ପାଖରେ ଅସ୍ତ୍ର ରଖି ହିଂସାର ସାହାରା ନେଉଥିବା ଲୋକେ ପରିବର୍ତ୍ତନ ଆଣିପାରିବେ ନାହିଁ। ଶାନ୍ତି ଓ ବିକାଶ ଦ୍ୱାରା ପରିବର୍ତ୍ତନ ଆସିପାରିବ ବୋଲି ଶାହା କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସୁକ୍‌ମା ଜିଲା କେରାଲପାଲ ଥାନା ଅଞ୍ଚଳ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସମ୍ବନ୍ଧରେ ସୂଚନା ପାଇ ଡିଆର୍‌ଜି ଓ ସିଆର୍‌ପିଏଫ୍ ବାହିନୀ ମିଳିତ ଭାବେ ଉକ୍ତ ଅଞ୍ଚଳରେ କମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ଶନିବାର ସକାଳ ପ୍ରାୟ ୮ଟାରୁ ସୁରକ୍ଷା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଦୀର୍ଘ ୪ ଘଣ୍ଟା ଗୁଳି ବିନିମୟ ହୋଇଥିଲା। ଏହାପରେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଛି। ସନ୍ଧ୍ୟା ସୁଦ୍ଧା ୧୭ ଜଣ ମାଓବାଦୀଙ୍କ ମୃତଦେହ ଠାବ ହୋଇଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ ୧୧ ମହିଳା ଓ ୬ ପୁରୁଷ ମାଓବାଦୀ ଅଛନ୍ତି। ନିହତ ୭ ଜଣ ମାଓବାଦୀଙ୍କ ପରିଚୟ ମିଳିଥିବା ବେଳେ ଅନ୍ୟମାନଙ୍କ ପରିଚୟ ଜାଣିବାକୁ ଉଦ୍ୟମ ଜାରି ରହିଛି। ମୃତ ମାଓବାଦୀ କୁହଡମି ଜଗଦୀଶଙ୍କୁ ଧରାଇଦେଲେ ୨୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ପୂର୍ବରୁ ପୋଲିସ ଘୋଷଣା କରିଥିଲା। ୨୦୧୩ର ଝିରମ ଉପତ୍ୟକା ଆକ୍ରମଣ ସମେତ ☞ପୃଷ୍ଠା-୧୦

## ଦୁଇଦିନରେ ୨ ଡିଗ୍ରୀ ବଢ଼ିବ ତାପମାତ୍ରା



ଭୁବନେଶ୍ୱରରେ ଶନିବାର ତାତିରୁ ରକ୍ଷା ପାଇଁ ଯୁବତୀମାନେ ମୁଣ୍ଡରେ ଓଢ଼ଣି ଘୋଡ଼ାଇ ଯାଉଛନ୍ତି। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର,୨୯।୩ (ଅନୁରାଧା ମହାରଣା)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ସହ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଶନିବାର ସମ୍ବଲପୁରରେ ଦିନ ତାପମାତ୍ରା ସର୍ବାଧିକ ୪୨ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିଲା। ସେହିପରି ହୀରାକୁଦରେ ପାରଦ ୪୧.୭ ଡିଗ୍ରୀ ଛୁଇଁଥିବାବେଳେ ଝାରସୁଗୁଡାରେ ୪୧.୬, ରାଉରକେଲାରେ ୩୯.୫, ଭୁବନେଶ୍ୱରରେ ୩୮.୬, କେନ୍ଦୁଝରରେ ୩୮, ଚାନ୍ଦବାଲିରେ ୩୮ ଓ ବାଲେଶ୍ୱରରେ ୩୭.୨ ଡିଗ୍ରୀ ରହିଥିଲା। ତେବେ ଆସନ୍ତା ୨ଦିନ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ। ☞ପୃଷ୍ଠା-୧୦

## ୨ ବର୍ଷରେ ତୁଟିବ ଜଗନ୍ନାଥ ଜମି ବିବାଦ

### ୩ ମାସରେ ଆସିବ ନୂଆ ନୀତି: ଆଇନମନ୍ତ୍ରୀ

ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେଙ୍କ ନାମରେ ରାଜ୍ୟର ୨୪ ଜିଲାରେ ୬୦,୪୨୬.୯୪୩ ଏକର ଜମି ରହିଛି। ଏଥିରୁ ୩୭, ୦୬୧.୮୯୨ ଏକର ସଂଶୋଧିତ ସ୍ୱତ୍ୱଲିପି ଶ୍ରୀମନ୍ଦିର ପ୍ରଶାସନକୁ ପ୍ରାପ୍ତ ହୋଇଛି। ବଳକା ଜମି ଜବରଦଖଲରେ ରହିଛି। ବିଶେଷକରି ପୁରୀ, ଖୋର୍ଦ୍ଧା ଜିଲାରେ ମହାପ୍ରଭୁଙ୍କ ଅଧିକାଂଶ ଜମି ଜବରଦଖଲରେ ରହିଛି। କେତେକ ସ୍ଥାନରେ ଜମି ଜବରଦଖଲ ସହିତ ଅନ୍ୟାନ୍ୟ ସମସ୍ୟା ରହିଛି। ଏଥିପାଇଁ ରାଜ୍ୟ ସରକାର ଆସନ୍ତା ୩ ମାସ ମଧ୍ୟରେ ନୂଆ ୟୁନିଫର୍ମ ଲ୍ୟାଣ୍ଡ ପଲିସି ଆଣିବାକୁ ଯାଉଛନ୍ତି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଭୁବନେଶ୍ୱର,୨୯।୩ (ରବିନାରାୟଣ ଜେନା)

ଶନିବାର ବିଧାନସଭାର ପ୍ରଶ୍ନକାଳରେ ଭାଜପା ସଦସ୍ୟ ଦୁର୍ଗାଚରଣ ତନ୍ତିଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ମହାପ୍ରଭୁଙ୍କ ପାଇଁ ଆସିବାକୁ ଥିବା ଲ୍ୟାଣ୍ଡ ପଲିସିକୁ କ୍ୟାବିନେଟ ବୈଠକରେ ଅନୁମୋଦନ ଦିଆଯିବ। ରାଜ୍ୟବ୍ୟାପୀ ଥିବା ଜଗନ୍ନାଥଙ୍କ ଜମି ବିବାଦ ଦୁଇ ବର୍ଷରେ ତୁଟିବ। ମହାପ୍ରଭୁଙ୍କ ସମସ୍ତ ଜମିର ଡିଜିଟାଇଜେଶନ ପ୍ରକ୍ରିୟା



ଜାରି ରହିଛି। ୨୨ ହଜାର ଏକର ଜମିର ସ୍ୱତ୍ୱର ଯୋଗାଡ଼ ଚାଲିଛି। ରାଜ୍ୟ ବାହାରେ ୬ଟି ରାଜ୍ୟରେ ୩୯୫.୨୫ ଏକର ଜଗନ୍ନାଥ ଜମି ରହିଛି। ଯେଉଁମାନେ ଅଧିକ ବର୍ଷ ଜଗନ୍ନାଥଙ୍କ ଜମି ଜବରଦଖଲ କରିଥିବେ, ସେମାନଙ୍କୁ ୧୦୦ ଡିସିମିଲ ଜାଗା ରିହାତି ଦରରେ ରାଜ୍ୟ ସରକାର ଯୋଗାଇ ଦେବେ। ଏହାପରେ ଅବଶିଷ୍ଟ ଜମି ବେଞ୍ଚମାର୍କ ଭାଲୁଏଶନ ଅନୁସାରେ ରାଜସ୍ୱ ସଂଗ୍ରହ କରାଯିବ। ବିଜେଡି ସଦସ୍ୟ ଅଶ୍ୱିନୀ କୁମାର ପାତ୍ର ପ୍ରଶ୍ନ କରିଥିଲେ ଯେ, ପୁରୀରେ କେତେ ଜମି ଅବରୋଧ ଅଛି। ଏହାର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ୧୭ହଜାର ଏକର ☞ପୃଷ୍ଠା-୧୦




ସ୍ୱାର୍ଥପରତା ହିଁ ଏକମାତ୍ର ପାପ। ନୀଚତା ହିଁ ଏକମାତ୍ର କୁବୃତ୍ତି। ଘୃଣା ହିଁ ଏକମାତ୍ର ଅପକର୍ମ। ଆଉ ସବୁକୁ ସତ୍‌ରୂପରେ ପରିବର୍ତ୍ତନ କରାଯାଇପାରେ। କିନ୍ତୁ ଏଇ କେତୋଟି ହେଲା ଭଗବାନଙ୍କର ଚିରଶତ୍ରୁ। -ଶ୍ରୀଅରବିନ୍ଦ

-ଦ୍ୱିତୀୟାର ଚନ୍ଦ୍ର ଦର୍ଶନ, ତେଲୁଗୁ ନୂତନବର୍ଷ, ସୃଷ୍ଟି ଆରମ୍ଭ ଦିବସ ଓ ସମ୍ବତ ୨୦୮୨ ପ୍ରବେଶ



# ଧର୍ମୀୟ ସ୍ୱାଧୀନତା ଓ ଭାରତ



ଆକାର ପଟେଲ

ପ୍ରତିବର୍ଷ ୟୁନାଇଟେଡ୍ ଷ୍ଟେଟ୍‌ସ କମିଶନ ଅନ୍ ଇଣ୍ଟରନ୍ୟାଶନାଲ ରିଲିଜିଅସ ଫ୍ରିଡମ୍ (ୟୁଏସ୍‌ସିଆଇଆର୍‌ଏଫ୍) ବିଶ୍ୱରେ ଧର୍ମୀୟ ସ୍ୱାଧୀନତା ଉଲ୍ଲଂଘନରେ ଜଡ଼ିତ କିମ୍ବା ଏହାକୁ ଅନୁମତି ଦେଉଥିବା ଦେଶଗୁଡ଼ିକର ତାଲିକା ପ୍ରସ୍ତୁତ କରିଥାଏ। ସେହି ସବୁ ରାଷ୍ଟ୍ରକୁ 'କଣ୍ଟ୍ରିଜ ଅଫ୍ ପର୍ଟିକୁଲାର କନସର୍ନ'(ସିପିସି) ବା ବିଶେଷ ଭାବେ ଚିନ୍ତାଜନକ ଦେଶ ବର୍ଗରେ ନାମିତ କରାଯାଏ। ସେମାନଙ୍କ ସହ କିଛି ସଂସ୍ଥା ବିରୋଧରେ କଟକଣା ଲଗାଇବା ପାଇଁ ଆମେରିକାର ପରରାଷ୍ଟ୍ର ବିଭାଗକୁ ୟୁଏସ୍‌ସିଆଇଆର୍‌ଏଫ୍ ପରାମର୍ଶ ଦେଇଥାଏ। ଚଳିତ ବର୍ଷ କଟକଣା ସାମ୍ନା କରିଥିବା ଦେଶଗୁଡ଼ିକ ମଧ୍ୟରେ ଅଛନ୍ତି ଆଫଗାନିସ୍ତାନ, ବର୍ମା, ଚାଇନା, କ୍ୟୁବା, ଇରିଟ୍ରିଆ, ଭାରତ, ଇରାନ, ନିକାରାଗୁଆ, ନାଇଜେରିଆ, ଉତ୍ତର କୋରିଆ, ପାକିସ୍ତାନ, ରୁଷିଆ, ସାଉଦି ଆରବ, ତାଜିକିସ୍ତାନ, ତୁର୍କମେନିସ୍ତାନ ଏବଂ ଭିଏତ୍‌ନାମ। ଭାରତ ପ୍ରଥମେ ୨୦୨୦ରେ ଏହି ତାଲିକାରେ ଥିଲା ଏବଂ ସେବେଠାରୁ ପ୍ରତିବର୍ଷ ଏଥିରେ ରହିଆସୁଛି। ୨୦୨୦ରେ ୟୁଏସ୍‌ସିଆଇଆର୍‌ଏଫ୍ ପ୍ରକାଶ କରିଥିଲା, ୨୦୧୯ରେ ଭାରତର ଧର୍ମୀୟ ସ୍ୱାଧୀନତାରେ ଅତ୍ୟଧିକ ଅଧୋଗତି ଘଟିଥିଲା। ଭାରତ ସରକାର ସାରା ଦେଶରେ ବିଶେଷକରି ମୁସଲମାନଙ୍କ ବିରୋଧରେ ଧର୍ମୀୟ ସ୍ୱାଧୀନତା ଉଲ୍ଲଂଘନ କରୁଥିବା ଜାତୀୟ ସ୍ତରୀୟ ନୀତିଗୁଡ଼ିକ ଆରମ୍ଭ କରିଥିଲା। ଏହା ମଧ୍ୟ କହିଥିଲା ଯେ ନାଗରିକତା ଆଇନ, ଗୋହତ୍ୟା, କଶ୍ମୀର ଓ ଧର୍ମାନ୍ତରୀକରଣ ଉପରେ ଭାରତର ପଦକ୍ଷେପରୁ ମୋଦି ସରକାରଙ୍କ ମୁସଲମାନ ପକ୍ଷପାତ ସ୍ପଷ୍ଟ ହେଉଥିଲା। ଏହା ସହ ଜାରି ରହିଥିବା ଭୟଙ୍କର ଧର୍ମୀୟ ସ୍ୱାଧୀନତା ଉଲ୍ଲଂଘନ (ଯାହା ଅନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା ଆଇନ ଦ୍ୱାରା ନିର୍ଦ୍ଧାରିତ)କୁ ସମର୍ଥନ କରୁଥିବାରୁ ଭାରତକୁ ସିପିସି ଭାବେ ନାମିତ କରିବାକୁ ୟୁଏସ୍‌ସିଆଇଆର୍‌ଏଫ୍ ସେତେବେଳର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସୁପାରିସକରି ଭାରତ ବିରୋଧରେ କଟକଣା ଲଗାଇବାକୁ ଦାବି କରିଥିଲା। ଏହା ଉପରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପ୍ରତିକ୍ରିୟା ରଖି କହିଥିଲା,'' ଭାରତ ଉପରେ ଅନୁଧ୍ୟାନ ସମ୍ବଳିତ ୟୁଏସ୍‌ସିଆଇଆର୍‌ଏଫ୍ ରିପୋର୍ଟକୁ ଆମେ ଅଗ୍ରାହ୍ୟକରୁ। ଭାରତ ବିରୋଧରେ ଏହାର ପକ୍ଷପାତ ଓ ବିବାଦୀୟ ମନ୍ତବ୍ୟ ନୂଆ ନୁହେଁ, କିନ୍ତୁ ଏହି ଘଟଣାରେ ଏହା ଏକ ନୂଆ ଧରଣର ଭୁଲ୍ ତଥ୍ୟ ଉପସ୍ଥାପନ କରିଛି ଯେଉଁଥିରେ ତାହାର ନିଜର କମିଶନରମାନଙ୍କ ମତକୁ ଗ୍ରହଣ କରିନାହିଁ। ଆମେ ଏହାକୁ ଏକ ବିଶେଷ ଚିନ୍ତାଜନକ ସଂସ୍ଥା ଭାବେ ନାମିତ କରୁଛୁ ଏବଂ ଆମେ ତାକୁ ସେହିଭଳି ବ୍ୟବହାର କରିବୁ ବା ଜବାବ ଦେବୁ।'' ଭାରତ କୌଣସି ତଥ୍ୟକୁ ସ୍ୱୀକାର କରି ନ ଥିଲା। ତେବେ ନିଜ କମିଶନରଙ୍କ ବିଚାରକୁ ଗ୍ରହଣ ନ କରିବା କଥା ଯାହା ଭାରତ କହିଥିଲା ତାହା ପଛରେ କାରଣ ରହିଛି। ଭାରତରେ ସ୍ଥିତି ସମସ୍ୟାଜନକ ଥିଲା ବୋଲି ଏହାର ୭ଜଣ କମିଶନରଙ୍କ ମନ୍ତବ୍ୟକୁ ଅନ୍ୟ ୨ଜଣ ଗ୍ୟାରି ବୌରେ ଏବଂ ତେନଜିନ ଡୋରଜି ଗ୍ରହଣ କରିଥିଲେ ବି ଦୁହେଁ ଭାରତକୁ ସିପିସି ଭାବେ ନାମିତ କରିବାକୁ ଚାହିଁ ନ ଥିଲେ।

ପର ବର୍ଷ ଅର୍ଥାତ୍ ୨୦୨୧ରେ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା ଯେ ସରକାରୀ କର୍ମଚାରୀଙ୍କ ସମେତ ଭାରତ ପକ୍ଷରୁ ଦିଆଯାଇଥିବା ମିଥ୍ୟା ତଥ୍ୟ ଓ ଘୃଣା ମନ୍ତବ୍ୟ ବହୁ ସମୟରେ ଧର୍ମୀୟ ସଂଖ୍ୟାଲଘୁଙ୍କ ବିରୋଧରେ ଥିଲା ଏବଂ କୋଭିଡ୍ ମହାମାରୀ ସମୟରେ ଏହା ଜାରି ରହିଥିଲା। ହେଲେ ଭାରତ ପକ୍ଷରୁ ଏଥର ଦୃଢ଼ ବିରୋଧ କରାଯାଇ ନ ଥିଲା । ୨୦୨୧ଠାରୁ ରାଷ୍ଟ୍ରପତି ବାଇଡେନ୍‌ଙ୍କ ଶାସନର ପ୍ରତ୍ୟେକଟି ବର୍ଷରେ ବି ଭାରତ ବିରୋଧୀ କଡ଼ା ମନ୍ତବ୍ୟ ସାମ୍ନାକୁ ଆସି ନ ଥିଲା। ଦେଖିବାକୁ ଗଲେ ଭାରତ ବେଳେବେଳେ ରିପୋର୍ଟକୁ ବିରୋଧ କରିଛି ଏବଂ ଅନେକ ସମୟରେ ନୀରବ ରହିଛି। ବାଇଡେନ୍‌ଙ୍କ ଶାସନ ପରେ ୨୫ ମାର୍ଚ୍ଚରେ ପ୍ରକାଶିତ ୟୁଏସ୍‌ସିଆଇଆର୍‌ଏଫ୍‌ର ୨୦୨୫ ରିପୋର୍ଟରେ କୁହାଯାଇଛି, ଟ୍ରମ୍ପ ପ୍ରଶାସନ ଧର୍ମୀୟ ଉଲ୍ଲଂଘନ ପାଇଁ ବ୍ୟକ୍ତି ଓ ସଂସ୍ଥା ଯଥା ବିକାଶ ଯାଦବ ଓ ର'କୁ ଦାୟୀ କରିବା ସହ ସେମାନଙ୍କ ସମ୍ପତ୍ତି ଜବତ କରିବା ଏବଂ ଆମେରିକାରେ ସେମାନଙ୍କ ପ୍ରବେଶ ଉପରେ କଟକଣା ଲଗାଇବା ଉଚିତ। ଏହା ପ୍ରକାଶ ପାଇବାରେ ମାତ୍ର କେଇଘଣ୍ଟା ମଧ୍ୟରେ ଆମ ବହିର୍ବ୍ୟାପାର ମନ୍ତ୍ରଣାଳୟ ବିବୃତି ରଖି କହିଥିଲା, ''ଏହି ରିପୋର୍ଟ ପକ୍ଷପାତି ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଭାରତ ପକ୍ଷରୁ ଆଉ ମଧ୍ୟ କୁହାଯାଇଛି ଯେ, ୟୁଏସ୍‌ସିଆଇଆର୍‌ଏଫ୍‌କୁ ଏକ ଚିନ୍ତାଜନକ ସଂସ୍ଥା ଭାବେ ନାମିତ କରାଯିବା ଉଚିତ। ''

ଏହା ସତ୍ୟ ଯେ, ୟୁଏସ୍‌ସିଆଇଆର୍‌ଏଫ୍ ପକ୍ଷପାତ ମୁକ୍ତ ନୁହେଁ ଏବଂ ଏହି କାରଣରୁ ଭାରତ ସରକାର ଏହାକୁ ଔପଚାରିକ ଭାବେ ଏକ ଚିନ୍ତାଜନକ ସଂସ୍ଥା ଭାବେ ନାମିତ କରି କଟକଣା ଲଗାଉ ବୋଲି ଆଶା କରାଯାଏ। ଉଲ୍ଲେଖନୀୟ, ୟୁଏସ୍‌ସିଆଇଆର୍‌ଏଫ୍ ନିଜକୁ ଏକ ଦ୍ୱିଦଳୀୟ ସଂସ୍ଥା ବୋଲି ସୂଚିତକରେ ଅର୍ଥାତ୍ ଏଥିରେ ଉଭୟ ରିପବ୍ଲିକାନ ଓ ଡେମୋକ୍ରାଟ୍‌ମାନେ ରହିଛନ୍ତି ଏବଂ ଏହା ଆମେରିକାର ପରରାଷ୍ଟ୍ର ବିଭାଗକୁ ପରାମର୍ଶ ଦେଇଥାଏ। କିନ୍ତୁ ଅନ୍ୟପକ୍ଷରେ ଦେଖିଲେ ଏହା ପକ୍ଷପାତି। ୟୁଏସ୍‌ସିଆଇଆର୍‌ଏଫ୍ ରିପୋର୍ଟରେ ଗାଜା ଗଣହତ୍ୟା ଏବଂ ପାଲେଷ୍ଟିନୀୟ ତଥା ଖ୍ରୀଷ୍ଟିଆନଙ୍କ ଉପରେ ଇସ୍ରାଏଲ ପ୍ରକାଶ କରୁଥିବା ବର୍ଣ୍ଣବୈଷମ୍ୟ ଭାବନାକୁ ପ୍ରକାଶ କରିନାହିଁ। କାରଣ ଏହା ଆମେରିକା ସରକାରଙ୍କ ପାଇଁ ଅସୁବିଧାଜନକ। ଭାରତ ଏହି ନିର୍ଦ୍ଦିଷ୍ଟ ଅଭିଯୋଗ ଉପରେ ତାହାର ପ୍ରତିକ୍ରିୟା ରଖିଥିଲେ ଭଲ ହୋଇଥାଆନ୍ତା। କିନ୍ତୁ ଆମ ପକ୍ଷରୁ ଯିଏ ଯାହା କହୁଛି ତାହା ଗୁରୁତ୍ୱପୂର୍ଣ୍ଣ ହୋଇଯାଉଛି। ଆମେ ନିର୍ଦ୍ଦିଷ୍ଟ ତଥା ସ୍ୱତନ୍ତ୍ର ଭାବେ ପ୍ରତିକ୍ରିୟା ରଖିବାର ଥିଲା।

ବିଶ୍ୱର ସବୁ ଦେଶ ମଧ୍ୟରେ ଭାରତ ବିଶେଷ ଚିନ୍ତାଜନକ ଦେଶ ହେବା ଉଚିତ ନୁହେଁ। ଏହା ବିଶ୍ୱର ସବୁଠୁ ବଡ଼ ଗଣତାନ୍ତ୍ରିକ ଦେଶ ଏବଂ ଏହାର ଶାସନ ସମ୍ବିଧାନ ଅନୁଯାୟୀ ଚାଲେ। ଏହା ବିବିଧତାର ଦେଶ । ଭାରତର ଧର୍ମୀୟ ସତ୍ତାର ଏକ ବିରାଟ ଐତିହାସିକ ଆଶୀର୍ବାଦ। ତଥାପି ଭାରତ ଦୋଛକିରେ ରହିଥିବା ଭଳି ମନେହେଉଛି। ଏହାର ଗଣତନ୍ତ୍ର ଏବେ ବି ଅପରିପକ୍ୱ ଅବସ୍ଥାରେ ଅଛି। ତେବେ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ପାଇଁ ଆଗକୁ ବଢ଼ିବା ଦରକାର। ଭାରତ ସଦାସର୍ବଦା ଧର୍ମୀୟ ଉତ୍ତେଜନା ଦ୍ୱାରା ସୃଷ୍ଟି ହେଉଥିବା ରାଜନୈତିକ ଓ ଆନ୍ତଃ ସାମ୍ପ୍ରଦାୟିକ ବିବାଦକୁ ପ୍ରତିରୋଧ କରିବା ଆବଶ୍ୟକ। ସାମାଜିକ ସଦ୍‌ଭାବ ବଜାୟ ରଖିବା ଏବଂ ପ୍ରତ୍ୟେକଙ୍କ ଅଧିକାର ସୁରକ୍ଷା କରିବା ଦ୍ୱାରା ଭାରତ ସରକାର ଓ ଏହାର ନାଗରିକମାନେ ସବୁକିଛି ହାସଲ କରିପାରିବେ ଏବଂ ହରାଇବାର କିଛି ବି ନାହିଁ। ଭାରତ ଏହା କରିପାରିବ ଏବଂ କରିବା ବି ଉଚିତ।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | | | | 3 |
| | | 6 | 8 | | | | | |
| 8 | 3 | | | 4 | | | | |
| | | | | | | 4 | | |
| 4 | 8 | 7 | | 9 | | 5 | | |
| | | 2 | | | | | 7 | |
| | | | | 7 | 9 | | 1 | |
| 5 | | | 1 | 6 | | 3 | | |
| | 7 | | 4 | 3 | | 9 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 5 | 7 | 9 | 4 | 1 | 3 | 6 |
| 1 | 9 | 4 | 8 | 6 | 3 | 2 | 7 | 5 |
| 7 | 6 | 3 | 2 | 1 | 5 | 4 | 9 | 8 |
| 3 | 1 | 7 | 5 | 2 | 6 | 8 | 4 | 9 |
| 9 | 4 | 2 | 3 | 8 | 7 | 6 | 5 | 1 |
| 8 | 5 | 6 | 1 | 4 | 9 | 3 | 2 | 7 |
| 5 | 2 | 1 | 9 | 3 | 8 | 7 | 6 | 4 |
| 6 | 7 | 8 | 4 | 5 | 2 | 9 | 1 | 3 |
| 4 | 3 | 9 | 6 | 7 | 1 | 5 | 8 | 2 |

ଗତକାଲିର ଉତ୍ତର

# ଜଳ ସଂରକ୍ଷଣ ଓ ନଦୀ ପ୍ରଦୂଷଣ



ଡ. ପ୍ରଫୁଲ୍ଲ କୁମାର ସାହୁ

ସବୁ ଦେଶରେ ଓ ସବୁ କାଳରେ ଜୀବନ ପାଇଁ ଜଳ ବାଣ୍ଟିଛି ନଦୀ। ଆମ ଜଳ ଆବଶ୍ୟକତାର ୬୫ ପ୍ରତିଶତ ପୂରଣ କରେ ନଦୀ। ତେଣୁ ବଡ଼ ବଡ଼ ନଦୀଗୁଡିକ ନିର୍ଦ୍ଦିଷ୍ଟ ଅଞ୍ଚଳର ଜୀବନ ରେଖା ଭାବରେ ପରିଚିତ ଏବଂ ସେସବୁ ନଦୀର ସୁସ୍ଥତାରୁ ଜଣାପଡେ ସଭ୍ୟତାର ସ୍ଥିତି। ଶାସ୍ତ୍ର କହେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଧମନୀରେ ଯେମିତି ଶୁଦ୍ଧ ରକ୍ତ ପ୍ରବାହିତ ହେବା ଉଚିତ, ସେମିତି ନଦୀର ସ୍ୱାସ୍ଥ୍ୟ ରକ୍ଷା ପାଇଁ ଆବଶ୍ୟକ ତା'ର ଜଳ ପ୍ରବାହରେ ସ୍ୱଚ୍ଛତା। ମାତ୍ର ବିଡ଼ମ୍ବନାର ବିଷୟ ଆମ ଦେଶର ବଡ଼ ବଡ଼ ସହର ପାର୍ଶ୍ୱରେ ପ୍ରବାହିତ ପ୍ରତ୍ୟେକ ନଦୀର ଜଳ ଏବେ ଭୀଷଣ ଭାବେ ପ୍ରଦୂଷିତ।

ନଦୀର ଦେଶ ଭାରତ। ପ୍ରାୟତଃ ଦଶ ହଜାରରୁ ଅଧିକ ଛୋଟ ବଡ଼ ନଦୀ ବିଛେଇ ହୋଇ ରହିଛି ସାରାଦେଶରେ। କେତେକ ନଦୀ ପଛରେ ଧାର୍ମିକ ମହତ୍ତ୍ୱ ଥିବାରୁ ତାହା ପବିତ୍ର ଓ ସମ୍ଭ୍ରାନ୍ତ। ଭାରତୀୟ ଦର୍ଶନରେ ଗଙ୍ଗା କେବଳ ଏକ ନଦୀ ନୁହେଁ, ଉଦ୍‌ବେଳିତ ଶ୍ରଦ୍ଧା ଭକ୍ତି ଓ ବିଶ୍ୱାସର ଏକ ଅଖଣ୍ଡ ପ୍ରବାହ। ସେଥିପାଇଁ ତାକୁ ନଦୀ ପରିବର୍ତ୍ତେ ଗଙ୍ଗାମାତା ବୋଲି ସମ୍ବୋଧନ କରାଯାଇଛି ଆମ ଶାସ୍ତ୍ର ପୁରାଣରେ। ମାତ୍ର ଯେଉଁ ଗଙ୍ଗାମାତା ଲୋକଙ୍କୁ ପବିତ୍ର କରିଥାଏ,ସେ ନିଜେ ଏବେ ଆବର୍ଜନାରେ ପୂର୍ଣ୍ଣ। ଭାରତର ଧର୍ମୀୟ ରାଜଧାନୀ କୁହାଯାଉଥିବା ବାରାଣସୀ ସହର ନିକଟରେ ରହିଛି ହରିଶ୍ଚନ୍ଦ୍ର ଓ ମଣିକର୍ଣ୍ଣିକା ଘାଟ। ଏହି ଦୁଇଟି ଘାଟରୁ କୁଆଡେ ବାର୍ଷିକ ହାରାହାରି ୩୩ ହଜାର ମୃତଦେହ, ତିନି ହଜାର ଟନ୍ ଅର୍ଦ୍ଧଦଗ୍ଧ ମୃତଦେହ ଓ ଷୋହଳ ହଜାର ଟନ୍ ପାଉଁଶ ଓ ଅନ୍ୟାନ୍ୟ ସାମଗ୍ରୀ ବହନ କରିବାକୁ ବାଧ୍ୟ ହୁଏ ଗଙ୍ଗାମାତା। କେନ୍ଦ୍ର ପ୍ରଦୂଷଣ ବୋର୍ଡ ତଥ୍ୟ ଅନୁସାରେ ମହାନ ତୀର୍ଥକ୍ଷେତ୍ର ହରିଦ୍ୱାରରୁ ପ୍ରତିଦିନ ଗଙ୍ଗାକୁ ଯାଏ ଦୁଇକୋଟି ଲିଟର ମଳଯୁକ୍ତ ପାଣି। କାନପୁରର ବୃହତ ଚମଡା ଶିଳ୍ପକୁ ନେଇ ଗଙ୍ଗାମାତା ଯେଭଳି ଅତ୍ୟାଚାରିତ ହେଉଛି, ତାହା ଅତ୍ୟନ୍ତ ଦୁଃଖଦ। କେବଳ ଗଙ୍ଗାନଦୀ ନୁହେଁ, ଭାରତର ସବୁ ବଡ଼ ବଡ଼ ନଦୀ ଏବେ ଭୋଗୁଛନ୍ତି ପ୍ରଦୂଷଣ ଯନ୍ତ୍ରଣା।

ପଶ୍ଚିମବଙ୍ଗ ସୀମାଠାରୁ ଆରମ୍ଭ କରି ଉତ୍ତରରେ ସୁବର୍ଣ୍ଣରେଖା ଓ ଦକ୍ଷିଣରେ ଋଷିକୁଲ୍ୟା ନଦୀ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳକୁ କୁହାଯାଏ ଓଡ଼ିଶାର ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ। ତାହା ହେଉଛି ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ସାଳନ୍ଦୀ, ବୈତରଣୀ, ବ୍ରାହ୍ମଣୀ, ମହାନଦୀ ଓ କାଠଯୋଡ଼ି ଆଦି ବିଭିନ୍ନ ନଦୀ ଦ୍ୱାରା ଗଠିତ ଅନେକ ଆକାର ଓ ଆକୃତିର ତ୍ରିକୋଣଭୂମି। ମହାନଦୀ ଉପରେ



ନିର୍ମିତ ହୀରାକୁଦ ନଦୀବନ୍ଧ ଯୋଜନା ଥିଲା ଓଡ଼ିଶା ପ୍ରଗତିର ମାଇଲଖୁଣ୍ଟ। ଏହି ବହୁମୁଖୀ ଯୋଜନା କାର୍ଯ୍ୟକାରୀ ହେବା ପରେ ଶସ୍ୟଶ୍ୟାମଳା ହୋଇଥିଲା ତା'ର ଅବବାହିକାରେ ଥିବା ୬୫ ହଜାର ୬୨୭ ବର୍ଗ କିମି ପରିମିତ କୃଷିକ୍ଷେତ୍ର। ମାତ୍ର ଏହି ନଦୀବନ୍ଧର ଅସ୍ତିତ୍ୱକୁ ନେଇ ସୃଷ୍ଟି ହେଲାଣି ପ୍ରଶ୍ନବାଚୀ। ଜଳଭଣ୍ଡାରକୁ ପ୍ରବେଶ କରୁଥିବା ପଟୁମାଟି ଓ କାରଖାନା ବର୍ଜ୍ୟ ଯୋଗୁ ଦିନକୁ ଦିନ ହ୍ରାସ ପାଉଛି ତା'ର ଜଳଧାରଣ କ୍ଷମତା। ତଥ୍ୟ କହେ ହୀରାକୁଦରୁ ୩୩ଟି ଶିଳ୍ପ ଦୈନିକ ଶୋଷି ନେଉଛନ୍ତି ପାଖାପାଖି ଶହେକୋଟି ଲିଟର ଜଳ। ହୀରାକୁଦ ଜଳଭଣ୍ଡାରରେ ପଡ଼ିବା ପୂର୍ବରୁ ମହାନଦୀକୁ ଏବେ ଅତିକ୍ରମ କରିବାକୁ ପଡୁଛି ଛତିଶଗଡ଼ ସରକାରଙ୍କ ଦ୍ୱାରା ନିର୍ମିତ ୧୨ଟି ବନ୍ଧ, ଚେକ୍ ଡ୍ୟାମ୍ ଓ ବ୍ୟାରେଜ। ଫଳରେ ବର୍ଷା ଋତୁକୁ ଛାଡ଼ିଦେଲେ ଅନ୍ୟ ସମୟରେ ତା'ର ଖଣ୍ଡ ବିଖଣ୍ଡିତ ଜଳଧାରାକୁ ବଳିଗଲାଣି ପୋତି ହୋଇପଡିଥିବା ବାଲିପଠାର ବିସ୍ତୃତି।

ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀ। ତା'ର ଆଶୀର୍ବାଦ ପାଇ ସବୁଜିମାରେ ଭରପୂର ହୋଇଛି ରାଜ୍ୟର ବିସ୍ତୃତ ଅଞ୍ଚଳ। ମାତ୍ର ପ୍ରକାଣ୍ଡକାୟ ଶିଳ୍ପ ସଂସ୍ଥାଗୁଡିକର ବର୍ଜ୍ୟରେ ବ୍ରାହ୍ମଣୀ ଏବେ ବିଷାକ୍ତ। ପୁଣ୍ୟତୋୟା ଚିରସ୍ରୋତା ବୈତରଣୀକୁ କୁହାଯାଏ ଓଡ଼ିଶାର ଗଙ୍ଗା। ତାକୁ ମୃତ୍ୟୁମୁଖକୁ ଠେଲି ଦେବାକୁ ବସିଲାଣି ମନଇଚ୍ଛା ଶିଳ୍ପାୟନ, ଖଣିଖନନ ଓ ବର୍ଜ୍ୟବସ୍ତୁର ବେପରୁଆ ପରିଚାଳନା। ବର୍ଷାଦିନରେ ତା'ର କୂଳ ଉଛୁଳୁଛି, ଅଥଚ ଅନ୍ୟ ଋତୁରେ ଶୁଖିଲା ପଡୁଛି ପଠା। ଖଣି ବର୍ଜ୍ୟବସ୍ତୁ ଦ୍ୱାରା ଶଯ୍ୟା ପୋତି ହୋଇ ପଡ଼ିବା ଫଳରେ ହ୍ରାସ ପାଉଛି ନଦୀର ଜଳସ୍ତର। ଜନବହୁଳ ଅଞ୍ଚଳ ଦେଇ ପ୍ରବାହିତ ନଦୀକୁ ଯଦି ନର୍ଦ୍ଦମା ଭାବରେ ବ୍ୟବହାର କରାଯାଏ, ତେବେ ତାହା ପ୍ରଦୂଷଣ ଯନ୍ତ୍ରଣାରେ ଜର୍ଜରିତ ହେବା ସ୍ୱାଭାବିକ। ସେହି କାରଣରୁ ପ୍ରଦୂଷଣ ବିରୋଧରେ ଲଢ଼େଇ କରୁଛନ୍ତି ଉତ୍ତର ଓଡ଼ିଶାର ଦୁଇ ପ୍ରମୁଖ ନଦୀ ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା। ସବୁଠାରୁ ବେଶି ଆଘାତ ପାଇଛି ଭଦ୍ରକ ଗଳାର ହାର ସାଲ୍ଲନନ୍ଦିନୀ ସାଳନ୍ଦୀ। ସାରା ସହରର ଆବର୍ଜନାକୁ ଗର୍ଭରେ ଧାରଣ କରି ସାଳନ୍ଦୀ ଏବେ ଶ୍ରୀହୀନା। ସାଳନ୍ଦୀ ସଂସ୍କାର ନାମରେ ବିପୁଳ ଅର୍ଥ ହରିଲୁଟ ପରେ ନଦୀ ପାର୍ଶ୍ୱରେ ଅବରୋଧ ଓ ମୃତ୍ତିକା ଖନନ କାରଣରୁ ମୁଣ୍ଡରେ ହାତ ଦେଲେଣି ସାଳନ୍ଦୀ ଜଳ ଉପରେ ନିର୍ଭର କରୁଥିବା ହଜାର ହଜାର ଲୋକ।

ବଲାଙ୍ଗୀର ଜିଲାର ପ୍ରମୁଖ ନଦୀ ସୁକତେଲ ଶଯ୍ୟାରେ ଆରମ୍ଭ ହେଲାଣି ଚାଷବାସ। ଫୁଲବାଣୀ ସହରର ଜୀବନରେଖା ଭାବରେ ପରିଚିତ ପିଲାସାଲୁଙ୍କି ନଦୀର ଅସ୍ତିତ୍ୱକୁ ନେଇ ସୃଷ୍ଟି ହେଲାଣି ପ୍ରଶ୍ନବାଚୀ। ବର୍ଜ୍ୟବସ୍ତୁ ପରିଚାଳନା ଦିଗରେ ନିର୍ଦ୍ଦିଷ୍ଟ ନିୟମ ଅଭାବରୁ ପୋତିହେବାକୁ ବସିଲାଣି ନଦୀର ଶଯ୍ୟା। ପ୍ରଦୂଷଣ ଯନ୍ତ୍ରଣାରେ ଅଣନିଃଶ୍ୱାସୀ ହେଲାଣି ରାୟଗଡ଼ା ଗୁଣପୁର ଉପଖଣ୍ଡର ଜୀବନରେଖା ବଂଶଧାରା ଓ ନାଗାବଳୀ। ଦିନକୁ ଦିନ କ୍ଷୀଣ ହେବାରେ ଲାଗିଛି ଗଞ୍ଜାମର ଋଷିକୁଲ୍ୟା। ଓଡ଼ିଶାର ଯମୁନା ଭାବେ ପରିଚିତ ଜିରା ନଦୀର ଜଳ ଏବେ କର୍ଦ୍ଦମାକ୍ତ ଓ ଆବର୍ଜନାମୟ। ଶେଷ ନିଃଶ୍ୱାସ ଅପେକ୍ଷାରେ କେନ୍ଦ୍ରାପଡ଼ାର ଗୁପ୍ତଗଙ୍ଗା ଗୋବରୀ। ରାଜଧାନୀ ଉପକଣ୍ଠରେ ଅସ୍ତିତ୍ୱକୁ ବଞ୍ଚେଇବା ପାଇଁ ସଂଘର୍ଷ କରୁଛି ଧଉଳି ପାହାଡ଼ ତଳେ ପ୍ରବାହିତ ଇତିହାସ ପ୍ରସିଦ୍ଧ ଦୟାନଦୀ। ଦୈନିକ ଦୟାନଦୀ ଜଳରେ ମିଶୁଛି ହଜାର ହଜାର ଟନ୍ ମଇଳା ଆବର୍ଜନା। ଗଙ୍ଗୁଆ ଶଯ୍ୟା ଏବେ ଲୋକଙ୍କ ଦ୍ୱାରା ଅଧିକୃତ। ଏପଟେ ମହାନଦୀ ଶଯ୍ୟା ପରି କାଠଯୋଡ଼ି ପଠାରେ ସୃଷ୍ଟି ହେଲାଣି ବାଲିପଡିଆର ଭ୍ରମ। ବିଭିନ୍ନ ଶିଳ୍ପ କାରଖାନା, ହୋଟେଲ, ଡାକ୍ତରଖାନା ଓ ଶିକ୍ଷାନୁଷ୍ଠାନର ହଜାର ହଜାର ଲିଟର ବର୍ଜ୍ୟଜଳ ଗଙ୍ଗୁଆ ବାଟ ଦେଇ ମିଶୁଛି କୁଆଖାଇ ନଦୀରେ। ସେଥିପାଇଁ ଦୟା ଓ କୁଆଖାଇ ନଦୀର ଜଳ ଏବେ ଗାଧୁଆ ପାଇଁ ଅନୁପଯୁକ୍ତ। ଏହି ପରିପ୍ରେକ୍ଷୀରେ ସୂଚନାଯୋଗ୍ୟ ଯେ ଇଂରେଜ ରାଜତ୍ୱ କାଳରେ ନଦୀଜଳ ସୁରକ୍ଷା ନିମନ୍ତେ କାର୍ଯ୍ୟକାରୀ ହେଉଥିଲା କଡାକଡି ଆଇନ। ୧୯୩୪ ମସିହାରେ କାଠଯୋଡ଼ି ନଦୀର ସୁସ୍ଥତାକୁ ନେଇ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ଚାରିଘରିଆଠାରୁ ରାଜାବଗିଚା ପର୍ଯ୍ୟନ୍ତ କାଠଯୋଡି ନଦୀଜଳ ସଂରକ୍ଷିତ ଥିଲା ପିଇବା, ଗାଧୋଇବା ଓ ରନ୍ଧନ ପାଇଁ। ପଶୁମାନଙ୍କୁ ଗାଧୋଇ ଦେବା, ମଇଳା ଲୁଗା ସଫା କରିବା ଓ ଶୌଚ କର୍ମ ଉପରେ ଜାରିହୋଇଥିଲା କଟକଣା। ଆଇନ ଅମାନ୍ୟ କଲେ ଦଣ୍ଡ ବିଧାନ କରାଯାଉଥିଲା ବିହାର-ଓଡ଼ିଶା ମ୍ୟୁନିସିପାଲିଟି ଆଇନ ୨୨୭ ଧାରା ଅନୁସାରେ। ୯୧ ବର୍ଷ ତଳର ସେ ସଚେତନତା ଓ ଆଜି ମଧ୍ୟରେ ଆକାଶ ପାତାଳ ଫରକ।

ନଦୀର ସ୍ୱାସ୍ଥ୍ୟ ରକ୍ଷା ପାଇଁ ତା'ର ଜଳ ପ୍ରବାହରେ ସ୍ୱଚ୍ଛତା ଆଣିବା ଦିଗରେ ସଚେତନତା ସୃଷ୍ଟି ହେବା ଦରକାର। ସରକାର ଦୃଢ଼ ପଦକ୍ଷେପ ନେଲେ ନଦୀଗୁଡ଼ିକରେ ପୁନଃ ପ୍ରବାହିତ ହେବ ଅମୃତର ଧାରା। ନଦୀ ସୁସ୍ଥ ରହିବ, ସୁସ୍ଥ ରହିବ ସମଗ୍ର ଜୀବଜଗତ।

**ଅବସରପ୍ରାପ୍ତ ଅଧକ୍ଷ, ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ଲିଙ୍ଗ ସମାନତା ପାଇଁ କାର୍ଯ୍ୟଗତି



ଡ. ଦେବବ୍ରତ ଦାଶ

ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ରହିଥିବା ଅସମାନତାକୁ ଦୂର କରିବା ପାଇଁ ଶୀଘ୍ର ଏବଂ ପ୍ରଭାବଶାଳୀ ପଦକ୍ଷେପ ନେବା ଅତ୍ୟାବଶ୍ୟକ। ଯଦିଓ କିଛି ପ୍ରଗତି ହୋଇଛି, ତଥାପି ଲିଙ୍ଗ ସମାନତା ହାସଲ କରିବା ପାଇଁ ଆବଶ୍ୟକ ହୋଇଥିବା ପରିବର୍ତ୍ତନର ଗତି ଅତ୍ୟନ୍ତ ଧୀର। ବର୍ତ୍ତମାନର ଗତି ଅନୁସାରେ, ଏହି ଲକ୍ଷ୍ୟ ୨୧୫୮ ସାଲରେ ପୂରଣ ହେବ ବୋଲି ଅନୁମାନ କରାଯାଇଛି। ଆନ୍ତର୍ଜାତିକ ଶ୍ରମ ସଂଗଠନ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ବିଶ୍ୱ ଶ୍ରମଶକ୍ତିରେ ମହିଳାମାନେ ୪୭% ଏବଂ ପୁରୁଷମାନେ ୫୩% ଅଂଶଗ୍ରହଣ କରନ୍ତି। ଅନେକ ଦେଶରେ ମହିଳାମାନଙ୍କର ଅଂଶଗ୍ରହଣ ଅନୌପଚାରିକ ଏବଂ ଅଳ୍ପ-ମଜୁରି ଦେଉଥିବା କ୍ଷେତ୍ରରେ ସୀମିତ, ଯେଉଁଠି କାମର ନିରାପତ୍ତା ଏବଂ ସୁବିଧା ଅତ୍ୟନ୍ତ ଉପେକ୍ଷିତ। ଉଚ୍ଚ-ଆୟ ସମ୍ପନ୍ନ ଦେଶଗୁଡ଼ିକରେ ପୁରୁଷ ଏବଂ ମହିଳାଙ୍କ ଶ୍ରମଶକ୍ତି ଅଂଶଗ୍ରହଣ ମଧ୍ୟରେ ଥିବା ଅନ୍ତର କମିଛି। ତଥାପି ଅନେକ ଅଧିକ ଆୟ ଏବଂ ମଧ୍ୟମ ଆୟ ସମ୍ପନ୍ନ ଦେଶରେ ସାମାଜିକ ରୀତି-ନୀତି, ଶିକ୍ଷାର ଅଭାବ ଏବଂ ଅର୍ଥନୈତିକ ବାଧା ହେତୁ ମହିଳାମାନଙ୍କର ଅଂଶଗ୍ରହଣ ଅପେକ୍ଷାକୃତ କମ୍।

ପୁରୁଷମାନେ ନିର୍ମାଣ, ଉତ୍ପାଦନ ଏବଂ ପ୍ରଯୁକ୍ତି କ୍ଷେତ୍ରରେ କାମ କରିଥାନ୍ତି, ଯେଉଁଠି ଏକ ଉଚ୍ଚ ଆୟର ସୁଯୋଗ ରହେ। ଅପରପ୍ରକାରେ ମହିଳାମାନେ ଅଧିକାଂଶ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ସେବାମୂଳକ କ୍ଷେତ୍ରରେ ଏକାଠି ହୋଇଥାନ୍ତି। ବିଶ୍ୱସ୍ତରରେ ମହିଳାମାନେ କେବଳ ୩୦% ପର୍ଯ୍ୟନ୍ତ ବୈଜ୍ଞାନିକ ଏବଂ ପ୍ରାଯୁକ୍ତିକ କ୍ଷେତ୍ରରେ ରହିଛନ୍ତି। କର୍ପୋରେଟ ନେତୃତ୍ୱରେ ମହିଳାମାନେ ଏକ ଅତ୍ୟନ୍ତ ସୀମିତ ସଂଖ୍ୟାରେ ଉପସ୍ଥିତ ଥିବା ଦେଖାଯାଏ । ବିଶ୍ୱ ସ୍ତରରେ କେବଳ ୭% ମହିଳା ସିଇଓ ଏବଂ ୯% ବୋର୍ଡ ଚେୟାରପର୍ସନ ଅଛନ୍ତି।

ମହିଳାମାନେ ସମାନ କାର୍ଯ୍ୟ ପାଇଁ ପୁରୁଷମାନଙ୍କ ତୁଳନାରେ କମ୍ ବେତନ ପାଉଛନ୍ତି। ତଥ୍ୟ ଅନୁଯାୟୀ, ଲିଙ୍ଗଭିତ୍ତିକ ବେତନ ଅନ୍ତର ପ୍ରାୟ ୨୦% । ଏହା ଅର୍ଥ, ଗୋଟିଏ ଡଲାର ପ୍ରତି ମହିଳାମାନେ ସାଧାରଣତଃ ୮୦ ସେଣ୍ଟ ଅର୍ଜନ କରନ୍ତି। ଉଚ୍ଚ-ଆୟ ସମ୍ପନ୍ନ ଦେଶଗୁଡ଼ିକରେ ଏହି ଅନ୍ତର କମ୍ ଥିବା ଦେଖାଯାଏ, ଯଦିଓ ଏହା ପୂର୍ଣ୍ଣରୂପେ ଦୂର ହୋଇନାହିଁ। ଉଦାହରଣ ସ୍ୱରୂପ, ଯୁକ୍ତରାଷ୍ଟ୍ରରେ ଏହି ବେତନ ଅନ୍ତର ଅନ୍ୟ କ୍ଷେତ୍ର ଏବଂ ଅଭିଜ୍ଞତା ଅନୁଯାୟୀ ୧୬-୧୮% । ଏହି ବିଷୟରେ ସୁଇଡେନ, ନରୱେ ଏବଂ ଫିନ୍‌ଲାଣ୍ଡ ପରି ଦେଶଗୁଡ଼ିକ ଅତ୍ୟନ୍ତ କମ୍ ବେତନ ଅନ୍ତର ରଖିବାରେ ସଫଳ ହୋଇଛନ୍ତି। ୟୁରୋପୀୟ ସଂଘ ଦେଶଗୁଡ଼ିକରେ ମଧ୍ୟମ ଲିଙ୍ଗଭିତ୍ତିକ ବେତନ ଅନ୍ତର ପ୍ରାୟ ୧୩% , ଯଦିଓ ଇସ୍ତୋନିଆ ଏବଂ ଜର୍ମାନୀ ପରି କିଛି ଦେଶରେ ଏହି ଅନ୍ତର ଅଧିକ ଅଟେ ଏବଂ ବେଲଜିୟମ ଏବଂ ଇଟାଲୀ ପରି କିଛି ଦେଶ ଏହି ଅନ୍ତର କମ୍ କରିବାରେ ଅଗ୍ରଗତି କରିଛନ୍ତି। ଅନେକ ଅଧିକ ଏବଂ ମଧ୍ୟମ ଆୟ ସମ୍ପନ୍ନ ଦେଶରେ ଲିଙ୍ଗଭିତ୍ତିକ ବେତନ ଅନ୍ତର ୩୦-୪୦% ଅଥବା



ତାହାଠାରୁ ଅଧିକ ହୋଇପାରେ। ଭାରତରେ ଏହି ବେତନ ଅନ୍ତର ୧୯-୨୦%। ଏହି ତଥ୍ୟରୁ ଦେଖାଏ ଯେ, ଯଦିଓ ଗତିବିଧି ତ୍ୱରାନ୍ୱିତ ହୋଇଛି, ତଥାପି ବେତନ ଭିନ୍ନତା ଏବଂ ନେତୃତ୍ୱ ଭିତ୍ତିକ ଅସମାନତା ଦୂର କରିବା ପାଇଁ ଅଧିକ ଅଗ୍ରସର ହେବା ଆବଶ୍ୟକ।

ଲିଙ୍ଗ ସମାନତା ପାଇଁ କାର୍ଯ୍ୟଗତି ତ୍ୱରାନ୍ୱିତ କରିବା ଅତ୍ୟନ୍ତ ଆବଶ୍ୟକ, ଏହା ଅପେକ୍ଷା କରିପାରିବ ନାହିଁ। ଏହି ପ୍ରସଙ୍ଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ତ୍ୱରାନ୍ୱିତ କାର୍ଯ୍ୟ ଆବଶ୍ୟକ। ବର୍ତ୍ତମାନ ଥିବା ଗତିବିଧି ଯଦି ଅବ୍ୟାହତ ରହିଥାଏ, ତେବେ ଏକ ଶତାବ୍ଦୀରୁ ଅଧିକ ସମୟ ନେବ ଲିଙ୍ଗ ସମାନତା ହାସଲ କରିବାକୁ। କାର୍ଯ୍ୟସ୍ଥଳରେ ବିଭିନ୍ନତା ଏବଂ ସମାନ ଅଂଶଗ୍ରହଣ କରିଥିବା ଦଳଗୁଡ଼ିକ ଅଧିକ ଭଲ ନିଷ୍ପତ୍ତି ନେବା, ଅଧିକ ଉତ୍ପାଦନଶୀଳତା ଏବଂ ନୂତନ ଉପାୟ ଦେବାରେ ସମର୍ଥ ହୋଇଥାନ୍ତି। ଅନୁସନ୍ଧାନ ଦେଖାଇଛି ଯେ, ଲିଙ୍ଗ ବିଭିନ୍ନତା ରହିଥିବା ଟିମ୍ ଅନ୍ୟ ଟିମ୍ ତୁଳନାରେ ଉନ୍ନତ ଫଳାଫଳ ଦେଖାଇଥାନ୍ତି। ଯେତେବେଳେ ମହିଳାମାନେ ଶକ୍ତିଶାଳୀ ହୁଅନ୍ତି, ଅର୍ଥନୀତି ଉନ୍ନତି କରେ, ସମାଜ ଉନ୍ନତି କରେ ଏବଂ ଗୋଟିଏ ନ୍ୟାୟସଙ୍ଗତ ଏବଂ ସମାନ ସମାଜ ଗଠିତ ହୁଏ। ଲିଙ୍ଗ ସମାନତା ହାସଲ କରିବାର ଅର୍ଥ ହେଉଛି ବିଶ୍ୱ ଜନସଂଖ୍ୟାର ଅର୍ଦ୍ଧକୁ ନିଜର ସମ୍ପୂର୍ଣ୍ଣ ସମ୍ଭାବନା ଉନ୍ମୋଚନ କରିବା, ଯାହା ଅନ୍ୟ ସମସ୍ତଙ୍କ ପାଇଁ ମଧ୍ୟ ଲାଭଦାୟୀ।

ଏହି ସଂକଟର ସବୁଠାରୁ ସ୍ପଷ୍ଟ ଏବଂ ଅବ୍ୟାହତ ଚିହ୍ନ ହେଉଛି ଲିଙ୍ଗଭିତ୍ତିକ ବେତନ ଅନ୍ତର। ଏହା ଦୂର କରିବା ପାଇଁ ସମାନ କାମ ପାଇଁ ସମାନ ବେତନ ଦେବା ଉପରେ ଗୁରୁତ୍ୱ ଦେବା ଏବଂ ଏହି ଅସମାନତାକୁ ଜନ୍ମ ଦେଇଥିବା ବୃତ୍ତିଗତ ବିଭାଜନକୁ ଦୂର କରିବା ଆବଶ୍ୟକ। ସରକାର ଏବଂ କମ୍ପାନୀମାନେ ଏହି ସମସ୍ୟା ଦୂର କରିବା ପାଇଁ ବେତନ ସ୍ୱଚ୍ଛତା ଏବଂ ଦାୟିତ୍ୱ ଦେଇଥିବା ନୀତିଗୁଡ଼ିକୁ କଠୋର ଭାବରେ ଅନୁଷ୍ଠାନ କରିବା ଦରକାର। ମହିଳାମାନେ ନିଷ୍ପତ୍ତି ନେବାର ସ୍ଥାନରେ ଅବସ୍ଥାନ ଗ୍ରହଣ କରିବା ଅତ୍ୟନ୍ତ ଆବଶ୍ୟକ। ଏଥିପାଇଁ ମହିଳା ନେତୃତ୍ୱକୁ ପ୍ରୋତ୍ସାହନ ଦେବା ଏବଂ ନିଯୁକ୍ତିରେ ବିବିଧ ନୀତି ଗ୍ରହଣ କରିବା ଦରକାର।

ମହିଳାମାନଙ୍କ ଅର୍ଥନୈତିକ ସଶକ୍ତୀକରଣ ଲିଙ୍ଗ ସମାନତା ଲକ୍ଷ୍ୟ ନିମନ୍ତେ ଅତ୍ୟନ୍ତ ଆବଶ୍ୟକ। ଏହାର ଅର୍ଥ ଆର୍ଥିକ ସଂସାଧନର ଅଭିଗମ୍ୟତା ବୃଦ୍ଧି କରିବା, କୌଶଳ ବିକାଶ ଏବଂ ଚାକିରି ପ୍ରଶିକ୍ଷଣ ପ୍ରଦାନ କରିବା। ଏହି ପ୍ରୟାସଗୁଡ଼ିକ କେବଳ ସଂଗଠନମାନେ ନୁହଁ, ଉନ୍ନତି କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ମଧ୍ୟ ଦାୟିତ୍ୱ ଅନୁଭବ କରିବା ଦରକାର। ପୁରୁଷ ଏବଂ ମହିଳା ଦୁହେଁ ଏହି ଯାତ୍ରାର ସାଥୀ। ଏବେ ପଦକ୍ଷେପ ନେବାର ସମୟ। ଏହି ସୁଯୋଗ ଦୁର୍ବଳ କରନ୍ତୁ ନାହିଁ, ଆଗକୁ ବଢ଼ନ୍ତୁ ଏବଂ ଏକ ନ୍ୟାୟସଙ୍ଗତ ଓ ସମାନ ସମାଜ ଗଠନ କରିବା ପାଇଁ ଏକତ୍ର ହୁଅନ୍ତୁ।

**ପଟିଆ, ଭୁବନେଶ୍ୱର**
**ମୋ: ୯୦୪୦୦୮୬୦୦୨**

## ଏଇ ଭାରତରେ

ବାୟୋଟେକ୍ନୋଲୋଜିରେ ସହକାରୀ ପ୍ରାଧ୍ୟାପକ ଭାବେ ଦାୟିତ୍ୱ ନିର୍ବାହ କରିବା ସହ ଛତୁଚାଷ କରୁଛନ୍ତି ହରିୟାଣାର ସୋନିଆ ଦହିୟା। ଏହି ଚାଷରେ ସେ ୧୫ ଜଣ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ଏହା ସହ ତାଙ୍କ ଅଞ୍ଚଳର ମହିଳା ଚାଷୀମାନଙ୍କୁ ଛତୁଚାଷ କରିବା ଲାଗି ଉତ୍ସାହିତ କରୁଛନ୍ତି। କୋଭିଡ୍ ମହାମାରୀ ସମୟରେ ସୋନିଆ ଘରେ ରହିଥିବା ସମୟରେ ୨୦୨୦ରେ ଛତୁଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ଏଥିରେ ୪୦ ଲକ୍ଷ ଟଙ୍କା ନିବେଶ କରିଥିଲେ। ଏବେ ସେ ପ୍ରତିମାସରେ ୧୦ ଟନ୍ ଛତୁ ଉତ୍ପାଦନ କରିପାରୁଛନ୍ତି ଏବଂ ଏହାକୁ ବିକ୍ରି କରି ମୋଟ ୧ ଲକ୍ଷ ଟଙ୍କା ଲାଭ ପାଉଛନ୍ତି। ସେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କୁ ଛତୁ ବିକ୍ରି କରିବା ସହ ଅଧିକ ଉତ୍ପାଦନକୁ ଦିଲ୍ଲୀର ଆଜାଦପୁର ମଣ୍ଡିକୁ ପଠାଇ ଦେଉଛନ୍ତି। ବଡ଼ କଥା ହେଉଛି ସେ ନଡାଖୁଣ୍ଟା, କୁକୁଡ଼ା ଖତ ଏବଂ ଗହମ ଧୁଷକୁ ମିଶାଇ ଏକ ପ୍ରକାର ଖତ ପ୍ରସ୍ତୁତ କରି ତାହାକୁ ବ୍ୟବହାର କରୁଛନ୍ତି। ସୋନିଆ ମସ୍‌ରୁମ ଲେଡି ଭାବେ ହରିୟାଣାରେ ବେଶ୍ ଜଣାଶୁଣା।

## ୫୦ ବର୍ଷ ତଳର ଧରିତ୍ରୀ

୩୦ ମାର୍ଚ୍ଚ ୧୯୭୬

- କଟକ ମ୍ୟୁନିସିପାଲିଟି ପକ୍ଷରୁ ବକେୟା ଟିକସ ନ ଦେବା ଅଭିଯୋଗରେ ୫୫୦୦ ଲୋକଙ୍କ ବିରୁଦ୍ଧରେ ମୋକଦ୍ଦମା ରୁଜୁ କରାଯାଇଛି।
- ପେରୁ ପାଇଁ ମନୋନୀତ ଭାରତୀୟ ରାଷ୍ଟ୍ରଦୂତ ମନୋରମା ଭାଲା ଏକାଧିକ୍ରମେ ଇକ୍ୱେଡରରେ ଭାରତର ରାଷ୍ଟ୍ରଦୂତ ନିଯୁକ୍ତ।
- ସି.ସି. ଗଣପତିଙ୍କ ଅଧ୍ୟକ୍ଷତାରେ ଭାରତ ସରକାର ଗୋଟିଏ ଉଚ୍ଚ ଶକ୍ତିସମ୍ପନ୍ନ ଆୟକର ସ୍ଥିରୀକରଣ କମିଶନ ଗଠନ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ବିଶ୍ୱତାପନ ରୋକାଯାଉ

ମହାଶୟ,

ବିଶ୍ୱ ତାପନ ଦିନକୁ ଦିନ ବଢ଼ି ଚାଲିଛି ଏବଂ ଲୋକଙ୍କ ଅଜ୍ଞାନତା ଲାଗି ଆଜି ପୂରା ବିଶ୍ୱରେ ତାପମାନର ସମସ୍ୟା ଦେଖିବାକୁ ମିଳୁଛି । ବିଶ୍ୱ ତାପନ ବୃଦ୍ଧି ପାଇଁ ଜଳବାୟୁର ପରିବର୍ତ୍ତନ ଦେଖିବାକୁ ମିଳୁଛି, ଯାହା ଜୀବଜଗତ ପାଇଁ ବିପଦ ଘଣ୍ଟି । ଆଜି ମଣିଷ ଭିତରେ ଯେଉଁ ଅମଣିଷପଣିଆ ଦେଖିବାକୁ ମିଳୁଛି ତାହା ଆମର ଏହି ପରିବେଶ ପାଇଁ ନୁହେଁ ତ ? ବିଶ୍ୱର ତାପମାତ୍ରା ବୃଦ୍ଧି ହେବା ପଛରେ ମନୁଷ୍ୟ କୃତ କାରଣ ହେଲା ଜଙ୍ଗଲ ନଷ୍ଟ, ଗଛ କାଟିବା, ଯାନବାହନ ବ୍ୟବହାର କରିବା ଓ ଫସିଲ ଫୁଏଲର ଦୁରୁପଯୋଗ କରିବା । ଅଗ୍ନିକାଣ୍ଡ, ଗ୍ୟାସ୍ ଏବଂ କୋଇଲା ଜଳେଇବା ଯୋଗୁ ବିଶ୍ୱ ତାପନର ବଢିବା ଦେଖିବାକୁ ମିଳୁଛି । ବିଶ୍ୱ ତାପମାନର ମୁଖ୍ୟ କାରଣ ହେଲା ଗ୍ରୀନ୍ ହାଉସ ଇଫେକ୍ଟ । ବିଶ୍ୱ ତାପମାନର ବୃଦ୍ଧି ପାଇଁ ସମସ୍ତେ ଚିନ୍ତିତ । ଏହି ସମସ୍ୟାର ସମାଧାନର ଏକ ମାତ୍ର ରାସ୍ତା ହେଲା ବୃକ୍ଷ ରୋପଣ ଓ ଜାଙ୍ଗଲ ସୁରକ୍ଷା। ଜୀବଜଗତକୁ କେମିତି ବଞ୍ଚାଇ ହବ ତାହା ଆମ ପାଠ୍ୟକ୍ରମର ମୁଖ୍ୟ ବିଷୟ ହେବା କଥା । ବିଶ୍ୱ ଏବେ ବିନାଶର ଦ୍ୱାରରେ ଠିଆ ହୋଇଛି । ଏହି ସମୟରେ ଆମେ ବିଶ୍ୱ ତାପନକୁ ରୋକିପାରିଲେ ଜଳବାୟୁ ପରିବର୍ତ୍ତନକୁ ସହଜରେ ମୁକାବିଲା କରିପାରିବା।

**-କାଳି ଦାସ, ବ୍ରହ୍ମପୁର, ଖୋଡାସିଙ୍ଗ କଳିଙ୍ଗନଗର**

## ଚିରନ୍ତନୀ

କପୋତ ଡାକେ ଡାହୁକ ଡାକେ
ଡାକଇ ସାରୀ ଶୁକ,
ତଥାପି ଧରା ଲାଗଇ କିବା
ରହିଛି ପଡ଼ି ମୂକ।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଅଂଶୁଘାତରେ ଟଳି ପଡ଼ିଲେ ବୃଦ୍ଧ

ବଲାଙ୍ଗୀର,୨୯।୩ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ତୁଳସୀନଗର ଆୟୁର୍ବେଦ କଲେଜ ନିକଟରେ ଶନିବାର ଜଣେ ବ୍ୟକ୍ତି ଅଂଶୁଘାତରେ ଟଳି ପଡ଼ିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ରାଜୀବନଗର ନିବାସୀ ନିମାଇଁ ଚରଣ ଦାସ (୬୫)। ତୁଳସୀନଗର ଆୟୁର୍ବେଦିକ କଲେଜ ନିକଟ ରାସ୍ତା କଡ଼ରେ ଥିବା ଏକ ଠେଲା ଗାଡ଼ିରେ ନିମାଇଁ ଶୋଇଥିବା ବେଳେ ମୃତ୍ୟୁବରଣ କରିଥିବା ଜଣାପଡ଼ିଥିଲା। ସେ ରାଜୀବନଗରରେ ଏକ ଭଡ଼ା ଘର ନେଇ ପରିବାର ସହ ରହୁଥିଲେ। ତେବେ କୌଣସି କାରଣରୁ ସେ କିଛିଦିନ ହେଲା ଘରକୁ ଯାଉ ନ ଥିଲେ। ଅଧିକାଂଶ ସମୟରେ ଭୋକ ଉପାସରେ ରହୁଥିବା ନିମାଇଁ ରାସ୍ତା କଡ଼ରେ ଥିବା ଏକ ଠେଲା ଗାଡ଼ିରେ ଶୋଉଥିଲେ। ତାଙ୍କର ମୃତ୍ୟୁ ଘଟିଥିବା ଖବର ପ୍ରଚାରିତ ହେବା ପରେ ଏହା ଅଂଶୁଘାତରୁ ହୋଇଥିବା ସନ୍ଦେହ କରାଯାଇଥିଲା। ଖବର ପାଇ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ଓ ସ୍ଥାନୀୟ କାଉନସିଲର ଗଙ୍ଗାଧର ଚାନ୍ଦ ଘଟଣାସ୍ଥଳରେ ପହଞ୍ଚି ପଚରାଉଚରା କରିଥିଲେ। ମୃତକଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ସ୍ଥାନୀୟ ଟାଉନ ଥାନା ପୋଲିସ ସେଠାରେ ପହଞ୍ଚି ନିମାଇଁଙ୍କ ମୃତଦେହ ଜବତ କରି ଭୀମଭୋଇ ମେଡିକାଲ୍ କଲେଜ ଓ ହସ୍ପିଟାଲକୁ ପଠାଇଥିଲା। ଗତ କିଛିଦିନ ହେଲା ଟାଣ ଖରା ହେଉଥିବାରୁ ଅଂଶୁଘାତର ଶିକାର ହୋଇଥିବା ପରିବାର ଲୋକେ ସନ୍ଦେହ ପ୍ରକଟ କରୁଛନ୍ତି। ମୃତ ନିମାଇଁଙ୍କ ସ୍ତ୍ରୀ ସେଠାକୁ ଆସି ସେମାନେ କେତେ ଅସହାୟ ଅବସ୍ଥାରେ ଅଛନ୍ତି କହିଥିଲେ। ଏହାର ତଦନ୍ତ କରି ପୀଡ଼ିତ ପରିବାରକୁ ଉଚିତ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି। ଅଂଶୁଘାତ ଅଭିଯୋଗର ତଦନ୍ତ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଶୁକ୍ରବାର ଟିଟିଲାଗଡ଼ ରେଲୱେ ଷ୍ଟେଶନ ନିକଟରେ ଜଣେ ବ୍ୟକ୍ତିଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।

### ରାଜ୍ୟ ପରିବହନ ପ୍ରାଧିକରଣର ମାର୍ଗଦର୍ଶିକା

## 'ଗ୍ରୀଷ୍ମରେ ଯାତ୍ରୀ, ଚାଳକଙ୍କ ସୁରକ୍ଷା ଆଗ'

କଟକ,୨୯।୩(କାର୍ତ୍ତିକ ସାହୁ)

- ବସ୍‌ରେ ରହିବ ବିଶୁଦ୍ଧ ପାନୀୟ ଜଳ, ବରଫ ପ୍ୟାକ, ପ୍ରାଥମିକ ଚିକିତ୍ସା କିଟ୍
- ଅତ୍ୟଧିକ ଭିଡ଼ ରୋକିବାକୁ ନିଆଯିବ ଦୃଢ଼ ପଦକ୍ଷେପ

ରାଜ୍ୟରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ମାର୍ଗଦର୍ଶିକା ଜାରି କରିଛି। ଏ ସମ୍ପର୍କରେ ଏସ୍‌ଟିଏର ବରିଷ୍ଠ ଅଧିକାରୀ ସମସ୍ତ ଆର୍‌ଟିଓ ଏବଂ ଏଆର୍‌ଟିଓଙ୍କ ସହିତ ବୈଠକ କରି ଯାତ୍ରୀ ଓ ଗାଡ଼ି ଚାଳକଙ୍କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ଆଲୋଚନା କରିଛନ୍ତି। ଗ୍ରୀଷ୍ମପ୍ରବାହରେ ଯାତ୍ରୀ ଓ ଗାଡ଼ି ଚାଳକଙ୍କ ସୁରକ୍ଷା ଆଗ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି।

ଗ୍ରୀଷ୍ମପ୍ରବାହ ସମୟରେ ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରିବା ପାଇଁ ସମସ୍ତ ବସ୍‌ରେ ବିଶୁଦ୍ଧ ପାନୀୟଜଳ, ବରଫପ୍ୟାକ୍, ପ୍ରାଥମିକ ଚିକିତ୍ସା କିଟ୍ ଏବଂ ଓଆରଏସ୍ ରହିବ। ଅତ୍ୟଧିକ ଗରମରୁ ରକ୍ଷା ପାଇବା ପାଇଁ ବସ୍ ଷ୍ଟପ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ବିଶ୍ରାମସ୍ଥାନ ଯୋଗାଇ ଦିଆଯିବ। ସାର୍ବଜନୀନ ପରିବହନ ଯାନରେ ଯାତ୍ରୀ ସୁରକ୍ଷା ଏବଂ ଆରାମ ପାଇଁ ନିର୍ଦ୍ଧାରିତ ଅନୁମତିକୁ ଉଲ୍ଲଂଘନ କରିବା ସହ ଆବଶ୍ୟକଠାରୁ ଅଧିକ ଯାତ୍ରୀ ନେଲେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ। ଦୂର ସ୍ଥାନକୁ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ରାଜପଥରେ ଜଳ କିଓସ୍କ ସ୍ଥାପନ କରି ପାନୀୟଜଳ ଯୋଗାଇ ଦିଆଯିବ। ଓଭରଲୋଡିଂ, ବସ୍ ଛାତ ଉପରେ ବସି ଯାତ୍ରା କରିବା ଏବଂ ଝୁଲନ୍ତା ଅବସ୍ଥାରେ ଯାତ୍ରୀ ନେଉଥିବା ଯାନଠାରୁ ଜରିମାନା ଆଦାୟ କରାଯିବ। ଆରଟିଓ କାର୍ଯ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହିବ। ଏଥିସହ ଭର୍ଚ୍ଚୁଆଲ ମାଧ୍ୟମରେ ଓଡ଼ିଶା ଯାତ୍ରୀ ଯାଉଥିବା ପଡ଼ୋଶୀ ରାଜ୍ୟକୁ ଗ୍ରୀଷ୍ମପ୍ରବାହ ପରିସ୍ଥିତିର ମୁକାବିଲା ପାଇଁ ଏଭଳି କିଛି ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି।

ବ୍ୟାପକ ସଚେତନତା ପାଇଁ ବସ୍ ଏବଂ ଟ୍ରକ୍ ମାଲିକ ସଂଘ ସହଭାଗିତାରେ ହେଲ୍ପଲାଇନ୍ ନମ୍ବର ଯୋଗାଇ ଦିଆଯିବ। ଗ୍ରୀଷ୍ମପ୍ରବାହ ଜନିତ ସୁରକ୍ଷା ଉପରେ ଜନସଚେତନତା ଅଭିଯାନ କରାଯାଇ ବସ୍ ଏବଂ ଟ୍ରକ୍ ମାଲିକ ସଂଘ, ସ୍ଥାନୀୟ ଏନ୍‌ଜିଓମାନଙ୍କୁ ସାମିଲ କରାଯିବ। ଆବଶ୍ୟକ ସ୍ଥଳେ ବିଭିନ୍ନ ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ସହାୟତା ଯୋଗାଇଦେବାକୁ ଏନ୍‌ଫୋର୍ସମେଣ୍ଟ ଟିମ୍ ସହ ଡାକ୍ତରଙ୍କୁ ପଠାଯିବ। ଗ୍ରୀଷ୍ମପ୍ରବାହ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ଉପରେ ଆଲୋଚନା ଏବଂ କାର୍ଯ୍ୟ ପରିଚାଳନା ପାଇଁ ନିୟମିତ ବୈଠକ ଅନୁଷ୍ଠିତ ହେବ। ଅତ୍ୟଧିକ ଗ୍ରୀଷ୍ମପ୍ରବାହ ସମୟ ଯଥା ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଶେଷ ଧ୍ୟାନ ଦିଆଯିବ। କୌଣସି ପ୍ରତିକୂଳ ପରିସ୍ଥିତିରେ ଆର୍‌ଟିଓ, ଏଆର୍‌ଟିଓଗୁଡ଼ିକୁ ଜିଲା ପ୍ରଶାସନ ଏବଂ ଏସ୍‌ଟିଏ ସହ ଯୋଗାଯୋଗ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଗନ୍ଧମାର୍ଦ୍ଦନ ପାହାଡ଼ରେ ମାଓବାଦୀ-ପୋଲିସ ଗୁଳି ବିନିମୟ

### କୋମ୍ବିଂ ଅପରେଶନ ଜୋରଦାର

ଖପ୍ରାଖୋଲ,୨୯।୩(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ସୀମାନ୍ତ ଗନ୍ଧମାର୍ଦ୍ଦନ ପାହାଡ଼ରେ ମାଓବାଦୀ ଓ ପୋଲିସ ମଧ୍ୟରେ ଶନିବାର ସକାଳେ ଗୁଳି ବିନିମୟ ହୋଇଥିବା ସୂଚନା ମିଳିଛି। ନାନ୍ଦୁପଲା ପଞ୍ଚାୟତ କନ୍ଦରାଭଟା ନୂଆପାଲି ନିକଟ ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶରେ ଏହି ଗୁଳି ବିନିମୟ ହୋଇଥିବା ବେଳେ କୌଣସି କ୍ଷୟକ୍ଷତି ହୋଇଥିବା ସୂଚନା ମିଳିନାହିଁ। ଏହାପରେ ପୋଲିସ ଓ ଡିଭିଏଫ୍‌ର ମିଳିତ କୋମ୍ବିଂ ଅପରେଶନ ଜୋରଦାର ହୋଇଛି। ଏନେଇ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତରଙ୍କୁ ପଚାରିବାରେ କୋମ୍ବିଂ ଅପରେଶନ ଜାରି ରହିଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଦୁଇମାସ ତଳେ ମଧ୍ୟ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ଭାନପୁର ପଞ୍ଚାୟତ ହନୁପାଲି ଗାଁ ନିକଟରେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିବା ପୋଲିସ ସୂଚନା ଦେଇଥିଲା।




## ଶ୍ରମ କୋଡ୍ ବାତିଲ ଦାବିରେ ମେ ୨୦ରେ ସାଧାରଣ ଧର୍ମଘଟ



ବୈଠକରେ ଏଆଇଟିୟୁସିର ସାଧାରଣ ସମ୍ପାଦକ ବିଜୟ ଜେନାଙ୍କ ସହ ବିଭିନ୍ନ ଶ୍ରମିକ ସଂଘର ନେତୃବୃନ୍ଦ।

ଭୁବନେଶ୍ୱର,୨୯।୩(ବନ୍ଦନା ସେଠୀ)

ଶ୍ରମ କୋଡ୍ ବାତିଲ ଦାବିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେଶନ ସମୂହ ପକ୍ଷରୁ ମେ ୨୦ରେ ସାଧାରଣ ଧର୍ମଘଟ ଅନୁଷ୍ଠିତ ହେବ। ଏନେଇ ଶନିବାର ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ କିଶୋର ଜେନାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦିଲ୍ଲୀଠାରେ ମାର୍ଚ୍ଚ ୧୮ରେ ଅନୁଷ୍ଠିତ ହୋଇଥିବା ସର୍ବଭାରତୀୟ ସମ୍ମିଳନୀରେ ୧୭ ଦଫା ଦାବି ଯଥା ଶ୍ରମକୋଡ୍ ବାତିଲ, ଶ୍ରମିକ ଛଟେଇ ବନ୍ଦ, ସର୍ବନିମ୍ନ ମଜୁରି ବୃଦ୍ଧି, ପୁରୁଣା ପେନ୍‌ସନ ସ୍କିମ୍ ଲାଗୁ, କୃଷକଙ୍କ ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନ ପରିସରଭୁକ୍ତ କରିବା ଆଦି ଦାବି ନେଇ ରାଜ୍ୟ ତଥା ଜିଲା, ବିଭିନ୍ନ ଶିଳ୍ପାଞ୍ଚଳରେ ସମ୍ମିଳନୀ, ପଦଯାତ୍ରା, ମୋଟରସାଇକେଲ ଶୋଭାଯାତ୍ରା ସହିତ ମେ ୩ ମଧ୍ୟରେ ବିଭିନ୍ନ ଅନୁଷ୍ଠାନକୁ ସାଧାରଣ ଧର୍ମଘଟ ଲାଗି ନୋଟିସ ପ୍ରଦାନ କରାଯିବ। ଏଥିସହ ଏପ୍ରିଲ ୧୮ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସମ୍ମିଳନୀ କରାଯାଇ ରାଜ୍ୟରେ ହେବାକୁଥିବା ଧର୍ମଘଟକୁ ସଫଳ କରିବା ପାଇଁ ବ୍ୟାପକ ଅଭିଯାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଏଆଇଟିୟୁସିର ସାଧାରଣ ସମ୍ପାଦକ ବିଜୟ ଜେନା, ନେତା ଜୟନ୍ତ ଦାସ, ଏଚ୍‌ଏମ୍‌ଏସ୍‌ର ନେତା ଭୁବନାନନ୍ଦ ମହାପାତ୍ର, ସିଆଇଟିୟୁର ଦୁଷ୍ମନ୍ତ ଦାସ, ଏଆଇୟୁଟିୟୁସିର ନିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କଠୁ ଝାମ୍ପିନେଲେ ୮ଲକ୍ଷ ୪୦ହଜାର

ବସ୍ତା,୨୯।୩(ହରିଶଙ୍କର ପାଢ଼ୀ)

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ମଛଡ଼ିହା ନିକଟରୁ ଶନିବାର ଜଣେ ଯୁବକଙ୍କଠାରୁ ୮ଲକ୍ଷ ୪୦ ହଜାର ଟଙ୍କା ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। ଧପାକନ୍ଦ ଗ୍ରାମର ହେମନ୍ତ କୁମାର ବିଶ୍ୱାଳ ଏସ୍‌ବିଆଇ, ଶ୍ରୀରାମପୁର ଶାଖାକୁ ଅପରାହ୍ନ ୨ଟା ସମୟରେ ଆସିଥିଲେ। ସେ ବ୍ୟାଙ୍କରୁ ୮ଲକ୍ଷ ୪୦ହଜାର ଟଙ୍କା ଉଠାଇ ଯାଉଥିବା ବେଳେ ମଛଡିହା ନିକଟରେ ଦୁଇଟି କଳା ପଲସର୍‌ରେ ୩ଜଣ ଦୁର୍ବୃତ୍ତ ମୁହଁରେ କଳାକନା ବାନ୍ଧି ମାରଣାସ୍ତ୍ର ଦେଖାଇ ତାଙ୍କ ନିକଟରୁ ସମସ୍ତ ଟଙ୍କା ନେଇ ଚମ୍ପଟ ମାରିଥିଲେ। ବସ୍ତା ପୋଲିସ ସେଠାରେ ପହଞ୍ଚିଥିଲା। ଘଟଣାର ତଦନ୍ତ କରାଯାଉଛି ବୋଲି ଆଇଆଇସି ରଣଜିତ୍ କୁମାର ସାହୁ ସୂଚନା ଦେଇଛନ୍ତି।







| Entry | Educational Qualification |
| --- | --- |
| AGNIVEER SSR (Senior Secondary Recruit) | Qualified in 10+2 with Mathematics & Physics from Boards of School Education recongnized by Ministry of Education, Govt of India, with minimum 50% marks in aggregate<br>OR<br>Passed Three years diploma course in Engineering (Mechanical/ Electrical/ Automobiles/ Computer Science/ Instrumentation Technology/ Information Technology) from Central, State and UT recognized Polytechnic Institute with 50% marks in aggregate<br>OR<br>Passed Two years Vocational Course with Non-vo-cational subject viz, Physics and Mathematics from Education Boards recognized by Central, State and UT with 50% marks in aggregate |
| AGNIVEER MR (Matric Recruit) | Matriculation Examination with minimum 50% marks in aggregate from the Board of School Education recognised by Ministry of Education, Govt of India |
| SSR (Medical) | Qualified in 10 +2 examination with Physics, Chemistry, Biology (PCB) from the Boards of School Education recognised by Minsitry of Education, Govt. of India with 50% marks in aggreate and minimum 40% in each subject. |

www.joinindiannavy.gov.in

# ଅଶୋକ ସଭାପତି, ସତ୍ୟରଞ୍ଜନ ସମ୍ପାଦକ

## ଭୁବନେଶ୍ୱର ବାର୍ ଆସୋସିଏଶନ ନିର୍ବାଚନ



ଭୁବନେଶ୍ୱର ବାର୍ ଆସୋସିଏଶନ ନିର୍ବାଚନରେ ବିଜୟୀ ହେବା ପରେ ସମର୍ଥକଙ୍କ ଗହଣରେ ନବନିର୍ବାଚିତ ପ୍ରାର୍ଥୀ। (ଫଟୋ: ମନୋରଞ୍ଜନ ମିଶ୍ର)



“ସଭାପତି ଭାବେ ଜିତିବା ପରେ ମତେ ବହୁତ ଖୁସି ଲାଗୁଛି। ଏହାର ସମ୍ପୂର୍ଣ୍ଣ ଶ୍ରେୟ ମୋ ଓକିଲ ଭଉଣୀଭାଇଙ୍କୁ ଦେବାକୁ ଚାହିଁବି। ନିର୍ବାଚନ ପାଇଁ କିଛି ବିଶେଷ ପ୍ରସ୍ତୁତି କରି ନ ଥିଲି, ମାତ୍ର ଜିତିବି ବୋଲି ମୋ ଭଉଣୀଭାଇଙ୍କ ଉପରେ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା। ବାର୍ ଆସୋସିଏଶନ୍‌ର ଦାୟିତ୍ୱ ନେବା ପରେ ସମସ୍ତଙ୍କ ଅସୁବିଧାକୁ ଦୂର କରିବାକୁ ଚେଷ୍ଟା କରିବି।

**-ଅଶୋକ କୁମାର ପାତ୍ର, ସଭାପତି**



“ବହୁତ ଖୁସି ଲାଗୁଛି। ଏହା ଓଡ଼ିଶାର ଦ୍ୱିତୀୟ ବଡ଼ ବାର୍ ଆସୋସିଏଶନ୍। ଏଠାରେ ସମ୍ପାଦକ ହୋଇ ଜିତିବା ସହଜ କଥା ନୁହେଁ। ସହଯୋଗୀମାନଙ୍କ ଶ୍ରଦ୍ଧା ଓ ସହଯୋଗ ପାଇଁ ଆଜି ବିଜୟୀ ହୋଇ ପାରିଛି। ଆଗକୁ ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବି। ଆମର ପରାମର୍ଶଦାତା ତଥା ସଭାପତିଙ୍କ ପରାମର୍ଶ ଅନୁଯାୟୀ କାମ କରାଯିବ।

**-ସତ୍ୟରଞ୍ଜନ ସେନାପତି, ସମ୍ପାଦକ**

**ଭୁବନେଶ୍ୱର, ୨୯।୩ (ବନ୍ଦନା ସେଠୀ)**

୨୦୨୫-୨୬ବର୍ଷ ପାଇଁ ଶନିବାର ଭୁବନେଶ୍ୱର ବାର ଆସୋସିଏଶନ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ସମାପ୍ତ ହୋଇଛି। ବାର୍ ଆସୋସିଏଶନ୍‌ର ସଭାପତି ପଦ ପାଇଁ ୩ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଅଶୋକ କୁମାର ପାତ୍ର ବାଜିମାତ୍ କରିଛନ୍ତି। ଉପସଭାପତି ଭାବେ କବୀନ୍ଦ୍ର କୁମାର ବାରିକ ନିର୍ବାଚନ ଜିତିଛନ୍ତି। ସେହିପରି ସମ୍ପାଦକ ଭାବେ ସତ୍ୟ ରଞ୍ଜନ ସେନାପତି, ଯୁଗ୍ମ ସମ୍ପାଦକ ଭାବେ ରଶ୍ମିରଞ୍ଜନ ମହାନ୍ତି, ସହସମ୍ପାଦକ ଭାବେ ରଶ୍ମି ଭୂଷଣ ମୁଖୀ, କୋଷାଧ୍ୟକ୍ଷ ଭାବେ ଦୀପ୍ତି ପ୍ରକାଶ ନନ୍ଦ ବିଜୟୀ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ପଦ ପାଇଁ ୧୦ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଥିବାବେଳେ ସେମାନଙ୍କ ମଧ୍ୟରୁ ୮ଜଣ ବାଜିମାତ୍ କରିଛନ୍ତି।

ଶନିବାର ସକାଳ ୭.୩୦ରୁ ଭୋଟିଂ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ସନ୍ଧ୍ୟା ପ୍ରାୟ ୬ଟା ବେଳକୁ ଭୋଟ୍ ଗଣତି ଆରମ୍ଭ ହୋଇଥିଲା। ଭୋଟ ଗ୍ରହଣ ପାଇଁ ମୋଟ ୧୦ଟି ବୁଥ୍ କରାଯାଇଥିଲା। ନିର୍ବାଚନ କାର୍ଯ୍ୟ ତଥା ଭୋଟ ଗଣତି ପାଇଁ ୩୩ଜଣ ଆଇନଜୀବୀ ନିୟୋଜିତ ହୋଇଥିଲେ। ସେହିପରି ବାହାରେ ୨୦ଜଣ ଆଇନଜୀବୀ ଚିରକୁଟ ଦେବାକୁ ଓ ୨୦ଜଣ ସହଯୋଗ କରିବାକୁ ରହିଥିଲେ। ଚଳିତ ବର୍ଷ ମୋଟ ୨୫ଜଣ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥିବାବେଳେ ୪୧୦୫ ଜଣ ଭୋଟରଙ୍କ ମଧ୍ୟରୁ ମୋଟ୍ ୨୯୦୨ଜଣ ନିଜର ବହୁମୂଲ୍ୟ ଭୋଟ୍ ଦେଇ ଯୋଗ୍ୟ ପ୍ରାର୍ଥୀଙ୍କୁ ବାଛିଛନ୍ତି। ଚଳିତଥର ସଭାପତି ଏବଂ ଉପସଭାପତି ପଦ ପାଇଁ ୩ଜଣ ଲେଖାଏ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଅଶୋକ କୁମାର ଛୋଟରାୟ, ଅଶୋକ କୁମାର ପାତ୍ର ଏବଂ ନନ୍ଦ ନନ୍ଦନ ଶତପଥୀ ସଭାପତି ପଦପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ଉପସଭାପତି ପଦପାଇଁ କବୀନ୍ଦ୍ର କୁମାର ବାରିକ, ରବି ପ୍ରସାଦ ନାୟକ, ସୁକାନ୍ତ ଚନ୍ଦ୍ର ଦାସ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେହିପରି ସମ୍ପାଦକ ପଦ ପାଇଁ ୨ଜଣ ପ୍ରାର୍ଥୀ ମନୋଜ ନାୟକ, ସତ୍ୟରଞ୍ଜନ ସେନାପତି, ଯୁଗ୍ମ ସମ୍ପାଦକ ପାଇଁ ଭାଗ୍ୟବତୀ ରାଉତରାୟ ଏବଂ ରଶ୍ମିରଞ୍ଜନ ମହାନ୍ତି, ସହ ସମ୍ପାଦକ ପଦ ପାଇଁ ଜ୍ୟୋତିର୍ମୟୀ ପଣ୍ଡା, ରଶ୍ମିଭୂଷଣ ମୁଖୀ, ସତ୍ୟ ପ୍ରକାଶ ଶତପଥୀ, କୋଷାଧ୍ୟକ୍ଷ ଭାବେ ଦୀପ୍ତି ପ୍ରକାଶ ନନ୍ଦ ଏବଂ ହିତେନ ନାୟକ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ରାଜ୍ୟରେ ୱାନ୍ ବାର, ୱାନ୍ ଭୋଟ, ୱାନ୍ ଇଲେକ୍ସନ ଆଧାରରେ ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହିତ ସମାପ୍ତ ହୋଇଥିବା ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ସଭାପତି ଭାବେ ବିଜୟୀ ହୋଇଥିବା ଅଶୋକ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅଶୋକ କୁମାର ଛୋଟରାୟଙ୍କ ଠାରୁ ୭୦୮ଖଣ୍ଡ ଅଧିକ ଭୋଟ୍ ପାଇ ବାଜିମାତ୍ କରିବା ସହ ମୋଟ ୧,୪୫୪ ଖଣ୍ଡ ଭୋଟ୍ ପାଇଛନ୍ତି। ସେହିପରି ସମ୍ପାଦକ ସତ୍ୟ ରଞ୍ଜନ ସେନାପତି ନିଜର ପ୍ରତିଦ୍ୱନ୍ଦ୍ୱୀ ମନୋଜଙ୍କ ଠାରୁ ୭୫୨ଖଣ୍ଡ ଭୋଟ୍‌ରେ ଆଗୁଆ ରହିଥିବାବେଳେ ମୋଟ ୧,୮୪୩ ଖଣ୍ଡ ଭୋଟ ପାଇଛନ୍ତି।

### ବିଜୟୀ
### ସଭାପତି | ସମ୍ପାଦକ

### ହାଇକୋର୍ଟ ବାର୍ ଆସୋସିଏଶନ



ମନୋଜ କୁମାର ମିଶ୍ର



ଅଭିଜିତ୍ ପଟ୍ଟନାୟକ

### କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ କଟକ



ପ୍ରଶାନ୍ତ କୁମାର ସାହୁ



ପୁନିଲ କୁମାର ସ୍ୱାଇଁ

### କଟକ ବାର୍ ଆସୋସିଏଶନ



ଦାମୋଦର ଦେଓ



ଦିଲ୍ଲୀପ କୁମାର ମହାପାତ୍ର

### ଖୋର୍ଦ୍ଧା ଜିଲା ବାର୍ ଆସୋସିଏଶନ



ଜୀବନଜ୍ୟୋତି ମିଶ୍ର



କ୍ଷୀରୋଦ ମୋହନ ସ୍ୱାଇଁ

### ପୁରୀ ବାର୍ ଆସୋସିଏଶନ



ପ୍ରେମାନନ୍ଦ ମହାନ୍ତି



ଶରତ ରାୟଗୁରୁ

# ବୀର ଲକ୍ଷ୍ମଣଙ୍କ ଦେଶଭକ୍ତି, ଜନସେବା ସର୍ବଦା ପ୍ରେରଣାଦାୟୀ

**ଭୁବନେଶ୍ୱର,୨୯।୩ (ସୌମ୍ୟରଞ୍ଜନ ରାଉତ)**

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ପରିଷଦ ଭୁବନେଶର ପକ୍ଷରୁ ସୂଚନା ଭବନଠାରେ ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଲେ, ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିଟି ରକ୍ତବିନ୍ଦୁରେ ଦେଶପ୍ରେମ ଓ ବୀରତ୍ୱର କାହାଣୀ ଲେଖାଅଛି। ସେ ହେଉଛନ୍ତି ଆଦିବାସୀଙ୍କ ମଉଡ଼ମଣି। ତାଙ୍କ ବଳିଦାନ ଦିବସକୁ ଆଗାମୀ ପିଢ଼ି ନିଜର ଆଦର୍ଶ ବୋଲି ଗ୍ରହଣ କରିପାରିଲେ ତାହା ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ବୀର ଲକ୍ଷ୍ମଣଙ୍କ ଦେଶଭକ୍ତି ଓ ଜନସେବା ଆମକୁ ସର୍ବଦା ପ୍ରେରଣା ଦେବା ସହ ଓଡ଼ିଆ ଜାତି ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ମନ୍ତ୍ରୀ ଗଣ୍ଡ କହିଥିଲେ। ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ କହିଲେ, ବ୍ରିଟିଶ ଶାସନ ବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରି ଅନ୍ୟାୟ ଭାବେ ଫାଶୀ ପାଇଥିବା ଶହୀଦ ଲକ୍ଷ୍ମଣ ନାଏକଙ୍କ ବଳିଦାନ ଦେଶ ପାଇଁ ଅବିସ୍ମରଣୀୟ। ସେ ଥିଲେ ଆମ ଦେଶ ତଥା ଜାତିର ଗର୍ବ ଓ ଗୌରବ। ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଲକ୍ଷ୍ମଣ ନାଏକଙ୍କ ଜୀବନାଦର୍ଶ ସମ୍ପର୍କରେ ମତ ରଖିବା ସହ ସେ ଆଦିବାସୀମାନଙ୍କୁ ସଂଗଠିତ କରି ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନକୁ ସମର୍ଥନ କରିବା ସହ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ନାୟକ ସାଜିଥିଲେ ବୋଲି କହିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସୂଚନା ଭବନର ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶବରୀ ସାଂସ୍କୃତିକ ପରିଷଦର ଉପସଭାପତି ଇଂ. ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଶହୀଦ ଲକ୍ଷ୍ମଣ ନାଏକଙ୍କ ଫଟୋଚିତ୍ରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

# ସହର ପରିକଳ୍ପନା ଯୋଜନାର ସମୀକ୍ଷା କଲେ ବିଡିଏ ଉପାଧ୍ୟକ୍ଷ

**ଭୁବନେଶ୍ୱର, ୨୯।୩ (ବନ୍ଦନା ସେଠୀ)**

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଉପାଧ୍ୟକ୍ଷ ଡ. ଏନ. ଥିରୁମାଲା ନାୟକ ଶନିବାର ସହର ପରିକଳ୍ପନା ଯୋଜନା (ଟିପି ସ୍କିମ)ର ସମୀକ୍ଷା କରିଛନ୍ତି। ବୈଠକରେ ଯୋଜନା ନଂ.୧, ୨, ୩ ଓ ୪ ଅଧୀନରେ ୯ଟି ଗାଁ ପାଇକରାପୁର, ସିଜୁପୁଟ, ନାରାଗୋଡା, ସାହାଜପୁର, ତମାଣ୍ଡୋ, ବିଜିପୁର, ପାଇକରାପୁର, ନୂଆଗାଁ ଓ ଶ୍ୟାମସୁନ୍ଦରପୁରରେ ଭିତ୍ତିଭୂମି କାମର ଅଗ୍ରଗତି ସମୀକ୍ଷା କରିଥିଲେ। ୬୦ କି.ମି. ଗମନାଗମନ ରାସ୍ତା ଓ ୬୪.୯ କି.ମି. ଡ୍ରେନେଜ କାମ ଶେଷ କରିବା ସହ ୨୯ଟି କଲଭର୍ଟ ତିଆରି ଓ ୪କି.ମି. ରାସ୍ତାରେ ପିଚୁ କାମ ହୋଇଥିବା ନେଇ ଆଲୋଚନା ହୋଇଥିଲା। ସେହିପରି ଟିପି-୮ ଯୋଜନା ଅଧୀନରେ ଅନ୍ଧାରୁଆ ଓ ଦାସପୁର ଜମି ମାଲିକଙ୍କ ଆପତ୍ତି ଓ ପରାମର୍ଶ ଉପରେ ଶୁଣାଣି ଚାଲିଥିବା ନେଇ ଅଧିକାରୀମାନେ ଉପାଧ୍ୟକ୍ଷଙ୍କୁ ସୂଚନା ଦେଇଥିଲେ। ବିଡିଏ ଜୋନ୍-୪ରେ ୧୪ଟି ନୂଆ ସହର ପରିକଳ୍ପନା ଆରମ୍ଭ ନେଇ ଯୋଜନା ଚାଲିଛି, ଯାହା ସହରର ଭିତ୍ତିଭୂମିକୁ ଆହୁରି ଅଧିକ ସୁଦୃଢ଼ କରିବ। ସହର ପରିକଳ୍ପନା ଯୋଜନାରେ ଜମି ମାଲିକମାନେ ୪୦% ଜମି ନଗର ଭିତ୍ତିଭୂମି ପାଇଁ ଦେବେ ଓ ୬୦% ଜମି ଟିପି ଅଞ୍ଚଳ ଭାବେ ରହିବ। ଏହି ଯୋଜନାରେ ରାସ୍ତା (ସର୍ବନିମ୍ନ ୯ ମିଟର ଚଉଡା), ନାଳ, ଜଳ ଯୋଗାଣ, ସ୍ୱେରେଜ ଓ ବିଦ୍ୟୁତ୍ ସୁବିଧା ମିଳିବ। ଏହାଦ୍ୱାରା ଜମିର ମୂଲ୍ୟ ବଢିବ ଓ ଭିତ୍ତିଭୂମିର ଉନ୍ନତି ଭଲ ହେବ। ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରଣା, ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ଓ ଯୁଗ୍ମ କମିଶନର (ଟିପି) ଭବତାରଣ ସାହୁଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।


### ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବିଭୁଦତ୍ତ



@ ବିକାଶ



@ କିଶୋର



@ ରଶ୍ମି



@ ସୂର୍ଯ୍ୟମଣି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ ହେବ

**ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ ହେବ। ଏଥିସହ ନୂଆ ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରାଯିବ। ଆସନ୍ତା ଅକ୍ଷୟତୃତୀୟା ବେଳକୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ସୂଚନାକେନ୍ଦ୍ର ହେବ ଓ ଏଲ୍‌ଇଡି ଡିସ୍‌ପ୍ଲେ ଲାଗିବ। ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ନୂଆ ୟୁନିଫର୍ମ ପଲିସି ଲାଗୁହେବ। ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପ୍ରସ୍ତୁତି ଚାଲିଛି। ଶନିବାର ସନ୍ଧ୍ୟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏସବୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ବିଭିନ୍ନ ନିଯୋଗର ସଦସ୍ୟ ଏବଂ ଶ୍ରୀମନ୍ଦିର ବୈଷୟିକ କମିଟିର ସଦସ୍ୟ ପ୍ରମୁଖ ଯୋଗଦେଇ ରଥଯାତ୍ରା ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସୂଚନା ଦେଇ କହିଛନ୍ତି, ରଥଯାତ୍ରା, ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ ଆଦି ସମ୍ପର୍କରେ ଆଲୋଚନା କରାଯାଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)କୁ ଠିକ୍ ସମୟରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସାରିବାକୁ କୁହାଯାଇଛି। ବାହାର ଓ ଭିତର ରତ୍ନଭଣ୍ଡାର ମଝିରେ ୫ଟି ବିମ୍ ଲାଗିଥିଲା, ତାହା କଳଙ୍କି ଲାଗି ଖରାପ ହୋଇଯାଇଛି। ସେ ସମସ୍ତ ୫ଟି ଲୁହାବିମ୍ କଢ଼ାଯାଇ ଷ୍ଟେନ୍‌ଲେସ୍ ଷ୍ଟିଲ୍ ବିମ୍ ଖଞ୍ଜାଯାଇଛି। ଦୁର୍ବଳ ପଥରଗୁଡ଼ିକୁ ମଧ୍ୟ ବଦଳାଯାଉଛି ଓ କେମିକାଲ ୱାଶିଂ ଚାଲିଛି। କାର୍ଯ୍ୟ ଠିକ୍ ଭାବେ ଚାଲିଛି। ବାହାର ରତ୍ନଭଣ୍ଡାରକୁ ଡିପ୍ଲାଷ୍ଟରିଂ ପରେ ଲାଗିଥିବା ପୁରୁଣା ପଥର ଖରାପ ବାହାରୁଥିବା ଦେଖିବାକୁ ମିଳୁଛି। ତେଣୁ ସେଗୁଡ଼ିକୁ ବୈଜ୍ଞାନିକ ପଦ୍ଧତିରେ ପରିବର୍ତ୍ତନ କରାଯାଉଛି। ରତ୍ନଭଣ୍ଡାର ମରାମତିକୁ ଦୀର୍ଘସ୍ଥାୟୀ କରାଯିବ। ବାହାର ଓ ଭିତର ରତ୍ନଭଣ୍ଡାର ମରାମତି ଶେଷ ହେବା ପରେ ଚଟାଣ ମରାମତି ହେବ। ଯାହା କାର୍ଯ୍ୟ ହୋଇଛି ତାହାର ଷ୍ଟାଟସ୍ ରିପୋର୍ଟ ଏଏସ୍‌ଆଇ ପକ୍ଷରୁ ପ୍ରଦାନ କରାଯାଇଛି। ଆସନ୍ତା ଅକ୍ଷୟତୃତୀୟା ବେଳକୁ ମରାମତି ଓ ସଂରକ୍ଷଣ କାର୍ଯ୍ୟ ଶେଷ ହୋଇପାରେ ବୋଲି ଆଶା କରାଯାଉଛି। ରତ୍ନଭଣ୍ଡାର କାର୍ଯ୍ୟ ନେଇ ଏଏସ୍‌ଆଇକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ଣ୍ଣ ସହଯୋଗ କରାଯାଉଛି। ସେହିପରି ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ଓ ଭିତରେ ମୋବାଇଲ ଫୋନ ନେଇ ଫଟୋ ଭାଇରାଲ କରାଯାଉଥିବା ଅନେକ ସମୟରେ ଦେଖିବାକୁ ମିଳିଛି। ନିୟମ ଭଙ୍ଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଶ୍ରୀଜଗନ୍ନାଥ ଟେମ୍ପଲ୍ ଆକ୍ଟ ଅନୁଯାୟୀ ବର୍ତ୍ତମାନର ଦଣ୍ଡବିଧାନ ପର୍ଯ୍ୟାପ୍ତ ନୁହେଁ, ତେଣୁ ଜିଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯାଇଛି। ଶ୍ରୀମନ୍ଦିର ଆକ୍ଟରେ ସଂଶୋଧନ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ପ୍ରସ୍ତାବ ପାରିତ ହେଲା ପରେ ଟେମ୍ପଲ ଆକ୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପଣା ସଂକ୍ରାନ୍ତିରେ ଓଡ଼ିଆ ନବବର୍ଷର କ୍ୟାଲେଣ୍ଡର ଶ୍ରୀମନ୍ଦିର ପ୍ରଶାସନ ପ୍ରସ୍ତୁତ କରୁଛି। ପ୍ରଥମେ ମହାପ୍ରଭୁଙ୍କ ପାଖରେ ତାହା ଲାଗିହେବ। ପଣାସଂକ୍ରାନ୍ତି କିମ୍ବା ଅକ୍ଷୟତୃତୀୟାଠାରୁ ଶ୍ରୀମନ୍ଦିରର ନୂଆ ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ପୂର୍ବରୁ ଆଲୋଚନା ହୋଇଥିବା ଏଫ୍‌ଏମ୍ ଚ୍ୟାନେଲ ମଧ୍ୟ ଲୋକାର୍ପଣ ହେବ। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ ପ୍ରସ୍ତୁତ ହୋଇଛି। ପରିଚାଳନା କମିଟି ଗଠନ ହୋଇ ନ ଥିବାରୁ ପ୍ରାଥମିକ ଭାବେ ବଜେଟ ପ୍ରସ୍ତୁତ କରାଯାଉଛି। ପରବର୍ତ୍ତୀ ସମୟରେ ପରିଚାଳନା କମିଟିରେ ତାହା ଅନୁମୋଦନ କରାଯିବ। ସେହିପରି ଜୈବିକ ପଦ୍ଧତିରେ ପ୍ରସ୍ତୁତ ଚାଉଳରେ କୋଠଭୋଗରେ ଅମୃତ ଅନ୍ନ ବ୍ୟବହାର ହେବ। ଏନେଇ ସୁଆର ମହାସୁଆର ନିଯୋଗ ପକ୍ଷରୁ ସହଯୋଗ କରାଯାଉଥିବାବେଳେ କୃଷି ବିଭାଗ ତରଫରୁ ଏକ ପ୍ରକଳ୍ପ ହାତକୁ ନିଆଯାଉଛି। ଶ୍ରୀମନ୍ଦିର ପରି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ସୂଚନା କେନ୍ଦ୍ର ହେବ ଏବଂ ଏଲ୍‌ଇଡି ଡିସ୍‌ପ୍ଲେ ମାଧ୍ୟମରେ ଗୁଣ୍ଡିଚା ମନ୍ଦିର ସମ୍ପର୍କିତ ତଥ୍ୟ ଭକ୍ତମାନେ ଜାଣିପାରିବେ। ଅପରପକ୍ଷରେ ପୂର୍ବ ପରିଚାଳନା କମିଟିରେ ୟୁନିଫର୍ମ ପଲିସି ପାସ୍ ହୋଇଛି। ରାଜ୍ୟ ସରକାରଙ୍କ ଅନୁମୋଦନ ହେବା ପରେ ନୂଆ ୟୁନିଫର୍ମ ପଲିସି ଲାଗୁହେବ। ଯେଉଁମାନେ ବେଆଇନ ଭାବେ ମହାପ୍ରଭୁଙ୍କ ଜମିକୁ ହଡ଼ପ କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନାଟମଣ୍ଡପରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଛି। ଏକ୍ସପର୍ଟମାନେ ଡାଏଗ୍ରାମ୍ ଦେଖାଇଛନ୍ତି। ଶୀତତାପ ନିୟନ୍ତ୍ରଣ ସମୟରେ ନୀତିକାନ୍ତି ଉପରେ ଯେପରି କୌଣସି ପ୍ରଭାବ ପଡ଼ିବ ନାହିଁ ସେଥିପ୍ରତି ଦୃଷ୍ଟି ଦିଆଯାଇଛି ବୋଲି ପାଢ଼ୀ କହିଛନ୍ତି।

### ଅକ୍ଷୟତୃତୀୟା ବେଳକୁ ସରିପାରେ ରତ୍ନଭଣ୍ଡାର ମରାମତି
- ନୂଆ ଏଫ୍‌ଏମ୍, ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ ହେବ
- ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିବ ଏଲ୍‌ଇଡି ଡିସ୍‌ପ୍ଲେ

# ଜୀବନଜ୍ୟୋତି ସଭାପତି, କ୍ଷୀରୋଦ ସମ୍ପାଦକ



ଖୋର୍ଦ୍ଧା ଜିଲା ବାର୍ ଆସୋସିଏଶନର ବିଜୟୀ ପ୍ରାର୍ଥୀଙ୍କ ସହ ଅନ୍ୟମାନେ।

**ଖୋର୍ଦ୍ଧା ଜିଲା ବାର୍ ଆସୋସିଏଶନ ନିର୍ବାଚନ**

ଖୋର୍ଦ୍ଧା,୨୯।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବାର୍ ଆସୋସିଏଶନ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ସଭାପତିଭାବେ ୨ୟ ଥର ପାଇଁ ଜୀବନ ଜ୍ୟୋତି ମିଶ୍ର ନିର୍ବାଚିତ ହୋଇଛନ୍ତି। ଜୀବନ ଜ୍ୟୋତି ୨୧୫ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜୟ କୁମାର ସାମନ୍ତସିଂହାର ୧୧୩ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ଉପସଭାପତି ଭାବେ ପ୍ରଦୀପ୍ତ ପ୍ରସାଦ ରାମ ୨୦୭ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଲିଙ୍ଗରାଜ ସାହୁ ୧୧୯ଖଣ୍ଡ ଭୋଟ ପାଇଛନ୍ତି। ସମ୍ପାଦକ ପଦବୀରେ କ୍ଷୀରୋଦ ମୋହନ ସ୍ୱାଇଁ ୨୦୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଲିଙ୍ଗରାଜ ସାହୁ ୧୨୨ଖଣ୍ଡ ଭୋଟ ପାଇଛନ୍ତି। କୋଷାଧ୍ୟକ୍ଷ ପଦବୀରେ ବସନ୍ତ କୁମାର ଭଞ୍ଜ ୨୧୬ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରିତେଶ ସାହୁ ୧୧୪ଖଣ୍ଡ ଭୋଟ ପାଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ବିଜୟ କୁମାର ଛୋଟରାୟ ନିର୍ବାଚନ ପରିଚାଳନା କରିଥିବା ବେଳେ ଅନ୍ୟ ଆଇନଜୀବୀମାନେ ସହଯୋଗ କରିଥିଲେ। ଯୁଗ୍ମ ସମ୍ପାଦକ ପଦବୀରେ ବଳରାମ ସାହୁ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ସିନିୟର ବର୍ଗରେ କାର୍ଯ୍ୟକାରିଣୀ ସଦସ୍ୟଭାବେ ବୀରେନ୍ଦ୍ର କୁମାର ପ୍ରହରାଜ, ଲୋତକବିନ୍ଦୁ ପଟ୍ଟନାୟକ, ମନୋରଞ୍ଜନ ପଣ୍ଡା, ପ୍ରଦୀପ କୁମାର ଦଳାଇ ଓ ବିକ୍ରମ ଛୁଆଳସିଂହ ଏବଂ ମହିଳା ସଦସ୍ୟାଭାବେ ମୋନୋଲିସା ମିଶ୍ର ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ଜୁନିୟର ବିଭାଗର ୪ ପଦବୀରେ କେହି ନିର୍ବାଚନ ଲଢ଼ି ନ ଥିବା ଜଣାପଡ଼ିଛି। ନିର୍ବାଚନ ଫଳାଫଳ ଘୋଷଣା ପରେ କୋର୍ଟ ପରିସରରେ ଆଇନଜୀବୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଅନ୍ୟ ଆଇନଜୀବୀମାନେ ବିଜୟୀ ପ୍ରାର୍ଥୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ବିଜୟୀ ସଭାପତି ଜୀବନ ଜ୍ୟୋତି ମିଶ୍ର, ସମ୍ପାଦକ କ୍ଷୀରୋଦ ମୋହନ ସ୍ୱାଇଁ ଆଇନଜୀବୀଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

# ଭାସ୍କର ସଭାପତି, ପୀତବାସ ସମ୍ପାଦକ

**ଟାଙ୍ଗୀ ବାର୍ ଆସୋସିଏଶନ**



ଭାସ୍କର ପ୍ରସାଦ ମହାନ୍ତି



ପୀତବାସ ନାୟକ

ଟାଙ୍ଗୀ,୨୯।୩(ରଘୁନାଥ ସାହୁ)

ଟାଙ୍ଗୀ ବାର୍ ଆସୋସିଏଶନ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତିଭାବେ ଭାସ୍କର ପ୍ରସାଦ ମହାନ୍ତି ନିର୍ବାଚିତ ହୋଇଛନ୍ତି। ଭାସ୍କର ୩୮ଖଣ୍ଡ ଭୋଟପାଇ ବିଜୟୀ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମନୋଜ କୁମାର ମାନସିଂହ ୨୪ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ସମ୍ପାଦକଭାବେ ପୀତବାସ ନାୟକ ୩୩ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅଶ୍ୱିନୀ କୁମାର ଦାସ ୨୯ଖଣ୍ଡ ଭୋଟ ପାଇଛନ୍ତି। ଉପସଭାପତି ଭାବେ ସୁଶାନ୍ତ କୁମାର ସିଂ, ସହ ସମ୍ପାଦକ ଦେବୀ ପ୍ରସାଦ ମର୍ଦ୍ଦରାଜ, ଯୁଗ୍ମ ସମ୍ପାଦକ ଚଣ୍ଡେଶ୍ୱର ଦାସ(ନିର୍ଦ୍ୱନ୍ଦ୍ୱରେ), କୋଷାଧ୍ୟକ୍ଷ ଭାବେ ସନ୍ଦିପନୀ ମିଶ୍ର ଓ ସୁଜାତା ପଲାଇ, ପାଠାଗାର ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ରଣା ପ୍ରମୁଖ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ସୁରଜିତ ପଟ୍ଟନାୟକ, ହୃଷୀକେଶ ପ୍ରଧାନ, ରବୀନ୍ଦ୍ର କୁମାର ରଣା, ମଙ୍ଗରାଜ ସାମନ୍ତରାୟ, ଅଜୟ କୁମାର ସାହୁ, ମନୋଜ କୁମାର ପଟ୍ଟନାୟକ, ଗଙ୍ଗାଧର ପ୍ରଧାନ ପ୍ରମୁଖ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ନିରଞ୍ଜନ ଦାସ ସୂଚନା ଦେଇଛନ୍ତି।

# ସମାନ ସଂଖ୍ୟକ ଭୋଟ ପାଇଲେ ୨ ସଭାପତି ପ୍ରାର୍ଥୀ

ବାଣପୁର,୨୯।୩ (ଦିଲୀପ କୁମାର ସ୍ୱାଇଁ)

ବାଣପୁର ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବୃନ୍ଦାବନ ପ୍ରଧାନ ଏବଂ ଦେବୀପ୍ରସାଦ ସାମନ୍ତରାୟଙ୍କ ସମାନ ସଂଖ୍ୟକ ୬୩ଖଣ୍ଡ ଲେଖାଏ ଭୋଟ ପାଇଛନ୍ତି। ଫଳରେ ସଭାପତି ପଦ ଫଳାଫଳ ଟାଏ ରହିଛି। ତେବେ ଲଟେରି ମାଧ୍ୟମରେ ବିଜେତା ଚୟନ କରିବା ପାଇଁ ନିର୍ବାଚନ ଅଧିକାରୀ ପ୍ରସ୍ତାବ ଦେଇଥିଲେ ମଧ୍ୟ ଉଭୟ ପ୍ରାର୍ଥୀ ରାଜି ହୋଇ ନ ଥିଲେ। ଅନ୍ୟପଟେ ଗୟାଚାନ୍ଦ ଜଗଦୀଶ ପଟ୍ଟନାୟକ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ପଦ୍ମଜା ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ସେହିପରି ସହ ସମ୍ପାଦକ ଭାବେ ନରେନ୍ଦ୍ର କୁମାର ନାୟକ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ସନ୍ତୋଷ କୁମାର ମହାପାତ୍ର, ପ୍ରସନ୍ନ କୁମାର ଜେନା, ଭି. କାମେଶ୍ୱର ଆଚାରୀ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଅଜିତ କୁମାର ସ୍ୱାଇଁ ନିର୍ବାଚନ ପରିଚାଳନା କରିଥିବା ବେଳେ ଆଇନଜୀବୀ ବିପିନ କୁମାର ପ୍ରଧାନ ସହଯୋଗ କରିଥିଲେ।

**ସଭାପତି | ସମ୍ପାଦକ**

**ହାଇକୋର୍ଟ ବାର୍ ଆସୋସିଏଶନ**



ମନୋଜ କୁମାର ମିଶ୍ର



ଅଭିଜିତ୍ ପଟ୍ଟନାୟକ

**କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ କଟକ**



ପ୍ରଶାନ୍ତ କୁମାର ସାହୁ



ପୁଳିନ କୁମାର ସ୍ୱାଇଁ

**କଟକ ବାର୍ ଆସୋସିଏଶନ**



ଦାମୋଦର ଦେଓ



ଦିଲ୍ଲୀପ କୁମାର ମହାପାତ୍ର

**ଭୁବନେଶ୍ୱର ବାର୍ ଆସୋସିଏଶନ**



ଅଶୋକ କୁମାର ପାତ୍ର



ସତ୍ୟରଞ୍ଜନ ସେନାପତି

**ପୁରୀ ବାର୍ ଆସୋସିଏଶନ**



ପ୍ରେମାନନ୍ଦ ମହାନ୍ତି



ଶରତ ରାୟଗୁରୁ



ଜଟଣୀ କୁଦିଆରୀ ଗ୍ରାମସ୍ଥିତ ମା' ଜାଗୁଳାଇଙ୍କ ଶୈଳପୁତ୍ରୀ ବେଶ।



ରାମେଶ୍ୱରସ୍ଥିତ ମା' ବନଦୁର୍ଗାଙ୍କ ଶୈଳପୁତ୍ରୀ ବେଶ।

# ୩୫ ମୌଜା ବାଲିଯାତ୍ରା ପାଇଁ ପ୍ରସ୍ତୁତି

କୃଷ୍ଣପ୍ରସାଦ,୨୯।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର କମଳେଶ୍ୱର ଦେବ ବିଜେ ଦେଉଳପଡ଼ା ତିତିପଠାରେ ଅନୁଷ୍ଠିତ ହେବାକୁ ଥିବା ପଣାଯାତ୍ରା ତଥା ବାଲିଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ବାଲିଯାତ୍ରା ଏପ୍ରିଲ ୧୩ରୁ ଆରମ୍ଭ ହୋଇ ୧୮ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀ, ସମ୍ପାଦକ ଦିଲୀପ କୁମାର ଦାଶ କହିଛନ୍ତି। ୭୮ବର୍ଷ ଧରି ହୋଇଆସୁଥିବା ଏହି ବାଲିଯାତ୍ରାରେ ୩୫ ମୌଜାର ବିଭିନ୍ନ ଗ୍ରାମରୁ ୧୭ ଠାକୁର ସୁସଜ୍ଜିତ ବିମାନରେ ପାଟପଟୁଆରରେ ଆସି ଏକତ୍ରିତ ହେବେ। ପୁରୀ, ଖୋର୍ଦ୍ଧା, ଗଞ୍ଜାମ, କଟକ, ନୟାଗଡ଼, ଗଜପତି ଆଦି ବିଭିନ୍ନ ଜିଲାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ପ୍ରତ୍ୟହ ସନ୍ଧ୍ୟାରେ ପାରମ୍ପରିକ ସାମରିକ କଳା ପାଇକ ଆଖଡ଼ା, ସଂକୀର୍ତ୍ତନ ପ୍ରତିଯୋଗିତା ହୋଇଥାଏ। ରାତିରେ ଦୁଇଟି ଅପେରା ନାଟ୍ୟ ପରିବେଷଣ କରିବେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ଭାବଗ୍ରାହୀ ରାଉତଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ହେବେ। ୩୫ ମୌଜା ପରିଚାଳନା କମିଟି ଅଧୀନରେ ହେଉଥିବା ଏହି ଯାତ୍ରାରେ ୧୪୭ ଜଣ ସ୍ଥାୟୀ ସଦସ୍ୟ ବିଭିନ୍ନ ଦାୟିତ୍ୱ ନେଇ ସୁରକ୍ଷା କାର୍ଯ୍ୟ ତୁଲାଇଥାନ୍ତି। ଜନସମାଗମକୁ ଦୃଷ୍ଟିରେ ରଖି ୨୦ଟି ନଳକୂପ ବସାଯାଇଥିବା ବେଳେ ୪ଟି ପାଣି ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି। ଯାତ୍ରା ପଡ଼ିଆର ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଖଞ୍ଜାଯିବ। ପରିଚାଳନା କମିଟିରେ ଏକ କାର୍ଯ୍ୟ ନିର୍ଘଣ୍ଟ ଏବଂ କେଉଁମାନେ କେଉଁ ଦାୟିତ୍ୱରେ ରହିବେ ତାହା ନିର୍ଦ୍ଧାରଣ କରାଯାଇଛି। ବୈଠକରେ ୩୫ ମୌଜା ପରିଚାଳନା କମିଟିର ସମସ୍ତ ସଦସ୍ୟ ଯୋଗଦେଇଥିଲେ।

# ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ବେଗୁନିଆ,୨୯।୩(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ପଞ୍ଚାୟତ ସମିତି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି କ୍ଲଷ୍ଟରସ୍ତରୀୟ ଆୟୋଜିତ କର୍ମଶାଳାରେ ୧୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଅତିଥିଭାବେ ବିଆର୍‌ସିସି କୈଳାସ ଚନ୍ଦ୍ର ସେଠି ଯୋଗଦେଇ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟରେ ପିଲାମାନଙ୍କର ବୌଦ୍ଧିକ ଓ ସଂଖ୍ୟାଜ୍ଞାନର ବିକାଶ ଦିଗରେ ସକରାତ୍ମକ ମନୋଭାବ ନେଇ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଉପରେ ଯଥେଷ୍ଟ ଗୁରୁତ୍ୱ ରହିଛି। ଏହାର ଉଦ୍ଦେଶ୍ୟ ସାଧିତ ପାଇଁ ଯୋଗଦେଇଥିବା ପ୍ରଶିକ୍ଷାର୍ଥୀମାନେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ପରିଚାଳନା କମିଟିର ଅଧ୍ୟକ୍ଷ ସରୋଜ କୁମାର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ କର୍ମଶାଳାରେ ପ୍ରଶିକ୍ଷିକା ଶିଖା ଶିଆଳ ସତନ୍ତ୍ର ଅତିଥିଭାବେ ଯୋଗଦେଇଥିଲେ। ଶେଷରେ ପ୍ରଶିକ୍ଷାର୍ଥୀମାନଙ୍କୁ ମାନପତ୍ର ବଣ୍ଟନ କରାଯାଇଥିଲା।

# ବାଣପୁରରୁ ଆରମ୍ଭ ହୋଇଥିଲା ପ୍ରଥମେ ପାଇକ ବିଦ୍ରୋହ

**ସ୍ମାରକୀ ନିର୍ମାଣ ମନ୍ଥରତା ନେଇ ଉଦ୍‌ବେଗ**



ସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଖୋର୍ଦ୍ଧା,୨୯।୩(ପ୍ରଭାତ ପାଣିଗ୍ରାହୀ)

ଇଂରେଜ ହାତରୁ ମାତୃଭୂମିର ସୁରକ୍ଷା ପାଇଁ ପାଇକ ବୀରମାନଙ୍କ ତ୍ୟାଗ, ବଳିଦାନ, ଶୌର୍ଯ୍ୟ ଅତୁଳନୀୟ। ପାଇକ ବିଦ୍ରୋହର ଆଦ୍ୟ ପର୍ବ ହେଉଛି ୧୮୧୭ମସିହା ମାର୍ଚ୍ଚ ୨୯ତାରିଖ। ଏହି ଦିବସରେ ବାଣପୁରରୁ ପ୍ରଥମେ ବିଦ୍ରୋହ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପିଥିଲା। ଏହି ସ୍ମୃତିକୁ ମନେପକାଇବା ପାଇଁ କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠାନର କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନ ସଭାପତି ଶିକ୍ଷାବିତ୍ ଭୀମସେନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ପ୍ରଫୁଲ୍ଲ କୁମାର ସାମନ୍ତରାୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଐତିହ୍ୟ ଗବେଷକ ସତ୍ୟବାଦୀ ବଳିୟାରସିଂହ କହିଥିଲେ, ବକ୍ସି ବିଦ୍ରୋହ ପୂର୍ବରୁ ଗଞ୍ଜାମ ଜିଲା ଶେରଗଡ଼ ରାଜା ଏବଂ ଘୁମୁସର ରାଜାଙ୍କୁ କନ୍ଧ ସୈନ୍ୟଙ୍କୁ ପଠାଇବା ପାଇଁ ଅନୁରୋଧ କରିଥିଲେ। ଘୁମୁସର ଅଞ୍ଚଳର ଚାରିଶହ କନ୍ଧ ସୈନ୍ୟଙ୍କୁ ସିନ୍ଧୁ ଆରୁକଙ୍କ ନେତୃତ୍ୱରେ ବାଣପୁର ବନ୍ୟ ଜଙ୍ଗଲ, ପାହାଡ ଦେଇ ଅରାଙ୍ଗଠାରେ ୨୮ତାରିଖରେ ପହଞ୍ଚିଥିଲେ। ପରଦିନ ୨୯ତାରିଖରେ ବକ୍ସି ଜଗବନ୍ଧୁ, ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ, ଭାଟପଡ଼ା ଦଳବେହେରା ଦୀନବନ୍ଧୁ ସାମନ୍ତରାୟ, ପଂଚୁପଲ୍ଲୀ ଦଳବେହେରା ଶ୍ରୀହରି ମାନସିଂହ, ଛତ୍ରଗଡ଼ ବିଶୋଇ ରଥି ସାମନ୍ତସିଂହାର, ଅରାଙ୍ଗ ଦଳବେହେରା ଶ୍ୟାମସୁନ୍ଦର ପାଟଶାଣୀ, କନ୍ଧ ସର୍ଦ୍ଦାର ବଜ୍ରାନନ୍ଦ ସିଂ ଓ ସେମାନଙ୍କ ପାଇକମାନେ ମିଶି ବାଣପୁରରେ ସରକାରୀ କୋଠାବାଡ଼ି ଭାଙ୍ଗି ଧ୍ୱଂସ କରିବା ସହ ଖଜଣାଖାନା ଲୁଟ କଲେ। ସେଠାରୁ ସେମାନେ ଖୋର୍ଦ୍ଧା ପାଞ୍ଚଗଡ଼ ଓ ଗଙ୍ଗପଡ଼ାଠାରେ ଯୁଦ୍ଧ ବିଭିଷୀକା ସୃଷ୍ଟି କରିଥିଲେ। ଏହି ଐତିହାସିକ ପାଇକ ବିଦ୍ରୋହର ପ୍ରଥମ ମୂଳଦୁଆ ବାଣପୁରରୁ ପଡ଼ିଥିଲା ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମଚଣ୍ଡୀ ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ, ଗତିକୃଷ୍ଣ ଉତ୍ତରକବାଟ, ଗୋବିନ୍ଦ ଚନ୍ଦ୍ର ମହାରଣା, ପ୍ରଫୁଲ୍ଲ କୁମାର ଦାସ, ବଂଶୀଧର ଦାସ, ବେଲେଶ୍ୱର ଯୁଝାରସିଂହ, ଲକ୍ଷ୍ମୀଧର ସାମନ୍ତରାୟ, ନିରାକାର ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ପାଇକ ସମରକଳା ଏକାଡ଼େମୀ ପ୍ରତିଷ୍ଠା, ପାଇକ ଗୁରୁମାନଙ୍କୁ ଭତ୍ତା ଏବଂ ପଞ୍ଜୀକୃତ ହୋଇଥିବା ପାଇକ ଆଖଡ଼ା ପରିଚାଳନା ପାଇଁ ଆର୍ଥିକ ଅନୁଦାନ ଦାବି କରିଥିଲେ। ବିରଞ୍ଚି ନାରାୟଣ ଚହଟରାୟ ଧନ୍ୟବାଦ ଦେଇଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଭୁଦତ୍ତ



@ ବିକାଶ



@ କିଶୋର



@ ରଶ୍ମି



@ ସୂର୍ଯ୍ୟମଣି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୩।୨୦୨୫

| | |
|---|---|
| ୬,୨୭,୮୬୪ ଟଙ୍କା | |
| ସୁନା | ୦୯୦ ମିଲି ଗ୍ରାମ୍ |
| ରୁପା | ୫୦ ଗ୍ରାମ୍ |

# ବଦଳିବ ଶ୍ରୀମନ୍ଦିର ଆଇନ

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

**ଅକ୍ଷୟତୃତୀୟା ବେଳକୁ ସରିପାରେ ରତ୍ନଭଣ୍ଡାର ମରାମତି**

- ନୂଆ ଏଫ୍‌ଏମ୍ ଓ ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ ହେବ
- ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିବ ଏଲ୍‌ଇଡି ଡିସ୍‌ପ୍ଲେ

ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ ହେବ। ଏଥିସହ ନୂଆ ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରାଯିବ। ଆସନ୍ତା ଅକ୍ଷୟତୃତୀୟା ବେଳକୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ସୂଚନାକେନ୍ଦ୍ର ହେବ ଓ ଏଲ୍‌ଇଡି ଡିସ୍‌ପ୍ଲେ ଲାଗିବ। ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ନୂଆ ୟୁନିଫର୍ମ ପଲିସି ଲାଗୁ ହେବ। ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପ୍ରସ୍ତୁତି ଚାଲିଛି। ଶନିବାର ସନ୍ଧ୍ୟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏସବୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ବିଭିନ୍ନ ନିଯୋଗର ସଦସ୍ୟ ଏବଂ ଶ୍ରୀମନ୍ଦିର ବୈଷୟିକ କମିଟିର ସଦସ୍ୟ ପ୍ରମୁଖ ଯୋଗଦେଇ ରଥଯାତ୍ରା ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢୀ ସୂଚନା ଦେଇ କହିଛନ୍ତି, ରଥଯାତ୍ରା, ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ ଆଦି ସମ୍ପର୍କରେ ଆଲୋଚନା କରାଯାଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)କୁ ଠିକ୍ ସମୟରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସାରିବାକୁ କୁହାଯାଇଛି। ବାହାର ଓ ଭିତର ରତ୍ନଭଣ୍ଡାର ମଝିରେ ୫ଟି ବିମ୍ ଲାଗିଥିଲା, ତାହା କଳଙ୍କ ଲାଗି ଖରାପ ହୋଇଯାଇଛି। ସେ ସମସ୍ତ ୫ଟି ଲୁହାବିମ୍ କଢ଼ାଯାଇ ଷ୍ଟେନଲେସ୍ ଷ୍ଟିଲ୍ ବିମ୍ ଖଞ୍ଜାଯାଇଛି। ଦୁର୍ବଳ ପଥରଗୁଡ଼ିକୁ ମଧ୍ୟ ବଦଳାଯାଉଛି ଓ କେମିକାଲ ୱାଶିଂ ଚାଲିଛି। କାର୍ଯ୍ୟ ଠିକ୍ ଭାବେ ଚାଲିଛି। ବାହାର ରତ୍ନଭଣ୍ଡାରକୁ ଡିପ୍ଲାଷ୍ଟରିଂ ପରେ ଲାଗିଥିବା ପୁରୁଣା ପଥର ଖରାପ ବାହାରୁଥିବା ଦେଖିବାକୁ ମିଳୁଛି। ତେଣୁ ସେଗୁଡ଼ିକୁ ବୈଜ୍ଞାନିକ ପଦ୍ଧତିରେ ପରିବର୍ତ୍ତନ କରାଯାଉଛି। ରତ୍ନଭଣ୍ଡାର ମରାମତିକୁ ଦୀର୍ଘସ୍ଥାୟୀ କରାଯିବ। ବାହାର ଓ ଭିତର ରତ୍ନଭଣ୍ଡାର ମରାମତି ଶେଷ ହେବା ପରେ ଚଟାଣ ମରାମତି ହେବ। ଯାହା କାର୍ଯ୍ୟ ହୋଇଛି ତାହାର ଷ୍ଟାଟସ୍ ରିପୋର୍ଟ ଏଏସ୍‌ଆଇ ପକ୍ଷରୁ ପ୍ରଦାନ କରାଯାଇଛି। ଆସନ୍ତା ଅକ୍ଷୟତୃତୀୟା ବେଳକୁ ମରାମତି ଓ ସଂରକ୍ଷଣ କାର୍ଯ୍ୟ ଶେଷ ହୋଇପାରେ ବୋଲି ଆଶା କରାଯାଉଛି। ରତ୍ନଭଣ୍ଡାର କାର୍ଯ୍ୟ ନେଇ ଏଏସ୍‌ଆଇକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ଣ୍ଣ ସହଯୋଗ କରାଯାଉଛି। ସେହିପରି ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ିବା ଓ ଭିତରେ ମୋବାଇଲ ଫୋନ ନେଇ ଫଟୋ ଭାଇରାଲ କରାଯାଉଥିବା ଅନେକ ସମୟରେ ଦେଖିବାକୁ ମିଳିଛି। ନିୟମ ଭଙ୍ଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଶ୍ରୀଜଗନ୍ନାଥ ଟେମ୍ପଲ୍ ଆକ୍ଟ ଅନୁଯାୟୀ ବର୍ତ୍ତମାନର ଦଣ୍ଡବିଧାନ ପର୍ଯ୍ୟାପ୍ତ ନୁହେଁ, ତେଣୁ ଜିଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯାଇଛି। ଶ୍ରୀମନ୍ଦିର ଆକ୍ଟରେ ସଂଶୋଧନ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ପ୍ରସ୍ତାବ ପାରିତ ହେଲା ପରେ ଟେମ୍ପଲ ଆକ୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପଣାସଂକ୍ରାନ୍ତିରେ ଓଡ଼ିଆ ନବବର୍ଷର କ୍ୟାଲେଣ୍ଡର ଶ୍ରୀମନ୍ଦିର ପ୍ରଶାସନ ପ୍ରସ୍ତୁତ କରୁଛି। ପ୍ରଥମେ ମହାପ୍ରଭୁଙ୍କ ପାଖରେ ତାହା ଲାଗିହେବ। ପଣାସଂକ୍ରାନ୍ତି କିମ୍ବା ଅକ୍ଷୟ ତୃତୀୟାଠାରୁ ଶ୍ରୀମନ୍ଦିରର ନୂଆ ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ପୂର୍ବରୁ ଆଲୋଚନା ହୋଇଥିବା ଏଫ୍‌ଏମ୍ ଚ୍ୟାନେଲ ମଧ୍ୟ ଲୋକାର୍ପଣ ହେବ। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ପ୍ରସ୍ତୁତ ହୋଇଛି। ପରିଚାଳନା କମିଟି ଗଠନ ହୋଇ ନ ଥିବାରୁ ପ୍ରାଥମିକ ଭାବେ ବଜେଟ୍ ପ୍ରସ୍ତୁତ କରାଯାଉଛି। ପରବର୍ତ୍ତୀ ସମୟରେ ପରିଚାଳନା କମିଟିରେ ତାହା ଅନୁମୋଦନ କରାଯିବ। ସେହିପରି ଜୈବିକ ପଦ୍ଧତିରେ ପ୍ରସ୍ତୁତ ଚାଉଳରେ କୋଠଭୋଗରେ ଅମୃତ ଅନ୍ନ ବ୍ୟବହାର ହେବ। ଏନେଇ ସୁଆର ମହାସୁଆର ନିଯୋଗ ପକ୍ଷରୁ ସହଯୋଗ କରାଯାଉଥିବାବେଳେ କୃଷି ବିଭାଗ ତରଫରୁ ଏକ ପ୍ରକଳ୍ପ ହାତକୁ ନିଆଯାଉଛି। ଶ୍ରୀମନ୍ଦିର ପରି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ସୂଚନାକେନ୍ଦ୍ର ହେବ ଏବଂ ଏଲ୍‌ଇଡି ଡିସ୍‌ପ୍ଲେ ମାଧ୍ୟମରେ ଗୁଣ୍ଡିଚା ମନ୍ଦିର ସମ୍ପର୍କିତ ତଥ୍ୟ ଭକ୍ତମାନେ ଜାଣିପାରିବେ। ଅପରପକ୍ଷରେ ପୂର୍ବ ପରିଚାଳନା କମିଟିରେ ୟୁନିଫର୍ମ ପଲିସି ପାସ୍ ହୋଇଛି। ରାଜ୍ୟ ସରକାରଙ୍କ ଅନୁମୋଦନ ହେବା ପରେ ନୂଆ ୟୁନିଫର୍ମ ପଲିସି ଲାଗୁ ହେବ। ଯେଉଁମାନେ ବେଆଇନ ଭାବେ ମହାପ୍ରଭୁଙ୍କ ଜମିକୁ ହଡ଼ପ କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନାଟମଣ୍ଡପରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଛି। ଏକ୍ସପର୍ଟମାନେ ଡାଏଗ୍ରାମ୍ ଦେଖାଇଛନ୍ତି। ଶୀତତାପ ନିୟନ୍ତ୍ରିତ ସମୟରେ ନୀତିକାନ୍ତି ଉପରେ ଯେପରି କୌଣସି ପ୍ରଭାବ ପଡ଼ିବନାହିଁ ସେଥିପ୍ରତି ଦୃଷ୍ଟି ଦିଆଯାଇଛି ବୋଲି ପାଢ଼ୀ କହିଛନ୍ତି।

## ସଂକ୍ଷେପରେ

### ଶ୍ରୀମନ୍ଦିରକୁ ମୋବାଇଲ୍ ନେଇ ହଟହଟା ହେଲେ ଭକ୍ତ

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଭିତରକୁ ମୋବାଇଲ୍, କ୍ୟାମେରା ଆଦି ବାରଣ ରହିଛି। ତେବେ ଅନେକ ସମୟରେ ଦେଖିବାକୁ ମିଳୁଛି ଶ୍ରୀମନ୍ଦିରକୁ ମୋବାଇଲ ଫୋନ ଯାଉଛି ଏବଂ ଶ୍ରୀମନ୍ଦିର ଭିତର ଫଟୋ ଓ ଭିଡିଓ ଭାଇରାଲ୍ ହେଉଛି। ତେବେ ଶନିବାର ମଧ୍ୟ ଏପରି ଏକ ଘଟଣା ସାମ୍ନାକୁ ଆସିଛି। ଜଣେ ଭକ୍ତ ସାଥିରେ ମୋବାଇଲ୍ ନେଇ ଶ୍ରୀମନ୍ଦିରକୁ ଯାଇଥିବା ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ, ଜଣେ ଭକ୍ତ ପ୍ରୋଟକଲ ଅଫିସର୍‌ଙ୍କ ସହ ଶ୍ରୀମନ୍ଦିରକୁ ଯାଇଥିଲେ। ତେବେ ସେ ତାଙ୍କ ସାଙ୍ଗରେ ମୋବାଇଲ୍ ନେଇ ଯାଇଥିଲେ। ତାଙ୍କ ମୋବାଇଲ୍‌ରେ ଶ୍ରୀମନ୍ଦିର ଫଟୋ ମଧ୍ୟ ଉତ୍ତୋଳନ କରିଥିଲେ। ତାଙ୍କ ଉପରେ ସନ୍ଦେହ ହେବାରୁ ତାଙ୍କ ଫୋନ୍ ଚେକ କରାଯାଇ ସେଥିରେ ଉତ୍ତୋଳନ କରାଯାଇଥିବା ଫଟୋ ଡିଲିଟ୍ କରାଯିବା ସହ ତାଙ୍କଠାରୁ ଫାଇନ୍ ଆଦାୟ କରାଯାଇଥିବା ସୂଚନା ମିଳିଛି। ଏପରି ଘଟଣାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଥିଲା। ପ୍ରୋଟକଲରେ ଯାଉଥିବା ବ୍ୟକ୍ତିମାନଙ୍କୁ ଚେକିଂ କରାଯାଉ ନାହିଁ। ତେଣୁ ସେମାନେ ସାଥିରେ ମୋବାଇଲ୍ ନେଇ ପ୍ରବେଶ କରୁଛନ୍ତି। ଏନେଇ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ଦାବି ହେଉଛି।

### ୩୧ରୁ ୪ ଦିନ ରତ୍ନଭଣ୍ଡାର ମରାମତି ବନ୍ଦ ରହିବ

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ୩୧ ତାରିଖରେ ମହାପ୍ରଭୁଙ୍କ ଖସାପଡ଼ାଲାଗି ନୀତି ଅନୁଷ୍ଠିତ ହେବ। ଏହି ନୀତି ଏକ ଗୁପ୍ତନୀତି। ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥାଏ। ୩୧ରେ ଖସାପଡ଼ା ନୀତି ଏବଂ ଏପ୍ରିଲ ୨ରେ ବନକଲାଗି ନୀତି ସମ୍ପାଦନ ହେବ। ତେଣୁ ୨ଟି ଯାକ ନୀତି ଗୁପ୍ତ ନୀତି ହୋଇଥିବାରୁ ନୀତି ଦୃଷ୍ଟିରୁ ଆସନ୍ତା ୩୧ରୁ ୩ତାରିଖ ୪ଦିନ ପାଇଁ ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଶ୍ରୀମନ୍ଦିର ପ୍ରଶାସନ ଏବଂ ଛତିଶା ନିଯୋଗର ନିଷ୍ପତ୍ତି ଅନୁଯାୟୀ ପ୍ରତିଦିନ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ପରେ ଏଏସ୍‌ଆଇ ପକ୍ଷରୁ ରତ୍ନଭଣ୍ଡାର ମରାମତି ଏବଂ ସଂରକ୍ଷଣ କାର୍ଯ୍ୟ କରାଯାଉଛି। ସେହିପରି ମହାପ୍ରଭୁଙ୍କ ବିଶେଷ ନୀତି, ପର୍ବପର୍ବାଣୀ ଏବଂ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଉକ୍ତ ଦିନ କାର୍ଯ୍ୟ ବନ୍ଦ କରାଯିବା ନେଇ ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ହୋଇଥିଲା।




ପୁରୀ ବେଳାଭୂମିରେ ବାଲୁକା କଳା ମାଧ୍ୟମରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ରାଷ୍ଟ୍ରୀୟ ନବବର୍ଷର ଶୁଭେଚ୍ଛା ଜଣାଉଛନ୍ତି।

## ୪୫୪୧୬ ଚାଷୀଙ୍କୁ ମିଳିଲାଣି ଇନ୍‌ପୁଟ୍ ସବ୍‌ସିଡି

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ୪୫,୪୧୬ ଜଣ ଚାଷୀଙ୍କୁ ୧୪,୩୫,୨୯, ୮୧୬୦ ଟଙ୍କାର ଇନ୍‌ପୁଟ ସବ୍‌ସିଡି ମିଳିଲାଣି। ଧାନ କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ହିସାବରେ ଚାଷୀ ବିକ୍ରି କରୁଥିବା ବେଳେ କୁଇଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କାର ଏହି ଅର୍ଥ ଇନ୍‌ପୁଟ ସବ୍‌ସିଡି ଭାବେ କୃଷକମାନେ ପାଇଲେଣି ବୋଲି ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତା ଶନିବାର ସୂଚନା ଦେଇଛନ୍ତି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ବ୍ଲକ ଦାୟିତ୍ୱରେ ରହି ଧାନ ସଂଗ୍ରହକୁ ଶୃଙ୍ଖଳିତ ପରିଚାଳନା ପାଇଁ ତଦାରଖ କରୁଛନ୍ତି। ଚଳିତ ଖରିଫ ଋତୁରେ ପଞ୍ଜୀକୃତ ୪୮୯୬୪ କୃଷକଙ୍କଠାରୁ ୨୦,୪୨,୬୦୦ କୁଇଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ରହିଛି। ପ୍ରଥମ ପର୍ଯ୍ୟାୟରେ ୧୧,୬୮,୬୦୦ କୁଇଣ୍ଟାଲ ଓ ଦ୍ୱିତୀୟ ପର୍ଯ୍ୟାୟରେ ୮,୭୪,୦୦୦ କୁଇଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ରହିଛି। ଚଳିତ ମାସ ୨୮ ତାରିଖ ସୁଦ୍ଧା ଖୋଲାଯାଇଥିବା ସମସ୍ତ ୧୮୭ଟି ମଣ୍ଡିରେ ୪୬୯୫୧ କୃଷକଙ୍କଠାରୁ ୧୮,୫୨,୭୪୧ କୁଇଣ୍ଟାଲ ୮୨ କିଗ୍ରା ଧାନ ସଂଗ୍ରହ ହୋଇଛି। ମୋଟ ୨୪ ଜଣ ମିଲର ଏହି ଧାନ ସଂଗ୍ରହରେ ସାମିଲ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୪୬୯୫୧ ଚାଷୀ ଧାନ ବିକ୍ରୟ କରିଥିବାବେଳେ ୨୦୧୩ ଜଣ ଧାନ ବିକ୍ରୟ ପାଇଁ ରହିଛନ୍ତି। ୪୫୮୩୦ ଜଣ କୃଷକଙ୍କୁ ୪୧,୬୨,୭୧,୦୯୩୬ ଟଙ୍କା ବ୍ୟାଙ୍କ ପକ୍ଷରୁ ପ୍ରେରଣ କରାଯାଇଥିବାବେଳେ ୪୫୪୧୬ କୃଷକ ୪୧,୨୬,୪୮,୨୨୧୦ ଟଙ୍କା ପାଇଛନ୍ତି। ପର୍ଯ୍ୟାୟକ୍ରମେ ପ୍ରତ୍ୟେକ କୃଷକ ସେମାନଙ୍କ ପ୍ରାପ୍ୟ ପାଇବେ ବୋଲି ଜିଲା ଯୋଗାଣ ଅଧିକାରୀ ହୋତା ସୂଚନା ଦେଇଛନ୍ତି।

## 'ମଙ୍ଗଳା ନଦୀକୁ ନର୍ଦ୍ଦମା ଓ ସ୍ୱେରେଜ ପାଣି ଛଡ଼ା ନ ଯାଉ'

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

**ୱାଟ୍‌କୋ ଅଧିକାରୀଙ୍କୁ ଭେଟିଲା ମଙ୍ଗଳା ନଦୀ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି**

ମଙ୍ଗଳା ନଦୀ ପୁନରୁଦ୍ଧାର ପାଇଁ ପ୍ରୟାସ ଜୋରଦାର ହୋଇଛି। ମଙ୍ଗଳା ନଦୀ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଶନିବାର ୱାଟ୍‌କୋ ଅଧିକାରୀଙ୍କୁ ଭେଟି ଏ ନେଇ ସ୍ମାରକପତ୍ର ଦେବା ସହ ଆଲୋଚନା କରିଛନ୍ତି। ମଙ୍ଗଳା ନଦୀକୁ ସହରର ନର୍ଦ୍ଦମା ପାଣି ଓ ସ୍ୱେରେଜରୁ ନିର୍ଗତ ଜଳ ଛାଡ଼ିବା ବନ୍ଦ କରାଯିବାକୁ କମିଟି ପକ୍ଷରୁ ଦାବି କରାଯାଇଛି। ଏହି ଅବସରରେ ବରିଷ୍ଠ ସଦସ୍ୟ ସୂର୍ଯ୍ୟ ନାରାୟଣ ରଥ, ଲୋକନାଥ ସାହୁ, ବିଶ୍ୱମ୍ଭର ସାମନ୍ତରାୟ, ସୁଧାଂଶୁ ଜେନା, ଦୀପକ କୁମାର ସ୍ୱାଇଁ, ଶିବପ୍ରସାଦ ଜେନା ଓ ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

କମିଟି ପକ୍ଷରୁ ଦର୍ଶାଯାଇଛି ଯେ, ଗତ ଜୁଲାଇ ୧ରେ ଲୋକେ ପୁରୀ ଜିଲାପାଳଙ୍କୁ ମଙ୍ଗଳା ନଦୀର ପୁନରୁଦ୍ଧାର ପାଇଁ ୭ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଥିଲା। ସେହିଦିନ ପୁରୀ ସର୍କିଟ ହାଉସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସ୍ମାରକପତ୍ରର ନକଲ ମଧ୍ୟ ପ୍ରଦାନ କରାଯାଇଥିଲା। ଜୁଲାଇ ୧୬ରେ ଉପମୁଖ୍ୟମନ୍ତ୍ରୀ ନଦୀ ପରିଦର୍ଶନ କରିଥିଲେ। ପରେ ଜଳସେଚନ ବିଭାଗ, ଡ୍ରେନେଜ ବିଭାଗ, ପୁରୀ ୱାଟ୍‌କୋ ଓ ଜନସ୍ୱାସ୍ଥ୍ୟ ବିଭାଗକୁ ନେଇ ମଙ୍ଗଳା ନଦୀ ବୈଷୟିକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ନଦୀ ପରିଦର୍ଶନରେ ତିନିଥର ଆସି ହାତକୁ ନେଇଥିବା ପଦକ୍ଷେପ ସମ୍ପର୍କରେ ଗ୍ରାମବାସୀ ଜାଣିବାକୁ ପାଇବା ପରେ ଅସନ୍ତୋଷ ଦେଖାଦେଇଛି। ଖଡ଼ିପଦା ଗ୍ରାମର ଜଣେ ବ୍ୟକ୍ତି ମଙ୍ଗଳା ନଦୀ ସୁରକ୍ଷା କ୍ରିୟାନୁଷ୍ଠାନ କମିଟିକୁ ନ ଜଣାଇ ବୈଷୟିକ କମିଟିକୁ ସହଯୋଗ କରିଛନ୍ତି। ତାଙ୍କୁ ପଚାରିବାରୁ ସବୁ କଥା ଗୁପ୍ତ ରଖିବାକୁ ତାଙ୍କୁ ପରାମର୍ଶ ଦିଆଯାଇଥିବା କହୁଛନ୍ତି। ଏହାପରେ କମିଟିର ସଦସ୍ୟମାନେ ୱାଟକୋ ଅଫିସ ଯାଇ ଅଧିକାରୀଙ୍କୁ ଭେଟିଥିଲେ। ତେବେ କାର୍ଯ୍ୟରେ ଗୁପ୍ତ ନ ଥିବା ସୂଚନା ଦିଆଯାଇଛି।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଭୁଦତ୍ତ



@ ବିକାଶ



@ କିଶୋର



@ ରଶ୍ମି



@ ସୂର୍ଯ୍ୟମଣି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ମହାପ୍ରଭୁଙ୍କୁ ଦର୍ଶନକଲେ ମୁଖ୍ୟ ବିଚାରପତି

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ନେବା ପରେ ହରିଶ ଟଣ୍ଡନ ସପରିବାର ଶନିବାର ସନ୍ଧ୍ୟାରେ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସିଂହଦ୍ୱାରଠାରେ ମୁଖ୍ୟ ବିଚାରପତିଙ୍କୁ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତମାନଙ୍କ ପକ୍ଷରୁ ସ୍ୱାଗତ କରାଯିବା ସହ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଓ ପତିତପାବନ ବାନା ପ୍ରଦାନ କରାଯାଇଥିଲା। ସେ ପରିବାର ସହ ଚତୁର୍ଦ୍ଧାମୂର୍ତ୍ତି ଓ ଭିତରବେଢ଼ାସ୍ଥିତ ପାର୍ଶ୍ୱଦେବୀଦେବଙ୍କୁ ଦର୍ଶନ କରିଥିଲେ। ସେହିପରି ଓଡ଼ିଶା ଗସ୍ତରେ ଆସିଥିବା ଦିଲ୍ଲୀର ନୂତନ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଶନିବାର ପୂର୍ବାହ୍ନରେ ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଏବଂ ସେବାୟତମାନଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯିବା ସହ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଓ ପତିତପାବନ ବାନା ପ୍ରଦାନ କରାଯାଇଥିଲା। ପରେ ଗୁପ୍ତା କହିଛନ୍ତି, ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ପ୍ରଥମଥର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛି। ମହାପ୍ରଭୁଙ୍କ ନିକଟରେ ବିକଶିତ ଦିଲ୍ଲୀ ପାଇଁ କାମନା କରିଛି ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ପୁରୀ ଏମ୍‌ପି ସମ୍ବିତ ପାତ୍ର ଉପସ୍ଥିତ ଥିଲେ।



ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ସପରିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ଫେରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ପଦ୍ମଶ୍ରୀ ଗୁରୁ ଶ୍ୟାମାମଣିଙ୍କୁ ଗୁରୁକୁଳ ସମ୍ମାନ

**ଗୁରୁକୁଳ ଉତ୍ସବ ଉଦ୍‌ଘାଟିତ**

ସାକ୍ଷୀଗୋପାଳ,୨୯।୩
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ବୀରଗୋବିନ୍ଦପୁର ବଡ଼ହାଟ ଗ୍ରାମରେ ରାମହରି ଦାସ ଓଡ଼ିଶୀ ଗୁରୁକୁଳ ପକ୍ଷରୁ ୩ ଦିନ ବ୍ୟାପୀ ପାରମ୍ପରିକ ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତ ସମାରୋହ ଗୁରୁକୁଳ ଉତ୍ସବ-୨୦୨୪ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଗୁରୁକୁଳର ସ୍ଥାୟୀ ସାଂସ୍କୃତିକ ମଞ୍ଚକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଉପଆରକ୍ଷୀ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ଓଡ଼ିଶା ସାହିତ୍ୟ ଏବଂ ସଙ୍ଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୁରୁ ଡ. ବିଜୟ କୁମାର ଜେନା ଉଦ୍‌ଘାଟନ ଉତ୍ସବର ଅତିଥିଭାବେ ଯୋଗଦେଇ ଓଡ଼ିଶାର କଳା, ସଂସ୍କୃତିର ସୁଦୂର ପ୍ରସାରୀ କ୍ଷେତ୍ରରେ ଗୁରୁଶିଷ୍ୟ ପରମ୍ପରା ଓ ଉଚ୍ଚକୋଟୀର ସାଧନା ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି କହିଥିଲେ।



ପଦ୍ମଶ୍ରୀ ଗୁରୁ ଶ୍ୟାମାମଣି ଦେବୀଙ୍କୁ ଗୁରୁକୁଳ ସମ୍ମାନ ପ୍ରଦାନ କରାଯାଉଛି ।

ଏହି ଅବସରରେ ଓଡ଼ିଶୀ ଗାୟିକା ପଦ୍ମଶ୍ରୀ ଗୁରୁ ଡ. ଶ୍ୟାମାମଣି ଦେବୀଙ୍କୁ 'ଗୁରୁକୁଳ ସମ୍ମାନ-୨୦୨୫'ରେ ସମ୍ମାନିତ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ୨୫ ହଜାର ଟଙ୍କାର ବ୍ୟାଙ୍କ ଚେକ୍ ପ୍ରଦାନ କରାଯାଇଥିଲା। ଗୁରୁକୁଳ ବିଦ୍ୟାର୍ଥୀମାନଙ୍କ ସଙ୍ଗୀତ ପରିବେଷଣ, ଗୁରୁ ସଚ୍ଚିଦାନନ୍ଦ ଦାସ ଏବଂ ସାଥୀ ଓଡ଼ିଶୀ ସଙ୍ଗୀତ ଗାୟନ, ଗୁରୁ ଅଶୋକ କୁମାର ଘୋଷାଲ, ନୃତ୍ୟଶାଳା, ଭୁବନେଶ୍ୱରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ନାଟିକା ଶକୁନି ଏବଂ ଗୁରୁ ସତ୍ୟବାନ ସାହୁ, ମା'ବୀଣାକେଶ୍ୱରୀ ନୃତ୍ୟ ମଞ୍ଜରୀ, ପିପିଲିଙ୍କ ଦ୍ୱାରା ଲୋକ ନୃତ୍ୟ କେଳା କେଳୁଣୀ ଓ ଢଗ ଢମାଳି ପରିବେଷଣ କରାଯାଇଥିଲା। ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ମନଲୋଭା ହୋଇଥିଲା। ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ଗୁରୁକୁଳର ପ୍ରତିଷ୍ଠାତା ଗୁରୁ ରାମହରି ଦାସ, ସଚିବ ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ଗୁରୁ ନିରଞ୍ଜନ ରାଉତଙ୍କ ନିର୍ଦ୍ଦେଶନାରେ ଗୁରୁକୁଳର ସମ୍ପାଦକ ଗୁରୁ ହିମାଂଶୁ ଶେଖର ସ୍ୱାଇଁ ଏବଂ ଗୁରୁକୁଳର ପ୍ରତ୍ୟେକ ସଦସ୍ୟ ସୁଚାରୁରୂପେ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଆହତ କଂଗ୍ରେସ କର୍ମୀଙ୍କୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ

କଟକ,୨୯।୩(ଶିଳ୍ପା ପ୍ରିୟଦର୍ଶିନୀ): ରାଜ୍ୟରେ ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ଦାବି ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ଗୁରୁବାର ବିଧାନସଭା ଘେରାଉ ଉଦ୍ୟମବେଳେ ପୋଲିସ ଓ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଥିଲେ। ପରେ ପୋଲିସ ଲାଠିଚାର୍ଜ କରିବାରୁ କଟକ ସଦର ନିର୍ବାଚନମଣ୍ଡଳି ଆୟତପୁର ପଞ୍ଚାୟତର କଂଗ୍ରେସ କର୍ମୀ ନିରଞ୍ଜନ ଶୁକ୍ଳ ଆହତ ହୋଇଥିଲେ। କଂଗ୍ରେସର ପ୍ରତିନିଧି ଦଳ ଆୟତପୁରସ୍ଥିତ ତାଙ୍କ ବାସଭବନରେ ନିରଞ୍ଜନଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ଶିଶିର ରଥ, ରାଜେଶ ସ୍ୱାଇଁ, ମନୋଜ ବିଶ୍ୱାଳ, କଟକ ନଗର(ଜିଲା)କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ସଦର ବ୍ଲକ କଂଗ୍ରେସର ଉପସଭାପତି ସୀତାକାନ୍ତ ପଣ୍ଡା, ଶରତ କୁମାର ଦାସ, ପ୍ରଦୀପ ସାହୁ, ମନୋରଞ୍ଜନ ଦାସ, ନରେନ୍ଦ୍ରନାଥ ମଲ୍ଲିକ ଉପସ୍ଥିତ ଥିଲେ।

# ଜଣେ ଡାଏଟିସିଆନ୍‌ରେ ଚାଲିଛି ରୋଗୀସେବା

**ଏସ୍‌ସିବି ମେଡିକାଲ**

■ ହୋଇପାରୁନି ନିଯୁକ୍ତି

କଟକ,୨୯।୩(ଶିଳ୍ପା ପ୍ରିୟଦର୍ଶିନୀ):




ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ଅନେକ ପଦକ୍ଷେପ ନେଉଛନ୍ତି। ହେଲେ କେତେକ କ୍ଷେତ୍ରରେ ରୋଗୀଙ୍କୁ ଉପଯୁକ୍ତ ସେବା ମିଳିପାରୁ ନାହିଁ। ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ଏସ୍‌ସିବି ମେଡିକାଲରେ। ଏଠାରେ ରୋଗୀଙ୍କ ଖାଦ୍ୟ ତାଲିକା ପାଇଁ ଜଣେ ଆହାର ବିଶେଷଜ୍ଞ ବା ଡାଏଟିସିଆନ ରହିଛନ୍ତି। ପ୍ରାୟ ୨୯ ବର୍ଷ ହେବ ଜଣେ ଡାଏଟିସିଆନ ଏହି କାମ କରୁଥିବାବେଳେ ତାଙ୍କୁ ସହଯୋଗ କରିବା ପାଇଁ ଜଣେ କଲ୍ ଅପରେଟର (ସିଓ) ଅଛନ୍ତି। ଅଧିକ ସଂଖ୍ୟକ ଆହାର ବିଶେଷଜ୍ଞ ନିଯୁକ୍ତି ପାଇଁ ଡାଏଟ୍ ମ୍ୟାନେଜମେଣ୍ଟ କମିଟି ଏସ୍‌ସିବି ମେଡିକାଲକୁ ପୂର୍ବରୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ସେଦିଗରେ ପଦକ୍ଷେପ ନିଆଯାଇ ନାହିଁ। ବିଶ୍ୱସ୍ତରୀୟ ହେବାକୁ ଥିବା ଏସ୍‌ସିବି ମେଡିକାଲରେ ରୋଗୀ ସଂଖ୍ୟା ଅନୁଯାୟୀ ଡାଏଟିସିଆନ ନ ଥିବାରୁ ରୋଗୀ ସେବା ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲରେ ପ୍ରାୟ ୨୧୦୦ ଶଯ୍ୟା ରହିଛି। ମେଡିକାଲରେ ରୋଗୀଙ୍କୁ କେଉଁ ବାରରେ କେଉଁ ଖାଦ୍ୟ ଦିଆଯିବ, ତାହାର ଏକ ତାଲିକା ପ୍ରସ୍ତୁତ କରାଯାଇଥାଏ। ରୋଗୀଙ୍କୁ ସୁଷମ ଖାଦ୍ୟ ଯୋଗାଇ ଦେବାକୁ ମେଡିକାଲରେ ଆହାର ବିଶେଷଜ୍ଞ ଥାଆନ୍ତି। ହେଲେ ଏସ୍‌ସିବି ମେଡିକାଲରେ ଜଣେ ଡାଏଟିସିଆନରେ କାମ କରାଯାଉଛି। କେନ୍ଦ୍ର ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ମେଡିକାଲ ପାଇଁ ଏକ ନିର୍ଦ୍ଦେଶନାମା ରହିଛି। ୧୦୦ରୁ ୭୫୦ କିମ୍ବା ତା'ଠାରୁ ଅଧିକ ଶଯ୍ୟା ବିଶିଷ୍ଟ ମେଡିକାଲ ପାଇଁ ବିଭିନ୍ନ ନିୟମ ରହିଛି। ୭୫୦ରୁ ଅଧିକ ଶଯ୍ୟା ବିଶିଷ୍ଟ ମେଡିକାଲରେ ରୋଗୀ ଖାଦ୍ୟ କଥା ବୁଝିବା ନିମନ୍ତେ ଜଣେ ମୁଖ୍ୟ ଡାଏଟିସିଆନ, ଜଣେ ସିନିୟର ଡାଏଟିସିଆନ, ଜଣେ ଡାଏଟିସିଆନ, ୬ ଜଣ ଆସିଷ୍ଟାଣ୍ଟ ଡାଏଟିସିଆନ, ୨ଜଣ ସୁପରଭାଇଜର, ଜଣେ ଷ୍ଟୋର୍‌କିପର ଓ ଜଣେ ଆସିଷ୍ଟାଣ୍ଟ ଷ୍ଟୋର୍‌କିପରି ରହିବା ଆବଶ୍ୟକ। କିନ୍ତୁ ଏସ୍‌ସିବିରେ ଜଣେ ଡାଏଟିସିଆନ ଦୁଇ ହଜାରରୁ ଅଧିକ ଲୋକଙ୍କ ଖାଦ୍ୟ କଥା ବୁଝୁଛନ୍ତି। ୨୦୧୪ରେ ପ୍ରଫେସର ଡା. ଶ୍ୟାମା କାନୁନ୍‌ଗୋ ଅଧୀକ୍ଷକ ଥିବାବେଳେ ଏସମ୍ପର୍କରେ ଡିଏମ୍‌ଇଟିଙ୍କୁ ଚିଠି ଲେଖାଯାଇଥିଲା। କିନ୍ତୁ ଏଦିଗରେ ପଦକ୍ଷେପ ନିଆଯାଇ ନ ଥିଲା। ପରବର୍ତ୍ତୀ ସମୟରେ ଅଧିକ ସଂଖ୍ୟକ ଡାଏଟିସିଆନ ନିଯୁକ୍ତି ଦେବାକୁ ଡାଏଟ୍ ମ୍ୟାନେଜମେଣ୍ଟ କମିଟି ପ୍ରସ୍ତାବ ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପଦକ୍ଷେପ ନିଆଯାଇପାରି ନାହିଁ। ଏସମ୍ପର୍କରେ ଏସ୍‌ସିବି କୁଳସଚିବ ସୁବାସ ରାୟଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଚୌଦ୍ୱାରରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍

**ସ୍ଥିତି ଅନୁଧ୍ୟାନ କଲେ ଏମ୍‌ପି**

ଚୌଦ୍ୱାର,୨୯।୩(ଆଶୁତୋଷ ଦାସ): ଚୌଦ୍ୱାର ସହରର ମୁଖ୍ୟ ବ୍ୟବସାୟିକ ସ୍ଥଳ କଳିଙ୍ଗ ଛକରେ ଏକ ଗଳାପୋଲ ନିର୍ମାଣ ହେବା ସମ୍ଭାବନା ଦେଖିବାକୁ ମିଳିଛି। ଏଥିପାଇଁ କଳିଙ୍ଗ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ପୂର୍ବରୁ ଦାବି ହୋଇଆସୁଥିଲା। ଏନେଇ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଭାଜପା ନେତା ନୟନ କିଶୋର ମହାନ୍ତି, ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ଏନ୍‌ଏଚ୍‌ଆଇର ପିଡି ବି.କେ.ଚୌଧୁରୀ, ରିଜିଓନାଲ ଅଫିସର ବୀରେନ୍ଦ୍ର ସିଂ ପ୍ରମୁଖ ଶନିବାର କ୍ଷେତ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ଏଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ଜଣାପଡିଛି।

ସୂଚନାଯୋଗ୍ୟ, କଳିଙ୍ଗ ଛକ ଉପରେ ଇଏସ୍‌ଆଇ ମେଡିକାଲ, ଚୌଦ୍ୱାର ସର୍କଲ ଜେଲ, ଇମ୍ଫା କାରଖାନା, ଏଆର୍‌ସି ସହିତ ୬ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରନ୍ତି। ଅପରପକ୍ଷରେ ଜାତୀୟ ରାଜପଥର ଭୁଲ୍ ସର୍ବେକ୍ଷଣ ଯୋଗୁ ଗଳାପୋଲ ଠିକ୍ ଜାଗାରେ ନ ହୋଇପାରିବାରୁ ବ୍ୟବସାୟୀ ଓ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଫଳରେ କଳିଙ୍ଗ ଛକରେ ଅନ୍ୟ ଏକ ଗଳାପୋଲ ନିର୍ମାଣ ପାଇଁ ଦାବି ହୋଇଆସୁଥିଲା। ଅପରପକ୍ଷରେ ଚୌଦ୍ୱାର କଲେଜ ଅଧ୍ୟକ୍ଷା ରଶ୍ମି ରାଉତରାୟ ଏମ୍‌ପି ମହତାବଙ୍କୁ ଭେଟି କଲେଜ ସମ୍ମୁଖରେ ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ଅନୁରୋଧ କରିଥିଲେ । ମହତାବ କ୍ଷେତ୍ର ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ପାଇଁ କଲେଜ ସମ୍ମୁଖରେ ଫୁଟ୍ ଓଭରବ୍ରିଜ୍ ନିତାନ୍ତ ଆବଶ୍ୟକତା ଥିବା ଅନୁଭବ କରିଥିଲେ। ଏଥିପାଇଁ ଜାଗା ନିରୂପଣ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଳିଙ୍ଗ ବଜାର ସଭାପତି ପ୍ରଶାନ୍ତ କୁମାର ସାହୁ, ରମେଶ ନାୟକ, ମାନସ କୁମାର ସାହୁ, ବିମଳ କୁମାର ବେଉରା, ସ୍ମୃତିରଞ୍ଜନ ମହାପାତ୍ର, ସଞ୍ଜୟ ରାୟ, ପ୍ରଭାକର ସ୍ୱାଇଁ, ସୁରେନ ବେହେରାଙ୍କ ସମେତ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।


ଏମ୍‌ପି ଭର୍ତ୍ତୃହରି ମହତାବ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

# କୋଚିଲେଇ ମହୋତ୍ସବ ଉଦ୍‌ଘାଟିତ

କଟକ ସଦର,୨୯।୩(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତର ସଫିପୁର ଗ୍ରାମରେ ୩ ଦିନିଆ କୋଚିଲେଇ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଶିରିଡ଼ି ସାଇବାବାଙ୍କ ପ୍ରତିମୂର୍ତ୍ତି ରାଜହଂସ, ହାଟସାହି, ମତ୍ତଗଜପୁର ପରିକ୍ରମା କରିବା ପରେ ମନ୍ଦିରକୁ ଫେରିଥିଲା। ଏହି ଅବସରରେ ବହୁସଂଖ୍ୟକ ମହିଳା ଓ ପୁରୁଷ ନିକଟସ୍ଥ ପୋଖରୀରୁ ପାଣି ଆଣି ଶୋଭାଯାତ୍ରାରେ ଆସି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ଏହି ମହୋତ୍ସବରେ ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ସିଂହ, ଭାରତ ମସଲାର ସୁମନ୍ତ ପଣ୍ଡା, ବିଳାସ ମଲ୍ଲିକ, ଇପ୍‌ସିତା ସାହୁ, ସୁବୋଧ ବେହେରା, ପରମହଂସ ସରପଞ୍ଚ ଅଶୋକ ପାତ୍ର, ପୂର୍ବତନ ସରପଞ୍ଚ ନିର୍ମଳ ଦାସ, କିଶୋର ହରି, ମନ୍ଦିର ପୂଜକ ହୃଷୀକେଶ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସମାରୋହ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।


କୋଚିଲେଇ ମହୋତ୍ସବ ଅବସରରେ ବାହାରିଥିବା କଳସ ଶୋଭାଯାତ୍ରା।

# ଶ୍ରୀଜଗନ୍ନାଥ ମହୋତ୍ସବ ଉଦ୍‌ଯାପିତ

ଫୁଲନଖରା,୨୯।୩(ସତ୍ୟ ରଞ୍ଜନ ଦାସମହାପାତ୍ର) କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗଶାସନଠାରେ ଗତ ୨୪ ତାରିଖରୁ ଚାଲିଥିବା ଶ୍ରୀଜଗନ୍ନାଥ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପ୍ରଦେଶ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହ କ୍ଷେତ୍ରୀୟ ପ୍ରଚାରକ ଜଗଦୀଶ ପ୍ରସାଦ ଖାଡେଙ୍ଗା, ସମ୍ମାନିତ ଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ନିଆଳି ବିଧାୟକ ଇଂ. ଛବି ମଲ୍ଲିକ ଉପସ୍ଥିତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ୫ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଛି। ଏହି କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।


ମହୋତ୍ସବରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ରାସ୍ତାର ଉନ୍ନତୀକରଣ, ଆଲୋକ ବ୍ୟବସ୍ଥାକୁ ଗୁରୁତ୍ୱ



ବାସନ୍ତୀ ଦୁର୍ଗାପୂଜା ଓ ଭସାଣି ଉତ୍ସବ ପ୍ରସ୍ତୁତି ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବାସନ୍ତୀ ଦୁର୍ଗାପୂଜା ଓ ଭସାଣି ଉତ୍ସବ ପ୍ରସ୍ତୁତି ସଭା**

କଟକ, ୨୯।୩(ଶିଳ୍ପା ପ୍ରିୟଦର୍ଶିନୀ): ମଙ୍ଗଳାବାଗ ଦୁର୍ଗାପୂଜା କମିଟିର ନିମନ୍ତ୍ରଣକ୍ରମେ ସ୍ଥାନୀୟ ମୋହନ ମଣ୍ଡପଠାରେ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ଚଳିତବର୍ଷ ବାସନ୍ତୀ ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ଏକ ପ୍ରସ୍ତୁତି ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ଭିକାରି ଦାସ ଆସନ୍ତା ଏପ୍ରିଲ ୩ ମହାଷଷ୍ଠୀରୁ ବାସନ୍ତୀ ଦୁର୍ଗାପୂଜା ଆରମ୍ଭ ହେବ ବୋଲି କହିଥିଲେ। ସେହିପରି ୭ ଓ ୮ ତାରିଖ ଦୁଇଦିନ ଧରି ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏପ୍ରିଲ ୪ ଓ ୫ ତାରିଖ ଦୁଇଦିନ କମିଟି କର୍ମକର୍ତ୍ତାମାନେ ବିଭିନ୍ନ ମଣ୍ଡପ ପରିଦର୍ଶନ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ପୂଜା ପାଇଁ ସିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଦେବୀଗଡ଼ା ରାସ୍ତାର ଉନ୍ନତୀକରଣ, ଦୁଇଟି କୃତ୍ରିମ ପୋଖରୀ ଖୋଳାଯିବା ଏବଂ ଦୁଇଦିନ ପାଇଁ ଆଲୋକ ବ୍ୟବସ୍ଥା କରିବାକୁ ନିବେଦନ କରାଯାଇଛି। ଏହି ସଭାରେ କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଜୋନ୍-୨ ଏସିପି ଗିରିଜା ଚକ୍ରବର୍ତ୍ତି, ସିଏମ୍‌ସି ମେୟର ସୁବାସ ସିଂ, ବିଧାୟିକା ସୋଫିଆ ଫିର୍ଦ୍ଦୋଷ, ବରିଷ୍ଠ ଭାଜପା ନେତା ନୟନ କିଶୋର ମହାନ୍ତି, ସିପିଆଇ ନେତା ଅମରେନ୍ଦୁ ମହାନ୍ତି, ସିପିଆଇ(ଏମ୍)ର ବଦ୍ରିନାରାୟଣ ଦାସ, ଆଇନଜୀବୀ ଧରଣୀଧର ନାୟକ, କର୍ପୋରେଟର ପ୍ରଦୀପ କୁମାର ସାହୁ, ଶାନ୍ତି କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସିହ୍ନାଙ୍କ ସମେତ ବିଭିନ୍ନ ବାସନ୍ତୀ ଦୁର୍ଗାପୂଜା ମଣ୍ଡପର କର୍ମକର୍ତ୍ତା, ଶାନ୍ତି କମିଟିର ପଦାଧିକାରୀ ଉପସ୍ଥିତ ଥିଲେ। ମଙ୍ଗଳାବାଗ ଦୁର୍ଗାପୂଜା କମିଟି ସଭାପତି ନୃସିଂହ ଚରଣ ଚୌଧୁରୀ ସ୍ୱାଗତ ଭାଷଣ ଓ ଉପସଭାପତି ଶିବେନ୍ଦ୍ର ହାତୀ ଧନ୍ୟବାଦ ଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିଭୁଦତ୍ତ


@ ବିକାଶ


@ କିଶୋର


@ ରଶ୍ମି


@ ସୂର୍ଯ୍ୟମଣି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଖୁଣ୍ଟୁଣୀ, ୨୯।୩(ସଚ୍ଚିଦାନନ୍ଦ ପଣ୍ଡା): ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମରେ ପ୍ରତିଷ୍ଠିତ ଶ୍ରୀରାମ ଠାକୁର ଓ ମନ୍ଦିର ମନ୍ଦିରର ପ୍ରତିଷ୍ଠା ଉତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ କଳସ ଶୋଭାଯାତ୍ରା ଓ ଘଟ ସ୍ଥାପନା କରାଯାଇଥିଲା। ପ୍ରତ୍ୟହ ସୂର୍ଯ୍ୟପୂଜା, ଗୋପୂଜନ, ୧୦୮ ହନୁମାନ ଚାଲିଶା ପାଠ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯିବ। ଏହି ଉତ୍ସବ ଆସନ୍ତା ଶ୍ରୀରାମ ନବମୀରେ ଉଦ୍‌ଯାପିତ ହେବ ବୋଲି ଶ୍ରୀରାମ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଜଣାପଡିଛି।

## ଫଟୋରେ ଖବର



ଅନ୍ତର୍ଜାତୀୟ ସମବାୟ ଦିବସ ପାଳନ ଅବସରରେ କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।



କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ର୍‍ୟାଗିଂ ନିରୋଧୀ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ ।

# ରାଜ୍ୟପାଳଙ୍କୁ ଭେଟିଲା କଂଗ୍ରେସ

## ନାରୀ ନ୍ୟାୟ ପାଇଁ ଗୃହ କମିଟି ଗଠନ ଦାବି

ଭୁବନେଶ୍ୱର,୨୯।୩(ରବିନାରାୟଣ ଜେନା)

ରାଜ୍ୟରେ ମହିଳା ନିର୍ଯାତନା ବଢ଼ି ବଢ଼ି ଚାଲିଛି। ହେଲେ ରାଜ୍ୟ ସରକାର ନିଦାବିଷ୍ଟୁ ସାଜିଛନ୍ତି। ଏନେଇ ସଦସ୍ୟମାନେ ଗୃହ କମିଟି ଦାବି କରିବାରୁ ସରକାର ସମସ୍ତ ସଦସ୍ୟଙ୍କୁ ନିଲମ୍ବନ କରିଛନ୍ତି। ଏହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ବୋଲି ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଶନିବାର ଭକ୍ତଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧିଦଳ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ଭେଟି ଏନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ନାରୀ ନ୍ୟାୟ ପାଇଁ ଏକ ଗୃହକମିଟି ଗଠନ କରିବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଅନୁରୋଧ କରିଥିଲେ।

ଏହି ଅବସରରେ ଭକ୍ତ କହିଥିଲେ, ଗତ ୧ ମାସ ଧରି ରାଜ୍ୟ କଂଗ୍ରେସର ସମସ୍ତ ବିଧାୟକ ଓ ପ୍ରଦେଶ କଂଗ୍ରେସ ନାରୀ ନ୍ୟାୟ ପାଇଁ କ୍ରମାଗତ ଭାବରେ ଆନ୍ଦୋଳନ ଜାରି ରଖିଛନ୍ତି। ମହିଳାମାନଙ୍କ ସୁରକ୍ଷା ଓ ତାଙ୍କ ପ୍ରତି ହେଉଥିବା ନିର୍ଯାତନା ବିରୋଧରେ ବିଧାନସଭାରେ କଂଗ୍ରେସ ନେତୃବୃନ୍ଦ ଗୃହ କମିଟି ଦାବି କରିଆସୁଥିବା ବେଳେ ସରକାରୀ ଦଳର ମନ୍ତ୍ରୀ ଓ ବିଧାୟକମାନେ କଂଗ୍ରେସ ବିଧାୟକମାନଙ୍କୁ ଆକ୍ରମଣ କରିବା ସହିତ ବିଧାନସଭାର ଅଧ୍ୟକ୍ଷାଙ୍କ ଉପରେ ଚାପ ପ୍ରୟୋଗ କରି କଂଗ୍ରେସ ବିଧାୟକଙ୍କୁ ଗୃହରୁ ନିଲମ୍ବନ କରିଛନ୍ତି। ଏନେଇ ଗୁରୁବାର ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ ପୋଲିସ କଂଗ୍ରେସ ନେତୃବର୍ଗ ଓ କର୍ମୀମାନଙ୍କୁ ଅମାନୁଷିକ ଭାବରେ ଯେଉଁଭଳି ମାଡ଼ମାରି ଲହୁଲୁହାଣ କଲେ ତାହା ଅତ୍ୟନ୍ତ ନିନ୍ଦନୀୟ। ପୋଲିସର ଏଭଳି ହିଂସ୍ର ଆଚରଣ ଗଣତାନ୍ତ୍ରିକ ବ୍ୟବସ୍ଥାର ସମ୍ପୂର୍ଣ୍ଣ ପରିପନ୍ଥୀ। ପୋଲିସ ଡିଜି ଯେଭଳି ମନ୍ତବ୍ୟ ଦେଇଛନ୍ତି ତାହା ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଥିଲେ।

ଏହି ଅବସରରେ ରାଜ୍ୟରେ ୯ ମାସ ଭିତରେ ମହିଳାମାନଙ୍କ ପ୍ରତି ହୋଇଥିବା ଅତ୍ୟାଚାରର ସମ୍ପୂର୍ଣ୍ଣ ତଥ୍ୟ ରାଜ୍ୟପାଳଙ୍କ ନିକଟରେ ଏକ ସ୍ମାରକପତ୍ର ମାଧ୍ୟମରେ କଂଗ୍ରେସ ପକ୍ଷରୁ ପ୍ରଦାନ କରାଯାଇଛି। ରାଜ୍ୟପାଳ କଂଗ୍ରେସ ପ୍ରତିନିଧି ଦଳକୁ ଗୃହ କମିଟି ଗଠନ କରିବାପାଇଁ ପ୍ରତିଶ୍ରୁତି ଦେବା ସହିତ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଉପରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ତାରାପ୍ରସାଦ ବାହିନୀପତି, ଅଶୋକ ଦାସ, ସୋଫିଆ ଫିର୍‌ଦୋସ ପ୍ରମୁଖ ଉପସ୍ଥିତ ଥିଲେ।



ଶଙ୍ଖଭବନଠାରେ ବିଜେଡି ସଂଖ୍ୟାଲଘୁ ସେଲ୍ ପକ୍ଷରୁ ଶନିବାର ଆୟୋଜିତ ଇଫ୍ତାର ପାର୍ଟିରେ ଦଳର ସଭାପତି ନବୀନ ପଟ୍ଟନାୟକ ଯୋଗ ଦେଇଛନ୍ତି।

# ୧୨ରେ ଓଡ଼ିଶା ଗସ୍ତରେ ଆସିବେ ଜେ.ପି. ନଡ୍ଡା



ଭୁବନେଶ୍ୱର, ୨୯।୩(ସୁନିତ୍ ମିଶ୍ର)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଜେ.ପି ନଡ୍ଡା ଆସନ୍ତା ୧୨ ତାରିଖରେ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଭାଜପାର କିଛି ସାଙ୍ଗଠନିକ କାର୍ଯ୍ୟରେ ସେ ଏହି ଅବସରରେ ଯୋଗଦେବେ ବୋଲି ଦଳର ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଆସନ୍ତା ମାସରେ ରାଜ୍ୟ ଭାଜପା ସଭାପତିଙ୍କ ନାମ ମଧ୍ୟ ଘୋଷଣା ହୋଇପାରେ ବୋଲି ଶୁଣିବାକୁ ମିଳୁଛି। ୬ ତାରିଖରେ ଭାଜପାର ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏନେଇ ଶନିବାର ଦଳର ରାଜ୍ୟ କାର୍ଯ୍ୟାଳୟ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଅନ୍ୟପଟେ ଭାଜପାର ଜଣେ ବରିଷ୍ଠ ନେତାଙ୍କ ସୂତ୍ରରୁ ଜଣାପଡ଼ିଛି, ନଡ୍ଡା ଆସନ୍ତା ୧୧ କିମ୍ବା ୧୨ ତାରିଖରେ ଓଡ଼ିଶା ଗସ୍ତରେ ଆସିପାରନ୍ତି। ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି। ସରକାରଙ୍କ ପକ୍ଷରୁ ଏନେଇ ଜନତା ମଇଦାନ ବୁକ୍ କରାଯାଇଛି। ହେଲେ ନିର୍ଦ୍ଦିଷ୍ଟ ଭାବେ ସେ କେଉଁ କାର୍ଯ୍ୟକ୍ରମରେ ଯୋଗଦେବେ ସେକଥା କିଛି ସ୍ପଷ୍ଟ ହୋଇ ନାହିଁ।

# ଫାଟକ ସମ୍ମୁଖରେ ଧାରଣା ଦେଲେ କାଡାମ, ଅଶୋକ



ବିଧାନସଭା ଭିତରକୁ ନ ଛାଡ଼ିବା ପ୍ରତିବାଦରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଧାୟକ ଅଶୋକ ଦାସ ବିଧାନସଭା ଫାଟକ ସମ୍ମୁଖରେ ଶନିବାର ଧାରଣା ଦେଇଛନ୍ତି।

## କଂଗ୍ରେସ ବିଧାୟକଙ୍କୁ ବିଧାନସଭାକୁ ଛଡ଼ାଗଲାନି

## ପୋଲିସର କାର୍ଯ୍ୟ ସୁସ୍ଥ ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ: ବିଧାୟକ ଦଳ ନେତା

ଭୁବନେଶ୍ୱର,୨୯।୩ (ରବିନାରାୟଣ ଜେନା)

ବିଧାନସଭା ପରିସରକୁ କଂଗ୍ରେସ ବିଧାୟକଙ୍କୁ ଛଡ଼ା ନ ଯିବାକୁ ନେଇ ଶନିବାର ଏକପ୍ରକାର ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଛି। ଗୋଟିଏ ପଟେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ଉପନେତା ଅଶୋକ ଦାସ ଧାରଣାରେ ବସିଥିବାବେଳେ ଅନ୍ୟପଟେ ବିଧାୟକ ପବିତ୍ର ସାଉନ୍ତା ସରକାରଙ୍କୁ ପ୍ରଶ୍ନବାଣରେ ଛନ୍ଦିଛନ୍ତି।

ଶନିବାର ପୂର୍ବାହ୍ନରେ କଂଗ୍ରେସ ବିଧାୟକମାନେ ଦୁଇଟି ଫାଟକ ଦେଇ ବିଧାନସଭା ପରିସରକୁ ଯିବାପାଇଁ ଉଦ୍ୟମ କରିଥିଲେ। ହେଲେ ପୋଲିସ ଓ ସୁରକ୍ଷା କର୍ମୀ ସେମାନଙ୍କୁ ବାରଣ କରିଥିଲେ। ଏହାକୁ ନେଇ ପୋଲିସ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବଚସା ହେଉଥିବା ଦେଖାଯାଇଥିଲା। ସୁରକ୍ଷାକର୍ମୀମାନେ କହିଥିଲେ, କଂଗ୍ରେସ ବିଧାୟକଙ୍କୁ ବିଧାନସଭା ପରିସରକୁ ନ ଛାଡ଼ିବା ପାଇଁ ଉପରୁ ନିର୍ଦ୍ଦେଶ ରହିଛି। ଏହି ଅବସରରେ କାଡାମ ଓ ସାଉଁତା ପ୍ରଶ୍ନ କରିଥିଲେ, କିଏ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ପୋଲିସ କିମ୍ବା ସୁରକ୍ଷା କର୍ମୀ ସ୍ପଷ୍ଟ କରି ନ ଥିଲେ। ପରେ ପବିତ୍ର ସାଉନ୍ତା ଫେରି ଯାଇଥିବାବେଳେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର ଓ ଅଶୋକ ମୁଖ୍ୟ ଫାଟକ ସମ୍ମୁଖରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଧାରଣାରେ ବସିଥିଲେ।

ଏହି ଅବସରରେ କାଡାମ କହିଥିଲେ, ଅଗଣତାନ୍ତ୍ରିକ ଭାବରେ ସେମାନଙ୍କୁ ବିଧାନସଭା ପରିସରକୁ ଯିବାକୁ ଦିଆଯାଉନାହିଁ। ବିଧାୟକ ଭାବରେ ସେମାନଙ୍କର ଭିତରକୁ ଯିବାର ଅଧିକାର ରହିଛି। ବାଚସ୍ପତି ନିଲମ୍ବନ କରିଛନ୍ତି, ଆମେ ଗୃହ ଭିତରକୁ ଯାଇପାରିବୁ ନାହିଁ, ହେଲେ ବିଧାନସଭା ପରିସରସ୍ଥିତ ଗାନ୍ଧୀମୂର୍ତ୍ତି କିମ୍ବା ବ୍ୟାଙ୍କକୁ ତ ଯିବାରେ କୌଣସି ସମସ୍ୟା ନାହିଁ। ମାତ୍ର ପୋଲିସ ତାହା କରିବାକୁ ଦେଉନାହିଁ। ଏହା ଏକ ସୁସ୍ଥ ଗଣତନ୍ତ୍ର ପ୍ରତି ଆଦୌ ଶୁଭଙ୍କର ନୁହେଁ। ତେବେ କିଛି ସମୟ ଧାରଣାରେ ବସିବା ପରେ କାଡାମ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା।

# ସୂଚନା ଅଧିକାର ଆଇନ ଓ ବ୍ୟକ୍ତିଗତ ସୂଚନା

**ନୀତି**

ସୂଚନା ଅଧିକାର ଆଇନ ନାଗରିକମାନଙ୍କୁ ଜନ କର୍ତ୍ତୃପକ୍ଷ ତଥା ସରକାରୀ କାର୍ଯ୍ୟାଳୟରୁ ସୂଚନା ପାଇବାର ଅଧିକାର ଦେଇଛି। ଏହାସହ ଆଇନରେ କେତେକ ତଥ୍ୟ ସୂଚନା ପ୍ରକଟନରୁ ବାଦ୍ ଦିଆଯିବାର ବ୍ୟବସ୍ଥା ରହିଛି। ଆଇନର ଧାରା ୮ (୧) ଅନୁଯାୟୀ ନାଗରିକଙ୍କୁ ୧୦ ପ୍ରକାର ତଥ୍ୟ ପ୍ରଦାନ କ୍ଷେତ୍ରରେ ପ୍ରତିବନ୍ଧକ ରଖାଯାଇଛି। କେତେକ ତଥ୍ୟ ଆଦୌ ଦିଆଯାଇ ପାରିବ ନାହିଁ, ଆଉ କିଛି ତଥ୍ୟ ପ୍ରତିବନ୍ଧକ ସତ୍ତ୍ୱେ ଜନସ୍ୱାର୍ଥ ଦୃଷ୍ଟିରୁ ପ୍ରକଟନ କରାଯିବାର ବ୍ୟବସ୍ଥା ରହିଛି। ଏଥିମଧ୍ୟରୁ ବ୍ୟକ୍ତିଗତ ବ୍ୟାପାର ସମ୍ପର୍କିତ ସୂଚନା ଅନ୍ୟତମ। ସୂଚନା ଅଧିକାର ଆଇନର ଧାରା ୮ (୧) (ଜେ) ଅନୁଯାୟୀ, ଯଦି ଆବେଦନକାରୀ ଚାହୁଁଥିବା ସୂଚନା ବ୍ୟକ୍ତିଗତ ବ୍ୟାପାର ସମ୍ପର୍କିତ ହୋଇଥିବ, ଯାହାର ପ୍ରକଟନ ସହ ସର୍ବସାଧାରଣ କାର୍ଯ୍ୟ କି ସ୍ୱାର୍ଥ ସହିତ ସମ୍ପର୍କ ନ ଥିବ ଅଥବା ଯହିଁର ପ୍ରକଟନ (DISCLOSURE) ଦ୍ୱାରା ବ୍ୟକ୍ତିର ଏକାନ୍ତତା ଉପରେ ଅବାଞ୍ଛିତ ହସ୍ତକ୍ଷେପ ହେଉଥିବା ସେ କ୍ଷେତ୍ରରେ ଜନସୂଚନା ଅଧିକାରୀ ତଥ୍ୟ ଦେବାକୁ ମନା କରିପାରିବେ। ପୁଣି ଯଦି ଜନସୂଚନା ଅଧିକାରୀ ମନେକରନ୍ତି ଯେ, ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏତାଦୃଶ ତଥ୍ୟ ପ୍ରକାଶ କରାଯିବା ଉଚିତ, ତେବେ ସେ ଉକ୍ତ ତଥ୍ୟ ପ୍ରଦାନ କରିପାରିବେ। ପୁଣି ଏହା ସୂଚିତ ହୋଇଛି ଯେ, ଯେଉଁ ସୂଚନା ପ୍ରକଟନରୁ ସଂସଦ ବା ବିଧାନସଭାକୁ ଦିଆଯାଇପାରିବ, ଉକ୍ତ ତଥ୍ୟ ନାଗରିକମାନଙ୍କୁ ମଧ୍ୟ ଦିଆଯାଇପାରିବ।

ସୂଚନା ଆଇନରେ ବ୍ୟକ୍ତିଗତ ସୂଚନା କ'ଣ ତାହାର ସଂଜ୍ଞା ନିରୂପଣ କରାଯାଇନାହିଁ। ଫଳରେ କେଉଁ ସୂଚନା ବ୍ୟକ୍ତିଗତ ଓ କେଉଁଟି ବ୍ୟକ୍ତିଗତ ନୁହେଁ, ତାହାକୁ ନେଇ ସର୍ବଦା ଦ୍ୱନ୍ଦ୍ୱ ଜାରି ରହିଛି। ଏକ୍ଷେତ୍ରରେ ସୂଚନା କମିଶନ, ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ଦ୍ୱାରା ହୋଇଥିବା ବ୍ୟାଖ୍ୟାନକୁ ଭିତ୍ତିକରି କେଉଁ ସୂଚନା ବ୍ୟକ୍ତିଗତ ସୂଚନା, ତାହାକୁ ଧରିନିଆଯାଏ।

ବ୍ୟକ୍ତିଗତ ସୂଚନା ସମ୍ପର୍କରେ ସୁପ୍ରିମକୋର୍ଟ କରିଥିବା ବ୍ୟାଖ୍ୟା ସମ୍ପର୍କିତ କିଛି ପ୍ରମୁଖ କେସ୍ ଏଠାରେ ଉପସ୍ଥାପନ କରାଯାଇପାରେ। ଗିରିଶ ରାମଚନ୍ଦ୍ର ଦେଶପାଣ୍ଡେ ନାମକ ଜଣେ ବ୍ୟକ୍ତି ୨୦୦୮ରେ ରିଜିଓନାଲ ପ୍ରୋଭିଡେଣ୍ଟ ଫଣ୍ଡ କମିଶନରଙ୍କ କାର୍ଯ୍ୟାଳୟକୁ କେତେଜଣ କର୍ମଚାରୀଙ୍କ ଦରମା, ଭତ୍ତା, ସେମାନଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ତାଲିକା, ସେମାନଙ୍କୁ ହୋଇଥିବା କାରଣ ଦର୍ଶାଅ ନୋଟିସ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ହୋଇଥିବା ପ୍ରୋସିଡିଂ, ସେମାନଙ୍କ ଦାଖଲ କରିଥିବା ଆୟକର ଟିକସ ସମ୍ପର୍କିତ ତଥ୍ୟ ମାଗିଥିଲେ। ଜନସୂଚନା ଅଧିକାରୀ ବ୍ୟକ୍ତିଗତ ସୂଚନା ଦର୍ଶାଇ ଦରଖାସ୍ତକୁ ଖାରଜ କରିଦେବାରୁ ଆବେଦନକାରୀ କେନ୍ଦ୍ରୀୟ ସୂଚନା କମିଶନଙ୍କ ନିକଟରେ ଅପିଲ କରିଥିଲେ। ସୂଚନା କମିଶନ ଅନୁରୂପ ଭାବେ ଏହା କର୍ମଚାରୀଙ୍କ ବ୍ୟକ୍ତିଗତ ସୂଚନା ଏବଂ ଏହି ସୂଚନାର ପ୍ରକଟନ ଜନସ୍ୱାର୍ଥ ସମ୍ବଳିତ ହୋଇ ନ ଥିବାରୁ ଉକ୍ତ ତଥ୍ୟ ପ୍ରଦାନ କରାଯାଇପାରିବ ନାହିଁ ବୋଲି ଦର୍ଶାଇଥିଲେ। ଏହାପରେ ଆବେଦନକାରୀ ସୁପ୍ରିମକୋର୍ଟରେ ସ୍ପେଶାଲ ଲିଭ୍ ପିଟିଶନ (ସିଭିଲ ନଂ. ୨୭୭୩୪/୨୦୧୨) ଦାଖଲ କରିଥିଲେ। ୩।୧୦।୨୦୧୨ରେ ସୁପ୍ରିମକୋର୍ଟ ଏହି କେସ୍‌ର ଚୂଡ଼ାନ୍ତ ଶୁଣାଣିକରି କର୍ମଚାରୀମାନଙ୍କ ଉପରୋକ୍ତ ସୂଚନା ସେମାନଙ୍କ ବ୍ୟକ୍ତିଗତ ହୋଇଥିବାରୁ ତଥ୍ୟ ଦିଆଯାଇପାରିବ ନାହିଁ ବୋଲି ଦର୍ଶାଇଥିଲେ।

ସେହିପରି ସୁପ୍ରିମକୋର୍ଟ ଅନ୍ୟ ଏକ ମାମଲା ସିଭିଲ ଅପିଲ ନଂ. ୯୦୫୨/୨୦୧୨ (ବିହାର ପବ୍ଲିକ୍ ସର୍ଭିସ୍ କମିଶନ ବନାମ ସାୟିଦ ହୁସେନ ଆବାସରିଜି)ରେ ଅନୁରୂପ ରାୟ ଦେଇଥିଲେ। ଆବେଦନକାରୀ ନିଜେ ଦେଇଥିବା ଏକ ଇଣ୍ଟରଭ୍ୟୁରେ ଉପସ୍ଥିତ ଥିବା ପ୍ରଶ୍ନକର୍ତ୍ତାଙ୍କ ନାମ ଓ ଠିକଣା ବିହାର ପବ୍ଲିକ୍ ସର୍ଭିସ୍ କମିଶନ ନ ଦେବାରୁ ସେ ବିହାର ସୂଚନା କମିଶନରେ ଅପିଲ କରିଥିଲେ। କମିଶନ ତାଙ୍କ ଅପିଲ ଖାରଜ କରିବାରୁ ସେ ବିହାର ହାଇକୋର୍ଟରେ କେସ୍ କରିଥିଲେ। ହାଇକୋର୍ଟ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ବିହାର ପବ୍ଲିକ୍ ସର୍ଭିସ୍ କମିଶନ ସୁପ୍ରିମକୋର୍ଟରେ ଅପିଲ କରିଥିଲେ। ସୁପ୍ରିମକୋର୍ଟ ଉକ୍ତ ତଥ୍ୟ ମାଗିବା ପଛରେ ପରୀକ୍ଷାର୍ଥୀଙ୍କ ମନ୍ଦ ଉଦ୍ଦେଶ୍ୟ ଅଛି ଓ ପ୍ରଶ୍ନକର୍ତ୍ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ତଥ୍ୟ ଦେବାକୁ ମନା କରିଥିଲେ।

ସେହିପରି କେନ୍ଦ୍ରୀୟ ସୂଚନା କମିଶନ ଏକ ଅପିଲ ନଂ.- CIC/AT/A/୨୦୦୮/୦୦୦୬୨୮ (ମିଲାପ ଚିରାରିଆ ବନାମ ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ)ର ଶୁଣାଣିକରି ୧୫।୦୬।୨୦୦୯ରେ ଆୟକର ଦାଖଲ ସମ୍ପର୍କିତ ତଥ୍ୟ ଜଣେ ବ୍ୟକ୍ତିର ବ୍ୟକ୍ତିଗତ ସୂଚନା । ତେଣୁ ଉକ୍ତ ତଥ୍ୟ ଆଇନର ଧାରା ୮ (୧) (ଜେ) ଅନୁଯାୟୀ ଦିଆଯାଇପାରିବ ନାହିଁ ବୋଲି ଦର୍ଶାଇଥିଲେ।

ତେବେ ଓଡ଼ିଶାରେ ରାଜ୍ୟ ସୂଚନା କମିଶନ ଅନେକ ଅପିଲ ଶୁଣାଣି କରି ଶିକ୍ଷକ ବା କର୍ମଚାରୀଙ୍କ ନିଯୁକ୍ତି, ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା, ଜାତିଗତ ପ୍ରମାଣପତ୍ର ଇତ୍ୟାଦି ବ୍ୟକ୍ତିଗତ ସୂଚନା ହୋଇଥିଲେ ମଧ୍ୟ ସର୍ବସାଧାରଣ ସ୍ୱାର୍ଥ ଦୃଷ୍ଟିରୁ ତାହାର ପ୍ରକଟନ ହେବା ଜରୁରୀ ଦର୍ଶାଇ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ତେଣୁ ଅନେକ ତଥ୍ୟ ଜଣେ ସରକାରୀ କର୍ମଚାରୀଙ୍କ ବ୍ୟକ୍ତିଗତ ବ୍ୟାପାର ହୋଇଥିଲେ ମଧ୍ୟ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଉକ୍ତ ତଥ୍ୟ ପ୍ରକଟନ କରାଯାଇପାରିବ। ସେଥିପାଇଁ ଆବେଦନକାରୀଙ୍କୁ ଯଥେଷ୍ଟ ପ୍ରମାଣ ଦେଇ ଯୁକ୍ତି ଉପସ୍ଥାପନ କରିବାକୁ ପଡ଼ିବ। କିନ୍ତୁ ସୂଚନା ଅଧିକାର ଆଇନର ଏହି ପ୍ରମୁଖ ବ୍ୟବସ୍ଥାକୁ ହଟାଇଦେବା ପାଇଁ କେନ୍ଦ୍ର ସରକାର ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ୍ ଆକ୍ଟ ମାଧ୍ୟମରେ ଏକ ସଂଶୋଧନ ପ୍ରସ୍ତାବ ଆଣୁଛନ୍ତି। ଏହି ଧାରା ୮ (୧) (ଜେ)କୁ ସମ୍ପୂର୍ଣ୍ଣ ଉଠାଇଦେବାର ବ୍ୟବସ୍ଥା କରାଯାଇଛି, ଯାହା ବିରୋଧରେ ଦେଶବ୍ୟାପୀ ବିରୋଧ କରାଯିବା ସହ ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଏହାର ପ୍ରତ୍ୟାହାର ପାଇଁ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି। ଏହି ସଂଶୋଧନ ଦ୍ୱାରା ସୂଚନା ଅଧିକାର ଆଇନରେ ଯାହା କିଛି ବି ତଥ୍ୟ ମିଳୁଥିଲା, ତାହା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ଯେହେତୁ ସୂଚନା ଆଇନର ଧାରା ୮ (୧) (ଜେ)ରେ ବ୍ୟକ୍ତିଗତ ସୂଚନା ପ୍ରକଟନ କ୍ଷେତ୍ରରେ ପ୍ରତିବନ୍ଧକ ଅଛି ଏବଂ ଉକ୍ତ ତଥ୍ୟ ସ୍ଥଳବିଶେଷ ବା ବୃହତ୍ତର ଜନସ୍ୱାର୍ଥ ଦୃଷ୍ଟିରୁ କେବଳ ପ୍ରକଟନ କରାଯିବାର ବ୍ୟବସ୍ଥା ରହିଛି। ତେଣୁ ଉକ୍ତ ଧାରାକୁ ବ୍ୟକ୍ତିଗତ ସୂଚନା ସୁରକ୍ଷା ନାମରେ ଡିଜିଟାଲ ଡାଟା ପ୍ରୋଟେକ୍ସନ ଆଇନ ମଧ୍ୟରେ ସଂଶୋଧନ କରିବା ଆବଶ୍ୟକ ନାହିଁ। ଏପରି କରାଗଲେ ନିଶ୍ଚିତ ଭାବେ ନାଗରିକଙ୍କର ସୂଚନା ପାଇବାର ଅଧିକାର ସଙ୍କୁଚିତ ହେବ।

**ପ୍ରଦୀପ ପ୍ରଧାନ**
**ଓଡ଼ିଶା ସୂଚନା ଅଧିକାର ଅଭିଯାନ**
**ମୋ–୯୯୩୭୮୪୩୪୮୨**

# ଉତ୍କଳ ଦିବସ ୨୦୧୦ରୁ ଓଡ଼ିଶା ଦିବସ ହୋଇଗଲାଣି: ଜୟନାରାୟଣ

## ଭାଜପାର ଏହା ଭିତିରିଆ ମତଭେଦ: ରଣେନ୍ଦ୍ର

ଭୁବନେଶ୍ୱର,୨୯।୩(ସୁନିତ୍ ମିଶ୍ର)

ଉତ୍କଳ ଦିବସକୁ ନେଇ ଭାଜପା ବିଧାୟକ ଜୟନାରାୟଣ ମିଶ୍ର ବିବାଦୀୟ ବୟାନ ଦେଇଛନ୍ତି। ଶନିବାର ବିଧାନସଭା ବାହାରେ ସେ କହିଛନ୍ତି, ଆଉ ଉତ୍କଳ ଦିବସ ନାହିଁ, ୨୦୧୦ରୁ ଏହା ଓଡ଼ିଶା ଦିବସ ହୋଇସାରିଲାଣି। ସରକାର ଓଡ଼ିଶା ଦିବସ ପାଳନ ପାଇଁ କହିଛନ୍ତି।

ଜୟନାରାୟଣଙ୍କ ମନ୍ତବ୍ୟକୁ ସମାଲୋଚନା କରି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ୧୯୩୬ ଏପ୍ରିଲ ୧ରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ଗଠିତ ହୋଇଥିଲା। ଆମ ପୂର୍ବ ପୁରୁଷ ଲଢ଼େଇ କରି ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିଥିଲେ। ଯେତେବେଳେ ସ୍ୱାଧୀନତା ସଂଗ୍ରାମ ଚାଲିଥିଲା, ସେହି ସମୟରେ ଉତ୍କଳ ସମ୍ମିଳନୀ ଜରିଆରେ ଭାଷା ଆନ୍ଦୋଳନ ମଧ୍ୟ ଚାଲିଥିଲା। ଉତ୍କଳ ଗୌରବ ମଧୁସୂଦନ ଦାସ ଉତ୍କଳ ସମ୍ମିଳନୀ ଜରିଆରେ ଓ ଉତ୍କଳମଣି ଗୋପବନ୍ଧୁ ଦାସ କଂଗ୍ରେସ ଜରିଆରେ ଏହି ଆନ୍ଦୋଳନ କରିଥିଲେ। ମଧୁବାବୁଙ୍କ ବଳିଦାନ ଯୋଗୁ ଆମେ ଭାଷାଭିତ୍ତିକ ରାଜ୍ୟ ପାଇଲେ। ପାରଳା ମହାରାଜ, ମଧୁବାବୁଙ୍କ ସମେତ ଯେଉଁ ମହାପୁରୁଷମାନେ ଆନ୍ଦୋଳନ କରିଥିଲେ, ଉତ୍କଳ ଦିବସରେ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆମ ଅସ୍ମିତାକୁ ବଞ୍ଚାଇ ରଖିବାକୁ ଆହ୍ୱାନ ଦେଉଛି। ଯେଉଁମାନେ ଓଡ଼ିଶାକୁ ନେଇ ବିବାଦ କରି ରାଜନୈତିକ ଫାଇଦା ନେବାକୁ ଚାହୁଁଛନ୍ତି, ତାହା ଦୁଃଖଦାୟକ। ଏହା ଭାଜପାର ଭିତିରିଆ ମତଭେଦ। ସେମାନେ ଓଡ଼ିଆ ଅସ୍ମିତାକୁ ମାନନ୍ତି ନାହିଁ କି ଜାତୀୟ ସଙ୍ଗୀତ 'ଜନ ଗଣ ମନ' ଯେଉଁଥିରେ ଉତ୍କଳର ନାଁ ରହିଛି, ତାକୁ ବି ମାନନ୍ତି ନାହିଁ। ଏପରିକି 'ବନ୍ଦେ ଉତ୍କଳ ଜନନୀ'କୁ ନ ମାନି ଯେଉଁ ବିଭାଜନ କାର୍ଯ୍ୟକ୍ରମ କରୁଛନ୍ତି, ତାହା ନିନ୍ଦନୀୟ ବୋଲି ରଣେନ୍ଦ୍ର କହିଛନ୍ତି।

# ରାମନବମୀରେ ମାଂସ ନିଷିଦ୍ଧ: ତେଜିଲା ୟୁପି ରାଜନୀତି

ଲକ୍ଷ୍ନୌ, ୨୯।୩

ରବିବାରଠାରୁ ଚୈତ୍ର ନବରାତ୍ର ଆରମ୍ଭ ହୋଇଛି। ଏହାକୁ ଦୃଷ୍ଟିରେ ରଖି ୯ ଦିନର ଚୈତ୍ର ନବରାତ୍ର ଉତ୍ସବ ସମୟରେ ରାଜ୍ୟର ସମସ୍ତ ଧାର୍ମିକସ୍ଥଳଠାରୁ ୫୦୦ ମିଟର ଦୂର ମଧ୍ୟରେ ମାଂସ ବିକ୍ରି ଉପରେ କଟକଣା ଜାରି କରିବା ନେଇ ଉତ୍ତରପ୍ରଦେଶ (ୟୁପି) ସରକାର ନିଷ୍ପତ୍ତି ନେଇଛନ୍ତି। ସେହିପରି ବେଆଇନ କଂସେଇଖାନାଗୁଡ଼ିକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। କଟକଣା ଅନୁଯାୟୀ, ନବରାତ୍ର ସମୟରେ ଯେକୌଣସି ମନ୍ଦିରର ୫୦୦ ମିଟର ପରିଧି ମଧ୍ୟରେ ମାଛ, ମାଂସ ଆଦି ଦୋକାନ ଖୋଲିବ ନାହିଁ। ସେହିପରି ୫୦୦ ମିଟର ପରିଧି ବାହାରେ ଲାଇସେନ୍ସ ସର୍ତ୍ତ ଅନୁଯାୟୀ, ମାଂସ ଦୋକାନଗୁଡ଼ିକ ଖୋଲିପାରିବ। ଏପ୍ରିଲ ୬ରେ ରାମ ନବମୀ ପୂରା ରାଜ୍ୟରେ ଧୁମଧାମରେ ପାଳନ ହେବ। ସେହି ଦିନ ରାଜ୍ୟସାରା ମାଂସ ବିକ୍ରି ଉପରେ ସମ୍ପୂର୍ଣ୍ଣ କଟକଣା ଜାରି ହେବ ବୋଲି ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ତରପ୍ରଦେଶ ନଗର ଉନ୍ନୟନ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ଅମ୍ରିତ ଅଭିଯାତ ଏନେଇ ରାଜ୍ୟର ସମସ୍ତ ଜିଲାପାଳ, ପୋଲିସ କମିଶନର ଏବଂ ମ୍ୟୁନିସିପାଲ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଉତ୍ତରପ୍ରଦେଶ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧୀ ସମାଜବାଦୀ ପାର୍ଟି (ଏସ୍‌ପି) ଓ କଂଗ୍ରେସ ସମାଲୋଚନା କରିଛନ୍ତି।

# ନାରୀ ନିର୍ଯାତନା ପ୍ରସଙ୍ଗରେ ଗୃହ କମିଟି ଗଠନ ହେଉ: ବାମଦଳ

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର, ୨୯।୩ (ବନ୍ଦନା ସେଠୀ)

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ଦାବି ସହିତ ସଂସଦୀୟ ଗଣତନ୍ତ୍ରର ସୁରକ୍ଷା ପାଇଁ ମିଳିତ ସଂଗ୍ରାମ ନିମନ୍ତେ ବାମପନ୍ଥୀ ଦଳଗୁଡ଼ିକ ଆହ୍ୱାନ ଦେଇଛନ୍ତି। ଶନିବାର ୪ଟି ବାମପନ୍ଥୀ ଦଳର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି। ମହିଳା ନିର୍ଯାତନା ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରସଙ୍ଗରେ ତୁରନ୍ତ ଗୃହ କମିଟି ଗଠନ, ୧୪ଜଣ କଂଗ୍ରେସ ବିଧାୟକଙ୍କ ଉପରୁ ନିଲମ୍ବନ ଆଦେଶକୁ ଅବିଳମ୍ବେ ପ୍ରତ୍ୟାହାର କରି ବିଧାନସଭାରେ ସୁସ୍ଥ ଗଣତାନ୍ତ୍ରିକ ବାତାବରଣ ସୃଷ୍ଟି ପାଇଁ ଦାବି କରାଯାଇଛି। ଜନପ୍ରତିବାଦ ଉପରେ ପୋଲିସ ଦମନକୁ ବାମପନ୍ଥୀ ଦଳ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଦଳୀୟ ନେତୃବୃନ୍ଦ କହିଛନ୍ତି, କଂଗ୍ରେସ ପକ୍ଷରୁ ମହିଳା ନିର୍ଯାତନା ବିରୋଧରେ ମାର୍ଚ୍ଚ ୨୭ରେ ବିଧାନସଭା ସମ୍ମୁଖରେ ସଙ୍ଗଠିତ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନ ଉପରେ ପୋଲିସ ଦମନ, ଶାରୀରିକ ଆକ୍ରମଣ, ପାଣି ମାଡ଼, ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବା ଏବଂ ଲାଠି ଚାଳନା ଅତ୍ୟନ୍ତ ଉଦ୍‌ବେଗଜନକ ଘଟଣା। ପୋଲିସ ନିଜ ଅପାରଗତା ଓ ବିଫଳତାକୁ ଘୋଡାଇବା ପାଇଁ ଏହିଭଳି ଆକ୍ରୋଶମୂଳକ ପଦକ୍ଷେପ ନେଇଛି। ଏହାକୁ ରାଜ୍ୟବାସୀ ବରଦାସ୍ତ କରିବେ ନାହିଁ। ତେଣୁ ରାଜ୍ୟ ତମାମ ମିଳିତ ପ୍ରତିବାଦ ପାଇଁ ବାମପନ୍ଥୀ ଦଳ ପକ୍ଷରୁ ଆହ୍ୱାନ ଦିଆଯାଇଛି। ପ୍ରତିନିଧି ଦଳରେ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ (ଏମ୍‌ଏଲ) ଲିବରେଶନର ରାଜ୍ୟ ନେତା ମହେନ୍ଦ୍ର ପରିଡ଼ା, ଫରୱାର୍ଡ ବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଜୟନ୍ତ ଦାସ ପ୍ରମୁଖ ରାଜ୍ୟପାଳଙ୍କୁ ସାକ୍ଷାତ୍ କରି ସ୍ମାରକପତ୍ର ପ୍ରଦାନ କରିଥିଲେ।



୪ ବାମପନ୍ଥୀ ଦଳର ନେତୃବୃନ୍ଦ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟିଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

**ଠକେଇ ମାମଲା: କଳିଙ୍ଗଙ୍କୁ ୨ ବର୍ଷ ୫ ମାସ ଜେଲ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ଧଉଳି ଥାନା ଅଞ୍ଚଳରେ ୨୦୨୨ରେ ହୋଇଥିବା ୧୦ଲକ୍ଷ ଟଙ୍କା ଠକେଇ ମାମଲାର ରାୟ ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ -୫ରେ ପ୍ରକାଶ ପାଇଛି। ବିଚାରପତି ଇତିଶ୍ରୀ ମହାପାତ୍ର ମାମଲାର ବିଚାର କରି ଅଭିଯୁକ୍ତ କଳିଙ୍ଗ କୁମାର ପଣ୍ଡାଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ୫ ମାସ ଜେଲ ଦଣ୍ଡ ଶୁଣାଇଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ। ସୂଚନାଯୋଗ୍ୟ, ଠକେର ଶିକାର ହୋଇଥିଲେ ରଶ୍ମି ରଞ୍ଜନ ସ୍ୱାଇଁ।

# ମୁଣ୍ଡଳୀ ବ୍ରିଜ୍‌ରେ ଘଣ୍ଟାଏ ଫସିରହିଲା ୫ ଆମ୍ବୁଲାନ୍ସ

ତ୍ରିଶୂଳିଆ, ୨୯।୩(ତୁଷାରକାନ୍ତ ବେହେରା)

ବାରଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡଳୀ ବ୍ରିଜ୍ ସୁରକ୍ଷା ପାଇଁ କାର୍ଯ୍ୟ ଚାଲୁ ରହିଥିବା ବେଳେ ଶତାଧିକ ଗାଡ଼ି ଯିବାଆସିବା କରିବାରେ ଅସୁବିଧା ସୃଷ୍ଟି ହେଉଛି। ଘଣ୍ଟା ଘଣ୍ଟା ଧରି ରାସ୍ତାଜାମ୍ ରହିଥିଲା, ଏପରିକି ୫ଟି ଆମ୍ବୁଲାନ୍ସ ମଧ୍ୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ଫସିରହିଥିଲା। ଗତ ଶନିବାର ସନ୍ଧ୍ୟା ସମୟରେ ଯାନବାହନ ଚଳାଚଳ ଅଧିକରୁ ଅଧିକ ଥିଲା। ମାତ୍ର ସେହି ସମୟରେ ବ୍ରିଜ୍ ସୁରକ୍ଷା କାମ ଚାଲୁଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କାର୍ଯ୍ୟସ୍ଥଳରେ କୌଣସି ସରକାରୀ ଅଧିକାରୀ ନ ଥିବା ଦେଖାଯାଇଛି। ଏ ସମ୍ପର୍କରେ ଆମ ପ୍ରତିନିଧି ଜେଇଙ୍କୁ ଅବଗତ କରାଇଥିଲେ। ଜେଇ ସଙ୍ଗେସଙ୍ଗେ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଠିକାଦାର କାମ ବନ୍ଦ ନ କରି ଚାଲୁ ରଖିଥିଲେ।

# ବନ୍ଦର ହେଉଛି ନୀଳ ଅର୍ଥନୈତିକ ଅଭିବୃଦ୍ଧିର ଚାବିକାଠି




କର୍ମଶାଳାରେ ଏମ୍‌ପି ଭର୍ତ୍ତୃହରି ମହତାବ, ନେଦରଲାଣ୍ଡସ୍ଥିତ ଲିଡେନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଳୟ କାନୁନ୍‌ଗୋ ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୨୯।୩ (ବନ୍ଦନା ସେଠୀ)

ବନ୍ଦର ହେଉଛି ନୀଳ ଅର୍ଥନୈତିକ ଅଭିବୃଦ୍ଧିର ଚାବି କାଠି। ମାଛ ଉତ୍ପାଦନ, ପଣ୍ୟ ପରିବହନ ପାଇଁ ଶୃଙ୍ଖଳିତ ସୁବିଧା ସୁଯୋଗ ପ୍ରଦାନ ସହ ସାମୁଦ୍ରିକ ଅଞ୍ଚଳର ପରିଚାଳନା ଓ ବ୍ୟାପକ ଅନୁପ୍ରବେଶ ଉପରେ ପ୍ରତିବନ୍ଧକ ଆବଶ୍ୟକ ବୋଲି ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି। ଶନିବାର ଆଇଏମ୍‌ଏମ୍‌ଟିଠାରେ ଓଡ଼ିଶା ଗବେଷଣା କେନ୍ଦ୍ର ପକ୍ଷରୁ 'ଓଡିଶାର ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଓ ଅର୍ଥନୀତିକୁ ନେଇ ସମୟ ସାଗର ତୀରେ: ଓଡ଼ିଶାର ସାମୁଦ୍ରିକ ଐତିହ୍ୟ ଓ ନୀଳ ଅର୍ଥନୀତିର ଭବିଷ୍ୟତ' ଶୀର୍ଷକ ଦୁଇଦିନିଆ କର୍ମଶାଳା ଆରମ୍ଭ ହୋଇଛି। ଏହାକୁ ଉଦ୍‌ଘାଟନ କରି ଏମ୍‌ପି ମହତାବ କହିଲେ, ଭବିଷ୍ୟତ ଗଠନ ପାଇଁ ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ଏବଂ ଦକ୍ଷିଣ ପୂର୍ବ ଏସିଆ ସହ ଐତିହାସିକ/ସାଂସ୍କୃତିକ ସମ୍ପର୍କକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ନେଦରଲାଣ୍ଡସ୍ଥିତ ଲିଡେନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଳୟ କାନୁନ୍‌ଗୋ ଯୋଗଦେଇ ଦକ୍ଷିଣ ପୂର୍ବ ଏସୀୟ ସଂସ୍କୃତି ସହିତ ଓଡ଼ିଶାର ଉଭୟ ସାଂସ୍କୃତିକ ଓ ସାମାଜିକ ପ୍ରଭାବକୁ ବୁଝିବା ଜରୁରୀ ବୋଲି କହିଥିଲେ। ଭାରତୀୟ ସମାଜ ବିଜ୍ଞାନ ଗବେଷଣା ପରିଷଦର ସଦସ୍ୟ ସଚିବ ପ୍ରଫେସର ଧନଞ୍ଜୟ ସିଂ, ମହିଳାଙ୍କ ନେତୃତ୍ୱରେ ସମାଜର ବିକାଶ ଏବଂ ନୀଳ ଅର୍ଥନୀତିରେ ଏହାର ଭୂମିକା ଉପରେ ଏକ ସ୍ୱତନ୍ତ୍ର ପ୍ରକଳ୍ପ ପାଇଁ ପାଣ୍ଠି ପ୍ରଦାନ କରିବାକୁ ଯୋଜନା ରହିଥିବା ଉଲ୍ଲେଖ କରିଥିଲେ। ଇଂରେଜ ଶାସନ କାଳରେ ଓଡିଶାର ୨୫ଶହ ବର୍ଷର ନୌବାଣିଜ୍ୟ ପରମ୍ପରା ଧ୍ୱଂସ ହୋଇଯିବାରୁ ପୂର୍ବ ଭାରତର ଅର୍ଥନୀତି ରୁଗ୍‌ଣ ହୋଇପଡିଛି। ଭାରତର ଅର୍ଥନୀତିକୁ ସମୃଦ୍ଧ କରିବାକୁ ହେଲେ ପୁଣିଥରେ ଓଡ଼ିଶାର ଅର୍ଥନୀତିକୁ ସୁଦୃଢ କରିବାକୁ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଆଲୋଚନାରେ ୩ଟି ବିଷୟକୁ ନେଇ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସଦସ୍ୟ ସଚିବ ଡ. ସୁବ୍ରତ କୁମାର ପୃଷ୍ଟି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ପତିତପାବନ ମିଶ୍ର, ମାଲେସିଆ ଉତ୍ତର ବିଶ୍ୱବିଦ୍ୟାଳୟର ପ୍ରଫେସର ଉମାଚରଣ ମହାନ୍ତି, ସାମୁଦ୍ରିକ ପ୍ରତ୍ନତତ୍ତ୍ୱବିତ୍ ଡ. ସିଲା ତ୍ରିପାଠୀ ପ୍ରମୁଖ ଗବେଷଣା ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଓଡ଼ିଶାର ନୌବାଣିଜ୍ୟ ଅର୍ଥନୀତି ସମ୍ପର୍କିତ ଭବିଷ୍ୟତ ରୂପରେଖ ଉପରେ ସେମାନେ ଆଲୋକପାତ କରିଥିଲେ।

# କିଟ୍‌ରେ ଇଫ୍‌ତାର ପାର୍ଟି



ଭୁବନେଶ୍ୱର, ୨୯।୩ (ଅନୁରାଧା ମହାରଣା)

କିଟ୍ ବିଶ୍ୱବିଦ୍ୟାଳୟରେ ଶନିବାର ଇଫ୍‌ତାର ପାର୍ଟି ପାଳିତ ହୋଇଯାଇଛି। ଏଠାରେ କାର୍ଯ୍ୟରତ ମୁସଲମାନ ସମ୍ପ୍ରଦାୟର ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଭାରତ ସମେତ ବିଭିନ୍ନ ଦେଶର ଛାତ୍ରୀଛାତ୍ର ଏଥିରେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ସବୁ ଧର୍ମର ମୂଳ ଆଧାର ହେଉଛି ଦୟା, ମାନବିକତା, ସ୍ନେହ ଓ ସୌହାର୍ଦ୍ଦ୍ୟ। କିଟ୍ ଓ କିସ୍ ଦୟା ଓ ମାନବିକତା ଉପରେ ପର୍ଯ୍ୟବସିତ ଦୁଇଟି ଶିକ୍ଷାନୁଷ୍ଠାନ। ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇ ସାମନ୍ତ କହିଲେ, ଅନ୍ୟକୁ ଭଲ ପାଇବା, ଅନ୍ୟମାନଙ୍କଠାରୁ ଭଲ ପାଇବା ଓ ସ୍ନେହ ପାଇବା ପାଇଁ ଚେଷ୍ଟା କର। ଏହାଦ୍ୱାରା ମଣିଷକୁ ଆତ୍ମସନ୍ତୋଷ ମିଳିବା ସହ ଅନ୍ୟମାନେ ମଧ୍ୟ ଏଥିରୁ ଆନନ୍ଦ ପାଇଥାନ୍ତି। ଏଥିପାଇଁ ନିଜ ଜୀବନରେ ଆର୍ଟ୍ ଅଫ ଗିଭିଂକୁ ଏକ ଅଭ୍ୟାସରେ ପରଣିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, ଉପକୁଳପତି ପ୍ରଫେସର ଡା. ସିବିକେ ମହାନ୍ତି, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

# 'ଦ ଏନର୍ଜି ରିଭୋଲ୍ୟୁଶନ: ଦି ଆଦାନୀ ଗ୍ରୀନ୍ ଗ୍ୟାଲେରି' ବୁଲିଲେ ୭ଲକ୍ଷ ପରିଦର୍ଶକ

ଭୁବନେଶ୍ୱର, ୨୯।୩ (ଅନୁରାଧା ମହାରଣା)

ଲଣ୍ଡନସ୍ଥିତ ସାଇନ୍ସ ମ୍ୟୁଜିୟମ୍‌ର 'ଦ ଏନର୍ଜି ରିଭୋଲ୍ୟୁଶନ: ଦି ଆଦାନୀ ଗ୍ରୀନ୍ ଗ୍ୟାଲେରି' ସ୍ଥାପନର ପ୍ରଥମ ବର୍ଷରେ ୭ଲକ୍ଷ ଲୋକ ଏହାକୁ ପରିଦର୍ଶନ କରିଛନ୍ତି। ଆଦାନୀ ଗ୍ରୀନ୍ ଏନର୍ଜି ଲିମିଟେଡ୍ ପ୍ରାୟୋଜିତ ଏହି ନୂଆ ଗ୍ୟାଲେରି ୨୦୨୪ ମାର୍ଚ୍ଚ ୨୬ରେ ଆଦାନୀ ଗ୍ରୀନ୍ ଏନର୍ଜିର ଚେୟାରମ୍ୟାନ ଗୌତମ ଆଦାନୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଏହି ଗ୍ୟାଲେରିକୁ ନିଃଶୁଳ୍କ ପ୍ରବେଶ ସୁବିଧା ରହିଥିବାବେଳେ ଅକ୍ଷୟ ଶକ୍ତି କିଭଳି ଜଳବାୟୁ ପରିବର୍ତ୍ତନ ରୋକିବାରେ ସହାୟକ ହୁଏ ସେ ସମ୍ପର୍କରେ ସୂଚନା ପ୍ରଦାନ କରୁଛି। ୪୦ଟି ଭିନ୍ନ ଭିନ୍ନ ଅନୁଷ୍ଠାନ, ଜଳବାୟୁ ପରିବର୍ତ୍ତନ ଦିଗରେ କାର୍ଯ୍ୟ କରୁଥିବା କମିଟି, ପାଣିପାଗ କାର୍ଯ୍ୟାଳୟ, ବିଶ୍ୱ ଶକ୍ତି ପରିଷଦ, ୟୁନିଭର୍ସସାଇନ୍ସ ଏବଂ ୟୁକେ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ଏହି ଗ୍ୟାଲେରି ପରିଦର୍ଶନ କରାଯାଇଛି। ଶୂନ୍ୟ କାର୍ବନ ନିର୍ଗମନ ଉପରେ ଗୁରୁତ୍ୱ ବହନ କରୁଥିବା ଏହି ଗ୍ୟାଲେରି ସମ୍ମାନଜନକ ୨୦୨୪ ବ୍ରିକ୍ ଆୱାର୍ଡ ମଧ୍ୟ ହାସଲ କରିଛି। ଜଳବାୟୁ ପରିବର୍ତ୍ତନକୁ ସୀମିତ ରଖିବା ପାଇଁ ବିଶ୍ୱ କିପରି ଅଧିକ ସ୍ଥାୟୀ ଭାବରେ ଶକ୍ତି ଉତ୍ପାଦନ ଏବଂ ବ୍ୟବହାର କରିପାରିବ ସେ ସମ୍ପର୍କରେ ଏଠାରେ ତଥ୍ୟ ଉପଲବ୍ଧ କରାଯାଇଛି। ଲୋ କାର୍ବନ ବ୍ରିକ୍ ଉତ୍ପାଦନ ପାଇଁ ଏକ ସମ୍ଭାବ୍ୟ ଭବିଷ୍ୟତକୁ ଆଲୋକିତକରି ସେଠାରେ ତିନୋଟି ଫାୟାରିଂ ବନାମ ପ୍ରାକୃତିକ ଗ୍ୟାସ୍‌ରୁ ୮୧-୮୪ ପ୍ରତିଶତ କମ୍ କାର୍ବନ ନିର୍ଗମନ ପ୍ରଦର୍ଶନ କରାଯାଇଛି।



ଲଣ୍ଡନସ୍ଥିତ ସାଇନ୍ସ ମ୍ୟୁଜିୟମ୍‌ସ୍ଥିତ ଦ ଏନର୍ଜି ରିଭୋଲ୍ୟୁଶନ: ଦି ଆଦାନୀ ଗ୍ରୀନ୍ ଗ୍ୟାଲେରି।




ଶଙ୍ଖନାଦ ନୃତ୍ୟାନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଶନିବାର ଅନୁଷ୍ଠିତ ଶଙ୍ଖନାଦ କଳା ସମ୍ମାନ ପ୍ରଦାନ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଶିଳ୍ପୀମାନେ।

# ଉର୍ଜା ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୨୯।୩ (ସୌମ୍ୟରଞ୍ଜନ ରାଉତ)



ପଦାମୃତ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଭଞ୍ଜକଳାମଣ୍ଡପରେ ଚାଲିଥିବା ତୃତୀୟ ଉର୍ଜା ନୃତ୍ୟ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ୩୦ଜଣ ନବାଗତ ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରତିଭା ପ୍ରଦର୍ଶନ କରିଥିଲେ। ସନ୍ଧ୍ୟା ଅଧିବେଶନରେ ପଦାମୃତ ଡ୍ୟାନ୍ସ ଏକାଡେମୀ କଳାକାରମାନେ 'ପରାଶକ୍ତି' ନୃତ୍ୟ ପରିବେଷଣ କରିଥିଲେ। ପରେ ପ୍ରଖ୍ୟାତ ଓଡିଶୀ ନୃତ୍ୟଶିଳ୍ପୀ ଗୁରୁ ମୀରା ଦାସଙ୍କ ଏକକ ଓଡିଶୀ ନୃତ୍ୟ, ଅଭିପ୍ସା ପତିଙ୍କ ଏକକ ଓଡିଶୀ ନୃତ୍ୟ ଏବଂ ଓଡ଼ିଶୀ ଡ୍ୟାନ୍ସ କ୍ରିଏଶନ ପକ୍ଷରୁ ଦଳଗତ ନୃତ୍ୟ ଦର୍ଶକଙ୍କ ମନରେ ଉନ୍ମାଦ ଭରିଥିଲା। ଶେଷରେ ପଦାମୃତ ଡ୍ୟାନ୍ସ ଏକାଡେମୀ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ଭାଜପା ନେତା ତଥା ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ଓଡିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ପ୍ରବୋଧ ରଥ, ଔପନାସିକା, କବି ତଥା ଲେଖିକା ଡା. ହିରଣ୍ମୟୀ ମିଶ୍ର ଏବଂ ପଦାମୃତ ଡ୍ୟାନ୍ସ ଏକାଡେମୀର ସ୍ଥାୟୀ ସଭାପତି ଗୋବିନ୍ଦ ଚନ୍ଦ୍ର ପାଲ୍ ଯୋଗ ଦେଇଥିଲେ। ଏହି ଅବସରରେ ଗୁରୁ ଡା. ସ୍ନେହାପ୍ରଭା ସାମନ୍ତରାୟଙ୍କୁ 'ଆଚାର୍ଯ୍ୟ ନନ୍ଦିକେଶ୍ୱର ସମ୍ମାନ' ଓ ଇଂ. ଶ୍ରୀନିବାସ ଘଟୁଆରୀଙ୍କୁ 'ଆଚାର୍ଯ୍ୟ ନନ୍ଦିକେଶ୍ୱର ଯୁବ ସମ୍ମାନ' ପ୍ରଦାନ କରାଯାଇଥିଲା। ମହୋତ୍ସବକୁ ସୌମ୍ୟା ସୁଚରିତା ପାଲ ଓ ସୁଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ।

# ସ୍ୱଭାବକବି ଗଙ୍ଗାଧର ମେହେରଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୯।୩ (ସୌମ୍ୟରଞ୍ଜନ ରାଉତ)

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଦିବସରେ ଶନିବାର ଗଙ୍ଗାଧର ମେହେର ପ୍ରତିଷ୍ଠାନ, ସ୍ମୃତି କମିଟି ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ସ୍ଥାନୀୟ ଗଙ୍ଗାଧର ମେହେର ମାର୍ଗସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ସ୍ମୃତି କମିଟି ଉପଦେଷ୍ଟା ଶୁକଦେବ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସମ୍ମାନିତ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ଭାଷା ସାହିତ୍ୟ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଅଧିକାରୀ ଅନୁଜା ତାରିଣୀ ମିଶ୍ର ଓ ଗୋପାଳକୃଷ୍ଣ ମହାପାତ୍ର ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ବରପୁତ୍ରଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ବାଗ୍ମୀ ପ୍ରବୀର ମହାନ୍ତି ଯୋଗଦେଇ ଗଙ୍ଗାଧର ମେହେରଙ୍କୁ ପ୍ରକୃତି ନୁହେଁ, ପ୍ରକୃତ କବି ବୋଲି ବର୍ଣ୍ଣନା କରିଥିଲେ। ଉତ୍କଳ ସମ୍ମିଳନୀ ସଭାପତି ଅନନ୍ତ ପ୍ରସାଦ ଜେନା, ଉପସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର, ସମ୍ମିଳନୀର ଶାଖା ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରତିଷ୍ଠାନ ଅଧ୍ୟକ୍ଷ ତଥା ସ୍ମୃତି କମିଟି ଆବାହକ ମିହିର ମେହେର ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ମୃତି କମିଟିର ସମ୍ପାଦକ ତଥା ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ସଂଯୋଜନା କରିଥିଲେ।

# ଇଣ୍ଟରସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ଲୟୋଲା ବିଜୟୀ




ଟ୍ରଫି ସହ ଚାମ୍ପିୟନ ଲୟୋଲା ସ୍କୁଲ୍ ଟିମ୍।

ଭୁବନେଶ୍ୱର, ୨୯।୩(ଅନୁରାଧା ମହାରଣା)

ଲୟୋଲା ସ୍କୁଲର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ମାର୍ଚ୍ଚ ୨୬ରୁ ଚାଲିଥିବା ଇଣ୍ଟରସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ଶେଷ ହୋଇଛି। ନୀଳାଦ୍ରିବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଲୟୋଲା ଓଡ଼ିଆ ସ୍କୁଲ, ବିକାଶ ଇଣ୍ଟରନ୍ୟାଶନାଲ ଏବଂ ଲୟୋଲା ସ୍କୁଲ ଟିମ୍ ସେମିଫାଇନାଲରେ ପ୍ରବେଶ କରିଥିଲା। ଶନିବାର ଫାଇନାଲ ମ୍ୟାଚ୍‌ରେ ଲୟୋଲା ସ୍କୁଲ ବିକାଶ ଇଣ୍ଟରନ୍ୟାଶନାଲ ସ୍କୁଲକୁ ୮ ଉଇକେଟରେ ପରାସ୍ତ କରି ଚାମ୍ପିୟନ ଟାଇଟଲ ହାସଲ କରିଥିଲା। ଲୟୋଲା ସ୍କୁଲର ମିଧାଂଶୁ ଦାସ ମ୍ୟାନ୍ ଅଫ ଦି ସିରିଜ୍ ହୋଇଥିଲେ। ଏହି ଟୁର୍ନାମେଣ୍ଟରେ ଫାଲକନ ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜର ନିର୍ଦ୍ଦେଶକ ଆଦ୍ୟାଶା ପଟ୍ଟନାୟକ, ସୋଫିଆ ଆଡ୍‌ଭର୍ଟାଇଜିଂ ଏଜେନ୍ସିର ନିର୍ଦ୍ଦେଶକ ମଧୁମିତା ପଣ୍ଡା, ରେକ୍ଟର ଫାଦର ଅଗଷ୍ଟିନ ଏବଂ ଲୟୋଲା ସ୍କୁଲର ପ୍ରିନ୍ସିପାଲ ଫାଦର ଅମାଲାଡୋସ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ନାମେଣ୍ଟରେ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ, ବିକାଶ ଇଣ୍ଟରନ୍ୟାଶନାଲ, ଓଡିଏମ୍, ଡିଏଭି କଳିଙ୍ଗନଗର, ସିସିଆଇଇ, ଲୟୋଲା ଓଡ଼ିଆ ଏବଂ ନୀଳାଦ୍ରିବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଟିମ୍ ଅଂଶଗ୍ରହଣ କରିଥିଲା।

# ବେକାର ଯୁବତୀଯୁବକଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଡିୱାଇଓର ବିକ୍ଷୋଭ

ଭୁବନେଶ୍ୱର, ୨୯।୩(ସୁଚିସ୍ମିତା ସାହୁ)




ଏଆଇଡିୱାଇଓ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଶିକ୍ଷା, ସ୍ୱାସ୍ଥ୍ୟ, ରେଳସେବା, ବ୍ୟାଙ୍କସେବା ସମେତ ସମସ୍ତ ବିଭାଗରେ ଖାଲି ପଡ଼ିଥିବା ପଦବୀଗୁଡିକୁ ସ୍ଥାୟୀଭିତ୍ତିରେ ପୂରଣ କରାଯାଉ। ସମସ୍ତ ବେକାରଙ୍କୁ କର୍ମ ନିଯୁକ୍ତି ଯୋଗାଇଦେବା, ବେକାରି ଭତ୍ତା ପ୍ରଦାନ କରିବା ଓ ବିଭିନ୍ନ ବିଭାଗରେ ଠିକା ନିଯୁକ୍ତି ବନ୍ଦ କରିବା, ନିଯୁକ୍ତି ପାଇଁ ବିଭିନ୍ନ ସଂସ୍ଥା ମାଧ୍ୟମରେ ପରିଚାଳିତ ହେଉଥିବା ପରୀକ୍ଷାଗୁଡ଼ିକରେ ଦୁର୍ନୀତିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଭଳି ବିଭିନ୍ନ ଦାବି ନେଇ ଅଲ ଇଣ୍ଡିଆ ଡେମୋକ୍ରାଟିକ୍ ୟୁଥ୍ ଅର୍ଗାନାଇଜେଶନ (ଏଆଇଡିୱାଇଓ) ପକ୍ଷରୁ ଶନିବାର ରାଜ୍ୟସ୍ତରୀୟ ଯୁବ ବିକ୍ଷୋଭ ବିଧାନସଭା ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଜିଲ୍ଲାରୁ ଆସିଥିବା ବିକ୍ଷୋଭକାରୀମାନେ ରାଜମହଲ ଛକଠାରୁ ଶୋଭାଯାତ୍ରାରେ ଯାଇ ଲୋୟର ପିଏମଜିରେ ପହଞ୍ଚିଥିଲେ। ସେଠାରେ ସଂଗଠନର ରାଜ୍ୟ ସଭାପତି ମାନସ ପାଲଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ସର୍ବଭାରତୀୟ କମିଟିର ସଭାପତି ନିରଞ୍ଜନ ନସ୍କର, ସମ୍ପାଦକ ମଣ୍ଡଳୀ ସଦସ୍ୟ ମଳୟ ପାଲ, ବିଜୟାନନ୍ଦ ମଲ୍ଲିକ ଯୋଗଦେଇ ଦେଶରେ ବେକାର ସମସ୍ୟାର ଉତ୍କଟ ରୂପ ସମ୍ପର୍କରେ କହିବା ସହ କ୍ଷମତାସୀନ ସରକାରଙ୍କ ନିଯୁକ୍ତି ନୀତିକୁ ସମାଲୋଚନା କରିଥିଲେ। ବିଶ୍ୱର ସର୍ବାଧିକ ବେକାରି ଭାରତରେ ଥିବାସତ୍ତ୍ୱେ ସରକାରମାନେ ସେମାନଙ୍କୁ ନିଯୁକ୍ତି ଦେବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ଅଭିଯୋଗ କରିବାସହ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ବିଭାଗରେ ଖାଲି ପଡିଥିବା ପଦବୀ ପୂରଣ କରିବାକୁ ଦାବି କରିଥିଲେ। ସଙ୍ଗଠନର ରାଜ୍ୟ ସମ୍ପାଦକ କେଦାରନାଥ ସାହୁ, କୋଷାଧ୍ୟକ୍ଷ ଚୈତନ୍ୟ ମହାରଣାଙ୍କ ସମେତ ସୁବାସ ମଲ୍ଲିକ, ମନୋଜ ମହାନ୍ତ, ଅଭିମନ୍ୟୁ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ବିକ୍ଷୋଭସ୍ଥଳରୁ ରାଜ୍ୟ ସମ୍ପାଦକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଫଟୋରେ ଖବର




ବିଶ୍ୱକର୍ମା ଯୋଜନାରେ ସାମିଲ କରିବା, ପେନ୍‌ସନ ଭତ୍ତା ପ୍ରଦାନ ସହ ୧୦ଦଫା ଦାବି ନେଇ ଅଲ୍ ଓଡ଼ିଶା ପେଣ୍ଟିଂ ଆର୍ଟିଷ୍ଟ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଲୋୟର ପିଏମ୍‌ଜି ଗଣଧାରଣାସ୍ଥଳ ଅଭିମୁଖେ ଯାଉଥିବା ଶୋଭାଯାତ୍ରା।




ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ପାଇକ ବିଦ୍ରୋହ ଦିବସ ପାଳନ ଅବସରରେ ଶନିବାର କଳ୍ପନା ଛକସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପାଇକ ଖେଳ।

## ସଂକ୍ଷେପରେ

### ଝରକା ଗ୍ରୀଲ୍ ଭାଙ୍ଗି ଟଙ୍କା, ସୁନାରୁପା ଅଳଙ୍କାର ଚୋରି



ନିରାକାରପୁର,୨୯।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ଘରେ କେହି ନ ଥିବା ବେଳେ ଝରକା ଗ୍ରୀଲ୍ ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା, ସୁନାରୁପା ଅଳଙ୍କାର ଚୋରି କରିନେଇଛନ୍ତି। ଏନେଇ ମମିତା ବଲିୟାରସିଂହଙ୍କ ଅଭିଯୋଗକ୍ରମେ ସ୍ଥାନୀୟ ପୋଲିସ ଏକ ମାମଲା (ନଂ.୮୮/୨୫) ରୁଜୁକରି ତଦନ୍ତ ଚଳାଇଛି। ତେବେ ଚୋରିର ଶିକାର ହୋଇଥିବା ପରିବାରଙ୍କ ସୂଚନା ଅନୁଯାୟୀ, ସେମାନଙ୍କ ଘର ପୁରୀ ଜିଲା ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ବନ୍ଧମୁଣ୍ଡା ଗାଁରେ ହୋଇଥିବା ବେଳେ ସେମାନେ ଦୀର୍ଘ ୩ବର୍ଷ ହେବ ନିରାକାରପୁରଠାରୁ ମିରିଗଦୟଣି ଯାଇଥିବା ରାସ୍ତାପାର୍ଶ୍ୱ ଏକ ଭଡାଘରେ ରହିଆସୁଥିଲେ। ତେବେ ଗୁରୁବାର ସେମାନେ ଗ୍ରାମକୁ ଯାଇଥିବାବେଳେ ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କ ଝରକା ଗ୍ରୀଲ୍ ଭାଙ୍ଗି ଘର ଭିତରେ ପଶି ଟଙ୍କା ସହିତ ସୁନାରୁପା ଅଳଙ୍କାର ନେଇଯାଇଛନ୍ତି। ସକାଳେ ଘର ମାଲିକ ବାହାରେ କିଛି ସାମଗ୍ରୀ ପଡିଥିବା ଦେଖି ମମିତାଙ୍କ ପରିବାରଙ୍କୁ ଜଣାଇଥିଲେ।

### ଦେଶୀମଦ ଜବତ,୩ ଗିରଫ

ଜଟଣୀ,୨୯।୩(ରବୀନ୍ଦ୍ରନାଥ ମହାକୁଡ଼)

ଅବକାରୀ ବିଭାଗ ପକ୍ଷରୁ ଜଟଣୀର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦେଶୀମଦ ଜବତ କରାଯିବା ସହ ୩ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଦେବରାୟ ସାମନ୍ତରା, ତାର୍ଜନ ନାୟକ ଏବଂ ପ୍ରଶାନ୍ତ ଦେହୁରି। ଏମାନଙ୍କ ନିକଟରୁ ୨୮ଲିଟର ଦେଶମଦ ଜବତ ହୋଇଛି। ମାମଲା ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଧାମୋହନଙ୍କ ପରଲୋକ

ବେଗୁନିଆ,୨୯।୩
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଧାମୋହନ ପଣ୍ଡାଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୮୭ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କାର୍ଯ୍ୟଦକ୍ଷତା ଏବଂ ପ୍ରତିଭା ପାଇଁ ରାଧାମୋହନ ବହୁ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଛନ୍ତି। ସେ ସାମାଜିକ କାର୍ଯ୍ୟରେ ନିଜକୁ ସମର୍ପିତ କରୁଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ବଳଭଦ୍ର ମୁଖାଗ୍ନି ଦେଇଥିଲେ।

# ୧୧୫୩ ଜଣଙ୍କୁ ମିଳିଲା ୩,୫୩,୧୦,୪୦୦ ଟଙ୍କା

ଖୋର୍ଦ୍ଧା,୨୯।୩(ପ୍ରଭାତ ପାଣିଗ୍ରାହୀ)

**ଜିଲାସ୍ତରୀୟ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର**

ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଭୁବନେଶ୍ୱର ଅଧୀନ ଖୋର୍ଦ୍ଧା ଜିଲାସ୍ତରୀୟ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର କାର୍ଯ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ର, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଅଜୟ କୁମାର ପ୍ରଧାନ ଅତିଥିଭାବେ ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଯୋଜନାରେ ମୃତ୍ୟୁକାଳୀନ ସହାୟତା, ଅନ୍ତେଷ୍ଟିକ୍ରିୟା, ବିବାହ, ପ୍ରସୂତି ଏବଂ ଅନ୍ୟାନ୍ୟ ସୁବିଧା ବ୍ୟବସ୍ଥା ରହିଛି। ନିର୍ମାଣ ଶ୍ରମକ କଲ୍ୟାଣ ବୋର୍ଡ ଏବଂ ଓଡ଼ିଶା ଅଣସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ଯୋଗ୍ୟ ଶ୍ରମିକଙ୍କୁ ବିନାମୂଲ୍ୟରେ ପଞ୍ଜୀକୃତ ହୋଇ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ୧୮ବର୍ଷରୁ ଉର୍ଦ୍ଧ୍ୱ ଏବଂ ୬୦ବର୍ଷରୁ କମ୍ ବୟସର ବିଭିନ୍ନ ବର୍ଗର ସମସ୍ତ ଅଣସଂଗଠିତ ଶ୍ରମିକ ପଞ୍ଜୀକରଣ ନିମନ୍ତେ



ଜଣେ ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ଯୋଗ୍ୟ ଅଟନ୍ତି। ପଞ୍ଜୀକୃତ ଶ୍ରମିକମାନଙ୍କ ସ୍ୱାଭାବିକ ମୃତ୍ୟୁକ୍ଷେତ୍ରରେ ତାଙ୍କର ମନୋନୀତ ବ୍ୟକ୍ତିଙ୍କୁ ବୋର୍ଡ ପକ୍ଷରୁ ୨ଲକ୍ଷ ଟଙ୍କା, ଦୁର୍ଘଟଣା ଜନିତ ମୃତ୍ୟୁକ୍ଷେତ୍ରରେ ୪ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ଦୁର୍ଘଟଣାଜନିତ ଶାରୀରିକ ଅକ୍ଷମତା କ୍ଷେତ୍ରରେ ପଞ୍ଜୀକୃତ ହିତାଧିକାରୀ ଅଣସଂଗଠିତ ଶ୍ରମିକଙ୍କ ଦୁର୍ଘଟଣାଜନିତ ସମ୍ପୂର୍ଣ୍ଣ ଅକ୍ଷମତା ପାଇଁ ୧ଲକ୍ଷ ୫୦ହଜାର ଟଙ୍କା ଏବଂ ଆଂଶିକ ଅକ୍ଷମତା କ୍ଷେତ୍ରରେ ୮୦ହଜାର ଟଙ୍କା, ଗୋଟିଏ ଅଙ୍ଗ ଆଂଶିକ ଅକ୍ଷମତା ପାଇଁ ୪୦ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଚଳିତ ବର୍ଷ ନିର୍ମାଣ ଶ୍ରମକ କଲ୍ୟାଣ ବୋର୍ଡ ପକ୍ଷରୁ ମୃତ୍ୟୁକାଳୀନ ସହାୟତା ୯୪ଜଣଙ୍କୁ ୨ କୋଟି ୮ଲକ୍ଷ ଟଙ୍କା, ଅନ୍ତେଷ୍ଟିକ୍ରିୟା ସହାୟତା ୯୧ଜଣଙ୍କୁ ୪ଲକ୍ଷ ୫୫ହଜାର, ବିବାହ କାଳୀନ ସହାୟତା ୧୩୬ଜଣଙ୍କୁ ୬୭ଲକ୍ଷ ଟଙ୍କା, ଶିକ୍ଷା ସହାୟତା ୮୦୧ଜଣଙ୍କୁ ୬୦ଲକ୍ଷ ୯୫ହଜାର ୪ଶହ ଟଙ୍କା, ପ୍ରସୂତିକାଳୀନ ସହାୟତା ୨୬ଜଣଙ୍କୁ ୨ଲକ୍ଷ ୬୦ହଜାର ଟଙ୍କା ମୋଟ ୧୧୪୮ଜଣଙ୍କୁ ୩ କୋଟି ୪୩ଲକ୍ଷ ୧୦ହଜାର ୪ଶହ ଟଙ୍କା ଦିଆଯାଇଛି। ସେହିଭଳି ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା କଲ୍ୟାଣ ବୋର୍ଡ ଯୋଜନାରେ ନୂତନଭାବେ ୧୭୫ଜଣ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମୃତ୍ୟୁକାଳୀନ ସହାୟତା ୫ଜଣଙ୍କୁ ୧୦ଲକ୍ଷ ଟଙ୍କା ଦିଆଯାଇଛି। ଏହି ଦୁଇଟି ଶ୍ରମିକ କଲ୍ୟାଣ ବୋର୍ଡ ଯୋଜନାରେ ମୋଟ ୧୧୫୩ଜଣଙ୍କୁ ୩,୫୩,୧୦,୪୦୦ ଟଙ୍କା ସହାୟତା ରାଶି ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲା ଶ୍ରମ ଅଧିକାରୀ(କଲ୍ୟାଣ) ମୋନାଲିସା ଜେନା, ଜିଲା ଶ୍ରମ ଅଧିକାରୀ(ପ୍ରବର୍ତ୍ତନ) ପ୍ରଭାକର ବିଶ୍ୱାଳ ସଂଯୋଜନା କରିଥିଲେ। ସହକାରୀ ଶ୍ରମ ଅଧିକାରୀ ରଶ୍ମିତା ପାତ୍ର, ବିକାଶ କୁମାର ନାୟକ, କାଳୀପୁତ୍ର କୁଳଦୀପ ପ୍ରସାଦ, ପିପାସା ମହାପାତ୍ର, ସୌମ୍ୟରଞ୍ଜନ କର, ଦେବଶ୍ରୀ ବେହେରା, ଅର୍ଚ୍ଚନା ନାୟକ, ପ୍ରଜ୍ଞା ପରିଡା, କଲ୍ୟାଣ ସଂଯୋଜକ ଲମ୍ବୋଧର ରାଉତ ପ୍ରମୁଖ ସହଯୋଗ କରିଥିଲେ।

# 'ହାତୀ ମେରା ସାଥୀ' ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ବେଗୁନିଆ,୨୯।୩
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ସାମନ୍ତରାପୁର ଗ୍ରାମରେ 'ହାତୀ ମେରା ସାଥୀ' ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଅନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଆନୁକୂଲ୍ୟରେ ଆୟୋଜିତ ସଭାରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଏବଂ ଗଜ ସାଥୀମାନେ ଯୋଗଦେଇ ସଚେତନ ହୋଇଥିଲେ। ଆୟୋଜକ ଅନୁଷ୍ଠାନର ଅଧ୍ୟକ୍ଷ ଡ.ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ରେଞ୍ଜର ଜୟକୃଷ୍ଣ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନେକ ସମୟରେ ଜଙ୍ଗଲ ଛାଡ଼ି ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି ହାତୀପଲ। ଏହାର ପ୍ରମୁଖ କାରଣ ଜଙ୍ଗଲ ହ୍ରାସ। ତେବେ ସଭିଏ ଗ୍ରାମ୍ୟ ଜଙ୍ଗଲକୁ ସୁରକ୍ଷା ଦେବା ଜରୁରୀ। ଅନ୍ୟପକ୍ଷରେ ଅନେକ ସମୟରେ ହାତୀ ଓ ମଣିଷ ଲଢେଇ ବଢିଚାଲିଛି। ଗ୍ରାମରେ ପଶି ଆସି ହାତୀପଲ ଉପଦ୍ରବ କରୁଛନ୍ତି। ତେଣୁ ଜଙ୍ଗଲକୁ ସୁରକ୍ଷା ଦେବା ସହ ସଭିଏ ଗୋଟିଏ ଲେଖାଏ ଚାରାରୋପଣ କରନ୍ତୁ ନିଶ୍ଚୟ ହାତୀଙ୍କ ଉପଦ୍ରବ କମିବ ବୋଲି ପଣ୍ଡା ବିଭିନ୍ନ ସଚେତନତା ବାର୍ତ୍ତା ଦେଇଥିଲେ। ଅନ୍ୟତମ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ, ସାମାଜିକ କର୍ମୀ ସତ୍ୟବ୍ରତ ସାମଲ, ଅର୍ଜୁନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରୁ ଆସିଥିବା ଗଜସାଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିକ୍ରମ, ତ୍ରିଲୋଚନ, ରାକେଶ ଓ ଉଲ୍ଲାସଙ୍କ ସହିତ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।





ଖୋର୍ଦ୍ଧା ଫରେଷ୍ଟ ଅଫିସ ସମ୍ମୁଖ ରାସ୍ତାପାର୍ଶ୍ୱରେ ଜନସାଧାରଣଙ୍କୁ ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷର ଶୁଭେଚ୍ଛା ଜ୍ଞାପନ କରାଯାଉଛି। (ଫଟୋ: ପ୍ରଭାତ ପାଣିଗ୍ରାହୀ)

# ଦୋଳଯାତ୍ରା କମିଟି ସଭ୍ୟଙ୍କୁ ଆକ୍ରମଣ ଅଭିଯୋଗ

ନିରାକାରପୁର,୨୯।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ଅନ୍ତର୍ଗତ ଓଳସିଂହରେ ବାର ଦୋଳଯାତ୍ରା ପଡ଼ିଆରେ ଅପେରା ପାର୍ଟି ପରିବେଷଣ ହେଉଛି। ତେବେ ପରିବେଷଣ ସମୟରେ ରାତି ପ୍ରାୟ ୧୧ଟାରେ କେତେଜଣ ଯୁବକ ଗାଳିଗୁଲଜ କରିବା ସହିତ ଦୋଳ କମିଟି ସଭ୍ୟଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୮୮/୨୫) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଡମଣଭୂମି ଗ୍ରାମର କେତେଜଣ ଯୁବକ କୌଣସି କାରଣକୁ ନେଇ କେତେଜଟ କମିଟି ସଭ୍ୟଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଛନ୍ତି। ଏନେଇ କମିଟି ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏନେଇ ଥାନା ଅଧିକାରୀ ସୁଶାନ୍ତ ବେହେରା କୁହନ୍ତି, ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି।

# ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ ହେବ

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

**ଅକ୍ଷୟତୃତୀୟା ବେଳକୁ ସରିପାରେ ରତ୍ନଭଣ୍ଡାର ମରାମତି**

- ■ ନୂଆ ଏଫ୍ଏମ୍, ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ ହେବ
- ■ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିବ ଏଲ୍ଇଡି ଡିସ୍ପ୍ଲେ

ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ ହେବ। ଏଥିସହ ନୂଆ ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରାଯିବ। ଆସନ୍ତା ଅକ୍ଷୟତୃତୀୟା ବେଳକୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ସୂଚନାକେନ୍ଦ୍ର ହେବ ଓ ଏଲ୍ଇଡି ଡିସ୍ପ୍ଲେ ଲାଗିବ। ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ନୂଆ ୟୁନିଫର୍ମ ପଲିସି ଲାଗୁହେବ। ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପ୍ରସ୍ତୁତି ଚାଲିଛି। ଶନିବାର ସନ୍ଧ୍ୟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏସବୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ବିଭିନ୍ନ ନିଯୋଗର ସଦସ୍ୟ ଏବଂ ଶ୍ରୀମନ୍ଦିର ବୈଷୟିକ କମିଟିର ସଦସ୍ୟ ପ୍ରମୁଖ ଯୋଗଦେଇ ରଥଯାତ୍ରା ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ପାଢ଼ୀ ସୂଚନା ଦେଇ କହିଛନ୍ତି, ରଥଯାତ୍ରା, ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ ଆଦି ସମ୍ପର୍କରେ ଆଲୋଚନା କରାଯାଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)କୁ ଠିକ୍ ସମୟରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସାରିବାକୁ କୁହାଯାଇଛି। ବାହାର ଓ ଭିତର ରତ୍ନଭଣ୍ଡାର ମଝିରେ ୫ଟି ବିମ୍ ଲାଗିଥିଲା, ତାହା କଳଙ୍କି ଲାଗି ଖରାପ ହୋଇଯାଇଛି। ସେ ସମସ୍ତ ୫ଟି ଲୁହାବିମ୍ କଢ଼ାଯାଇ ଷ୍ଟେନ୍ଲେସ୍ ଷ୍ଟିଲ୍ ବିମ୍ ଖଞ୍ଜାଯାଇଛି। ଦୁର୍ବଳ ପଥରଗୁଡିକୁ ମଧ୍ୟ ବଦଳାଯାଉଛି ଓ କେମିକାଲ ୱାଶିଂ ଚାଲିଛି। କାର୍ଯ୍ୟ ଠିକ୍ ଭାବେ ଚାଲିଛି। ବାହାର ରତ୍ନଭଣ୍ଡାରକୁ ଡିପ୍ଲାଷ୍ଟରିଂ ପରେ ଲାଗିଥିବା ପୁରୁଣା ପଥର ଖରାପ ବାହାରୁଥିବା ଦେଖିବାକୁ ମିଳୁଛି। ତେଣୁ ସେଗୁଡ଼ିକୁ ପରିବର୍ତ୍ତନ କରାଯାଉଛି। ରତ୍ନଭଣ୍ଡାର ମରାମତିକୁ ଦୀର୍ଘସ୍ଥାୟୀ କରାଯିବ। ବାହାର ଓ ଭିତର ରତ୍ନଭଣ୍ଡାର ମରାମତି ଶେଷ ହେବା ପରେ ଚଟାଣ ମରାମତି ହେବ। ଯାହା କାର୍ଯ୍ୟ ହୋଇଛି ତାହାର ଷ୍ଟାଟସ୍ ରିପୋର୍ଟ ଏଏସ୍ଆଇ ପକ୍ଷରୁ ପ୍ରଦାନ କରାଯାଇଛି। ଆସନ୍ତା ଅକ୍ଷୟତୃତୀୟା ବେଳକୁ ମରାମତି ଓ ସଂରକ୍ଷଣ କାର୍ଯ୍ୟ ଶେଷ ହୋଇପାରେ ବୋଲି ଆଶା କରାଯାଉଛି। ରତ୍ନଭଣ୍ଡାର କାର୍ଯ୍ୟ ନେଇ ଏଏସ୍ଆଇକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସହଯୋଗ କରାଯାଉଛି। ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ଓ ଭିତରେ ମୋବାଇଲ ଫୋନ ନେଇ ଫଟୋ ଭାଇରାଲ କରାଯାଉଥିବା ଦେଖିବାକୁ ମିଳିଛି। ନିୟମ ଭଙ୍ଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଚନ୍ଦ୍ରଶେଖର ଦେବଙ୍କ ୧୭ ଦିନିଆ ପାଣିତୋଳା ଉତ୍ସବ

ବେଗୁନିଆ,୨୯।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋସ୍ଥିତ ବାବା ଚନ୍ଦ୍ରଶେଖର ଦେବଙ୍କ ନୀତିକାନ୍ତି ଅନୁସାରେ ନୂଆପୋଖରୀଠାରେ ଚୋରା ପାଣି ତୋଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ଜଣ ଅଂଶଗ୍ରହଣ କରିଥିଲେ। ଚନ୍ଦ୍ରଶେଖର ଦେବଙ୍କ କୃପାରୁ ଦାଶରଥୀ ମିଶ୍ର ଲିଙ୍ଗ ପୁରାଣ ବହି ଲେଖିଥିଲେ। ଏଠାରେ ଲିଙ୍ଗ ପୁରାଣ ୧୭ଦିନ ଧରି ଚାଲିବ। ଏହି ଉପଲକ୍ଷେ ପ୍ରଥମ ଦିବସରେ ଖଣ୍ଡୁଆଳ ପାଟଣା ସାହିରେ ଲିଙ୍ଗ ପୁରାଣ ନାଟକ ପରିବେଷଣ ହୋଇଥିଲା। ନାଟକରେ ଅର୍ଚ୍ଚିତା, ରିଙ୍କି, ରୁପା, ବିୟୁଟି, ସରିତା, ମାମୁନି, ସୋନାଲି, ପୀତବାସ, ଜଗନ, ବିଶ୍ୱନାଥ, ରାଜେଶଙ୍କ ସମେତ ୪୦ଜଣ କଳାକାର ଅଭିନୟ କରିଥିଲେ। ସୀତାରାମ ବାରିକ, ସହଦେବ ସାହୁ, ପଦ୍ମ ଚରଣ ବାହୁବଳେନ୍ଦ୍ର, ଭାସ୍କର ସ୍ୱାଇଁ ନିର୍ଦ୍ଦେଶନା ଦେଇଥିଲେ। ରବୀନ୍ଦ୍ର ସେଠୀ ଏବଂ ଗୁଲୁ ମହାରଣା ରୂପ ସଜ୍ଜା କରିଥିଲେ। ଜଗନ୍ନାଥ ମିଶ୍ର ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ।

# ମନଦେଇ ପାଠପଢ଼, ଭଲ ମଣିଷ ହୁଅ





ଅତିଥିଙ୍କଠାରୁ ଜଣେ କୃତୀ ଛାତ୍ର ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା,୨୯।୩(ପ୍ରଭାତ ପାଣିଗ୍ରାହୀ)

ଭାଟପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବଙ୍ଗିଦା ସରପଞ୍ଚ ଦିଲୀପ କୁମାର ମହାପାତ୍ର ଯୋଗଦେଇ କହିଥିଲେ, ପାଠ ସହିତ ଖେଳକୁଦ କଲେ ସ୍ୱାସ୍ଥ୍ୟ ଭଲ ରହିବ ଓ ପାଠ ପଢିବା ପାଇଁ ଆଗ୍ରହ ବଢିବ। ପିଲାମାନେ ମନଦେଇ ପାଠ ପଢ଼, ଜଣେ ଭଲ ମଣିଷ ହୋଇ ବିଦ୍ୟାଳୟର ନାମ ରଖିବ। କାଇପଦର ସିଆର୍ସିସି ବଗେଶ୍ରୀ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ଅଗାଧୁ ସେଠୀ ଅଭିଭାଷଣ ରଖିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ମନୋଜ ବାସିନୀ ପାଇକରାୟ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷକ ପ୍ରସନ୍ନ କୁମାର ରଥ, ତୃପ୍ତିଲତା ସାମନ୍ତସିଂହାର ପରିଚାଳନା କରିଥିଲେ।

# ଶହୀଦ ସ୍ମୃତି ସ୍ତମ୍ଭ ନିର୍ମାଣ ପାଇଁ ଦାବି

ବାଣପୁର,୨୯।୩(ଦିଲୀପ କୁମାର ସ୍ୱାଇଁ)

ବାଣପୁର ସଂଗ୍ରାମ ପରିଷଦ ପକ୍ଷରୁ ଶନିବାର ୨୦୮ତମ ପାଇକ ବିଦ୍ରୋହ ଦିବସ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଲଟଣ ପଡ଼ିଆସ୍ଥିତ ଶହୀଦ କୃତିବାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସଂଗ୍ରାମ ପରିଷଦର ସଦସ୍ୟମାନେ ପଦଯାତ୍ରା କରି ତହସିଲ ଅଫିସ ନିକଟରେ ଏକ ସାଧାରଣ ସଭା କରିଥିଲେ। ଇତିହାସ ଗବେଷକ ମଦନ ମୋହନ ମହାପାତ୍ର, ପ୍ରଫେସର ନଳିନୀକାନ୍ତ ପଟ୍ଟନାୟକ, କବି ବାଳମୁକୁନ୍ଦ ଦାସ, ଅଧ୍ୟାପକ ସଂଗ୍ରାମ କେଶରୀ ସାହୁ, ଶେଷଦେବ ବରାଳ ପ୍ରମୁଖ ଶହୀଦମାନଙ୍କ ସ୍ମୃତିଚାରଣ କରିବା ସହ ପଲଟଣ ପଡ଼ିଆରେ ଏକ ଶହୀଦ ସ୍ମୃତି ସ୍ତମ୍ଭ କରିବା ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ.ଚିନ୍ତାମଣି ମିଶ୍ର, ଗୋଲକ ବିହାରୀ ପରିଡା, ଆଇନଜୀବୀ ଶେଷଦେବ ମହାରଣା, ସାମ୍ବାଦିକ ନୃସିଂହ ପ୍ରସାଦ ମିଶ୍ର, କବି ଦିଗମ୍ବର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶହୀଦ ସ୍ମୃତିସ୍ତମ୍ଭ ନିର୍ମାଣ ପାଇଁ ସରକାରଙ୍କ ନିକଟରେ ଦାବି କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବାଣପୁର ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଏଥିସହ ସ୍ଥାନୀୟ ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ସଂସ୍କୃତି ମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି।





ପାଇକ ବିଦ୍ରୋହ ଦିବସ ଅବସରରେ ବାଣପୁର ସଂଗ୍ରାମ ପରିଷଦ ପକ୍ଷରୁ ବାହାରିଥିବା ପଦଯାତ୍ରା।

# ଧୈର୍ଯ୍ୟ, ଆତ୍ମବିଶ୍ୱାସ ସଫଳତା ଆଣିଥାଏ

ବୋଲଗଡ଼,୨୯।୩(ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ସମ୍ପୃକ୍ତ ଅନୁଷ୍ଠାନ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ ପଞ୍ଚାୟତ ରାମପୁର ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ମୁଖ୍ୟ ବକ୍ତାଭାବେ ଜିଲାପରିଷଦ ସଭ୍ୟା ସୁନନ୍ଦିତା ସାହୁ ଏବଂ ସମ୍ମାନିତ ଅତିଥିଭାବେ ଏବିଇଓ ଅମିତା ମିଶ୍ର, ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ ଓ ସମିତିସଭ୍ୟା ନିର୍ମଳା ପ୍ରଧାନ, ପରିଚାଳନା କମିଟି ସଭାପତି ବ୍ରହ୍ମଚାରୀ ରାଉତରା ଏବଂ କାର୍ତ୍ତିକ ସ୍ୱାଇଁ ଯୋଗଦେଇ ବିଦ୍ୟାର୍ଥୀମାନେ ଧୈର୍ଯ୍ୟ ଓ ଆତ୍ମବିଶ୍ୱାସ ବଳରେ ସଫଳ ହୋଇପାରିବେ ବୋଲି କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତ ଭାଷଣ ଏବଂ ଶିକ୍ଷକ ମନମୋହନ କହଲସିଂହ ଅତିଥି



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ତ୍ରିନାଥ ଜେନା ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷୟିତ୍ରୀ ରୋଜାଲିନ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସେହିପରି ସଂପୁର ଗ୍ରାମ ହରିରାଜପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ସୁବୁଦ୍ଧିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଜଳଧର ମହାନ୍ତି, ମୁଖ୍ୟ ବକ୍ତାଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ମନମୋହନ ରାୟ, ସମ୍ମାନିତ ଅତିଥିଭାବେ ସମିତି ସଭ୍ୟା ବିନୋଦିନୀ ଦତ୍ତ, ସିଆର୍ସିସି ଚନ୍ଦ୍ରଶେଖର ନାୟକ, ପଞ୍ଚସଖା ଶିକ୍ଷା ସେତୁ କମିଟି ସଭାପତି ନିରଞ୍ଜନ ନାୟକ, ପରିଚାଳନା କମିଟି ସଭାପତି ତ୍ରିଲୋଚନ ବେହେରା ଯୋଗଦେଇଥିଲେ। ଶିକ୍ଷକ ଚିତ୍ତରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁରୂପଭାବେ ନାଉପଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅରୁଣ କୁମାର ସାହୁଙ୍କ ପରିଚାଳନାରେ ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟର ଆମ ସଂସ୍କୃତି ଆମ ଖେଳଣା କର୍ମଶାଳା ଓ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟାଙ୍କ ସମେତ ସାମାଜିକ କର୍ମୀ ନିରଞ୍ଜନ ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ମହାନ୍ତି, ନବକିଶୋର ନାୟକ, ପଞ୍ଚଶିକ୍ଷା ଶିକ୍ଷାସେତୁ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଲେଙ୍କା, ପରିଚାଳନା କମିଟି ସଭାପତି ମାଧବଚନ୍ଦ୍ର ଲେଙ୍କା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ସେଠୀ ଧନ୍ୟବାଦ ଦେଇଥିଲେ। ସମସ୍ତ ବିଦ୍ୟାଳୟର କୃତୀ ବିଦ୍ୟାର୍ଥୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

**ଏପ୍ରିଲ ୨ରୁ ସକାଳୁଆ ଅଭିଯୋଗ ଶୁଣାଣି**

ପୁରୀ,(ଅଜିତ୍ କୁମାର ମହାନ୍ତି)-ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଚିଠି ଅନୁଯାୟୀ, ପୁରୀ ଜିଲା ମୁଖ୍ୟାଳୟରେ ଆସନ୍ତା ଏପ୍ରିଲ ୨ ତାରିଖରୁ ପୂର୍ବାହ୍ନ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏହା ଅନୁଷ୍ଠିତ ହେବ ବୋଲି ଜିଲା ଅଭିଯୋଗ ଶୁଣାଣି ଅଧିକାରୀ ସୂଚନା ଦେଇଛନ୍ତି।

# ପ୍ରେମାନନ୍ଦ ମହାନ୍ତି ସଭାପତି, ଶରତ ରାୟଗୁରୁ ସାଧାରଣ ସମ୍ପାଦକ


ପ୍ରେମାନନ୍ଦ ମହାନ୍ତି


ଶରତ କୁମାର ରାୟଗୁରୁ


ନବନିର୍ବାଚିତ ସଦସ୍ୟବୃନ୍ଦ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

**ପୁରୀ ଓକିଲ ସଂଘର ନିର୍ବାଚନ**

**ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)**

୨୦୨୫-୨୬ ବର୍ଷ ପାଇଁ ପୁରୀ ଓକିଲ ସଂଘର ସାଧାରଣ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟା ୩୦ରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ଓକିଲ ସଂଘର ସଦସ୍ୟମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଆସି ନିଜ ମତଦାନ ସାବ୍ୟସ୍ତ କରିଥିଲେ। ସଭାପତି ପଦ ପାଇଁ ପ୍ରେମାନନ୍ଦ ମହାନ୍ତି ଓ ସାରଦା ପ୍ରସାଦ ସାମଲଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ପ୍ରେମାନନ୍ଦ ୫୯୮ ଭୋଟ ପାଇଥିଲେ। ସେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସାରଦା ପ୍ରସାଦଙ୍କଠାରୁ ୧୬୦ ଖଣ୍ଡ ଅଧିକ ଭୋଟରେ ବିଜୟ ଲାଭ କରିଛନ୍ତି। ଶାରଦା ୪୩୮ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ଉପସଭାପତି ପଦ ନିମନ୍ତେ ବିଭୁଦତ୍ତ ପଟ୍ଟନାୟକ ଓ ଦେବେନ୍ଦ୍ରନାଥ ମିଶ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ବିଭୁଦତ୍ତ ୫୫୩ ଖଣ୍ଡ ଭୋଟ ଓ ଦେବେନ୍ଦ୍ର ୪୯୧ଖଣ୍ଡ ଭୋଟ ପାଇଥିଲେ। ବିଭୁଦତ୍ତ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦେବେନ୍ଦ୍ରଙ୍କଠାରୁ ୬୨ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ସେହିପରି ସମ୍ପାଦକ ପଦବୀ ପାଇଁ ନରେଶ କୁମାର ମହାନ୍ତି, ରମେଶ ଚନ୍ଦ୍ର ପ୍ରଧାନ ଏବଂ ଶରତ କୁମାର ରାୟଗୁରୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଶରତ ୫୬୭ ଭୋଟ ପାଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରମେଶ ଚନ୍ଦ୍ର ପ୍ରଧାନ ୨୬୯ ଓ ନରେଶ ମହାନ୍ତି ୨୧୦ ଖଣ୍ଡ ଭୋଟ ପାଇଥିଲେ। ଯୁଗ୍ମ ସମ୍ପାଦକ ପଦ ନିମନ୍ତେ ମଇଦାନରେ ୬ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ। ଅନିଲ କୁମାର ସାହୁ ୪୨୭, ଭାଗବତ ପ୍ରସାଦ ପଟ୍ଟନାୟକ ୪୧୨, ବିଚିତ୍ରାନନ୍ଦ ପରିଡ଼ା ୨୪୫, ପ୍ରତାପ ମହାପାତ୍ର ୨୫୭, ପୂର୍ଣ୍ଣଚନ୍ଦ୍ର ମହାନ୍ତି ୩୦୦, ସମୀର ଘୋଷ ୩୯୪ ଏବଂ ସୋମନାଥ ରଣା ୩୨୫ ଖଣ୍ଡ ଭୋଟ ପାଇଥିଲେ। ସର୍ବାଧିକ ଭୋଟ ପାଇଥିବା ୩ଜଣ ଯଥା- ଅନିଲ କୁମାର ସାହୁ, ଭାଗବତ ପ୍ରସାଦ ପଟ୍ଟନାୟକ ଏବଂ ସମୀର ଘୋଷ ଯୁଗ୍ମସମ୍ପାଦକ ଭାବେ ବିଜୟୀ ଘୋଷଣା କରାଯାଇଛି। ସେହିପରି କାର୍ଯ୍ୟକାରୀ ସଦସ୍ୟ ପଦ ନିମନ୍ତେ ୬ଜଣ ପ୍ରାର୍ଥୀ ନିର୍ବାଚନ ଲଢିଥିଲେ। ମନୋରଞ୍ଜନ ସାହୁ ୭୨୦, କର୍ମବୀର ମହାପାତ୍ର ୬୮୪, ରାଜେଶ ମହାନ୍ତି ୬୩୭, ଜ୍ୟୋତି ପ୍ରକାଶ ମହାନ୍ତି ୬୦୬, ତାପସ ବଳିୟାରସିଂ ୫୨୯ ଏବଂ ରଞ୍ଜିତ ନାୟକ ୪୪୬ ଖଣ୍ଡ ଭୋଟ ପାଇଥିଲେ। ସର୍ବାଧିକ ଭୋଟ ପାଇଥିବା ୫ ଜଣ ପ୍ରାର୍ଥୀ ଯଥା- ମନୋରଞ୍ଜନ ସାହୁ, କର୍ମବୀର ମହାପାତ୍ର, ରାଜେଶ ମହାନ୍ତି, ଜ୍ୟୋତି ପ୍ରକାଶ ମହାନ୍ତି ଏବଂ ତାପସ ବଳିୟାରସିଂ କାର୍ଯ୍ୟକାରୀ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ପ୍ରଦୀପ କୁମାର ରଥ ଦାୟିତ୍ୱ ତୁଲାଇଥିଲେ। ପୁରୀ ଓକିଲ ସଂଘ ପକ୍ଷରୁ ନିର୍ବାଚନ ଫଳାଫଳ ସମ୍ପର୍କରେ ଏହି ସୂଚନା ଦିଆଯାଇଛି।

# ବାମନଚରଣ ସଭାପତି, ପ୍ରଶାନ୍ତ ସମ୍ପାଦକ

**ନିମାପଡ଼ା ଜୁଡିସିଆଲ ବାର୍ ଆସୋସିଏଶନ କର୍ମକର୍ତ୍ତା ଚୟନ**

**ନିମାପଡ଼ା,୨୯।୩ (ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଜୁଡିସିଆଲ୍ ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତା ଚୟନ ତଥା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନରେ ସଭାପତି ଭାବେ ଆଇନଜୀବୀ ବାମନଚରଣ ନାୟକ, ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ରାଉତରାୟ, ଉପସଭାପତି ଭାବେ ମିହିର ରଞ୍ଜନ ମହାନ୍ତି, ସହସମ୍ପାଦକ ଭାବେ ସରୋଜ କୁମାର ଦାଶ ସର୍ବସମ୍ମତିକ୍ରମେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି।


ବାମନଚରଣ ନାୟକ


ପ୍ରଶାନ୍ତ କୁମାର ରାଉତରାୟ

# ଅଭିମନ୍ୟୁ ସଭାପତି, ପ୍ରଭାତ ସମ୍ପାଦକ

**ନିମାପଡ଼ା ବାର୍ ଆସୋସିଏଶନ ନିର୍ବାଚନ**

**ନିମାପଡ଼ା,୨୯।୩ (ବିଚିତ୍ରାନନ୍ଦ ସାହୁ)**


ଅଭିମନ୍ୟୁ ସ୍ୱାଇଁ


ପ୍ରଭାତ କୁମାର ନାୟକ

ନିମାପଡ଼ାବାର୍ଆସୋସିଏଶନର ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ନିର୍ବାଚନରେ ସଭାପତି ଭାବେ ଆଇନଜୀବୀ ଅଭିମନ୍ୟୁ ସ୍ୱାଇଁ, ସମ୍ପାଦକ ଭାବେ ପ୍ରଭାତ କୁମାର ନାୟକ, ଉପସଭାପତି ଭାବେ ଦ୍ୱିଜବର ସ୍ୱାଇଁ, ସହସମ୍ପାଦକ ଭାବେ ରାଧାଶ୍ୟାମ ଜେନା ନିର୍ବାଚିତ ହୋଇଛନ୍ତି। ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଅଶୋକ ସଭାପତି, ସମ୍ପାଦକ ଭାବେ ନିରେନ ନିର୍ବାଚିତ

**କାକଟପୁର ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ**

**ଅସ୍ତରଙ୍ଗ/କାକଟପୁର,୨୯।୩ (ମମତା ଜେନା/ଶୁଭଦର୍ଶନ ମିଶ୍ର)**

କାକଟପୁର ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଅଧିକାରୀ ଆଇନଜୀବୀ ହରେକୃଷ୍ଣ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ମକର୍ତ୍ତା ନିର୍ବାଚନ ଅତ୍ୟନ୍ତ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି। ଏହି ନିର୍ବାଚନରେ ୨୮ଜଣ ଆଇନଜୀବୀ ସେମାନଙ୍କର ମତଦାନ ସାବ୍ୟସ୍ତ କରିଥିଲେ। ଏଥିରେ ଓକିଲ ସଂଘର ସଭାପତି ଭାବେ ଆଇନଜୀବୀ ଅଶୋକ କୁମାର ଦାଶ, ଉପସଭାପତି ଆଇନଜୀବୀ ଉମାକାନ୍ତ ମିଶ୍ର ଏବଂ ସମ୍ପାଦକ ଭାବେ ଆଇନଜୀବୀ ନିରେନ ପ୍ରସାଦ ମହାନ୍ତି, ଯୁଗ୍ମ ସମ୍ପାଦକ ଆଇନଜୀବୀ ଦିଲୀପ କୁମାର ବେହେରା, ସହସମ୍ପାଦକ ଆଇନଜୀବୀ ପ୍ରଭାତ କୁମାର ଦୀକ୍ଷିତ, କୋଷାଧ୍ୟକ୍ଷ ଭାବେ ଆଇନଜୀବୀ ଲକ୍ଷ୍ମୀକାନ୍ତ ଶତପଥୀ, ଲାଇବ୍ରେରୀ ସମ୍ପାଦକ ଭାବେ ଆଇନଜୀବୀ ଦିଲୀପ କୁମାର ବାରିକ ନିର୍ବାଚିତ ହୋଇଥିବା ବେଳେ ଉପଦେଷ୍ଟା ଭାବେ ଆଇନଜୀବୀ ଅସରଫ ଖାନ, ଆଇନଜୀବୀ ଦିବ୍ୟଦର୍ଶୀ ବିଶ୍ୱାଳ, ଆଇନଜୀବୀ ଶେଖ ମୁସ୍ତାକିମ ଓ ଆଇନଜୀବୀ କମଳ ଲୋଚନ ଦୀକ୍ଷିତ ମନୋନୀତ ହୋଇଥିଲେ।

# ସପ୍ତମ ଥର ପାଇଁ ଶ୍ରୀଜୟ ନିର୍ଦ୍ୱନ୍ଦ୍ୱରେ ସଭାପତି

**କୋଣାର୍କ ବାର୍ ଆସୋସିଏଶନ ନିର୍ବାଚନ**

**କୋଣାର୍କ,୨୯।୩ (ଜ୍ୟୋତିରାଜ ମହାନ୍ତି)**


ଶ୍ରୀଜୟ ବରାଳ


ସୁରେଶ ସ୍ୱାଇଁ

କୋଣାର୍କ ସଂଘର ସମସ୍ତ ପଦବୀ ପାଇଁ ଶାନ୍ତିପୂର୍ଣ୍ଣଭାବେ ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସଂଘର ସଭାପତି ଭାବେ ଶ୍ରୀଜୟ ବରାଳ ସପ୍ତମ ଥର ପାଇଁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିବା ବେଳେ ଅନ୍ୟ ସବୁ ପଦବୀ ପାଇଁ ନୂତନ ମୁହଁ ଦେଖିବାକୁ ମିଳିଛି। ସାଧାରଣ ସମ୍ପାଦକ ଭାବେ ସୁରେଶ ସ୍ୱାଇଁ, ଉପସଭାପତି ରଶ୍ମିତା ଶତପଥୀ, ସସ୍ମିତା ନିଶଙ୍କ, ବିଜୟଲକ୍ଷ୍ମୀ ବିଶାଳ, ପ୍ରସ୍ନଜିତ୍ ପରିଡ଼ା, ଭଗବାନ ମହାପାତ୍ର, ଯୁଗ୍ମ ସମ୍ପାଦକ ଭାବେ ବରୁଣ ନାୟକ, ଭାବଗ୍ରାହୀ ସ୍ୱାଇଁ, ଅଜୟ ସେଠୀ, କୋଷାଧ୍ୟକ୍ଷ ଭାବେ ବିଜୟ ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ଭାବେ ଅଶୋକ ବିଶ୍ୱାଳ, ତପନ ପଟ୍ଟନାୟକ, ପ୍ରଦୀପ୍ତ ପାତ୍ର, ଅମିତାଭ ମହାନ୍ତି, ଲକ୍ଷ୍ମୀକାନ୍ତ ଖଟୋଇ, ଦେବଧୂତି ମହାପାତ୍ର, ଉପଦେଷ୍ଟା ଭାବେ ଦେବରାଜ ଦାଶ, ମାଧବାନନ୍ଦ ପତି, ସୋମନାଥ ନିଶଙ୍କ ଓ ପୂର୍ଣ୍ଣଚନ୍ଦ୍ର ବେଉରା ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

# ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଖୋଲିଲା ଜୟା ହୋଟେଲ

**ସାକ୍ଷୀଗୋପାଳ,୨୯।୩(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)**

ମଟନରେ ଗୋମାଂସ ମିଶ୍ରଣ ଭିଡିଓ ଭାଇରାଲ୍ ପରେ ପ୍ରଶାସନ ସିଲ୍ କରିଥିବା ସାକ୍ଷୀଗୋପାଳ ଜୟା ହୋଟେଲ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଶନିବାର ଖୋଲାଯାଇଛି। ସତ୍ୟବାଦୀ ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ବିଜୟ କେତନ ବେହେରା ଅନ୍ୟ ପୋଲିସ କର୍ମଚାରୀ ଓ ସାକ୍ଷୀମାନଙ୍କ ଉପସ୍ଥିତିରେ ହୋଟେଲ୍ ସିଲ୍ ଖୋଲିଛନ୍ତି। ଜୟା ହୋଟେଲକୁ ସୁରକ୍ଷା ପ୍ରଦାନ ନିମନ୍ତେ ବିଏନ୍‌ଏସ୍ ୧୬୩ ଧାରା ବଳବତ୍ତର ରହିଛି। ପୂର୍ବପରି ପୋଲିସ ମୁତୟନ ରହିଛନ୍ତି।

ହୋଟେଲ ମାଲିକ ପ୍ରଦୀପ କୁମାର ବାରିକ କହିଛନ୍ତି, ତାଙ୍କ ବିରୋଧରେ କରାଯାଇଥିବା ମିଥ୍ୟା ଅଭିଯୋଗର ଉଚିତ ନ୍ୟାୟ ପାଇଛି। ଆମେ ହିନ୍ଦୁ, ଆମର ଜଗନ୍ନାଥଙ୍କ ଉପରେ ଅଗାଢ଼ ବିଶ୍ୱାସ ରହିଛି। ସେଭଳି ଭୁଲ୍‌କାମ ଆମେ କରିନାହୁଁ। ଆମ ଉପରେ ଯେମିତି ଭରସା ଓ ବିଶ୍ୱାସ ରଖି ଗ୍ରାହକମାନେ ହୋଟେଲକୁ ଆସୁଥିଲେ ସେହି ବିଶ୍ୱାସ ରଖିବାକୁ ସେ ଅନୁରୋଧ କରିଛନ୍ତି। ହାଇକୋର୍ଟଙ୍କ ଆଦେଶକ୍ରମେ ସେଠାରେ ଆଇନ ଶୃଙ୍ଖଳା ବଜାୟ ରଖିବାକୁ ଏବେବି ପୋଲିସ ମୁତୟନ କରାଯାଇଛି। ସୂଚନାଯୋଗ୍ୟ, ହୋଟେଲ ମାଲିକ ବେହେରା ପିପିଲି ଏସ୍‌ଡିପିଓ ଓ ସତ୍ୟବାଦୀ ଅତିରିକ୍ତ ତହସିଲଦାର୍‌ଙ୍କ ଆଦେଶ ବିରୋଧରେ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ।

# ଦିଲୀପ ପରିଡ଼ା ଆତ୍ମାର ନୂଆ ଅଧ୍ୟକ୍ଷ

**ବ୍ଲକ କୃଷି ଉପଦେଷ୍ଟା କମିଟିର ଜରୁରୀ ବୈଠକ**

**ନିମାପଡ଼ା,୨୯।୩(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ବ୍ଲକ କୃଷି ବିଭାଗ ପକ୍ଷରୁ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ କୃଷି ଉପଦେଷ୍ଟା କମିଟିର ଏକ ଜରୁରୀ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ସମାରୋହରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ କୁଞ୍ଜଲତା ସାମଲ ଓ ରବୀନ୍ଦ୍ର ମଲ୍ଲିକ, ଆତ୍ମାର ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ବ୍ଲକ କୃଷି ଅଧିକାରୀ ତଥା ବ୍ଲକ ବୈଷୟିକ ଆବାହକ ପ୍ରିୟବ୍ରତ ପୃଷ୍ଟି ପ୍ରମୁଖ ଯୋଗଦେଇ ବୈଠକର ଲକ୍ଷ୍ୟ ଏବଂ ତାତ୍ପର୍ଯ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆୟୋଜିତ ବୈଠକରେ ଦିଲୀପ କୁମାର ପରିଡ଼ାଙ୍କୁ ସର୍ବସମ୍ମତିକ୍ରମେ ଆତ୍ମାର ନୂତନ ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ବିଭିନ୍ନ ବିଭାଗରୁ ମନୋନୀତ ୨୫ ସଭ୍ୟାସଭ୍ୟ ଓ ଅତିଥିମାନେ ନୂତନ ଅଧ୍ୟକ୍ଷ ପରିଡ଼ାଙ୍କୁ ସ୍ୱାଗତ ଜଣାଇଥିଲେ। ବୈଠକରେ କୃଷି, ଉଦ୍ୟାନ, ମତ୍ସ୍ୟ, ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। କୃଷି ଓ କୃଷକମାନଙ୍କର ବିକାଶ, ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାରେ ମୁଁ ସଙ୍କଳ୍ପବଦ୍ଧ ବୋଲି ଆତ୍ମାର ନୂତନ ଅଧ୍ୟକ୍ଷ ଦିଲୀପ ପରିଡ଼ା କହିଛନ୍ତି।


ଆତ୍ମାର ନୂତନ ଅଧ୍ୟକ୍ଷଙ୍କୁ ସଦସ୍ୟମାନେ ସମ୍ବର୍ଦ୍ଧନା ଜଣାଉଛନ୍ତି।



ମ୍ୟାନ୍‌ମାର୍ ଭୂକମ୍ପ ପୀଡ଼ିତଙ୍କୁ ଶନିବାର ପୁରୀ ବେଳାଭୂମିରେ ବାଲୁକା କଳା ମାଧ୍ୟମରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସମବେଦନା ଜ୍ଞାପନ କରୁଛନ୍ତି।

# ଅଗ୍ନିକାଣ୍ଡ: ଜଳିଗଲା ୫ ବଖରା, ୧୫ ବାଇକ

**ପିପିଲି,୨୯।୩(ଦୁର୍ଗା ମାଧବ ମିଶ୍ର)**

ପିପିଲି ପୌରାଞ୍ଚଳର ୫ନଂ ୱାର୍ଡ ଭବାନୀପୁରରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଫଳରେ ୫ ବଖରା ଛାତ ଘର ଜଳି ଯାଇଥିବା ବେଳେ ୧୫ରୁ ୨୦ ବାଇକ୍ ଜଳି ପାଉଁଶ ହୋଇଛି। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଲିଭାଇଥିଲେ। ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ ନିୟନ୍ତ୍ରଣ କରିବାକୁ ବହୁ ସମୟ ଲାଗିଥିଲା। ଭବାନୀପୁର ଏକ ଛାତ ଘରୁ ଏହି ଅଗ୍ନିକାଣ୍ଡ ହୋଇଥିଲା। ଏହା ଶର୍ଟସର୍କିଟ୍ ଯୋଗୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ଏହି ଘରଗୁଡ଼ିକରେ ପଶ୍ଚିମବଙ୍ଗ ମୁର୍ସିଦାବାଦ୍‌ର ରିଫ୍ୟୁଜ୍ ବଙ୍ଗାଳି ଘରଭଡ଼ା ନେଇ ରହୁଥିଲେ। ଆସନ୍ତା ସୋମବାର ସେମାନଙ୍କର ପର୍ବ ଥିବାରୁ ସେମାନେ ସମସ୍ତେ ନିଜ ନିଜ ବାଇକ ସହ ଫେରି ସାମଗ୍ରୀ ରଖି ଘର ଚାବିଦେଇ ନମାଜ ପଢ଼ିବା ପାଇଁ ମୁର୍ସିଦାବାଦ ଯାଇଛନ୍ତି।

# ନୂଆ ସୋମେଶ୍ୱରପୁର ଉଚ୍ଚ ବିଦ୍ୟାଳୟରେ ୭ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ

**ସାକ୍ଷୀଗୋପାଳ,୨୯।୩(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)**

ସତ୍ୟବାଦୀ ବ୍ଲକର ନୂଆସୋମେଶ୍ୱରପୁର ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାପିତ ୭ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ବାରିଷ୍ଟର ବିଶ୍ୱନାଥ ମିଶ୍ର, ଜୟୀ ରାଜଗୁରୁ, ହରିହର ମର୍ଦ୍ଦରାଜ ଏବଂ ଫକୀର ମୋହନ ସେନାପତିଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ଶିକ୍ଷାବିତ୍ ତଥା ଉତ୍କଳ ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପୂଜ୍ୟ ପୂଜା ପରିଷଦ ରମ୍ଭାର ସଭାପତି ସୁବାସ ଚନ୍ଦ୍ର ପଣ୍ଡା, ଉତ୍କଳ ସ୍ୱାଭିମାନ ମଞ୍ଚର ନରସିଂହ ସୁବୁଦ୍ଧି, ବୈକୁଣ୍ଠନାଥ ନାୟକ, ଆର୍ତ୍ତତ୍ରାଣ ମଲ୍ଲିକ, ବାସୁଦେବ ସାହୁ, ଦେବେନ୍ଦ୍ର କୁମାର ନନ୍ଦ, ସବୁଜ ମିଶ୍ର, ସୁରରାଜ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦ୍ୱାରା ମହାପୁରୁଷଙ୍କ ତ୍ୟାଗ, ଆଦର୍ଶ ଓ ଉନ୍ନତ ଚରିତ୍ରର ପ୍ରତିଫଳନ ପିଲାଙ୍କ ଉପରେ ପଡ଼ିବ ଏବଂ ସେମାନେ ଭଲ ମଣିଷ ହେବାର ସଂକଳ୍ପ ନେଇପାରିବେ ବୋଲି ଅତିଥିମାନେ କହିଥିଲେ। ପ୍ରଧାନ ଶିକ୍ଷକ ବିଶ୍ୱବିକାଶ ପ୍ରଧାନ ଧନ୍ୟବାଦ ଦେଇଥିଲେ। ପ୍ରତିମୂର୍ତ୍ତି ସ୍ଥାପନରେ ସହଯୋଗ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅଲିଭ୍ ରିଡ୍‌ଲେ, ଡଲଫିନ ସୁରକ୍ଷା ସଚେତନତା

**କୋଣାର୍କ,୨୯।୩(ଜ୍ୟୋତିରାଜ ମହାନ୍ତି)**

କୋଣାର୍କ ଥାନା ଅନ୍ତର୍ଗତ ଚନ୍ଦ୍ରଭାଗା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ପରିସରରେ ଶନିବାର ପୂର୍ବାହ୍ନରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଡଲଫିନ୍ ଓ ଅଲିଭ୍ ରିଡ୍‌ଲେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ଅତିଥି ଭାବେ ପୁରୀ ଡିଏଫ୍‌ଓ ବିବେକ କୁମାର, ଅସ୍ତରଙ୍ଗ ଏଏଫ୍‌ଓ ସତ୍ୟବ୍ରତ ଦାଶ, ଜୀବ ବିଜ୍ଞାନୀ ଶୁଭଶ୍ରୀ ସ୍ୱାଗତିକା ମହାନ୍ତି, ଏସିଏଫ୍ ସସ୍ମିତ ପଣ୍ଡା, ଅଶୋକ ବେହେରା, ସାମାଜିକ ସଂଗଠନ ଜଙ୍ଗଲ ଫାଉଣ୍ଡେସନର ଅଧ୍ୟକ୍ଷ ଆକାଶ ରଞ୍ଜନ ରଥ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମୁଦ୍ର ଭିତରେ ଡଲଫିନ୍ ଓ ଅଲିଭ୍ ରିଡ୍‌ଲେ ସୁରକ୍ଷିତ ରହିଲେ ଅନ୍ୟଜୀବମାନେ ସୁରକ୍ଷିତ ରହିପାରିବେ। ଏହି ସବୁ ସାମୁଦ୍ରିକ ଜୀବର ସଂରକ୍ଷଣ ପାଇଁ ସମୁଦ୍ରରେ ରିଂ ଜାଲରେ ମାଛ ଧରିବା ଉପରେ କଟକଣା କରାଯାଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ, ବାଲୁଖଣ୍ଡ, ବ୍ରହ୍ମଗିରି,ଗୋପ ଓ ଅସ୍ତରଙ୍ଗରୁ ଫରେଷ୍ଟର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୋଣାର୍କ, ଗୋପ, ଅସ୍ତରଙ୍ଗ, ବ୍ରହ୍ମଗିରି ବନବିଭାଗ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

# ବିଶ୍ୱ ସଂସ୍କୃତ ସମ୍ମେଳନ ଉଦ୍‌ଘାଟିତ

**ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)**

ଲୋକଭାଷା ପ୍ରଚାର ସମିତି, ଭାରତ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସର ପୁରୀ ଆନୁକୂଲ୍ୟରେ ତ୍ରିଦିବସୀୟ ବିଶ୍ୱ ସଂସ୍କୃତ ସମ୍ମେଳନ ଶନିବାର ଉଦ୍‌ଘାଟିତ ହୋଇଯାଇଛି। କେରଳସ୍ଥ ମାତା ଅମୃତାନନ୍ଦମୟୀ ଆଶ୍ରମର ପୂଜ୍ୟା ସ୍ୱାମିନୀ ସୁବିଧାମୃତପ୍ରାଣାଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଛି। ଏହି ସମାରୋହରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ି ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ଅତିଥି ଭାବେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ଏବଂ ମୁଖ୍ୟ ବକ୍ତାଭାବେ ଚିନ୍ମୟା ବିଶ୍ୱବିଦ୍ୟାପୀଠ, କେରଳର ପ୍ରାକ୍ତନ ପ୍ରଫେସର ବି. ମହାଦେବନ୍ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥିଭାବେ ଦାମୋଦର ଗୌଡୀୟ ମଠର ମଠାଧୀଶ ପୂଜ୍ୟ ଶ୍ରୀପାଦଭକ୍ତିବେଦାନ୍ତମୋଧାୟନ ମହାରାଜ, ଛତିଶଗଡ଼ର ରାୟପୁର ବିଧାୟକ ପୁରନ୍ଦର ମିଶ୍ର ଏବଂ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଅତିରିକ୍ତ ସଚିବ ସୁନୀଲ କୁମାର ବରନୱାଲ୍, ସାନ୍ନିଧ୍ୟରମ ଭାବେ ପ୍ରାଚ୍ୟ ବିଦ୍ୟା ଶିକ୍ଷା ପ୍ରଶିକ୍ଷଣ ସଂଶୋଧନ ପ୍ରତିଷ୍ଠାନମ୍ କେରଳର ମହାନିର୍ଦ୍ଦେଶକ ପ୍ରଫେସର ପି.ସି. ମୁରଲୀମାଧବ, କେଲାନିୟା ବିଶ୍ୱବିଦ୍ୟାଳୟ, ଶ୍ରୀଲଙ୍କାର ପ୍ରଫେସର ବାଡ଼ିମଙ୍ଗଲ ପନ୍ନାଲୋକ, ବିଶ୍ୱ ସଂସ୍କୃତ ସମ୍ମେଳନର ଉପସଭାପତି ଆଚାର୍ଯ୍ୟ କାଶୀନାଥ ନୌପାନେ ଉପସ୍ଥିତ ଥିଲେ। ଲୋକଭାଷା ପ୍ରଚାର ସମିତି ରାଷ୍ଟ୍ରୀୟାଧ୍ୟକ୍ଷ ଡ. ସଦାନନ୍ଦ ଦୀକ୍ଷିତ ସ୍ୱାଗତ ଭାଷଣ ଦେଇଥିଲେ। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସର, ପୁରୀର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ ବିଷୟ ଉପସ୍ଥାପନ କରିଥିଲେ। ବୈଷୟିକ ଅଧିବେଶନରେ ବିଶ୍ୱହିତାୟ ସଂସ୍କୃତମ୍ ଶୀର୍ଷକ ଆଲୋଚନାଚକ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମେଳନରେ ଆଚାର୍ଯ୍ୟ ଅରୁଣରାଜ ମିଶ୍ର, ପ୍ରଫେସର ଜୟଶଙ୍କର ଝା, ପ୍ରଫେସର ନରସିଂହ ଚରଣ ପଣ୍ଡା, ଆଚାର୍ଯ୍ୟ ସି.ଏଚ୍. ସତ୍ୟନାରାୟଣ, ଡ. ଗଗନଚନ୍ଦ୍ର ଦେ, ଆଚାର୍ଯ୍ୟ ବିଶ୍ୱନାଥ ମିଶ୍ର, ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ପାଢୀ, ପ୍ରଫେସର ଗୋକୁଳେନ୍ଦ୍ର ନା, ଆଚାର୍ଯ୍ୟ ଦତ୍ତାତ୍ରେୟ ମୂର୍ତ୍ତି, ପ୍ରଫେସର ଗୌରପ୍ରିୟା ଦାଶ, ପ୍ରଫେସର ସଙ୍ଗୀତା ଅଗ୍ରୱାଲ ଏବଂ ଶ୍ରୀସଦାଶିବ ପରିସରର ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ।



ବିଶ୍ୱ ସଂସ୍କୃତ ସମ୍ମେଳନରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି ।

**ବେଆଇନ ଗୁଟ୍‌ଖା କାରବାର ଘଟଣା, ୨ କୋର୍ଟ ଚାଲାଣ**

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ବେଆଇନ ଗୁଟ୍‌ଖା କାରବାର କରିବା ଘଟଣାରେ ଖୁଣ୍ଟୁଣୀ ପୋଲିସ ୨ ଜଣ ବ୍ୟବସାୟୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା ବଡ଼ଚଣା ଅଞ୍ଚଳର ଶିବ ବେହେରା ଓ ଚଣ୍ଡିଖୋଲ ଅଞ୍ଚଳର ସୁଶାନ୍ତ ସାହୁ। ଢେଙ୍କାନାଳ ପଟରୁ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଗୁଟ୍‌ଖା କଟକକୁ ଚୋରା ଚାଲାଣ ହେଉଥିବା ଗୁରୁବାର ରାତିରେ ପୋଲିସ ଖବର ପାଇଥିଲା। ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଏବଂ ଖୁଣ୍ଟୁଣୀ ଥାନା ଆଇଆଇସି ରଞ୍ଜନ କୁମାର ପ୍ରଧାନ ପୋଲିସ ଟିମ୍ ଖୁଣ୍ଟୁଣୀ ବଜାର ଓଭରବ୍ରିଜ୍ ନିକଟରେ ଭ୍ୟାନ୍‌କୁ ଅଟକାଇବା ବେଳେ ୨ ଜଣ ବ୍ୟବସାୟୀ ଓ ଚାଳକ ଗାଡ଼ି ଛାଡି ଚମ୍ପଟ ମାରିଥିଲେ। ପରେ ପୋଲିସ ଯାଞ୍ଚ କରି ଉକ୍ତ ଭ୍ୟାନ୍‌ରୁ ୩୭ ବସ୍ତା ଗୁଟ୍‌ଖା ଓ ୧୭.୫୪ ଲକ୍ଷ ଟଙ୍କା ଓ ସୁଶାନ୍ତଙ୍କ ଠାରୁ ୫.୭୫ ଟଙ୍କା ଜବତ କରିଥିଲା।

# ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ ହେବ

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ ହେବ। ଏଥିସହ ନୂଆ ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରାଯିବ। ଆସନ୍ତା ଅକ୍ଷୟତୃତୀୟା ବେଳକୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ସୂଚନାକେନ୍ଦ୍ର ହେବ ଓ ଏଲ୍‌ଇଡି ଡିସ୍‌ପ୍ଲେ ଲାଗିବ। ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ନୂଆ ୟୁନିଫର୍ମ ପଲିସି ଲାଗୁ ହେବ। ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପ୍ରସ୍ତୁତି ଚାଲିଛି। ଶନିବାର ସନ୍ଧ୍ୟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏସବୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ବିଭିନ୍ନ ନିଯୋଗର ସଦସ୍ୟ ଏବଂ ଶ୍ରୀମନ୍ଦିର ବୈଷୟିକ କମିଟିର ସଦସ୍ୟ ପ୍ରମୁଖ ଯୋଗଦେଇ ରଥଯାତ୍ରା ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢୀ ସୂଚନା ଦେଇ କହିଛନ୍ତି, ରଥଯାତ୍ରା, ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ ଆଦି ସମ୍ପର୍କରେ ଆଲୋଚନା କରାଯାଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)କୁ ଠିକ୍ ସମୟରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସାରିବାକୁ କୁହାଯାଇଛି। ବାହାର ଓ ଭିତର ରତ୍ନଭଣ୍ଡାର ମଝିରେ ୫ଟି ବିମ୍ ଲାଗିଥିଲା, ତାହା କଳଙ୍କ ଲାଗି ଖରାପ ହୋଇଯାଇଛି। ସେ ସମସ୍ତ ୫ଟି ଲୁହାବିମ୍ କଢ଼ାଯାଇ ଷ୍ଟେନଲେସ୍ ଷ୍ଟିଲ୍ ବିମ୍ ଖଞ୍ଜାଯାଇଛି। ଦୁର୍ବଳ ପଥରଗୁଡିକୁ ମଧ୍ୟ ବଦଳାଯାଉଛି ଓ କେମିକାଲ ୱାଶିଂ ଚାଲିଛି। କାର୍ଯ୍ୟ ଠିକ୍ ଭାବେ ଚାଲିଛି। ବାହାର ରତ୍ନଭଣ୍ଡାରକୁ ଡିପ୍ଲାଷ୍ଟରିଂ ପରେ ଲାଗିଥିବା ପୁରୁଣା ପଥର ଖରାପ ବାହାରୁଥିବା ଦେଖିବାକୁ ମିଳୁଛି। ତେଣୁ ସେଗୁଡ଼ିକୁ ବୈଜ୍ଞାନିକ ପଦ୍ଧତିରେ ପରିବର୍ତ୍ତନ କରାଯାଉଛି। ରତ୍ନଭଣ୍ଡାର ମରାମତିକୁ ଦୀର୍ଘସ୍ଥାୟୀ କରାଯିବ। ବାହାର ଓ ଭିତର ରତ୍ନଭଣ୍ଡାର ମରାମତି ଶେଷ ହେବା ପରେ ଚଟାଣ ମରାମତି ହେବ। ଯାହା କାର୍ଯ୍ୟ ହୋଇଛି ତାହାର ଷ୍ଟାଟସ୍ ରିପୋର୍ଟ ଏଏସ୍‌ଆଇ ପକ୍ଷରୁ ପ୍ରଦାନ କରାଯାଇଛି। ଆସନ୍ତା ଅକ୍ଷୟତୃତୀୟା ବେଳକୁ ମରାମତି ଓ ସଂରକ୍ଷଣ କାର୍ଯ୍ୟ ଶେଷ ହୋଇପାରେ ବୋଲି ଆଶା କରାଯାଉଛି। ରତ୍ନଭଣ୍ଡାର କାର୍ଯ୍ୟ ନେଇ ଏଏସ୍‌ଆଇକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ଣ୍ଣ ସହଯୋଗ କରାଯାଉଛି। ସେହିପରି ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ିବା ଓ ଭିତରେ ମୋବାଇଲ ଫୋନ ନେଇ ଫଟୋ ଭାଇରାଲ କରାଯାଉଥିବା ଅନେକ ସମୟରେ ଦେଖିବାକୁ ମିଳିଛି। ନିୟମ ଭଙ୍ଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ

**ଅକ୍ଷୟତୃତୀୟା ବେଳକୁ ସରିପାରେ ରତ୍ନଭଣ୍ଡାର ମରାମତି**

- ନୂଆ ଏଫ୍‌ଏମ୍ ଓ ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ ହେବ
- ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିବ ଏଲ୍‌ଇଡି ଡିସ୍‌ପ୍ଲେ

କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଶ୍ରୀଜଗନ୍ନାଥ ଟେମ୍ପଲ୍ ଆକ୍ଟ ଅନୁଯାୟୀ ବର୍ତ୍ତମାନର ଦଣ୍ଡବିଧାନ ପର୍ଯ୍ୟାପ୍ତ ନୁହେଁ, ତେଣୁ ଜିଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯାଇଛି। ଶ୍ରୀମନ୍ଦିର ଆକ୍ଟରେ ସଂଶୋଧନ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ପ୍ରସ୍ତାବ ପାରିତ ହେଲା ପରେ ଟେମ୍ପଲ ଆକ୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପଣାସଂକ୍ରାନ୍ତିରେ ଓଡ଼ିଆ ନବବର୍ଷର କ୍ୟାଲେଣ୍ଡର ଶ୍ରୀମନ୍ଦିର ପ୍ରଶାସନ ପ୍ରସ୍ତୁତ କରୁଛି। ପ୍ରଥମେ ମହାପ୍ରଭୁଙ୍କ ପାଖରେ ତାହା ଲାଗିହେବ। ପଣାସଂକ୍ରାନ୍ତି କିମ୍ବା ଅକ୍ଷୟ ତୃତୀୟାଠାରୁ ଶ୍ରୀମନ୍ଦିରର ନୂଆ ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ପୂର୍ବରୁ ଆଲୋଚନା ହୋଇଥିବା ଏଫ୍‌ଏମ୍ ଚ୍ୟାନେଲ ମଧ୍ୟ ଲୋକାର୍ପଣ ହେବ। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ପ୍ରସ୍ତୁତ ହୋଇଛି। ପରିଚାଳନା କମିଟି ଗଠନ ହୋଇ ନ ଥିବାରୁ ପ୍ରାଥମିକ ଭାବେ ବଜେଟ୍ ପ୍ରସ୍ତୁତ କରାଯାଉଛି। ପରବର୍ତ୍ତୀ ସମୟରେ ପରିଚାଳନା କମିଟିରେ ତାହା ଅନୁମୋଦନ କରାଯିବ। ସେହିପରି ଜୈବିକ ପଦ୍ଧତିରେ ପ୍ରସ୍ତୁତ ଚାଉଳରେ କୋଠଭୋଗରେ ଅମୃତ ଅନ୍ନ ବ୍ୟବହାର ହେବ। ଏନେଇ ସୁଆର ମହାସୁଆର ନିଯୋଗ ପକ୍ଷରୁ ସହଯୋଗ କରାଯାଉଥିବାବେଳେ କୃଷି ବିଭାଗ ତରଫରୁ ଏକ ପ୍ରକଳ୍ପ ହାତକୁ ନିଆଯାଉଛି। ଶ୍ରୀମନ୍ଦିର ପରି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ସୂଚନାକେନ୍ଦ୍ର ହେବ ଏବଂ ଏଲ୍‌ଇଡି ଡିସ୍‌ପ୍ଲେ ମାଧ୍ୟମରେ ଗୁଣ୍ଡିଚା ମନ୍ଦିର ସମ୍ପର୍କିତ ତଥ୍ୟ ଭକ୍ତମାନେ ଜାଣିପାରିବେ। ଅପରପକ୍ଷରେ ପୂର୍ବ ପରିଚାଳନା କମିଟିରେ ୟୁନିଫର୍ମ ପଲିସି ପାସ୍ ହୋଇଛି। ରାଜ୍ୟ ସରକାରଙ୍କ ଅନୁମୋଦନ ହେବା ପରେ ନୂଆ ୟୁନିଫର୍ମ ପଲିସି ଲାଗୁ ହେବ। ଯେଉଁମାନେ ବେଆଇନ ଭାବେ ମହାପ୍ରଭୁଙ୍କ ଜମିକୁ ହଡ଼ପ କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନାଟମଣ୍ଡପରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଛି। ଏକ୍ସପର୍ଟମାନେ ଡାଏଗ୍ରାମ୍ ଦେଖାଇଛନ୍ତି। ଶୀତତାପ ନିୟନ୍ତ୍ରିତ ସମୟରେ ନୀତିକାନ୍ତି ଉପରେ ଯେପରି କୌଣସି ପ୍ରଭାବ ପଡ଼ିବନାହିଁ ସେଥିପ୍ରତି ଦୃଷ୍ଟି ଦିଆଯାଇଛି ବୋଲି ପାଢ଼ୀ କହିଛନ୍ତି।

## ପରିକ୍ରମା କଲା ସଚେତନତା ରଥ

କଟକ,୨୯।୩(କାର୍ତ୍ତିକ ସାହୁ)

ଗର୍ଭଧାରଣ ପୂର୍ବ ଓ ପ୍ରସବ ପୂର୍ବ ନିଦାନ ପ୍ରୟୋଗ ପ୍ରଯୁକ୍ତି ଅଧିନିୟମ କାର୍ଯ୍ୟକ୍ରମ ଲାଗି ଆଇନଗତ ଢାଞ୍ଚାକୁ ସୁଦୃଢ଼ କରିବା ଏବଂ ବ୍ୟାପକ ଗୁରୁତ୍ୱ ଦେବାକୁ ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଏକ ସଚେତନତା ରଥ ଶନିବାର ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏହି ରଥର ଶୁଭାରମ୍ଭ କରିଥିଲେ। ଏହାପରେ ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ, ଅଙ୍ଗନୱାଡି କର୍ମୀ, କିଶୋରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଶୋଭାଯାତ୍ରାରେ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ। ଏହି ଅବସରରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସମାଜ କଲ୍ୟାଣ ଅଧିକାରିଣୀ ପୁଷ୍ପାଞ୍ଜଳି ପରିଡ଼ା, ଚିନ୍ତାମଣି ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ପ୍ରଗତି ମହାନ୍ତି, ନିବେଦିତା ପାଣିଗ୍ରାହୀ, ଶ୍ରୀକାନ୍ତ ଜେନା ଉପସ୍ଥିତ ଥିଲେ। ପ୍ରୋଗ୍ରାମ ଅଫିସର ସ୍ୱର୍ଣ୍ଣମୟୀ ଦାସ ଧନ୍ୟବାଦ ଦେଇଥିଲେ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ମୁଖ୍ୟ ବିଚାରପତି


ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ସପରିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ନେବା ପରେ ହରିଶ ଟଣ୍ଡନ ସପରିବାର ଶନିବାର ସନ୍ଧ୍ୟାରେ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସିଂହଦ୍ୱାରଠାରେ ମୁଖ୍ୟ ବିଚାରପତିଙ୍କୁ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତମାନଙ୍କ ପକ୍ଷରୁ ସ୍ୱାଗତ କରାଯିବା ସହ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଓ ପତିତପାବନ ବାନା ପ୍ରଦାନ କରାଯାଇଥିଲା। ସେ ପରିବାର ସହ ଚତୁର୍ଦ୍ଧାମୂର୍ତ୍ତି ଓ ଭିତରବେଢ଼ାସ୍ଥିତ ପାର୍ଶ୍ୱଦେବୀଦେବଙ୍କୁ ଦର୍ଶନ କରିଥିଲେ। ସେହିପରି ଓଡ଼ିଶା ଗସ୍ତରେ ଆସିଥିବା ଦିଲ୍ଲୀର ନୂତନ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଶନିବାର ପୂର୍ବାହ୍ନରେ ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଏବଂ ସେବାୟତମାନଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯିବା ସହ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଓ ପତିତପାବନ ବାନା ପ୍ରଦାନ କରାଯାଇଥିଲା। ପରେ ଗୁପ୍ତା କହିଛନ୍ତି, ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ପ୍ରଥମଥର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛି। ମହାପ୍ରଭୁଙ୍କ ନିକଟରେ ବିକଶିତ ଦିଲ୍ଲୀ ପାଇଁ କାମନା କରିଛି ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ପୁରୀ ଏମ୍‌ପି ସମ୍ବିତ ପାତ୍ର ଉପସ୍ଥିତ ଥିଲେ।

## ବାଙ୍କୀ କଲେଜରେ ଜାତୀୟ ଆଲୋଚନାଚକ୍ର

ବାଙ୍କୀ,୨୯।୩
(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ପରିଚୟକୁ ଜାଗ୍ରତ କରିବା ଦୈନନ୍ଦିନ ଜୀବନରେ ବ୍ୟକ୍ତିତ୍ୱ ବିକାଶ ଏବଂ ଲିଙ୍ଗ ଦୃଷ୍ଟିକୋଣ' ଶୀର୍ଷକ ଏହି ଆଲୋଚନାଚକ୍ର ବାଙ୍କୀ କଲେଜ ଭୂଗୋଳ ଓ ଗୃହବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଆୟୋଜନ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ରମାଦେଈ ମହିଳା ବିଶ୍ୱବିଦ୍ୟାଳୟର ଜେଣ୍ଡର ଷ୍ଟଡିଜ ବିଭାଗର ସହକାରୀ ପ୍ରଫେସର ସୁପ୍ରିତ୍ ପାଣିଗ୍ରାହୀ ଓ ସମ୍ମାନିତ ବକ୍ତା ଭାବେ ରମାଦେଈ ମହିଳା ବିଶ୍ୱବିଦ୍ୟାଳୟର ଜୀବ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ନବନୀତ କାଉର ଯୋଗ ଦେଇଥିଲେ। ଏହି ଅବସରରେ ବ୍ୟକ୍ତିର ବିକାଶ ଓ ଲିଙ୍ଗ ଦୃଷ୍ଟିକୋଣରୁ ତାର ପରିଚୟ, ସାମାଜିକ ଓ ସାଂସ୍କୃତିକ ଜାଗରଣ ହୋଇଥାଏ ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ବିଶେଷ କରି ବ୍ୟକ୍ତିର ବ୍ୟକ୍ତିତ୍ୱ ତାର ପରିବେଶ ଓ ଜେନେଟିକ୍ସ ଉପରେ ନିର୍ଭର କରେ ବୋଲି ପ୍ରଫେସର କାଉର କରିଥିଲେ। ଗୃହ ବିଜ୍ଞାନର ବିଭାଗୀୟ ମୁଖ୍ୟ ମେଜର୍ ଡକ୍ଟର ସନ୍ଧ୍ୟାରାଣୀ ମହାନ୍ତି ଓ ଭୂଗୋଳ ବିଭାଗର ମୁଖ୍ୟ ଅଧ୍ୟାପକ ଅରିଜିତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ସୁଶ୍ରୀ ସ୍ୱାଗତିକା ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଧୀନତା ସଂଗ୍ରାମରେ ଗୋକୁଳାନନ୍ଦ ପ୍ରହରାଜଙ୍କ ଅବଦାନ ଅତୁଳନୀୟ

ବାଙ୍କୀ,୨୯।୩
(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀର ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ, ପ୍ରଥମ ବିଧାୟକ, ସମାଜବାଦୀ ଆନ୍ଦୋଳନର ପ୍ରବକ୍ତା ଶ୍ୱାଶତ କବି ସ୍ୱର୍ଗତ ଗୋକୁଳାନନ୍ଦ ପ୍ରହରାଜଙ୍କ ୧୦୦ତମ ଜନ୍ମ ବାର୍ଷିକୀ ଉତ୍ସବ ଜୁଲାଇରେ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ସାଂସ୍କୃତିକ ସମାଜ ଓ ଚିନ୍ତାଚେତନାର ସମ୍ପାଦକ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଦର୍ଶ ଯୁବପରିଷଦର ଆବାହକ ଅକ୍ଷୟ କୁମାର ସାମଲ ସ୍ୱାଗତ ଭାଷଣ ଦେବା ସହ ଆଗାମୀ ଶତବାର୍ଷିକ ଉତ୍ସବ ସଂପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ କେଶବ ଚନ୍ଦ୍ର ବେହେରା ଯୋଗ ଦେଇ ସ୍ୱର୍ଗତ ପ୍ରହରାଜ ହେଲେ ବାଙ୍କୀର ବରପୁତ୍ର। ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ପ୍ରହରାଜ କହିଥିଲେ। ତାଙ୍କ ଜନ୍ମ ଶତବାର୍ଷିକ ପାଳନ ଅବସରରେ ଏକ ସ୍ମରଣିକା, ସାଧାରଣ ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବବୋଲି ପ୍ରସ୍ତାବ ଗୃହିତ ହୋଇଥିଲା। ଆଗାମୀ ଏନେଇ ଏପ୍ରିଲ ୨୦ସୁଦ୍ଧା ସ୍ୱର୍ଗତ ପ୍ରହରାଜଙ୍କ ବ୍ୟକ୍ତିତ୍ୱ, ସ୍ୱାଧୀନତା ସଂଗ୍ରାମ ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟ ଉପରେ ଲେଖା ସଂଗ୍ରହ କରିବା ପାଇଁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମରେ ଡାକ୍ତର ଜଗ୍‌ଦିଶ ପଣ୍ଡା, ଶଶିଭୂଷଣ ତ୍ରିପାଠୀ , କାଶିନାଥ ସେଠୀ, ବିଶ୍ୱରଞ୍ଜନ ସ୍ୱାଇଁ, ସୁଦର୍ଶନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସ୍ୱର୍ଗତ ପ୍ରହରାଜଙ୍କ ନାତି କବି ଲଲାଟେନ୍ଦୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

**ବିଜୟୀ**
**ସଭାପତି | ସମ୍ପାଦକ**

### ଭୁବନେଶ୍ୱର ବାର୍ ଆସୋସିଏଶନ


ଅଶୋକ କୁମାର ପାତ୍ର


ସତ୍ୟରଞ୍ଜନ ସେନାପତି

### ଖୋର୍ଦ୍ଧା ଜିଲା ବାର୍ ଆସୋସିଏଶନ


ଜୀବନଜ୍ୟୋତି ମିଶ୍ର


କ୍ଷୀରୋଦ ମୋହନ ସ୍ୱାଇଁ

### ପୁରୀ ବାର୍ ଆସୋସିଏଶନ


ପ୍ରେମାନନ୍ଦ ମହାନ୍ତି


ଶରତ ରାୟଗୁରୁ

### ହାଇକୋର୍ଟ ବାର୍ ଆସୋସିଏଶନ

**ମନୋଜ ସଭାପତି, ଅଭିଜିତ୍ ସମ୍ପାଦକ**





କଟକ,୨୯।୩(କାର୍ତ୍ତିକ ସାହୁ): ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ସଭାଗୃହରେ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଆଇନଜୀବୀ ମନୋଜ କୁମାର ମିଶ୍ର ଓ ସମ୍ପାଦକ ଭାବେ ଆଇନଜୀବୀ ଅଭିଜିତ୍ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ସଭାପତି ପଦବୀରେ ବିଜୟୀ ପ୍ରାର୍ଥୀ ମିଶ୍ର ୨୨୧୧ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଲଲାଟେନ୍ଦୁ ସାମନ୍ତରାୟ ୧୦୧୦ ଭୋଟ ପାଇଛନ୍ତି। ସେହିପରି ସମ୍ପାଦକ ପଦବୀରେ ବିଜୟୀ ପ୍ରାର୍ଥୀ ପଟ୍ଟନାୟକ ୧୬୩୮ ଖଣ୍ଡ ଭୋଟ ପାଇଥିବାବେଳେ ହୃଦାନନ୍ଦ ମହାପାତ୍ର ୯୫୬ ଖଣ୍ଡ ଭୋଟ ପାଇଛନ୍ତି। ଏଥିସହ ଉପସଭାପତି ଭାବେ ସିଦ୍ଧାର୍ଥ ଦାସ, ଯୁଗ୍ମ ସମ୍ପାଦକ ପଦ୍ମାଳୟା ମହାପାତ୍ର, ସହକାରୀ ସମ୍ପାଦକ ଅଭିଜିତ୍ ଦାସ ଓ ପାଠାଗାର ସହକାରୀ ସମ୍ପାଦକ ଭାବେ ସପନ ପାଲ୍ ନିର୍ବାଚିତ ହୋଇଛନ୍ତି। ସେହିପରି ୯ ଜଣ ସଦସ୍ୟ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଛନ୍ତି ।

### କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ

**ପ୍ରଶାନ୍ତ ସଭାପତି, ପୁନିଲ ସମ୍ପାଦକ**





କଟକ,(କାର୍ତ୍ତିକ ସାହୁ): କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ ସଭାଗୃହରେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ପ୍ରଶାନ୍ତ କୁମାର ସାହୁ ଓ ସମ୍ପାଦକ ଭାବେ ପୁନିଲ କୁମାର ସ୍ୱାଇଁ ନିର୍ବାଚିତ ହୋଇଛନ୍ତି। ଏଥିସହ ଉପସଭାପତି ଶିଶିର ରଞ୍ଜନ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଶିଶିର କୁମାର ସୋମାଦାର, କୋଷାଧ୍ୟକ୍ଷ ସମରେନ୍ଦ୍ର ମହାନ୍ତି, ପାଠାଗାର ସମ୍ପାଦକ ସୁଚରିତା ଲେଙ୍କା ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନେପାଳ ପ୍ରକାଶ ସାମନ୍ତ, ବିଜୟଲକ୍ଷ୍ମୀ ମହାପାତ୍ର, ସର୍ବଶ୍ରୀ ବେହେରା, ରାଜେନ୍ଦ୍ର କୁମାର ଦାସ, ସଞ୍ଜୟ କୁମାର ବେହେରା, ଜ୍ୟୋତିରଞ୍ଜନ ପରିଜା, ବଳରାମ ପଣ୍ଡା, ବିଜୟ କୁମାର ସାହୁ ଓ ସୁନୀଲ କୁମାର ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ପ୍ରମୋଦ କୁମାର ପାଇକରାୟ ନିର୍ବାଚନ ପରିଚାଳନା କରିଥିଲେ।

### ଏମ୍.ଭି. ଲୟର୍ସ ଆସୋସିଏଶନ

**ଜିତେନ୍ଦ୍ର ସଭାପତି, ବିଜୟ ସମ୍ପାଦକ**

ମୋଟର ଭେହିକିଲ (ଏମ୍‌ଭି) ଲୟର୍ସ ଆସୋସିଏଶନ ନିର୍ବାଚନରେ ସଭାପତି ଭାବେ ଜିତେନ୍ଦ୍ର ମହାନ୍ତି ଓ ସମ୍ପାଦକ ଭାବେ ବିଜୟ କୁମାର ମହାନ୍ତି ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତିଭାବେ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ଯୁଗ୍ମ ସମ୍ପାଦକ(୧) ରୂପେଶ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ(୨) ରଶ୍ମି ରଞ୍ଜନ ଦାସ, କୋଷାଧ୍ୟକ୍ଷ ଲିଟୁ ପ୍ରଧାନ, ପାଠାଗାର ସମ୍ପାଦକ ଚିତ୍ତରଞ୍ଜନ ଧଳ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ରାଜେଶ ପ୍ରସାଦ ଭଗତ, ସିଦ୍ଧାର୍ଥ ଶଙ୍କର ଘୋଷ, ସୁବ୍ରତ କୁମାର ନାୟକ, ଈଶ୍ୱର ଚନ୍ଦ୍ର ହରିଚନ୍ଦନ ଚୌଧୁରୀ, ଅମରେଶ ମିଶ୍ର, ଶାନ୍ତନୁ କୁମାର ଦାସ, ଜିତେନ୍ଦୁ ମହାନ୍ତି, ସୁଧାଂଶୁ ଶେଖର ପ୍ରଧାନ ଓ ତ୍ରିବିକ୍ରମ ବିଶ୍ୱାଳ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ସଦସ୍ୟ ଅନିରୁଦ୍ଧ ନାୟକ ନିର୍ବାଚନ ପରିଚାଳନା କରିଥିଲେ।

### କଟକ ଟ୍ୟାକ୍ସ ବାର୍ ଆସୋସିଏଶନ

**ପ୍ରଶାନ୍ତ ସଭାପତି, ସୌମ୍ୟଶିବ ସମ୍ପାଦକ**





କଟକ ଟ୍ୟାକ୍ସ ବାର୍ ଆସୋସିଏଶନରେ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୧୧ଟି ପଦବୀରେ ଗୋଟିଏ ଲେଖାଏ ପ୍ରାର୍ଥିପତ୍ର ଦାଖଲ ହୋଇଥିବାରୁ କର୍ମକର୍ତ୍ତାମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ପ୍ରଶାନ୍ତ କୁମାର ମିଶ୍ର, ଉପସଭାପତି ଅରୁଣ କୁମାର ପରିଡ଼ା, ସମ୍ପାଦକ ସୌମ୍ୟଶିବ ମହାନ୍ତି, ଯୁଗ୍ମ ସମ୍ପାଦକ ସତ୍ୟବ୍ରତ ତ୍ରିପାଠୀ, କୋଷାଧ୍ୟକ୍ଷ ଭାବେ ଜିତେନ୍ଦ୍ର କୁମାର ଜେନା ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଗୀତାଞ୍ଜଳି ଦାସ, ପିଙ୍କୁଶ୍ରୀ ତ୍ରିପାଠୀ, ଶୁଭାନନ୍ଦ ମହାନ୍ତି, ସୟଦ୍ ବାକିଉଲ୍ଲା, ରାଜେଶ ପାତ୍ର, ରଘୁନାଥ ସାହୁ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ତଥା ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ ଘୋଷଣା କରିଛନ୍ତି।

### ଟିଗିରିଆ ବାର୍ ଆସୋସିଏଶନ


ମଙ୍ଗଳକୃଷ୍ଣ ଦାଶ
ସଭାପତି


ଶାନ୍ତନୁ କୁମାର ଦାଶ
ସମ୍ପାଦକ

### କଟକ ବାର୍ ଆସୋସିଏଶନ

**ଦାମୋଦର ସଭାପତି, ଦିଲ୍ଲୀପ ସମ୍ପାଦକ**





କଟକ,(କାର୍ତ୍ତିକ ସାହୁ): କଟକ ବାର୍ ଆସୋସିଏସନ ସଭାପତି ଭାବେ ଦାମୋଦର ଦେଓ ଏବଂ ସମ୍ପାଦକ ଭାବେ ଦିଲ୍ଲୀପ କୁମାର ମହାପାତ୍ର ନିର୍ବାଚିତ ହୋଇଛନ୍ତି। ଏଥିସହ ସହ ସମ୍ପାଦକ ଭାବେ ଅମୀୟ କୁମାର ଶତପଥୀ, କୋଷାଧ୍ୟକ୍ଷ ବିଶ୍ୱଜିତ୍ ଲେଙ୍କା, ପାଠାଗାର ସମ୍ପାଦକ ମାନସ କୁମାର ଆଚାର୍ଯ୍ୟ ନିର୍ବାଚିତ ହୋଇଛନ୍ତି।

### ବାଙ୍କୀ ବାର୍ ଆସୋସିଏଶନ


ଧୀରେନ କୁମାର ମଙ୍ଗରାଜ
ସଭାପତି


ସୁବାଶିଷ ମହାପାତ୍ର
ସମ୍ପାଦକ

ବାଙ୍କୀ, (ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନରେ ଧୀରେନ କୁମାର ମଙ୍ଗରାଜ ସଭାପତି, ସୁବାଶିଷ ମହାପାତ୍ର ସମ୍ପାଦକ ଓ ପ୍ରଦୀପ କୁମାର ମିଶ୍ର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏହାପୂର୍ବରୁ ଉପସଭାପତି ଭାବରେ ସରୋଜ କୁମାର ମତଗଜ ସିଂହ ଓ ସହସଂପାଦକ ଭାବରେ ଅମୂଲ୍ୟ କୁମାର ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

### ଆଠଗଡ଼ ବାର୍ ଆସୋସିଏଶନ


ଜଗଦାନନ୍ଦ ତ୍ରିପାଠୀ
ସଭାପତି


ବନବିହାରୀ ସାହୁ
ସମ୍ପାଦକ

ଆଠଗଡ,(ସତ୍ୟ ପ୍ରସାଦ ରଥ): ଆଠଗଡ ଓକିଲ ସଂଘ ନିର୍ବାଚନରେ ଜଗଦାନନ୍ଦ ତ୍ରିପାଠୀ ଓ ବନବିହାରୀ ସାହୁ ଯଥାକ୍ରମେ ସଭାପତି ଓ ସମ୍ପାଦକ ଭାବେ ୫ମ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ସୁବାସ କୁମାର ସାହୁ ୩ୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି।

### ବଡ଼ମ୍ବା ବାର୍ ଆସୋସିଏଶନ


କୈଳାସ ଚନ୍ଦ୍ର ଜେନା
ସଭାପତି


ମନୋଜ କୁମାର ପଣ୍ଡା
ସମ୍ପାଦକ

ବଡ଼ମ୍ବା,(ମାୟାଧର ମଲ୍ଲିକ): ବଡ଼ମ୍ବା ଓକିଲ ସଂଘ ସଭାପତି ଭାବେ କୈଳାସ ଚନ୍ଦ୍ର ଜେନା, ସମ୍ପାଦକ ଭାବେ ମନୋଜ ପଣ୍ଡା ଉପସଭାପତି ଦୁର୍ଗା ପ୍ରସାଦ ସାହୁ, ସମ୍ପାଦକ ମନୋଜ କୁମାର ପଣ୍ଡା, ସହ ସମ୍ପାଦକ ଗିରିଜା ପ୍ରସାଦ ମିଶ୍ର, ଗଚ୍ଛଗାରିକ ଭାବେ ଶିଶିର କୁମାର ପଲେଇ ଓ କୋଷାଧ୍ୟକ୍ଷ ଭାବେ ଲକ୍ଷ୍ମୀପ୍ରିୟା ପାଳ ନିର୍ବାଚିତ ହୋଇଛନ୍ତି।

### ସାଲେପୁର ବାର୍ ଆସୋସିଏଶନ


ବିକ୍ରମ କେଶରୀ ବଳ
ସଭାପତି


ଭାସ୍କର ଚରଣ ବେହେରା
ସମ୍ପାଦକ

### ନରସିଂହପୁର ଦେୱାନୀ ଫୌଜଦାରି ଓକିଲ ସଂଘ

**ସରୋଜ ସଭାପତି, ଅମିୟ ସମ୍ପାଦକ**

ନରସିଂହପୁର,(ନିରଞ୍ଜନ ଦେବକୁମାର): ନରସିଂହପୁର ଓକିଲ ସଂଘରୁ ୧୬ ଜଣ ଓକିଲ ବିଭାଜିତ ହୋଇ ନୂତନ ଭାବରେ ନୂତନ ସଂଘ ଗଠନ କରିଥିବା ସିଭିଲ କ୍ରିମିନାଲ ଓକିଲ ସଂଘ ତରଫରୁ ନବନିଯୁକ୍ତ କାର୍ଯ୍ୟକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ସରୋଜ କୁମାର ସାହୁ ଉପସଭାପତି ଅଶୋକ କୁମାର ଶତପଥୀ ସମ୍ପାଦକ ଭାବେ ଅମିୟ କୁମାର ପଣ୍ଡା, ସହସମ୍ପାଦକ ଭାବେ ରାକେଶ ରୋଶନ ସାହୁ, କୋଷାଧ୍ୟକ୍ଷଭାବେ ଭୂପେନ କୁମାର ଦାସ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି।

# ଭୂକମ୍ପ ମୃତ୍ୟୁ ୧୬୦୦ ଟପିଲା



ମ୍ୟାନ୍ମାରରେ ଉଦ୍ଧାର କାର୍ଯ୍ୟ ଜାରି।




ଏନ୍‌ଡିଆର୍‌ଏଫ୍ କର୍ମଚାରୀ ମ୍ୟାନ୍ମାର ଭୂକମ୍ପ ପ୍ରପୀଡ଼ିତଙ୍କ ପାଇଁ ରିଲିଫ୍ ସାମଗ୍ରୀ ନେଇ ଗାଜିଆବାଦର ହିଣ୍ଡନ ବିମାନବନ୍ଦରରୁ ବାହାରୁଛନ୍ତି।

**ବ୍ୟାଙ୍କକ୍/ନୂଆଦିଲ୍ଲୀ, ୨୯।୩**

- ମ୍ୟାନ୍ମାରକୁ ୫୫ ଟନ୍ ରିଲିଫ୍ ସହାୟତା ପଠାଇଲା ଭାରତ
- ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍‌ର ୮୦ ଜଣିଆ ଟିମ୍

ମ୍ୟାନ୍ମାର ଏବଂ ଥାଇଲାଣ୍ଡରେ ସଂଘଟିତ ପ୍ରଳୟଙ୍କରୀ ଭୂକମ୍ପରେ ବ୍ୟାପକ କ୍ଷୟକ୍ଷତି ଘଟିବା ସହ ମୃତ୍ୟୁସଂଖ୍ୟା ୧,୬୦୦ ଟପିଛି। ବିଲ୍ଡିଂଗୁଡ଼ିକର ଭଗ୍ନାବଶେଷ ତଳୁ ଅଧିକ ସଂଖ୍ୟାରେ ମୃତଦେହ ମିଳିବାରେ ଲାଗିଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ମ୍ୟାନ୍ମାରର ସାମରିକ ସରକାରଙ୍କ ସୂଚନା ଅନୁଯାୟୀ, ଶନିବାର ସୁଦ୍ଧା ୧,୬୪୪ ମୃତଦେହ ମିଳିବା ସହ ୩,୪୦୦ ଜଣ ଆହତ ହୋଇଛନ୍ତି। ଏହାବ୍ୟତୀତ ୩୦ ଜଣ ନିଖୋଜ ଥିବା ଜଣାପଡ଼ିଛି। ଭୂକମ୍ପ କ୍ଷତିଗ୍ରସ୍ତଙ୍କ ପାଇଁ ବିଭିନ୍ନ ଦେଶରୁ ରିଲିଫ୍ ସହାୟତା ପହଞ୍ଚିବାରେ ଲାଗିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ମ୍ୟାନ୍ମାର ସାମରିକ ସରକାରଙ୍କ ମୁଖ୍ୟ ମିନ୍ ଔଙ୍ଗ୍ ହ୍ଲାଇଙ୍ଗ୍‌ଙ୍କ ସହ କଥା ହୋଇଛନ୍ତି। ଭୂକମ୍ପ ବିପର୍ଯ୍ୟସ୍ତ ମ୍ୟାନ୍ମାର ଜନସାଧାରଣଙ୍କୁ ସେ ଭାରତ ତରଫରୁ ସମବେଦନା ଜଣାଇବା ସହ ସବୁ ପ୍ରକାର ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉଦ୍ଧାର କାର୍ଯ୍ୟରେ ସହାୟତା ପାଇଁ ଭାରତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ୮୦ ଜଣିଆ ଟିମ୍ ପଠାଇଛି। ଭାରତ ପକ୍ଷରୁ 'ଅପରେଶନ ବ୍ରହ୍ମା' ନାମରେ ଭୂକମ୍ପ କ୍ଷତିଗ୍ରସ୍ତ ମ୍ୟାନ୍ମାର ଓ ଥାଇଲାଣ୍ଡକୁ ରିଲିଫ୍ ସହାୟତା ପଠାଯାଇଛି। ବାୟୁସେନାର ସି୧୩୦ଜେ ସାମରିକ ପରିବହନ ବିମାନ ଜରିଆରେ ମ୍ୟାନ୍ମାରର ୟାଙ୍ଗୁନ୍‌କୁ ୧୫ ଟନ୍ ରିଲିଫ୍ ସାମଗ୍ରୀ ପଠାଯାଇଛି। ଏଥିରେ ଟେଣ୍ଟ, ସ୍ଲିପିଂ ବ୍ୟାଗ୍, କମ୍ବଳ, ପ୍ରସ୍ତୁତ ଖାଦ୍ୟ, ଜଳ ବିଶୋଧକ, ସୋଲାର ଲ୍ୟାମ୍ପ୍, ଜେନେରେଟର ସେଟ୍ ଏବଂ ଅତ୍ୟାବଶ୍ୟକ ଔଷଧ ରହିଛି। ବାୟୁସେନାର ଆଉ ୨ଟି ବିମାନରେ ରିଲିଫ୍ ସାମଗ୍ରୀ ଖୁବ୍‌ଶୀଘ୍ର ହିଣ୍ଡନ ବାୟୁସେନା ଷ୍ଟେଶନରୁ ମ୍ୟାନ୍ମାରକୁ ପଠାଯିବ। ଏଥିସହିତ ଆହତମାନଙ୍କ ଚିକିତ୍ସା ପାଇଁ ଭାରତ ୧୧୮ ସଦସ୍ୟ ବିଶିଷ୍ଟ ସେନା ଫିଲ୍ଡ ହସ୍ପିଟାଲ ପଠାଇଛି। ଏହା ବ୍ୟତୀତ ନୌସେନାର ୨ଟି ଜାହାଜ ଆଇଏନ୍‌ଏସ୍ ସାତପୁରା ଏବ ଆଇଏନ୍‌ଏସ୍ ସାବିତ୍ରୀ ୪୦ ଟନ୍ ମାନବୀୟ ସହାୟତା ନେଇ ମ୍ୟାନ୍ମାରର ୟାଙ୍ଗୁନ୍ ବନ୍ଦର ଅଭିମୁଖେ ଯାତ୍ରା କରିଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି।

ମ୍ୟାନ୍ମାରରେ ଶୁକ୍ରବାର ମଧ୍ୟାହ୍ନରେ ୭.୭ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଯୋଗୁ ବ୍ୟାପକ କ୍ଷୟକ୍ଷତି ହେବା ସହ ଏହାର ଝଟକା ଥାଇଲାଣ୍ଡ, ଚାଇନା, ଭାରତ ଓ ଲାଓସ୍ ଆଦି ପଡ଼ୋଶୀ ଦେଶରେ ଅନୁଭୂତ ହୋଇଥିଲା। ନେପିତାଉ, ମଣ୍ଡଲୟ ଓ ସାଗାଇଙ୍ଗ୍ ସମେତ ୬ଟି ଅଞ୍ଚଳ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଉଦ୍ଧାର କାର୍ଯ୍ୟରେ ସେନା ନିୟୋଜିତ ହୋଇଛି। ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ମଧ୍ୟ ଅନେକ କ୍ଷୟକ୍ଷତି ହୋଇଛି। ଭୂକମ୍ପ ପରବର୍ତ୍ତୀ ଏକାଧିକ ଝଟକା ଅନୁଭୂତ ହେବାରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ପରାମର୍ଶ ଦିଆଯାଇଥିଲା।

ମ୍ୟାନ୍ମାର ରାଜଧାନୀ ନିପିଦାଉରେ ଶନିବାର ରାସ୍ତାଘାଟ ମରାମତି କାର୍ଯ୍ୟ ଜାରି ରହିଛି। ଅନେକ ସହରରେ ବିଦ୍ୟୁତ୍, ଟେଲିଫୋନ୍ ଏବଂ ଇଣ୍ଟରନେଟ୍ ସେବା ବାଧାପ୍ରାପ୍ତ ହୋଇଛି। ଥାଇଲାଣ୍ଡର ବ୍ୟାଙ୍କକ୍ ସହରରେ ଶନିବାର ସୁଦ୍ଧା ୬ ଜଣଙ୍କ ମୃତଦେହ ମିଳିଥିବାବେଳେ ୨୬ ଜଣ ଆହତ ଓ ୪୭ ଜଣ ନିଖୋଜ ରହିଛନ୍ତି। ରାଜଧାନୀର ଚଟୁଚାକ୍ ବଜାର ନିକଟରେ ଏକ ନିର୍ମାଣାଧୀନ କୋଠା ଭୁଶୁଡ଼ିବାରୁ ବହୁସଂଖ୍ୟାରେ ଆହତ ଓ ନିଖୋଜ ହୋଇଥିବା ଜଣାପଡ଼ିଛି। ଭଗ୍ନାବଶେଷ ଉଠାଇବା କାର୍ଯ୍ୟରେ ଓଜନଦାର ଉପକରଣକୁ ନିୟୋଜିତ କରାଯାଇଛି। ଆତ୍ମୀୟ ସ୍ୱଜନ ଭଗ୍ନାବଶେଷ ତଳେ ରହିଯାଇଥିବାରୁ ସେମାନଙ୍କୁ ଜୀବନ୍ତ ପାଇବା ନେଇ ପରିବାର ସଦସ୍ୟଙ୍କ ଆଶା କ୍ଷୀଣ ହେବାରେ ଲାଗିଛି। ସେମାନଙ୍କ ଜୀବନ୍ତ ଉଦ୍ଧାର ନିମନ୍ତେ ସମ୍ପର୍କୀୟମାନେ ପ୍ରାର୍ଥନା କରୁଛନ୍ତି। ଶନିବାର ଅପରାହ୍ନ ୨ଟା ୫୦ ମିନିଟ୍ ସମୟରେ ମ୍ୟାନ୍ମାରରେ ଆଉ ଏକ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୫.୧ ରହିଥିବା ଆମେରିକା ଭୂତାତ୍ତ୍ୱିକ ସର୍ଭେ ପକ୍ଷରୁ କୁହାଯାଇଛି। ମ୍ୟାନ୍ମାର ରାଜଧାନୀ ନିକଟରେ ୧୦ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ବାୟୁସେନା ଇଞ୍ଜିନିୟରଙ୍କୁ ଗୁଳିକରି ହତ୍ୟା

**ପ୍ରୟାଗରାଜ, ୨୯।୩**

ଉତ୍ତରପ୍ରଦେଶର ପ୍ରୟାଗରାଜରେ ଏୟାରଫୋର୍ସର ସିଭିଲ ଇଞ୍ଜିନିୟର ଏସ୍. ଏନ୍. ମିଶ୍ରା (୫୧)ଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଶନିବାର ପୁରାମୁଫ୍ତୀ ଥାନା ବମରୌଲୀ ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଛି। ଜଣେ ଅଚିହ୍ନା ଆକ୍ରମଣକାରୀ ଏସ୍. ଏନ୍. ମିଶ୍ରାଙ୍କ ସରକାରୀ ବଙ୍ଗଳାର ଲନ୍ ପଟୁ ବଡ଼ ଜୋର୍‌ରେ ଚିଲ୍ଲାଇ ତାଙ୍କୁ ଡାକିଥିଲେ। ଫଳରେ ଏସ୍. ଏନ୍. ମିଶ୍ରା ଝରକା ଖୋଲିଥିଲେ। ଏହି ସମୟରେ ଅଚିହ୍ନା ଆକ୍ରମଣକାରୀ ଜଣକ ତାଙ୍କୁ ଗୁଳି କରି ସେଠାରୁ ଫେରାର ହୋଇଯାଇଥିଲେ। ଗୁଳିର ଶବ୍ଦ ଶୁଣି ପରିବାର ଲୋକେ ଦୌଡ଼ି ଆସିଥିଲେ। ସେମାନେ ମିଶ୍ରାଙ୍କୁ ତୁରନ୍ତ ସହରର ଆର୍ମି ହସ୍ପିଟାଲକୁ ନେଇ ଯାଇଥିଲେ। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କୌଣସି ଶତ୍ରୁତା ଯୋଗୁ ଏହି ହତ୍ୟାକାଣ୍ଡ ଘଟିଥାଇ ପାରେ ବୋଲି ପୋଲିସ ଅନୁମାନ କରୁଛି। ପୋଲିସ ସିସିଟିଭି ଫୁଟେଜ୍‌କୁ ତନାଘନା କରିବା ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରୁଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରିବାକୁ ପୋଲିସର ପ୍ରୟାସ ଜାରି ରହିଛି ବୋଲି ସ୍ଥାନୀୟ ଏସ୍‌ଏଚ୍‌ଓ ମନୋଜ ସିଂ କହିଛନ୍ତି।

### ଫି' ଦେଇ ନ ପାରି ପରୀକ୍ଷାରୁ ବଞ୍ଚିତ ୯ମ ଶ୍ରେଣୀ ଛାତ୍ରୀଙ୍କ ଆତ୍ମହତ୍ୟା

**ପ୍ରତାପଗଡ଼, ୨୯।୩**

ଉତ୍ତରପ୍ରଦେଶ ପ୍ରତାପଗଡ଼ ଜିଲାର ଜଣେ ନବମ ଶ୍ରେଣୀ ଛାତ୍ରୀ ଫି ଦେଇ ନ ପାରିବାରୁ ତାଙ୍କୁ ବାର୍ଷିକ ପରୀକ୍ଷାରୁ ବଞ୍ଚିତ କରାଯାଇଥିଲା। ଏଥିରେ ମ୍ରିୟମାଣ ହୋଇ ଛାତ୍ରୀ ଜଣକ ଶନିବାର ନିଜ ପ୍ରକୋଷ୍ଠରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତା ୧୭ ବର୍ଷୀୟା ରିୟା ଯାଦବଙ୍କ ମାଆ ପୁନମ୍ ଦେବୀଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରିଛି। ୮୦୦ ଟଙ୍କା ଦେୟ ଦେଇ ନ ପାରିବାରୁ ରିୟାଙ୍କୁ କମଲା ଶରନ ଯାଦବ ଇଣ୍ଟରକଲେଜ ପ୍ରଶାସନ ଆଡମିଟ୍ କାର୍ଡ ଦେଇ ନ ଥିଲେ। ରିୟା ଶନିବାର ପରୀକ୍ଷା ଦେବାକୁ ଯାଇଥିବାବେଳେ କଲେଜ ପରିଚାଳକ ସନ୍ତୋଷ କୁମାର ଯାଦବ, ପ୍ରିନ୍ସିପାଲ ରାଜକୁମାର ଯାଦବ, ଷ୍ଟାଫ୍ ସଦସ୍ୟ ଦୀପକ ସରୋଜ, ପିଅନ ଧନିରାମ ଓ ଜଣେ ଶିକ୍ଷକ ତାଙ୍କୁ ଅପମାନିତ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

### ମୋଦି ଜଣେ ସ୍ମାର୍ଟ ବ୍ୟକ୍ତି: ଟ୍ରମ୍ପ୍

**ୱାଶିଂଟନ, ୨୯।୩**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ପ୍ରଶଂସା କରିଛନ୍ତି। ସେ ମୋଦିଙ୍କୁ ତାଙ୍କର ଘନିଷ୍ଠ ବନ୍ଧୁ କହିବା ସହ ମୋଦି ଜଣେ ସ୍ମାର୍ଟ ବ୍ୟକ୍ତି ହୋଇଥିବା ଟ୍ରମ୍ପ୍ କହିଛନ୍ତି। ଶୁକ୍ରବାର ହ୍ୱାଇଟ ହାଉସରେ ଖବରଦାତା ସମ୍ମିଳନୀ କରିବା ସମୟରେ ଟ୍ରମ୍ପ୍ କହିଛନ୍ତି, ଭାରତ ଓ ଆମେରିକା ମଧ୍ୟରେ ଚାଲିଥିବା ଟାରିଫ ଆଲୋଚନା ସକାରାତ୍ମକ ଫଳାଫଳ ଆଣିବା ନେଇ ସେ ଆଶାବାଦୀ। ଟ୍ରମ୍ପ୍ ଆହୁରି କହିଛନ୍ତି, ଗତ ଫେବୃଆରୀରେ ମୋଦି ଆମେରିକା ଗସ୍ତରେ ଆସିଥିଲେ, ସେତେବେଳେ ତାଙ୍କ ସହ ଆଲୋଚନା ମଧ୍ୟ ଖୁବ୍ ଭଲ ରହିଥିଲା। ଆମେରିକା ଏବଂ ଭାରତ ମଧ୍ୟରେ ସବୁକିଛି ଖୁବ୍ ଭଲ ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

## ଗୁଣିଗାରେଡ଼ି ପାଇଁ ୬୫ ବର୍ଷୀୟଙ୍କ ମୁଣ୍ଡ କାଟ୍

**ପାଟନା, ୨୯।୩**

ବିହାରର ଔରଙ୍ଗାବାଦ ଜିଲାରେ ଗୁଣିଗାରେଡ଼ି ରୀତିନୀତିର ଅଂଶ ସ୍ୱରୂପ ଜଣେ ୬୫ ବର୍ଷୀୟ ବ୍ୟକ୍ତିଙ୍କ ମୁଣ୍ଡ କଟାଯିବା ସହ ତାଙ୍କ କବନ୍ଧକୁ 'ହୋଲିକା ଦହନ' ନିଆଁରେ ଜାଳିଦିଆଯାଇଛି। ପୋଲିସ ଏହି ଘଟଣାରେ ତାନ୍ତ୍ରିକଙ୍କ ସମ୍ପର୍କୀୟ ସମେତ ୪ ଜଣଙ୍କୁ ଗିରଫ କରିଛି। ତେବେ ତାନ୍ତ୍ରିକ ଫେରାର ଥିବା ଔରଙ୍ଗାବାଦ ଏସ୍‌ପି ଅମ୍ବ୍ରିସ୍ ରାହୁଲ ଗଣମାଧ୍ୟମକୁ କହିଛନ୍ତି। ମୃତକ ଗୁଲାବବିଘା ଗ୍ରାମର ଯୁଗଲ ଯାଦବ ନିଖୋଜ ଥିବା ନେଇ ଗତ ୧୩ ତାରିଖରେ ମଦନପୁର ଥାନାରେ ଏତଲା ଦାଏର ହୋଇଥିଲା। ତାଙ୍କୁ ଖୋଜି ବାହାର କରିବା ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଢ଼ାଯାଇଥିଲା। ତଦନ୍ତ ସମୟରେ ପଡୋଶୀ ବାଙ୍ଗେର ଗ୍ରାମର ହୋଲିକା ଦହନ ସ୍ଥଳରୁ ପୋଲିସ ମଣିଷର ପୋଡ଼ା ହାଡ଼ ଓ ଯୁଗଲଙ୍କ ଚପଲ ପାଇଥିଲା। ଡଗ୍ ସ୍କ୍ୱାଡ୍ ତଦନ୍ତକାରୀ ପୋଲିସ ଅଫିସରଙ୍କୁ ତାନ୍ତ୍ରିକ ରାମାଶିଷ ରିକ୍ୟାସାନ୍‌ଙ୍କ ଘରକୁ ନେଇଯାଇଥିଲା। ସେଠାରେ ରାମାଶିଷ ନ ଥିବାବେଳେ ତାଙ୍କ ସମ୍ପର୍କୀୟ ଧର୍ମେନ୍ଦ୍ରଙ୍କୁ ପୋଲିସ ଥାନାକୁ ନେଇ ଜେରା କରିବା ପରେ ସେ ଅପରାଧ ସ୍ୱୀକାର କରିଥିଲେ। କଳା ଯାଦୁ ରୀତିନୀତିର ଅଂଶ ସ୍ୱରୂପ ସେମାନେ ଯୁଗଲଙ୍କୁ ଅପହରଣ କରିନେଇ ମୁଣ୍ଡକାଟ କରିଥିଲେ। ପରେ ସେମାନେ ଯୁଗଲଙ୍କ କବନ୍ଧକୁ ହୋଲିକା ଦହନ ନିଆଁରେ ଜାଳିଦେଇଥିଲେ। ଧର୍ମେନ୍ଦ୍ରଙ୍କ ବୟାନ ଆଧାରରେ ପୋଲିସ ଯୁଗଲଙ୍କ କଟାମୁଣ୍ଡ ନିକଟବର୍ତ୍ତୀ କ୍ଷେତରୁ ଜବତ କରିଛି। ଏସ୍‌ପିଙ୍କ କହିବା ଅନୁଯାୟୀ, ନିଃସନ୍ତାନ ସୁଧୀର ପାଶ୍ୱାନ୍ ପିଲା ଚାହୁଁଥିବାବେଳେ ତାଙ୍କ ପାଇଁ ରାମାଶିଷ ଏହି କଳାଯାଦୁ ଚଳାଇଥିଲେ। ପୂର୍ବରୁ ସେମାନେ ଏକ ନାବାଳକଙ୍କୁ ହତ୍ୟା କରିଥିବା କଥା ଧର୍ମେନ୍ଦ୍ର ସ୍ୱୀକାର କରିଛନ୍ତି।



ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଦାବିରେ ଶନିବାର ବିହାର ପ୍ରଦେଶ ମହିଳା କଂଗ୍ରେସ କମିଟିର ସମର୍ଥକମାନେ ପାଟନାସ୍ଥିତ ରାଜଭବନ ଘେରାଉ ପାଇଁ ଶୋଭାଯାତ୍ରାରେ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଉଛି।

## ୧୭ ବର୍ଷ ପରେ ପୂର୍ବତନ ବିଚାରପତି ଦୋଷମୁକ୍ତ

**ଚଣ୍ଡିଗଡ଼, ୨୯।୩(ପି.ଟି.)**

**କ୍ୟାଶ୍ ଆଟ୍ ଜଜ୍‌ସ ଡୋର୍ ମାମଲା**



ନିର୍ମଳ ଯାଦବ

୨୦୦୮ର କ୍ୟାଶ୍ ଆଟ୍ ଜଜ୍‌ସ ଡୋର୍ ମାମଲାରେ ୧୭ ବର୍ଷ ପରେ ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ପୂର୍ବତନ ବିଚାରପତି ନିର୍ମଳ ଯାଦବଙ୍କୁ ଶନିବାର ଦୋଷମୁକ୍ତ କରିଛନ୍ତି। ୨୦୦୮ ଅଗଷ୍ଟ ୧୩ରେ ଜଷ୍ଟିସ୍ ଯାଦବଙ୍କ ଉଦ୍ଦେଶ୍ୟରେ ଆସିଥିବା ୧୫ ଲକ୍ଷ ଟଙ୍କାର ଏକ ପ୍ୟାକେଟ୍ ଭୁଲ୍‌ରେ ଅନ୍ୟତମ ବିଚାରପତି ଜଷ୍ଟିସ୍ ନିର୍ମଳଜିତ କୌରଙ୍କ ବାସଭବନରେ ପ୍ରଦାନ କରାଯାଇଥିଲା। ଏକ ସମ୍ପତ୍ତି ମାମଲାକୁ ପ୍ରଭାବିତ କରିବା ପାଇଁ ଏହି ଲାଞ୍ଚ ପଠାଯାଇଥିବା ଅଭିଯୋଗ ହୋଇଥିଲା। ତେବେ ଏହା ଲାଞ୍ଚ ନ ଥିଲା, ଭୁଲ୍ ପ୍ରଚାର କରାଯାଇଥିଲା ବୋଲି ଜଷ୍ଟିସ୍ ଯାଦବଙ୍କ ଓକିଲ ବିଶାଲ କୋର୍ଟଙ୍କୁ ଜଣାଇଥିଲେ। ହରିୟାଣାର ପୂର୍ବତନ ଅତିରିକ୍ତ ଆଡଭୋକେଟ ଜେନେରାଲ ସଞ୍ଜୀବ ବଂଶଲ ତାଙ୍କ ପିଅନ ପ୍ରକାଶ ରାମଙ୍କ ଜରିଆରେ ଏହି ଟଙ୍କା ପଠାଇଥିବା ଜଣାପଡ଼ିଥିଲା। ପ୍ରକାଶ ବିଚାରପତି ନିର୍ମଳଜିତ କୌରଙ୍କ ବାସଭବନରେ ଟଙ୍କା ପ୍ୟାକେଟ ସହ ପହଞ୍ଚି ଦିଲ୍ଲୀର ଦସ୍ତାବିଜ୍‌ର ଏହି ପ୍ୟାକେଟ ଆସିଥିବା କହିଥିଲେ। ତେବେ ବିଚାରପତିଙ୍କ ନିର୍ଦ୍ଦେଶକ୍ରମେ ପିଅନ ଉକ୍ତ ପ୍ୟାକେଟ ଖୋଲିବାରୁ ସେଥିରୁ ଟଙ୍କା ମିଳିଥିଲା। ପିଅନ ପ୍ରକାଶଙ୍କୁ ପୋଲିସ ଅଟକ ରଖିବା ସହ ମାମଲା ରୁଜୁ କରିଥିଲା। ୨୦୧୧ରେ ଏହି ମାମଲା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା।

ଏହି ସମ୍ବେଦନଶୀଳ ମାମଲାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ବିଚାରପତି ଅଳକା ମଲିକ ଶନିବାର ରାୟ ଘୋଷଣା କରିଛନ୍ତି। ଜଷ୍ଟିସ୍ ନିର୍ମଳ ଯାଦବଙ୍କ ସମେତ ଅନ୍ୟ ୪ ଜଣଙ୍କୁ ମଧ୍ୟ ଦୋଷମୁକ୍ତ କରାଯାଇଛି। ସେମାନେ ହେଲେ ରବିନ୍ଦର ସିଂ ଭସିନ, ରାଜୀବ ଗୁପ୍ତା ଏବଂ ନିର୍ମଳ ସିଂ। ମାମଲାରେ ମୋଟ ୫ ଅଭିଯୁକ୍ତ ଥିବାବେଳେ ପୂର୍ବରୁ ସଞ୍ଜୀବ ବଂଶଲଙ୍କ ମୃତ୍ୟୁ ହୋଇଯାଇଛି। ଗୁରୁବାର ମାମଲାର ଚୂଡ଼ାନ୍ତ ଶୁଣାଣି ହୋଇଥିଲା।

## କାର୍ଯ୍ୟାନୁଷ୍ଠାନ ପାଇଁ ଜାତିସଂଘ ସଂସ୍ଥାର ଦାବି

**ଜେନେଭା, ୨୯।୩**

**ଜିଏନ୍‌ଏସ୍‌ଏସ୍‌ର ହସ୍ତକ୍ଷେପକୁ ବିରୋଧ**

ଗ୍ଲୋବାଲ ନାଭିଗେଶନ ସାଟେଲାଇଟ୍ ସିଷ୍ଟମ୍ (ଜିଏନ୍‌ଏସ୍‌ଏସ୍)ର କ୍ଷତିକାରକ ହସ୍ତକ୍ଷେପ ଯୋଗୁ ବିମାନ ଚଳାଚଳ, ସାମୁଦ୍ରିକ ଯାତ୍ରା ଏବଂ ଟେଲିକମ୍ ଅପରେଶନ ପାଇଁ ଜରୁରୀ ସାଟେଲାଇଟ୍ ନେଭିଗେଶନ ସିଷ୍ଟମ୍ ପ୍ରଭାବିତ ହେଉଛି। ତେଣୁ ଜିଏନ୍‌ଏସ୍‌ଏସ୍ ବିରୋଧରେ ବୈଶ୍ୱିକ କାର୍ଯ୍ୟାନୁଷ୍ଠାନ ପାଇଁ ଜାତିସଂଘର ୩ଟି ସଂସ୍ଥା ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ସଂଗଠନ (ଆଇସିଏଓ), ଅନ୍ତର୍ଜାତୀୟ ଟେଲିଯୋଗାଯୋଗ ୟୁନିୟନ (ଆଇଟିୟୁ) ଏବଂ ଅନ୍ତର୍ଜାତୀୟ ମେରିଟାଇମ୍ ସଂଗଠନ (ଆଇଏମ୍‌ଓ) ପକ୍ଷରୁ ମିଳିତ ଆହ୍ୱାନ ଦିଆଯାଇଛି। ରେଡିଓ ନେଭିଗେଶନ ସାଟେଲାଇଟ୍ ସେବା (ଆର୍‌ଏନ୍‌ଏସ୍‌ଏସ୍)ର ଜାମିଂ ଏବଂ ସ୍ପୁଫିଙ୍ଗ୍ ବଢ଼ିଚାଲିଥିବା ନେଇ ଏଜେନ୍ସିଗୁଡ଼ିକ ଚିନ୍ତା ପ୍ରକଟ କରିଛନ୍ତି। ନାଭିଗେଶନ, ପୋଜିଶନିଂ ଏବଂ ଟାଇମିଂ ସିଗ୍ନାଲ ସାଧୁତାର ସୁରକ୍ଷା ପାଇଁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ନିବେଦନ କରିଛନ୍ତି। ଜାମିଂ ହେଉଛି ଅଦରକାରୀ ବା ସୁପରଫ୍ଲସ୍ ସିଗ୍ନାଲ ପ୍ରେରଣ। ସେହିପରି ସ୍ପୁଫିଙ୍ଗ ହେଉଛି ଜିଏନ୍‌ଏସ୍‌ଏସ୍ ଭଳି ସିଗ୍ନାଲ ପ୍ରସାରଣ ଯାହା ଏକ ଜାହାଜ କିମ୍ବା ବିମାନର ଜିଏନ୍‌ଏସ୍‌ଏସ୍ ରିସିଭରକୁ ଭୁଲ୍ ପୋଜିଶନ ଆକଳନ କରାଇଥାଏ ଏବଂ ତ୍ରୁଟିପୂର୍ଣ୍ଣ ମାର୍ଗଦର୍ଶନ ଦେଇଥାଏ ବୋଲି ଏଜେନ୍ସିଗୁଡ଼ିକ କହିଛନ୍ତି।

## 'ସ୍ତ୍ରୀ, ବୟଫ୍ରେଣ୍ଡଙ୍କଠାରୁ ଜୀବନ ପ୍ରତି ବିପଦ ରହିଛି'

**ଗ୍ୱାଲିୟର, ୨୯।୩**

**ରାସ୍ତାରେ ପ୍ଲାକାର୍ଡ ଧରି ପ୍ରତିବାଦ କଲେ ସ୍ୱାମୀ**



ଅମିତ କୁମାର ସେନ୍

ମଧ୍ୟପ୍ରଦେଶ ଗ୍ୱାଲିୟର ଜିଲାର ଅମିତ କୁମାର ସେନ୍‌ଙ୍କୁ ହତ୍ୟା ଭୟ ଘାରିଛି। ତାଙ୍କ ସ୍ତ୍ରୀଙ୍କର ୪ ଜଣ ବୟଫ୍ରେଣ୍ଡ ଅଛନ୍ତି। ରାହୁଲ ବାଥମ ନାମକ ଜଣେ ବୟଫ୍ରେଣ୍ଡଙ୍କ ସହ ସେ ଲିଭ୍-ଇନ୍‌ରେ ରହୁଥିବା ଅମିତ ଥାନାରେ ଅଭିଯୋଗ କରିଥିଲେ। ବୟଫ୍ରେଣ୍ଡଙ୍କ ସହ ମିଶି ସ୍ତ୍ରୀ ବଡ଼ ପୁଅ ହର୍ଷଙ୍କୁ ହତ୍ୟା କରିଥିଲେ। ତେବେ ପୋଲିସ ଅମିତଙ୍କ କଥାକୁ ଗୁରୁତ୍ୱର ସହ ନେଇ ନ ଥିଲା। ତେଣୁ ଅମିତ ଏକ ପ୍ଲାକାର୍ଡ ଧରି ଶନିବାର ଫୁଲବାଗ ଛକରେ ପ୍ରତିବାଦରେ ବସିଛନ୍ତି। ପ୍ଲାକାର୍ଡରେ ସେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କୁ ସହାୟତା ପାଇଁ ନିବେଦନ କରିଛନ୍ତି। ଗ୍ୱାଲିୟର ଏ.ବି. ରୋଡ୍‌ସ୍ଥିତ ମେହନ୍ଦୀବାଲା ସୟଦ ଅଞ୍ଚଳରେ ରହୁଥିବା ଅମିତ ମିରଟ ହତ୍ୟାକାଣ୍ଡ ପରେ ଆତଙ୍କିତ ଥିବା କହିଛନ୍ତି। ସେ ସ୍ତ୍ରୀଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ନେଇ ଅଭିଯୋଗ ଆଣିଛନ୍ତି। ଏବେ ତାଙ୍କ ସାନ ପୁଅ ନିଜ ମା' ଓ ତାଙ୍କ ବୟଫ୍ରେଣ୍ଡଙ୍କ ସହ ରହୁଛନ୍ତି। ଏହାକୁ ବିରୋଧ କରିବାରୁ ରାହୁଲ ତାଙ୍କୁ ହତ୍ୟା କରିବେ ବୋଲି ଧମକ ଦେଇଥିବା ଅମିତ କହିଛନ୍ତି।

## ଆସାମରେ ଓଆଇଏଲ୍ ପ୍ରୋଜେକ୍ଟକୁ ବିରୋଧ

**ଗୁଆହାଟୀ, ୨୯।୩**

ଆସାମର ଡିବ୍ରୁ-ସାଇଖୋୱା ପରିବେଶ ସମ୍ବେଦନଶୀଳ ଅଞ୍ଚଳ (ଡିଏସ୍‌ଇଏସ୍‌ଜେଡ୍)ରେ ଗବେଷଣା ଏବଂ ବିକାଶ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଅଏଲ ଇଣ୍ଡିଆ ଲିମିଟେଡ୍ (ଓଆଇଏଲ୍)କୁ ମିଳିଥିବା ଅନୁମତିକୁ ନେଇ ସ୍ଥାନୀୟ ପରିବେଶ କାର୍ଯ୍ୟକର୍ତ୍ତାମାନେ ଚିନ୍ତାପ୍ରକଟ କରିଛନ୍ତି। ଉକ୍ତ ଅଞ୍ଚଳରେ ଗବେଷଣା ଏବଂ ବିକାଶ କେନ୍ଦ୍ର ପ୍ରତିଷ୍ଠା ପାଇଁ ଓଆଇଏଲ୍‌କୁ ମିଳିଥିବା ଅନୁମତିକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ଆସାମର ପରିବେଶ କାର୍ଯ୍ୟକର୍ତ୍ତାମାନେ ଏକ ଚିଠି ମାଧ୍ୟମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି। ଡିବ୍ରୁ-ସାଇଖୋୱା ପରିବେଶ ସମ୍ବେଦନଶୀଳ ଅଞ୍ଚଳକୁ ବିଶ୍ୱ ଜୈବବିବିଧତାର ହଟ୍‌ସ୍ପଟ୍ ଭାବେ ମାନ୍ୟତା ଦିଆଯାଇଛି। ୩୪୦ ବର୍ଗ କି.ମି. ପରିବ୍ୟାପ୍ତ ଏହି ଜାତୀୟ ଉଦ୍ୟାନକୁ ଏକ ଜୈବମଣ୍ଡଳ ସଂରକ୍ଷଣ ଭାବରେ ବର୍ଗୀକୃତ କରାଯାଇଛି। ସେହିପରି ଏହା ହେଉଛି ଅନେକ ବିଲୁପ୍ତପ୍ରାୟ ପ୍ରାଣୀଙ୍କର ବାସସ୍ଥାନ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସଚିବଙ୍କୁ ଲେଖାଯାଇଥିବା ଏହି ଚିଠିରେ ଓଆଇଏଲ୍‌ର ଖରାପ ପରିବେଶଗତ ଟ୍ରାକ୍ ରେକର୍ଡକୁ ନେଇ ପରିବେଶ କାର୍ଯ୍ୟକର୍ତ୍ତାମାନେ ଚିନ୍ତାପ୍ରକଟ କରିଛନ୍ତି।

## ମୋହନଲାଲଙ୍କ 'ଏମ୍ପୁରାନ'କୁ ନେଇ ବିବାଦ

**ଥିରୁଭାନନ୍ତପୁରମ, ୨୯।୩**



ସାଉଥ୍ ଷ୍ଟାର୍ ମୋହନଲାଲ ଓ ପୃଥ୍ୱୀରାଜ ସୁକୁମାରନଙ୍କ ଫିଲ୍ମ 'ଏଲ୍ ୨ ଏମ୍ପୁରାନ'କୁ ନେଇ ବିବାଦ ଦେଖାଦେଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏହି ଫିଲ୍ମକୁ ହିନ୍ଦୁବିରୋଧୀ ବୋଲି କହିଛି। ଆର୍‌ଏସ୍‌ଏସ୍‌ର ମୁଖପତ୍ର ଅର୍ଗାନାଇଜରରେ ପ୍ରକାଶିତ ଆଲେଖ୍ୟରେ କୁହାଯାଇଛି, 'ଏଲ୍ ୨ ଏମ୍ପୁରାନ' ଫିଲ୍ମ ଜରିଆରେ ୨୦୦୨ର ଗୋଧ୍ରା ଦଙ୍ଗାର ପୃଷ୍ଠଭୂମିକୁ ବ୍ୟବହାର କରାଯାଇ ହିନ୍ଦୁବିରୋଧୀ ରାଜନୈତିକ ଏଜେଣ୍ଡାକୁ ପ୍ରଶ୍ରୟ ଦିଆଯାଇଛି। ସେହିପରି ଏହି ଫିଲ୍ମରେ ହିନ୍ଦୁମାନଙ୍କୁ ବଦ୍‌ନାମ କରାଯିବା ସହ ହିନ୍ଦୁ ସମର୍ଥକ ରାଜନୈତିକ ବିଚାରଧାରାକୁ ଟାର୍ଗେଟ କରାଯାଇଛି। ତେବେ ଫିଲ୍ମକୁ ଆର୍‌ଏସ୍‌ଏସ୍ ସମେତ ବିଭିନ୍ନ ଦକ୍ଷିଣପନ୍ଥୀ ସଙ୍ଗଠନର ବିରୋଧ ପରେ ନିର୍ମାତାଙ୍କ ପକ୍ଷରୁ ଫିଲ୍ମର ୧୭ଟି ଦୃଶ୍ୟକୁ କାଟି ସଂଶୋଧିତ ସଂସ୍କରଣକୁ ରିଲିଜ୍ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ସଂଶୋଧିତ ସଂସ୍କରଣକୁ ଆସନ୍ତା ସପ୍ତାହରୁ ସିନେମା ହଲ୍‌ରେ ପ୍ରଦର୍ଶିତ କରାଯିବ। ସୋମବାର ସୁଦ୍ଧା ଏହି ସଂଶୋଧିତ ସଂସ୍କରଣର ଏଡିଟିଂ ଶେଷହେବ। ପରେ ଏହାକୁ ମଞ୍ଜୁରୀ ପାଇଁ ସେନ୍ସର ବୋର୍ଡ ନିକଟକୁ ପଠାଯିବ।

## ଏନ୍‌ଇଇଟି ଆଶାୟୀଙ୍କ ଆତ୍ମହତ୍ୟା

**ଚେନ୍ନାଇ, ୨୯।୩**

ଡାକ୍ତରୀ ଶିକ୍ଷା ଲାଗି ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି) ନିମନ୍ତେ ପ୍ରସ୍ତୁତି ଚଳାଇଥିବା ଜଣେ ୨୧ ବର୍ଷୀୟା ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ମେ' ୪ରେ ଏନ୍‌ଇଇଟି ପରୀକ୍ଷା ହେବାକୁ ଥିବାବେଳେ ଦେବଦର୍ଶିନୀ ନାମ୍ନୀ ଉକ୍ତ ଛାତ୍ରୀ କୋଚିଂ ନେଉଥିଲେ। ସେ ପୂର୍ବରୁ ୪ ଥର ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରି ନ ଥିବାରୁ ବିଚଳିତ ଥିଲେ। ସେ ଚେନ୍ନାଇଠାରୁ ୪୦ କି.ମି. ଦୂର କିଲାମ୍ବକ୍କମ୍‌ରେ ରହୁଥିବାବେଳେ ସେଠାରେ ତାଙ୍କ ବାପା ଏକ ବେକେରୀ ଚଳାଉଥିଲେ। ଛାତ୍ରୀ ଆତ୍ମହତ୍ୟା ଘଟଣାରେ ବିରୋଧୀଦଳ ଏଆଇଏଡିଏମ୍‌କେ ରାଜ୍ୟର ଏମ୍.କେ. ଷ୍ଟାଲିନ୍ ସରକାରକୁ ସମାଲୋଚନା କରିଛି। ଏନ୍‌ଇଇଟି ବ୍ୟବସ୍ଥା ବନ୍ଦ କରିବାକୁ ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇ ଡିଏମ୍‌କେ ସରକାର ଏହା କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛି। ତାମିଲନାଡୁରେ ଗତ ୮ ବର୍ଷ ମଧ୍ୟରେ ୨୧ ଏନ୍‌ଇଇଟି ଆଶାୟୀ ଆତ୍ମହତ୍ୟା କଲେଣି। ଏହି ପରୀକ୍ଷା ବନ୍ଦ କରି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆଧାରରେ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ବ୍ୟବସ୍ଥା କରାଯିବାକୁ ଏମ୍.କେ. ଷ୍ଟାଲିନ୍‌ଙ୍କ ସରକାର ଦାବି କରିଆସୁଛି। ପୂର୍ବରୁ ଏଆଇଏଡିଏମ୍‌କେ ସରକାର ମଧ୍ୟ କେନ୍ଦ୍ରୀୟ ପ୍ରବେଶିକା ପରୀକ୍ଷାକୁ ବିରୋଧ କରିଥିଲେ। ୨୦୨୧ରେ ତାମିଲନାଡୁ ବିଧାନସଭାରେ ଏନେଇ ଏକ ବିଲ୍ ଗୃହୀତ ହୋଇଥିଲା।

# ସିଜିୟୁ ସହ ଜେଏସ୍‌ପିର ବୁଝାମଣା



ଏମ୍‌ଓୟୁ ଅବସରରେ ଉଭୟ ସିଜିୟୁ ଏବଂ ଜେଏସ୍‌ପିର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୨୯।୩**

ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ) ଏବଂ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ସ୍କିଲ୍ ଇଣ୍ଡିଆ ମିଶନକୁ ସମଗ୍ର ଦେଶରେ କାର୍ଯ୍ୟକାରୀ କରିବା ପାଇଁ ଉଭୟ ପ୍ରତିଷ୍ଠାନ ମଧ୍ୟରେ ଏହି ବୁଝାମଣା ହୋଇଛି। ଅପରପକ୍ଷରେ ଜେଏସ୍‌ପିର ଅଧ୍ୟକ୍ଷ ତଥା ସାଂସଦ ନବୀନ ଜିନ୍ଦଲଙ୍କ ପରିକଳ୍ପନାକୁ ଆଉ ଏକ ପାଦ ଆଗକୁ ନେବା ସହ କମ୍ପାନୀର 'ଦକ୍ଷତା' କାର୍ଯ୍ୟକ୍ରମ ଅଧୀନରେ କର୍ମଚାରୀମାନଙ୍କ କୌଶଳ ବୃଦ୍ଧି ପାଇଁ ସିଜିୟୁ ସହ ଜେଏସ୍‌ପି ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି।

ସେହିଭଳି ଏହି ବୁଝାମଣାପତ୍ର ଅନୁଯାୟୀ ଜେଏସ୍‌ପି ଏବଂ ସିଜିୟୁ ମିଳିତ ଭାବେ ଜେଏସ୍‌ପିର ଅନୁଗୋଳ ସ୍ଥିତ ନବୀନ ଜିନ୍ଦଲ ସ୍କିଲ୍ ସେଣ୍ଟର ଏବଂ ସିଜିୟୁ-ଓଡ଼ିଶାର ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ)ରେ ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରିବେ। ୱେଲ୍ଡିଂ, ଫେବ୍ରିକେଶନ ଏବଂ ଇଲେକ୍ଟ୍ରିସିଆନ୍ ଆଦି କ୍ଷେତ୍ର ସହ ଅନ୍ୟାନ୍ୟ ଭବିଷ୍ୟ-ଉପଯୋଗୀ ଦକ୍ଷତା ବୃଦ୍ଧି ଉପରେ ଏହି ପ୍ରଶିକ୍ଷଣରେ ଗୁରୁତ୍ୱ ଦିଆଯିବ। ଏହାସହ ଶିଳ୍ପ ଅଟୋମେଶନରେ ବିଶେଷ ଦକ୍ଷତା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଯେଉଁଥିରେ ପିଏଲ୍‌ସି, ଏଚ୍‌ଏମ୍‌ଆଇ, ସ୍କାଡା, ଡିସିଏସ୍, ହାଇଡ୍ରୋଲିକ୍ସ, ନ୍ୟୁମେଟିକ୍ସ ଆଦି କ୍ଷେତ୍ର ସହ ଉନ୍ନତ ୱେଲ୍ଡିଂ, ଉନ୍ନତ ମେଶିନିଂ, ସିମୁଲେସନ ଏବଂ ମଡେଲିଂ ଆଦି କ୍ଷେତ୍ର ରହିବ। ଏହି ପରିପ୍ରେକ୍ଷୀରେ ଜେଏସ୍‌ପି ଅନୁଗୋଳ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ ଏବଂ ସିଜିୟୁର ପ୍ରୋ ଭାଇସ୍ ଚାନ୍ସେଲର ଡ. ଜି. ଶ୍ରୀଦେବୀ ଏହି ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଜେଏସ୍‌ପିର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲୀପ କୁମାର ସିହ୍ନା, ଭାଇସ୍ ପ୍ରେସିଡେଣ୍ଟ (ମାନବ ସମ୍ବଳ) ସୁଭାଷ ଚନ୍ଦ୍ରଙ୍କ ସମେତ ସିଜିୟୁର ପ୍ରଫେସର ଅଫ୍ ପ୍ରାକ୍ଟିସ୍ ଅମୂଲ୍ୟ ମହାପାତ୍ର, ୱେଲ୍ଡିଂ ସିଓଇ ମୁଖ୍ୟ ଦେବାଶିଷ ମହାପାତ୍ର ଏବଂ ଅଟୋମେଶନ ସିଓଇ ମୁଖ୍ୟ ରଜତ ସାମନ୍ତରାୟ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଜେଏସ୍‌ପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅନୁଗୋଳ) ପଙ୍କଜ ମଲହାନ କହିଛନ୍ତି, ଭାରତର ଭବିଷ୍ୟତର ଆବଶ୍ୟକତା ପୂରଣ କରିବା ନିମନ୍ତେ ଏକ ଉଚ୍ଚ କୁଶଳୀ କର୍ମଚାରୀ ଗୋଷ୍ଠୀ ସୃଷ୍ଟିକରିବା ପାଇଁ ଆମର ପ୍ରତିବଦ୍ଧତାକୁ ଏହି ସହଭାଗିତା ପ୍ରଦର୍ଶନ କରିବ।

# ପ୍ରଥମ ବ୍ୟବସାୟରେ ବିଫଳତା ହତୋତ୍ସାହିତ କରିପାରି ନ ଥିଲା

**୧୯୬୭ରେ ଜନ୍ମ ହୋଇଥିଲେ ଭୁବନେଶ୍ୱରରେ ଗୀତାଞ୍ଜଳି ଆୱାର୍ଡସ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ କ୍ରିଷ୍ଣମୋହନ ଟାଟା। ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ପାଠପଢ଼ା ସରିବା ପରେ ପରିବାର ଲୋକେ ଚାହୁଁଥିଲେ ସେ ଚାକିରି କରନ୍ତୁ। ସେ ସେପରି ମଧ କରିଥିଲେ। ମାତ୍ର ଉଦ୍ୟୋଗୀଭାବେ ନିଜକୁ ପ୍ରତିଷ୍ଠିତ କରିବାର ତାଙ୍କର ଯେଉଁ ଲକ୍ଷ୍ୟ ଥିଲା ତାହା ତାଙ୍କର ଚାକିରି ଜୀବନ ଅଟକାଇପାରି ନ ଥିଲା। ବନ୍ଧୁଙ୍କ ସହ ମିଶି ସେ ବ୍ୟବସାୟ ଜଗତରେ ପାଦ ଦେଇଥିଲେ ଏବଂ ସଫଳତାର ସହ ଆଗକୁ ବଢ଼ିଚାଲିଛନ୍ତି। କ୍ରିଷ୍ଣମୋହନଙ୍କ ସହ ତାଙ୍କର ବ୍ୟବସାୟିକ ଯାତ୍ରା ସମ୍ପର୍କରେ ଧରିତ୍ରୀର ସ୍ୱତନ୍ତ୍ର ବାର୍ତ୍ତାଳାପ...**



**ପ୍ର- ଆୱାର୍ଡ ଓ ଟ୍ରଫି ପ୍ରସ୍ତୁତି ଭଳି ନିଆରା ଶିଳ୍ପରେ କିପରି ପ୍ରବେଶ କଲେ?**

ଉ- କୌଣସି ବ୍ୟକ୍ତି କଠିନ ପରିଶ୍ରମ କରି ନିଜର ଲକ୍ଷ୍ୟ ହାସଲ କରିବା ପରେ ଯେତେବେଳେ ବିଭିନ୍ନ ମହଲରେ ପ୍ରଶଂସିତ ହୁଅନ୍ତି ତାହା ତାଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ। ମୁଁ ଓ ମୋର ବନ୍ଧୁ ବୁଦ୍ଧ ପ୍ରକାଶ ମହାପାତ୍ରଙ୍କ କ୍ଷେତ୍ରରେ ମଧ୍ୟ ତାହା ହୋଇଥିଲା। ଆମେ ଦୁହେଁ କର୍ପୋରେଟ୍ ସେକ୍ଟରରେ କାମ କରୁଥିବାବେଳେ ଉଦ୍ୟୋଗୀ ହେବାର ନିଶା ଆମକୁ ଘାରିଥିଲା। ଆମେ ପ୍ରଥମେ ପ୍ଲାଷ୍ଟିକ୍ ହାଉସ୍ ୱେୟାର ହୋଲସେଲିଂ ଆରମ୍ଭ କରିଥିଲୁ। ମାତ୍ର ସଫଳ ହୋଇ ନ ଥିଲୁ। ପ୍ରଥମ ବ୍ୟବସାୟରେ ବିଫଳତା ଆମକୁ ହତୋତ୍ସାହିତ କରିପାରି ନ ଥିଲା। ଏହାପରେ ଆମେ ଗୀତାଞ୍ଜଳି ଆୱାର୍ଡ ନାମରେ ବିଭିନ୍ନ ପ୍ରକାରର ଆୱାର୍ଡ, ଟ୍ରଫି, ସ୍ମରଣିକା, ଉପହାର, ଉତ୍ପାଦନ ଓ ବିକ୍ରୟ ସହ ଏହି ଶିଳ୍ପରେ ପ୍ରବେଶ କରିଥିଲୁ।

**ପ୍ର- କେତେ ଟଙ୍କାରୁ ଏହି ବ୍ୟବସାୟିକ ଯାତ୍ରା ଆରମ୍ଭ କରିଥିଲେ, ବର୍ତ୍ତମାନ କିଭଳି ସ୍ଥିତି ରହିଛି?**

ଉ- ୨୦ ବର୍ଷ ପୂର୍ବେ ମାତ୍ର ୩୦ରୁ ୪୦ ହଜାର ଟଙ୍କାରେ ଏକ ଛୋଟ ବଖରାରେ ଆମେ ୨ଜଣ ବ୍ୟବସାୟ ଆରମ୍ଭ କରିଥିଲୁ। ବର୍ତ୍ତମାନ ବାର୍ଷିକ ଟର୍ନଓଭର ୫ କୋଟିରୁ ଅଧିକ ରହୁଛି। ସେତେବେଳେ ବାହାଘର, ଜନ୍ମଦିନ, ଭାଲେଣ୍ଟାଇନ୍ସ ଡେ', ଗୁରୁଦିବସ ଆଦି ପାଇଁ ଆକ୍ରିଲିକ୍‌ରେ ଉପହାର ପ୍ରସ୍ତୁତ କରୁଥିଲୁ। କୌଣସି କ୍ରୀଡ଼ାଉତ୍ସବ, ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ, ନୃତ୍ୟୋତ୍ସବ, ସମ୍ମିଳନୀ, ବନ୍ଧୁମିଳନ ଆଦି ପାଇଁ ଗ୍ରାହକ ଆୱାର୍ଡ, ଟ୍ରଫି ଏବଂ ମେମେଣ୍ଟୋ ନେଇଥା'ନ୍ତି। ପୂର୍ବରୁ ଏ ସମସ୍ତ ଉତ୍ସବ ପାଇଁ ମାତ୍ର ଗୋଟିଏ ପ୍ରକାର ପୁରସ୍କାର ମିଳୁଥିବାବେଳେ ଆମେ ଭିନ୍ନ ଭିନ୍ନ ଉତ୍ସବ ପାଇଁ ଭିନ୍ନ ପୁରସ୍କାର ପ୍ରସ୍ତୁତ କରିଆସୁଛୁ। ଆଇଆଇଟି ହାଇଦ୍ରାବାଦର ଡିଜାଇନ୍ ବିଭାଗ ସହ ମିଳିତ ଭାବେ ଆମେ ସମ୍ମାନଜନକ ଏନ୍‌ଆଇଆର୍‌ଏଫ୍ ଟ୍ରଫି, ସର୍ଜନ ଆୱାର୍ଡ, ହକି ୱାର୍ଲ୍ଡ କପ୍ ପ୍ଲାକ୍ୟୁ, ବିଜୁ ପଟ୍ଟନାୟକ ସ୍ପୋର୍ଟସ୍ ଆୱାର୍ଡ, ଧରିତ୍ରୀ ବିଜନେଶ୍ ଏମିନେନ୍ସ ଆୱାର୍ଡ ସହ ଅନ୍ୟାନ୍ୟ ସମ୍ମାନଜନକ ଟ୍ରଫି ଆଦି ଆମେ ପ୍ରସ୍ତୁତ କରିଛୁ।

**ପ୍ର- ଆପଣଙ୍କ ଉତ୍ପାଦ ଓ ସେବାର କ'ଣ ବିଶେଷତ୍ୱ ରହିଛି? ଆଗକୁ ବ୍ୟବସାୟ ସମ୍ପ୍ରସାରଣ ନେଇ କ'ଣ ଯୋଜନା ରହିଛି?**

ଉ- ଆମ ପାଖକୁ ଆସୁଥିବା ଗ୍ରାହକ ଆମଠାରୁ କ'ଣ ଆଶା ରଖୁଛନ୍ତି ତାହ ବୁଝିବା ଗୁରୁତ୍ୱପୂର୍ଣ୍ଣ। ଉତ୍ସବ ଓ ଗ୍ରାହକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଆମେ ଆକ୍ରିଲିକ୍, କାଠ, ମେଟାଲ ତିଆରି ଉତ୍ପାଦ ଓ ସେବା ପ୍ରଦାନ କରିଥାଉ। ଆମେ ଆମର ଟ୍ରେଡ ମାର୍କ ପଞ୍ଜୀକୃତ କରିଛୁ ଏବଂ ଆମର କିଛି ଡିଜାଇନ ପେଟେଣ୍ଟ କରିବାକୁ ଯୋଜନା କରୁଛୁ। ସମୟକ୍ରମେ ଟେକ୍ନୋଲୋଜି ସହିତ ଆମ ୱାର୍କଶପକୁ ଅପଗ୍ରେଡ୍ କରୁଛୁ। ଆମ ଉତ୍ପାଦ ଓ ସେବାରେ ସର୍ବଦା ଉତ୍ତମମାନ ବଜାୟ ରଖୁ। ନୂତନ ଡିଜାଇନ ଉପଲବ୍ଧ କରାଉଛୁ। କୋଭିଡ୍ ସମୟରେ ବ୍ୟବସାୟ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏଥିରେ ସୁଧାର ଆସିଛି। ଶହୀଦନଗରରେ ଆମର ଆଉ ଏକ ନୂଆ ଷ୍ଟୋର ଖୋଲିବାକୁ ଯାଉଛି। ଆମ ୱେବସାଇଟକୁ ମଧ୍ୟ ଅପଗ୍ରେଡ୍ କରାଯାଉଛି, ତାହା ସମଗ୍ର ରାଜ୍ୟ ତଥା ରାଜ୍ୟ ବାହାରର ଗ୍ରାହକଙ୍କୁ ଆମ ସହ ନିକଟବର୍ତ୍ତୀ କରାଇବ। ଆଗକୁ ଗୀତାଞ୍ଜଳି ଆୱାର୍ଡ ଫ୍ରାଞ୍ଚାଇଜ୍ ଆରମ୍ଭ କରିବା ଯୋଜନା ରହିଛି।

**ପ୍ର-ବ୍ୟବସାୟ ଭିତରେ ବ୍ୟକ୍ତିଗତ ରୁଚି କିପରି ପୂରଣ କରନ୍ତି?**

ଉ- ବ୍ୟବସାୟରେ ମୋ ବନ୍ଧୁ ପାର୍ଟନର ଥିବାରୁ ମୋର ବ୍ୟକ୍ତିଗତ ରୁଚି ପୂରଣରେ କେବେ ଅସୁବିଧା ହୁଏନି। ସେ ମୋତେ ସବୁଥିରେ ପ୍ରୋତ୍ସାହିତ କରନ୍ତି। ମୁଁ ଲେଖାଲେଖି କରିବାକୁ ଭଲ ପାଏ। 'ଜାର ଅଫ୍ ପିବେଲସ୍' ନାମକ ଏକ ପୁସ୍ତକ ପ୍ରକାଶ ପାଇଛି। ଆଗକୁ ମଧ୍ୟ ପୁସ୍ତକ ପ୍ରକାଶ କରିବାକୁ ଯୋଜନା ରହିଛି। ବନ୍ଧୁ ତଥା ପାର୍ଟନରଙ୍କ ସହଯୋଗ ନ ଥିଲେ ତାହା ସମ୍ଭବ ହୁଅନ୍ତାନି।

**ପ୍ର- ଏହି ଶିଳ୍ପରେ ଭବିଷ୍ୟତ ଗଢ଼ିବା ସହଜ କି? ଯୁବୋଦ୍ୟୋଗୀଙ୍କୁ କ'ଣ ପରାମର୍ଶ ଦେବେ?**

ଉ- ଅନ୍ୟ ବ୍ୟବସାୟ ଭଳି ଏହି ଶିଳ୍ପରେ ମଧ ଅନେକ ଜଟିଳତା ଅଛି ଏବଂ ଏହି କ୍ଷେତ୍ରକୁ ପ୍ରବେଶ କରୁଥିବା ବ୍ୟକ୍ତିଙ୍କୁ ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିବ। ଧୈର୍ଯ୍ୟର ସହ ଅନ୍ତର୍ନିହିତ ଜ୍ଞାନର ଉପଯୋଗ, ସକାରାତ୍ମକ ମନୋଭାବ ଏବଂ ନିଷ୍ଠା ଥିଲେ ସଫଳତା ନିଶ୍ଚୟ ମିଳିବ।

-ସାକ୍ଷାତ୍କାର:
**ଅନୁରାଧା ମହାରଣା,**
ଭୁବନେଶ୍ୱର



କ୍ରିଷ୍ଣମୋହନ ଟାଟା

## ପିଏଫ୍‌ଏଲ୍‌ର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୨୯।୩**

ପୁନାୱାଲା ଫିନ୍‌କର୍ପ ଲିମିଟେଡ୍ (ପିଏଫ୍‌ଏଲ୍)ର ନୂତନ ଉତ୍ପାଦ 'ବାଣିଜ୍ୟିକ ଯାନ ଋଣ ବ୍ୟବସାୟ'ର ଶୁଭାରମ୍ଭ କରାଯାଇଛି। ଏପରିକି ଗ୍ରାମୀଣ ଭାରତକୁ ଦୃଷ୍ଟିରେ ରଖି କମ୍ପାନୀ ବାଣିଜ୍ୟିକ ଯାନ ପାଇଁ ସିକ୍ୟୁଓଡ୍ ଋଣ ବ୍ୟବସାୟ ଆରମ୍ଭ କରିଛି। ଏହା ଜରିଆରେ କମ୍ପାନୀ ଦେଶର ବାଣିଜ୍ୟିକ ଯାନ ଅପରେଟରମାନଙ୍କ ଦକ୍ଷତା ବଢ଼ାଇ ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳ କ୍ଷେତ୍ରକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ପୁନାୱାଲା ଫିନ୍‌କର୍ପର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଅରବିନ୍ଦ କପିଲ କହିଛନ୍ତି, ବାଣିଜ୍ୟିକ ପରିବହନ କ୍ଷେତ୍ର ଆମର ବର୍ଦ୍ଧିତ ଅର୍ଥନୀତିର ମେରୁଦଣ୍ଡ ହୋଇ ରହିଛି।

## ସିଲ୍କ ଶାଢ଼ି ଉପରେ ଆକର୍ଷଣୀୟ ଅଫର

**ଭୁବନେଶ୍ୱର,୨୯।୩**



ଦେଶର ପ୍ରମୁଖ ସିଲ୍କ ବ୍ରାଣ୍ଡ ତଥା ତାମିଲନାଡୁର ଗଣେଶ ସିଲ୍କ ପକ୍ଷରୁ ଚଳିତ ବର୍ଷର ଇଦ୍ ଉପଲକ୍ଷେ ଆକର୍ଷଣୀୟ ରିହାତି ସାଙ୍ଗକୁ ସିଲ୍କ ଶାଢ଼ି ଉପରେ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସିଲ୍କ ଶାଢ଼ି ସମ୍ଭାର ଉପରେ ୩୦% ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳାରେ ତାମିଲନାଡୁର ପ୍ରମୁଖ ଗାର୍ମେଣ୍ଟସ ବ୍ରାଣ୍ଡ ଗଣେଶ ସିଲ୍କ ସାମିଲ ହୋଇଛି। ଏପରିକି ମେଳାର ପ୍ରଥମ ଗ୍ୟାଲେରିର ୧୧ନଂ. ଷ୍ଟଲ୍‌ରେ ଗଣେଶ ସିଲ୍କର ଏକ୍ସକ୍ଲୁସିଭ ଷ୍ଟଲ ଖୋଲାଯାଇଛି। ଏହି ଷ୍ଟଲ ଜରିଆରେ ବ୍ରାଣ୍ଡ ବିଭିନ୍ନ ବର୍ଗର ପ୍ରିମିୟମ ସିଲ୍କ ଶାଢ଼ି ବିକ୍ରି କରୁଛି। ଅପରପକ୍ଷରେ ୨୦୦୦ ଟଙ୍କାରୁ ପ୍ରାୟ ୩ ଲକ୍ଷ ଟଙ୍କା ମୂଲ୍ୟର ହସ୍ତତନ୍ତ ଏବଂ ସିଲ୍କ ବ୍ରାଣ୍ଡର ଶାଢ଼ି ଉପଲବ୍ଧ। ସେହିଭଳି ଗଣେଶ ସିଲ୍କରେ ମହୀଶୂର, କାଞ୍ଚିଭରମ, ପଞ୍ଚମପଲ୍ଲୀ, ଇକତ, ଧରମପୁର ଭଳି ପ୍ରିମିୟମ ବର୍ଗର ଆକର୍ଷଣୀୟ କଲେକ୍ସନ ଆଦି ରହିଛି। ସେହିପରି ଏଠାରେ ସମସ୍ତ ବର୍ଗର ସିଲ୍କ ଶାଢ଼ି ଏବଂ ହସ୍ତତନ୍ତ ଶାଢ଼ି ସହିତ ସ୍ୱତନ୍ତ୍ର ଭାବେ ଡିଜାଇନିଂ କରାଯାଇଥିଲା। ବିବାହ ସଂଗ୍ରହ (ୱେଡିଂ କଲେକ୍ସନ)ର ବ୍ୟାପକ ଶାଢ଼ି ସମ୍ଭାର ମଧ ଉପଲବ୍ଧ ରହିଛି।

## ଭାରତ ଇଣ୍ଟରଫେସ୍ ଫର୍ ମନି ୩.୦ର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୯।୩**

ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ)ର ସମ୍ପୂର୍ଣ୍ଣ ସହାୟକ କମ୍ପାନୀ ଏନ୍‌ପିସିଆଇ ଭିମ୍ ସର୍ଭିସେସ୍ ଲିମିଟେଡ୍ ପକ୍ଷରୁ ଭାରତ ଇଣ୍ଟରଫେସ୍ ଫର୍ ମନି (ଭିମ୍) ୩.୦ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏନ୍‌ପିସିଆଇର ଅଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ସ୍ୱାଧୀନ ନିର୍ଦ୍ଦେଶକ ଅଜୟ କୁମାର ଚୌଧୁରୀଙ୍କ ଉପସ୍ଥିତିରେ ଭାରତୀୟ ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିବେକ ଦୀପ ଭିମ୍ ୩.୦ର ଆପ୍ଲିକେଶନ ଓ ସେବାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି। ଏପରିକି ନୂଆ ଭିମ୍ ୩.୦ ଆପ ଗ୍ରାହକ ମିତବ୍ୟୟୀ ଓ ଅଧିକ ଭଲ ଅନୁଭବ ପ୍ରଦାନ କରୁଛି। ଭିମ୍ ୩.୦ ରେ ୧୫ରୁ ଅଧିକ ଭାରତୀୟ ଭାଷାର ସମର୍ଥନ ରହିଛି। ଇଣ୍ଟରନେଟ୍ ଦୁର୍ବଳ ଓ ଅସ୍ଥିର ଥିବା ଅଞ୍ଚଳରେ ମଧ ଏହା ଭଲ ଭାବେ କାର୍ଯ୍ୟ କରୁଛି। ଏ ସମ୍ପର୍କରେ ଏନ୍‌ପିସିଆଇର ଅଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ସ୍ୱାଧୀନ ନିର୍ଦ୍ଦେଶକ ଅଜୟ କୁମାର ଚୌଧୁରୀ କହିଛନ୍ତି, ପ୍ରତିଟି ଭାରତୀୟଙ୍କ ପାଇଁ ଡିଜିଟାଲ ପେମେଣ୍ଟକୁ ସୁରକ୍ଷିତ ଓ ସହଜ କରିବାରେ ଭିମ ପ୍ରମୁଖ ଭୂମିକା ତୁଲାଉଛି।





ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁ ଯେତେ ବୋଲିବୁ ବୋଲ
ମୋ ଦିହଟା ଯାକ ପୋଲ।**

ଅଲାଜୁକ ବ୍ୟକ୍ତିଙ୍କ ମୁହଁରେ କିଛି ଲାଜ ସରମ ନ ଥାଏ। ଏପରି ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କର ଡର କି ଭୟ ରହି ନ ଥାଏ। ଏପରିକି ଯେତେ ବୁଝାଇଲେ ମଧ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ। ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୋର ଦେଖି
ମୋର ଡାହାଣ ଆଖି।**

ଅନ୍ୟର ଭଲ ଦେଖିଲେ କେତେ ଲୋକଙ୍କ ମନ ହାଇଁପାଇଁ ହୋଇଯାଏ। ଏପରି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରିପାରି ନ ଥାନ୍ତି କି ବରଦାସ୍ତ ବା ଗ୍ରହଣ କରିପାରି ନ ଥାନ୍ତି। ଅନ୍ୟର ଉନ୍ନତି ଦେଖି ଲାଳାୟିତ ହେଉଥିବା ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

ପ୍ରଥମ ପୃଷ୍ଠାରୁ...

## ସୁକ୍‌ମା ଏନ୍‌କାଉଣ୍ଟର...

ଉଜନେରୁ ଊର୍ଦ୍ଧ୍ୱ ମାଓବାଦୀ ଆକ୍ରମଣରେ ଜଗଦୀଶ ସମ୍ପୃକ୍ତ। ଗୁରୁତର ଆହତ ୨ ଯବାନଙ୍କ ଉନ୍ନତ ଚିକିତ୍ସା ନିମନ୍ତେ ହେଲିକପ୍ଟର ଯୋଗେ ରାୟପୁର ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରୁ ଏକେ ୪୭, ଏସ୍‌ଏଲ୍‌ଆର୍, ଇନ୍‌ସାସ୍ ରାଇଫଲ୍, ୩୦୩ ରାଇଫଲ, ରକେଟ ଲଞ୍ଚର, ବିଜିଏଲ୍ ଲଞ୍ଚର, ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିବା ସୁକ୍‌ମା ଏସ୍‌ପି. କିରଣ ଚୌହାନ ସୂଚନା ଦେଇଛନ୍ତି। ଯବାନମାନେ ସର୍ଚ୍ଚ ଅପରେଶନ ସାରି ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ଚୌହାନ କହିଛନ୍ତି। ସୂଚନାଯୋଗ୍ୟ, ବସ୍ତର ଅଞ୍ଚଳର ବିଜାପୁର ଏବଂ କଙ୍କର ଜିଲାରେ ୧୦ ଦିନ ପୂର୍ବରୁ ହୋଇଥିବା ୨ଟି ଏନ୍‌କାଉଣ୍ଟରରେ ୩୦ ମାଓବାଦୀ ନିହତ ହୋଇଥିଲେ।

## କୋଟିଆରେ ପୁଣି ...

ଜଣାପଡ଼ିଛି। ଏହି ଅଞ୍ଚଳରେ ଆଧାର କେୱାଇସି ହୋଇପାରୁ ନ ଥିବାରୁ ମହିଳାମାନେ ପୂର୍ବରୁ ସୁଭଦ୍ରା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ଚାପରେ ରହିଥିବାବେଳେ ବର୍ତ୍ତମାନ ଆନ୍ଧ୍ର କର୍ମଚାରୀ ଅନୁପ୍ରବେଶ କରି ଇ-କେୱାଇସି କରାଇବା ସ୍ଥାନୀୟ ପ୍ରଶାସନ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏ ନେଇ କୋଟିଆ ସରପଞ୍ଚ ଲିଡ ଗେମେଲଙ୍କୁ ପଚାରିବାରୁ ସେ କହିଛନ୍ତି, ଆନ୍ଧ୍ର ସୀମାନ୍ତ ଗ୍ରାମବାସୀଙ୍କୁ ବିଭିନ୍ନ ସରକାରୀ ଯୋଜନାକୁ ନେଇ କାର୍ଯ୍ୟକରି ଲୋଭ ଦେଖାଇଚାଲିଛି। ଆନ୍ଧ୍ରର ଏହିପରି ଅନୁପ୍ରବେଶ ହେଉ ବା କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନା ଉପରେ ଓଡ଼ିଶା ଜିଲା ଓ ବ୍ଲକ୍ ପ୍ରଶାସନ ଦୃଷ୍ଟିଦେବା ଉଚିତ। ସ୍ଥାନୀୟ ପ୍ରଶାସନର ଅବହେଳା ଯୋଗୁ ଆନ୍ଧ୍ର ବାରମ୍ବାର ଅନୁପ୍ରବେଶ କରିବାକୁ ସୁଯୋଗ ପାଉଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣା ନାୟକଙ୍କୁ ପଚାରିବାରୁ ଏ ନେଇ ଅବଗତ ରହିଛୁ। ଆନ୍ଧ୍ର ପକ୍ଷରୁ କେବଳ ଆଧାର ସଂଶୋଧନ କରାଯାଉଛି। ଆଗାମୀ ଦିନରେ ଆମେ ମଧ ଇ-କେୱାଇସି କରାଇବୁ। ସୁଭଦ୍ରା ଯୋଜନାରୁ ବଞ୍ଚିତ ମହିଳାମାନଙ୍କ ମଧ୍ୟରୁ ୬୧୮ ଜଣଙ୍କୁ ସାମିଲ କରାଯାଇଛି। ସେମାନେ ଏହି ଯୋଜନାରୁ ଉପକୃତ ହେବେ ବୋଲି ସେ କହିଛନ୍ତି। ସୂତ୍ରରୁ ଆହୁରି ଜଣାପଡ଼ିଛି ଯେ,ଛାତ୍ରୀଛାତ୍ର ଓ ଅନ୍ୟ ଅଧିକାରୀମାନଙ୍କୁ ୧୫,୦୦୦ ଟଙ୍କାର ଆର୍ଥିକ ସହାୟତା ଦେବାକୁ ମଧ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଆନ୍ଧ୍ର ଯୋଜନା ଅଧୀନରେ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯିବ ବୋଲି କହିଛନ୍ତି। ପୂର୍ବରୁ କୋଟିଆ ଅଞ୍ଚଳକୁ ନେଇ ଦୁଇ ପଡ଼ୋଶୀ ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ଶନିବାର ଆନ୍ଧ୍ର ଅଧିକାରୀଙ୍କ ଅନୁପ୍ରବେଶ ସୀମା ବିବାଦ ବୃଦ୍ଧିର କାରଣ ହୋଇପାରେ ବୋଲି ଅନେକେ କହୁଛନ୍ତି। କୋଟିଆକୁ ଏହା ଆନ୍ଧ୍ରର ପ୍ରଥମ ଅନୁପ୍ରବେଶ ନୁହେଁ। ପୂର୍ବରୁ ମଧ ସେମାନେ ଅନେକ ଥର ଆସି ସମ୍ପୃକ୍ତ ଅଞ୍ଚଳରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଚାଲିଥିବା ଭିତ୍ତିଭୂମି ନିର୍ମାଣ ଓ ପ୍ରକଳ୍ପ କାର୍ଯ୍ୟରେ ବାଧାସୃଷ୍ଟି କରିଥିଲେ। ଏପରି କି ରାଜ୍ୟ ସରକାରଙ୍କ ବିଦ୍ୟୁତ୍ ସବ୍‌ଷ୍ଟେଶନ୍ ନିର୍ମାଣକୁ ଅଟକାଇ ଦେଇଥିଲେ। ବିଦ୍ୟୁତୀକରଣ ପାଇଁ ଓଡ଼ିଶାର ପଦକ୍ଷେପରେ ସେମାନେ ବାଧା ଦେବା ଏହି ବିବାଦୀୟ ଅଞ୍ଚଳକୁ ନିଜ ରାଜ୍ୟକୁ ଟାଣିନେବା ସକାଶେ ଉଦ୍ଦିଷ୍ଟ ବୋଲି ସ୍ପଷ୍ଟ ହୋଇଥିବାବେଳେ ଏପଟୁ ବିଶେଷ କାର୍ଯ୍ୟକ୍ରମ ହାତକୁ ନିଆ ନ ଯିବା ଦୁର୍ଭାଗ୍ୟଜନକ। ତେବେ ସଦ୍ୟ ଘଟଣାକୁ ନେଇ ଓଡ଼ିଶାର କୌଣସି ବରିଷ୍ଠ ପଦାଧିକାରୀଙ୍କ ପକ୍ଷରୁ କିଛି ପ୍ରତିକ୍ରିୟା ଆସିନାହିଁ।

## ଭିଆର୍‌ଏସ୍ ନେଲେ ...

ସରକାରଙ୍କ କାର୍ମିକ ଓ ତାଲିମ ବିଭାଗ (ଡିଓପିଟି) ପକ୍ଷରୁ ଶୁକ୍ରବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହୋଇଛି। ଡିଓପିଟି ଅନୁସଚିବ ଭୂପିନ୍ଦର ପାଲ ସିଂହ ଦର୍ଶାଇଛନ୍ତି, ରାଜ୍ୟ ସରକାରଙ୍କୁ ସୁଜାତା ଚଳିତମାସ ୧୩ରେ ସ୍ୱେଚ୍ଛାକୃତ ଅବସର ଲାଗି ଆବେଦନ କରିଥିଲେ। ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର(୨୭ ମାର୍ଚ୍ଚ)ରେ ସୁପାରିସ କରାଯାଇଥିଲା। ଏହାକୁ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ, ସୁଜାତା କାର୍ତ୍ତିକେୟନ ୨୦୦୦ ମସିହା ପରଠାରୁ ନବରଙ୍ଗପୁର ଉପଜିଲାପାଳରୁ ଆରମ୍ଭ କରି ପରବର୍ତ୍ତୀ ସମୟରେ ସେ ମିଶନ ଶକ୍ତିର ନିର୍ଦ୍ଦେଶିକା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ମିଶନ ଶକ୍ତି ନୂଆ ବିଭାଗ ହେବା ପରେ ସେ ସେହି ବିଭାଗର କମିଶନର ତଥା ସଚିବ ଭାବେ ଦାୟିତ୍ୱ ତୁଲାଇଥିଲେ। ପରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ସଚିବ ତଥା କମିଶନର ଦାୟିତ୍ୱ ସାଙ୍ଗକୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଦାୟିତ୍ୱ ମଧ୍ୟ ନିର୍ବାହ କରିଥିଲେ। ୨୦୨୪ରେ ତାଙ୍କ ନେତୃତ୍ୱରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସଫଳତାର ସହ ଆୟୋଜନ କରିଥିଲା। ୨୫ ବର୍ଷର ଆଇଏଏସ୍ କ୍ୟାରିଅର ପରେ ବ୍ୟକ୍ତିଗତ କାରଣ ଯୋଗୁ ସେ ଆଗୁଆ ଅବସର ଗ୍ରହଣ କରିଛନ୍ତି। ତେବେ ତାଙ୍କ ଅବସରକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ସୁଜାତା ବିଜେଡିର ମଞ୍ଚ ଧରିବାକୁ ଯାଉଥିବାରୁ ସେ ଅବସର ନେଇଥିବା କୁହାଯାଉଛି।

## ବିରୋଧୀଙ୍କୁ ତଥ୍ୟଭିତ୍ତିକ ...

ଏବଂ କେନ୍ଦୁଝରରେ ଡେଣ୍ଟାଲ କଲେଜ ଖୋଲାଯିବ। ରାଇରଙ୍ଗପୁରଠାରେ ଆୟୁର୍ବେଦିକ ମେଡିକାଲ କଲେଜ ଏବଂ ରିସର୍ଚ୍ଚ ସେଣ୍ଟର ପ୍ରତିଷ୍ଠା କରାଯିବ। ମେଡିକାଲ କଲେଜଗୁଡ଼ିକରେ ଲାଟେରାଲ ଏଣ୍ଟ୍ରିର ବ୍ୟବସ୍ଥା କରାଯିବ। ପୂର୍ବ ସରକାର ମେଗା ପାଇପ୍ ଜଳ ପ୍ରକଳ୍ପ କଥା ବାରମ୍ବାର କହୁଥିଲା। ହେଲେ ଭାଜପା ସରକାର ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ୯୦% ଲୋକଙ୍କ ଘରେ ପାନୀୟ ଜଳ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି କୃଷିର ବିକାଶ କରିବାକୁ ହେଲେ ରାଜ୍ୟର ଭିତ୍ତିଭୂମିର ବିକାଶ ନିତାନ୍ତ ଆବଶ୍ୟକ। ତେଣୁ ରାଜ୍ୟ ରାଜପଥ ବିକାଶ କରିବାକୁ ସରକାର ଯୋଜନା କରିଛନ୍ତି। ସରକାର ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ଗଠନ କରିବାକୁ ଯାଉଛନ୍ତି। ଏହାଦ୍ୱାରା ରାଜ୍ୟରେ ୭୫ ହଜାର ରାସ୍ତା ନିର୍ମାଣ ହେବ। ବିଶ୍ୱସ୍ତରୀୟ ରାସ୍ତାର ମଧ ନିର୍ମାଣ କରାଯିବ। ବ୍ରହ୍ମପୁରଠାରୁ ଜୟପୁର ପର୍ଯ୍ୟନ୍ତ ଯିବାକୁ ୮ ଘଣ୍ଟା ସମୟ ଲାଗୁଥିଲା। ଏହି ରାସ୍ତାକୁ ୬ ଲେନ୍ ବିଶିଷ୍ଟ କରାଯିବ। ଫଳରେ ଜୟପୁରଠାରୁ ବାହାରି ବ୍ରହ୍ମପୁରଠାରେ ପହଞ୍ଚିବାକୁ ସାଢ଼େ ୩ ଘଣ୍ଟା ଲାଗିବ। ଟ୍ରାଫିକ୍ ବହୁଳ ଅଞ୍ଚଳର ଅନେକ ରୋଡ୍‌କୁ ୬ ଲେନ୍ ବିଶିଷ୍ଟ କରାଯିବ। ବଡ଼ବିଲ ବାଇପାସ୍ ରାସ୍ତା କରାଯିବ। ସବୁ ଜିଲାରେ ଶିଳ୍ପ ପ୍ରତିଷ୍ଠା ହେବ ବୋଲି ସେ କହିଛନ୍ତି।

**■ ସବୁ ଜିଲାରେ ହେବ ମେଡିକାଲ କଲେଜ**
**■ ଭଦ୍ରକ, ଜଗତ୍‌ସିଂହପୁର, ନବରଙ୍ଗପୁର, ଢେଙ୍କାନାଳରେ ଏମ୍‌ବିବିଏସ୍ କଲେଜ**
**■ ବୁର୍ଲା, ବ୍ରହ୍ମପୁର, ବଲାଙ୍ଗୀର ଏବଂ କେନ୍ଦୁଝରରେ ଡେଣ୍ଟାଲ କଲେଜ**
**■ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ପ୍ରତିଷ୍ଠା କରାଯିବ**

ବିଜେଡି ସଦସ୍ୟମାନଙ୍କୁ ଟାର୍ଗେଟକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବ ସରକାର ଆଦିବାସୀଙ୍କୁ ନେଇ ବହୁଚିନ୍ତା ଦେଖାଉଛନ୍ତି। ହେଲେ ଏମାନେ ଟ୍ରାଇବାଲ୍ ଆଡଭାଇଜରି କାଉନସିଲ୍(ଟିଏସି) ବୈଠକ ଶାସନରେ ଥିବାବେଳେ କେତେଥର କରିଛନ୍ତି। ବର୍ଷକୁ ଟିଏସି ବୈଠକ ଅତି କମ୍‌ରେ ୨ ଥର ବସିବା କଥା। ହେଲେ ଏମାନେ ୧୦ ବର୍ଷରେ ମୋଟ୍ ୩ ଥର କରିଛନ୍ତି। ଏମାନେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଯୋଗାଉଥିବା ନେଇ ଡିଣ୍ଡିମ ପିଟୁଥିବାବେଳେ ଦାନ ମାଝୀ ଘଟଣାରେ ପ୍ରକୃତ ଚିତ୍ର ନଜରକୁ ଆସିଯାଇଥିଲା। ୨୦୦୬ର କଳିଙ୍ଗନଗର ଗୁଳିକାଣ୍ଡ ବିଶ୍ୱସ୍ତରରେ ଆମ ରାଜ୍ୟର ଛବିକୁ ଖରାପ କରିଥିଲା। ଗୁମୁଡୁମାହାରେ କେତେଜଣ ନିରୀହ ଆଦିବାସୀ ଅଟୋ ଯୋଗେ ତାଙ୍କ ଘରକୁ ଯାଉଥିଲେ। ହେଲେ ସାଧାରଣ ଲୋକମାନଙ୍କୁ ଆଦିବାସୀ ସନ୍ଦେହ କରି ଏମାନେ ହତ୍ୟା କରିଥିଲେ। ପେସା ଆଇନ ରାଜ୍ୟ ସରକାର ଲାଗୁ କରିବାକୁ ଯାଉଛନ୍ତି। ବିରୋଧୀ ଶାସନରେ ଥିବାବେଳେ ତ ଏହା ଲାଗୁକଲେ ନାହିଁ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର କୃଷକମାନଙ୍କୁ ଧାନର ଏମ୍‌ଏସ୍‌ପି ୩୧୦୦ ଟଙ୍କା ଲେଖା ଦେଉଛନ୍ତି। ବିରୋଧୀ ଦଳ ସରକାରରେ ଥିବାବେଳେ ୨୯୫୦ ଟଙ୍କା ଲେଖା କରିବାକୁ ଦାବି କରୁଥିଲେ। ସେମାନେ ନିଜ ମୁଖିଆଙ୍କୁ ଯାଇ ପଚାରନ୍ତୁ ୨୦୧୬ରେ ଘୋଷଣା କରିଥିବା ୧୦୦ ଟଙ୍କାର ବୋନସ ଆମେ ଦେଇପାରିଲେନି ଭାଜପା ଶାସନକୁ ଆସିବାର ୬ ମାସରେ ଧାନର ଏମ୍‌ଏସପି କିପରି ୩୧୦୦ ଟଙ୍କା କରିଦେଲେ। ବିଜେଡି ସରକାର କାଳିଆ ଯୋଜନା ଆଣି ଯାହା କହିଥିଲେ କଲେ ନାହିଁ। ମଡେଲ କୋଡ୍ ଅଫ୍ କଣ୍ଡକ୍ଟ ଲାଗି ଅଢ଼େଇ ମାସ ୨୦୨୪-୨୫ ଆର୍ଥିକ ବର୍ଷ ବଜେଟ ସମୟରେ ଆମ ହାତରୁ ଚାଲିଗଲା। ତଥାପି ଗତ ସରକାରଠାରୁ କମ୍ ସମୟରେ ୧୬ ହଜାର କୋଟି ଅଧିକ ଟଙ୍କା ଖର୍ଚ୍ଚ କରିଛୁ। ସରକାରକୁ ଆସିବା ପରେ ୨୬ ହଜାର ଖାଲି ପଦବୀ ପୂରଣ କରାଯାଇସାରିଛି। ୫-ଟି ନାଁରେ ଏମାନେ ରଙ୍ଗ ମାରି ସ୍କୁଲଗୁଡ଼ିକରେ ପ୍ରଚାର କରିବାକୁ ଚେଷ୍ଟା କଲେ, ପିଲାଙ୍କ ପାଠପଢ଼ା ବ୍ୟାଘାତ କଲେ। ଭାଜପା ସରକାର ପ୍ରତି ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଖୋଲିବେ। ଆସନ୍ତା ମାସରୁ ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁହେବ। ଏହାକୁ ରାଜନୈତିକ କାରଣରୁ ବନ୍ଦ ରଖାଯାଇଥିଲା। ପ୍ରତି ପଞ୍ଚାୟତରେ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା ହେବ ବୋଲି ସେ କହିଛନ୍ତି। ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବ୍ୟୟ ମଞ୍ଜୁରୀ ବିଲ୍‌କୁ ଗୃହରେ ପାରିତ କରାଯାଇଛି।

## ୨ ବର୍ଷରେ ତୁଟିବ ...

ମଧ୍ୟରୁ ୧୨ହଜାର ୨୫୯ ଏକର 'ଆରଓଆର' ପାଇଛୁ। ଖଣି ଅଞ୍ଚଳର ବିଶେଷ ତଥ୍ୟ ନାହିଁ। ଓଡ଼ିଶା ବାହାରେ ଥିବା ଜଗନ୍ନାଥଙ୍କ ଜମିର ବନ୍ଦୋବସ୍ତ କରାଯିବ। ବିଜେଡି ସଦସ୍ୟ ମନୋହର ରନ୍ଧାରୀ ପ୍ରଶ୍ନ କରିଥିଲେ, କେବିକେ ତଥା ନବରଙ୍ଗପୁର ଅଞ୍ଚଳରେ ମହାପ୍ରଭୁଙ୍କ କେତେ ଜମି ଅଛି ଏବଂ କେତେ ଜବରଦଖଲରେ ଅଛି? ମନ୍ତ୍ରୀ କହିଛନ୍ତି, କୋରାପୁଟ ଜିଲାରେ ଜଗନ୍ନାଥ ଜମି ଯେଉଁଠି ଜବରଦଖଲ ହୋଇଥିଲା ତାକୁ ଜବରଦଖଲ ମୁକ୍ତ କରାଯାଇଛି। ସେଠାରେ ୨୭ ହଜାର ୪୧୦ ଏକର ଜଗନ୍ନାଥ ଜମି ଚିହ୍ନଟ ହୋଇଛି। ବିଜେଡିର ବରିଷ୍ଠ ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରଶ୍ନ କରିଥିଲେ, ବେଦାନ୍ତ ଜମିର ସ୍ଥିତାବସ୍ଥା କ'ଣ? ସୁପ୍ରିମକୋର୍ଟଙ୍କ ରାୟ ପରେ ଜମିହରାଙ୍କୁ ତାଙ୍କ ଜମି ମିଳିଲାଣି କି? କେତେ ଜଣ ପାଇଲେଣି ତା'ର ତଥ୍ୟ ଆଇନ ମନ୍ତ୍ରୀ ଏବଂ ରାଜସ୍ୱ ମନ୍ତ୍ରୀ ଗୃହକୁ ଜଣାଇବେ କି? ଉତ୍ତରରେ ଆଇନ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ବେଦାନ୍ତ ଜମି ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଯେଉଁ ଜମି ମାଲିକମାନେ ପୂର୍ବରୁ ଜମି ବାବଦରେ ଟଙ୍କା ପାଇଛନ୍ତି ସେମାନେ ଫେରାଇଲେ ତାଙ୍କ ଜମି ପାଇପାରିବେ। ସେ କହିଛନ୍ତି ଯେ, ବିଶ୍ୱର ଏଭଳି କୌଣସି ବିଶ୍ୱବିଦ୍ୟାଳୟ ନାହିଁ, ଯାହାର ୬ହଜାର ଏକର ଜମିର ଆବଶ୍ୟକତା ରହିଛି। ହେଲେ ଅନିଲ ଅଗ୍ରୱାଲଙ୍କ ବିଶ୍ୱବିଦ୍ୟାଳୟକୁ ପୂର୍ବ ସରକାର କିଭଳି ଏତେ ପରିମାଣର ଜମି ଦେଲେ ତାହା ଏକ ବିରାଟ ପ୍ରଶ୍ନ। ଏ ନେଇ ପ୍ରଥମେ ହାଇକୋର୍ଟ ଓ ପରେ ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ବିଜେଡି ସଦସ୍ୟ ପ୍ରଦୀପ ସାହୁ ନିଜ ଅଞ୍ଚଳରେ ରାସ୍ତା ପାଇଁ ଜଗନ୍ନାଥଙ୍କ ଜମି ବ୍ୟବହାର ଉପରେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି ଯେ, ସ୍ଥିତି ଦେଖି ବିଚାର କରାଯିବ।

## ଦୁଇଦିନରେ ୨ ଡିଗ୍ରୀ ...

ରବିବାର ଓ ସୋମବାର ହିଟ୍‌ୱେଭ୍ ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ରବିବାର ପାଇଁ ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ଅନୁଗୋଳ ଏବଂ ଢେଙ୍କାନାଳ ଜିଲାକୁ ସତର୍କ କରାଯାଇଛି। ସେହିପରି ୩୧ ତାରିଖ ସୋମବାର ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ଜିଲାକୁ ପ୍ରବଳ ଖରା ଓ ଗୁଳୁଗୁଳି ନେଇ ୟେଲୋ ୱାର୍ନିଂ ରହିଛି। ଏପ୍ରିଲ୨ରୁ ୪ ତାରିଖ ବିଭିନ୍ନ ଜିଲାରେ କାଳବୈଶାଖୀର ସମ୍ଭାବନା ରହିଛି। ଏହାପରେ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇପାରେ।

## ଗୋପାଳ ପଟ୍ଟନାୟକ ...

ତୁଲାଇବେ। ଉଲ୍ଲେଖଯୋଗ୍ୟ, ଫେବୃଆରୀ ୨୮ରେ ପୂର୍ବତନ ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ ନିଜ ପଦରୁ ଅବ୍ୟାହତି ନେଇଥିଲେ। ତେବେ 'ରେରା'ରେ ଅଧ୍ୟକ୍ଷଙ୍କୁ ମିଶାଇ ତିନୋଟି ପଦ ରହିଛି। ଗୋପାଳ ଚନ୍ଦ୍ର ପଟ୍ଟନାୟକ ନ୍ୟାୟିକ ସଦସ୍ୟ ଥିବାବେଳେ ପ୍ରଦୀପ ବିଶ୍ୱାଳ ପ୍ରଶାସନିକ ସଦସ୍ୟ ରହିଛନ୍ତି। ଆସନ୍ତା ଏପ୍ରିଲ ୩୦ରେ ବିଶ୍ୱାଳଙ୍କ ଅବସର ଥିବାବେଳେ ଗୋପାଳପଟ୍ଟନାୟକଙ୍କ ମେ' ୮ରେ ଅବସର ରହିଛି। ନିୟମ ଅନୁଯାୟୀ ସରକାର ବରିଷ୍ଠଙ୍କୁ ଏହି ଦାୟିତ୍ୱ ଦେବାର କଥା। ମାତ୍ର ବିଜ୍ଞପ୍ତିକୁ ନେଇ କେତେକ ବିଲ୍‌ଡର ପ୍ରଶ୍ନ ଉଠାଇଛନ୍ତି।

# ଜବ୍ ଇଣ୍ଟରଭ୍ୟୁ...



ଭଲ ଜବ୍‌ଟିଏ ପାଇବାକୁ କିଏ ବା ନ ଚାହେଁ ! ଆଉ ଏଥିପାଇଁ ଅନେକେ ବହୁତ ପରିଶ୍ରମ ବି କରନ୍ତି । ହେଲେ ରିଟିନ୍ ଟେଷ୍ଟ ରେଜଲ୍ଟ ଭଲ ହୋଇଥିଲେ ବି ଶେଷ ମୁହୂର୍ତ୍ତରେ କେତେକଙ୍କୁ ବିଫଳ ହେବାକୁ ପଡ଼ିଥାଏ। ଏହାର କାରଣ ହେଉଛି ଜବ୍ ଇଣ୍ଟରଭ୍ୟୁରେ ଭଲ ପ୍ରଦର୍ଶନ କରି ନ ପାରିବା । କାରଣ ଏହା ହିଁ ଆବେଦନକାରୀଙ୍କ ଲାଗି ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମୟ, ଯାହାର ଫଳାଫଳ ଉପରେ ନିର୍ଭର କରିଥାଏ ଭବିଷ୍ୟତ । ତେଣୁ ଜବ୍ ଇଣ୍ଟରଭ୍ୟୁ ଲାଗି ଯାଉଥିଲେ ଭଲ ଭାବେ ପୂର୍ବପ୍ରସ୍ତୁତି ସହ କେତେକ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ...

**ପୂର୍ବ ପ୍ରସ୍ତୁତି ଜରୁରୀ:** କୌଣସି ଜବ୍ ଇଣ୍ଟରଭ୍ୟୁକୁ ଯିବା ପୂର୍ବରୁ ଭଲ ଭାବେ ପ୍ରସ୍ତୁତ ହୁଅନ୍ତୁ । ସାଧାରଣଜ୍ଞାନ ସହିତ ଯେଉଁ ଫିଲ୍ଡରେ ଜବ୍ ଚାହୁଁଛନ୍ତି, ସେ ସମ୍ବନ୍ଧରେ ଭଲ ଭାବେ ପଢ଼ନ୍ତୁ, ବିଶେଷକରି ସମ୍ଭାବ୍ୟ ପ୍ରଶ୍ନଗୁଡ଼ିକୁ ଭଲ ଭାବେ ପଢ଼ିନିଅନ୍ତୁ, ଯେପରି ଯେଉଁ ପ୍ରଶ୍ନ ପଚରାଗଲେ ନ ଡରି ଉତ୍ତର ଦେଇପାରିବେ । ପୂର୍ବରୁ ଉକ୍ତ ଫିଲ୍ଡରେ ଜବ୍ କରୁଥିବା କର୍ମଚାରୀଙ୍କଠାରୁ ସହଯୋଗ ନେଇପାରନ୍ତି । ବର୍ତ୍ତମାନ ଅନେକ କୋଚିଂ ସେଣ୍ଟରରେ ଏଥିପାଇଁ ତାଲିମ ମଧ୍ୟ ଦିଆଯାଉଛି । ତେଣୁ ଭଲ ଭାବେ ପୂର୍ବପ୍ରସ୍ତୁତି ପାଇଁ କୋଚିଂ ନେଇପାରିବେ ।

**ଛାଡ଼ନ୍ତୁ ଭୟ:** ଭୟ ଏଭଳି ଏକ ଭାବନା, ଯାହାକି ମଣିଷକୁ ପଛକୁ ପଛକୁ ଟାଣେ । ଲକ୍ଷ୍ୟ ପଥରେ ଆସୁଥିବା ଚ୍ୟାଲେଞ୍ଜକୁ ଥରେ ସାମ୍ନା କରିବାକୁ ଭୟ କଲେ ଏହା ମାନସିକ ସ୍ତରରେ ଦୁର୍ବଳ କରିଦିଏ, ଯଦ୍ଵାରା ଜଣେ ଏଥିରୁ ନିଜକୁ ଦୂରେଇବା ଖୁବ୍ କଷ୍ଟକର ହୋଇପଡ଼େ । ଉଦାହରଣ ସ୍ୱରୂପ ସବୁପାଠ ଜାଣିଥିଲେ ବି କେତେକ ଛାତ୍ରୀଛାତ୍ର କ୍ଲାସ୍‌ରୁମ୍‌ରେ ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ଉତ୍ତର ଦେବାକୁ ଡରନ୍ତି । ଧୀରେ ଧୀରେ ଏହି ଡର ମନରେ ରହିଯାଏ । ଫଳରେ ଜବ୍ ଇଣ୍ଟରଭ୍ୟୁ ବେଳେ ଅସୁବିଧା ହୋଇଥାଏ । ତେଣୁ ବାରମ୍ବାର ଚେଷ୍ଟା କରିବା ଦ୍ୱାରା ହିଁ ମନରୁ ଭୟ ଦୂର କରିହେବ । ଏଥିପାଇଁ ମିରର୍ ଆଗରେ କିମ୍ବା ପରିବାର ସଦସ୍ୟ, ସାଙ୍ଗସାଥୀଙ୍କ ସମ୍ମୁଖରେ କହିବା ଅଭ୍ୟାସ କରନ୍ତୁ ।

**କମ୍ୟୁନିକେଶନ୍ ସ୍କିଲ୍:** ଆପଣ ଯେତେ ଆଟ୍ରାକ୍ଟିଭ୍ ଦେଖାଯାଆନ୍ତୁ ଅବା ଯେତେ ଅଧିକ ପାଠ ପଢ଼ିଥାଆନ୍ତୁ, ଯଦି ଅନ୍ୟ ସମ୍ମୁଖରେ ଭଲ ଭାବେ ଦୁଇ ପଦ କଥା ହୋଇ ନ ପାରନ୍ତି, ତେବେ ଏହା ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ତେଣୁ ସର୍ବଦା ନିଜର କମ୍ୟୁନିକେଶନ୍ ସ୍କିଲ୍ ବୃଦ୍ଧି କରିବାକୁ ଚେଷ୍ଟା କରନ୍ତୁ । ଆବଶ୍ୟକ ସ୍ଥଳେ ଏଥିପାଇଁ ଶର୍ଟଟର୍ମ କୋର୍ସ କରି ମଧ୍ୟ ଉପକୃତ ହୋଇପାରିବେ ।

**ଆଇ କଣ୍ଟାକ୍ଟ ରଖନ୍ତୁ:** ନିଯୁକ୍ତିଦାତାଙ୍କ ପ୍ରଶ୍ନର ଉତ୍ତର ଦେବା ବେଳେ ଡରି ଡରି ତଳକୁ କିମ୍ବା ଏଣେତେଣେ ଚାହିଁବା ଅବା ଡରରେ ବାରମ୍ବାର ଝାଳ ପୋଛିବା, ପାଟି ଶୁଖିବା ଆଦିକୁ ଦୂରେଇବାକୁ ଚେଷ୍ଟା କରନ୍ତୁ । ନ ଡରି ଆତ୍ମବିଶ୍ୱାସର ସହିତ ଆଇ କଣ୍ଟାକ୍ଟ ରଖି ଉତ୍ତର ଦିଅନ୍ତୁ । କାରଣ ସ୍ମାର୍ଟନେସ୍ ମଧ୍ୟ ଜଣେ ଦକ୍ଷ ମଣିଷର ପରିଚୟ ।

**ପାଖରେ ରଖନ୍ତୁ ଡକ୍ୟୁମେଣ୍ଟ:** ଯଦିଓ ବର୍ତ୍ତମାନ ଅଧିକାଂଶ ଜବ୍ ପାଇଁ ଅନ୍‌ଲାଇନ୍ ଆବେଦନ ସମୟରେ ଡକ୍ୟୁମେଣ୍ଟ ଦିଆଯାଉଛି ତଥାପି ଇଣ୍ଟରଭ୍ୟୁ ବେଳେ ପାଖରେ ଏକ ଫୋଲ୍ଡରରେ ସମସ୍ତ ଜରୁରୀ ଡକ୍ୟୁମେଣ୍ଟର ହାର୍ଡ କପି ରଖନ୍ତୁ । କାରଣ ବେଳେ ବେଳେ ସଫ୍ଟକପି ବଦଳରେ ନିଯୁକ୍ତିଦାତା ଇଣ୍ଟରଭ୍ୟୁ ସମୟରେ ଏସବୁ ଦେଖିବାକୁ ମାଗିଥାନ୍ତି ।

**ଗେଟ୍‌ଅପ୍ ପ୍ରତି ଦିଅନ୍ତୁ ବିଶେଷ ଧ୍ୟାନ:** ଇଣ୍ଟରଭ୍ୟୁ ପାଇଁ ଯିବାବେଳେ ଆପଣଙ୍କ ଡ୍ରେସ୍ ଯେପରି ଜାକିଜୁକି କିମ୍ବା ମଇଳା ହୋଇ ନ ଥାଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ସଫା ଏବଂ ଆଇରନ୍ ଦିଆହୋଇଥିବା ପୋଷାକ ଆପଣଙ୍କ ପ୍ରତି ଅନ୍ୟମାନଙ୍କ ମନରେ ଏବଂ ସକାରାତ୍ମକ ଭାବନା ସୃଷ୍ଟି କରିବ । ଆଉ ଏକ କଥା ମନେରଖନ୍ତୁ, ଆବଶ୍ୟକତାଠାରୁ ଅଧିକ ଗର୍ଜିଅସ୍ କିମ୍ବା ଟ୍ରାଡିଶନାଲ୍ ପୋଷାକ ଇଣ୍ଟରଭ୍ୟୁରେ ପିନ୍ଧିବା ପାଇଁ ବାଛନ୍ତୁ ନାହିଁ । ରେଡ୍, ପିଙ୍କ୍, ୟେଲୋ ଭଳି ବୋଲ୍ଡ କଲର ପରିବର୍ତ୍ତେ ହ୍ୱାଇଟ୍, ବ୍ଲୁ, ବ୍ଲାକ୍, ଗ୍ରେ ଭଳି ଫର୍ମାଲ କଲର ପୋଷାକ ଆପଣଙ୍କୁ ଏକ ପ୍ରଫେସନାଲ୍ ଲୁକ୍ ଦେବ । ନିଜ ଡ୍ରେସ୍‌କୁ ସୁଟ୍ କରିବା ଭଳି ଫୁଟ୍‌ୱେର୍ ବାଛନ୍ତୁ । ପର୍‌ଫେକ୍ଟ ଦିଶିବା ନିଶାରେ ଅଧିକ ଷ୍ଟାଇଲିଶ୍ ଡ୍ରେସ୍ କିମ୍ବା ଜୋତା ପିନ୍ଧନ୍ତୁ ନାହିଁ, କାରଣ ପର୍ସନାଲିଟିକୁ ସୁଟ୍ କରୁ ନ ଥିବା ପୋଷାକ ବି ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ମନେରଖନ୍ତୁ, କୌଣସି ବି ଫିଲ୍ଡରେ ଇଣ୍ଟରଭ୍ୟୁ ଥିଲେ ଆବଶ୍ୟକତାଠାରୁ ଅଧିକ ମେକ୍ ଅପ୍, ଜୁଏଲେରି ଏମିତିକି ଅଧିକ ସୁଗନ୍ଧଯୁକ୍ତ ପର୍‌ଫ୍ୟୁମ୍ ବ୍ୟବହାର ନ କରିବା ଭଲ ।

**ରୁହନ୍ତୁ ପରିଷ୍କାର ପରିଚ୍ଛନ୍ନ:** ଏକ ଉତ୍ତମ ବ୍ୟକ୍ତିତ୍ୱର ମାପକାଠି ହୋଇଥାଏ ପର୍ସନାଲ୍ ହାଇଜିନ୍ । ତେଣୁ ଜବ୍ ଇଣ୍ଟରଭ୍ୟୁ ପାଇଁ ଯାଉଥିଲେ ପୋଷାକ, ଜୋତା, ବ୍ୟାଗ୍ ଆଦିଠାରୁ ଆରମ୍ଭ କରି ନିଜ ନଖ, କେଶ ଆଦି ପର୍ଯ୍ୟନ୍ତ ପରିଷ୍କାର ରଖନ୍ତୁ । କାରଣ ଏହା ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ ଏବଂ ଅନ୍ୟମାନଙ୍କ ମନରେ ଆପଣଙ୍କ ପ୍ରତି ଏକ ସକାରାତ୍ମକ ଭାବନା ସୃଷ୍ଟି କରିଥାଏ ।









## ଏ ସପ୍ତାହର ପ୍ରଶ୍ନ

୧– ସାଇନ୍ ଲାଙ୍ଗୁଏଜ୍ ମାଧ୍ୟମରେ ବିଧାନସଭା ଖବର ପ୍ରସାରିତ କରିଥିବା ପ୍ରଥମ ଭାରତୀୟ ରାଜ୍ୟ ......... ?
୨– ପେନ୍‌ସନ୍ ଫଣ୍ଡ ରେଗୁଲେଟୋରି ଆଣ୍ଡ ଡେଭେଲପ୍‌ମେଣ୍ଟ ଅଥରିଟି .......... ଦ୍ୱାରା ପରିଚାଳିତ ହୋଇଥାଏ ?
୩– ଜୋମି ଜନଜାତି ମୁଖ୍ୟତଃ ଭାରତର .............. ଆଦି ରାଜ୍ୟରେ ଦେଖାଯାଆନ୍ତି ?
୪– ନ୍ୟାଶନାଲ ୱାଇଲ୍ଡ ଲାଇଫ୍ ହେଲ୍‌ଥ ପଲିସି ............ ଦ୍ୱାରା ପରିଚାଳିତ ହୋଇଥାଏ ?
୫– .......... ଖେଳରେ ଡିସିଜନ୍ ରେଫରାଲ୍ ସିଷ୍ଟମ୍ ବ୍ୟବହାର କରାଯାଏ ?

## ଗତ ଥରର ଉତ୍ତର

୧ ରାଜସ୍ଥାନ
୨ ମାର୍ଚ୍ଚ ୧୬ ତାରିଖ
୩ ଗୁଆଟେମାଲା
୪ ଥାନେ
୫ ଅଷ୍ଟ୍ରିଆର ଭିଏନା

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ପ୍ରଦୀପ କୁମାର ନାଏକ, ବଲାଙ୍ଗୀର



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର

## ଟପ୍ ୧୦

### ପୃଥିବୀର ସର୍ବାଧିକ ଜନସଂଖ୍ୟା ଥିବା ସହର(୨୦୨୪)

| | |
|---|---|
| ୧– ଟୋକିଓ, ଜାପାନ | ୩୭,୧୧୫,୦୩୫ |
| ୨– ଦିଲ୍ଲୀ, ଭାରତ | ୩୩,୮୦୭,୪୦୩ |
| ୩– ସାଙ୍ଘାଇ, ଚାଇନା | ୨୯, ୮୬୭, ୯୧୮ |
| ୪– ଢାକା, ବାଂଲାଦେଶ | ୨୩,୯୩୫,୬୫୨ |
| ୫– ସାଓ ପାଉଲୋ, ବ୍ରାଜିଲ୍ | ୨୨,୮୦୬,୭୦୪ |
| ୬– କାଇରୋ, ଇଜିପ୍ଟ | ୨୨,୬୨୩, ୮୭୪ |
| ୭– ମେକ୍ସିକୋ ସିଟି, ମେକ୍ସିକୋ | ୨୨, ୫୦୫, ୩୧୫ |
| ୮– ବେଜିଂ, ଚାଇନା | ୨୨, ୧୮୯, ୦୮୨ |
| ୯– ମୁମ୍ବାଇ, ଭାରତ | ୨୧, ୬୭୩, ୧୪୯ |
| ୧୦– ଓସାକା, ଜାପାନ | ୧୮, ୯୬୭, ୪୫୯ |

## ୟୁଥ୍ ଆଲର୍ଟ

# ହାଇଡ୍ରେଟ୍ ରଖିବ ଫଳ

ଧୀରେ ଧୀରେ ଖରାର ପ୍ରକୋପ ବଢ଼ୁଛି। ଏ ସମୟରେ ଅନେକଙ୍କଠାରେ ଡିହାଇଡ୍ରେଶନ୍ ସମ୍ବନ୍ଧିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ। ଏମିତିରେ ଶରୀରକୁ ହାଇଡ୍ରେଟ୍ ଓ ସୁସ୍ଥ ରଖିବା ଲାଗି କେତେକ ଖାଦ୍ୟ ବେଶ୍ ଲାଭଦାୟକ...



**କାକୁଡ଼ି:** କାକୁଡ଼ିରେ ପ୍ରାୟ ୯୬% ପାଣି ରହିଥାଏ । ତେଣୁ ଏହା ଖରାଦିନେ ଖାଇବା ସବୁଠୁ ଲାଭଦାୟକ । ପ୍ରତିଦିନ ଏହାକୁ ଖାଇଲେ ଶରୀର ହାଇଡ୍ରେଟ୍ ରହିଥାଏ ଏବଂ ତ୍ୱଚା ମଧ୍ୟ ସୁନ୍ଦର ରହିଥାଏ ।

**ମୂଳା:** ମୂଳାରେ ମଧ୍ୟ କାକୁଡ଼ି ଭଳି ଅଧିକ ଅର୍ଥାତ୍ ପ୍ରାୟ ୯୫% ପାଣି ରହିଥାଏ । ଏଥିରେ ଭରପୂର ମାତ୍ରାରେ ଭିଟାମିନ୍ ସି ଏବଂ ଫାଇବର୍ ଭରି ରହିଛି । ତେଣୁ ଖରାଦିନେ ଶରୀରକୁ ହାଇଡ୍ରେଟ୍ ରଖିବା ଲାଗି ଏହାକୁ ସାଲାଡ୍ ଆକାରରେ ଖାଇଲେ ଖୁବ୍ ଭଲ । ଭଜା, ତରକାରି ଆଦିରେ ମଧ୍ୟ ଏହାକୁ ଖାଇପାରିବେ ।

**ତରଭୁଜ:** ଗରମରେ ତରଭୁଜ ଖାଇବା ସବୁଠୁ ଅଧିକ ଉପକାରୀ ହୋଇଥାଏ । ଏଥିରେ ପାଣିର ମାତ୍ରା ପ୍ରାୟ ୯୨% ରହିଥାଏ, ଯାହାକି ଶରୀରର ଜଳୀୟାଂଶ ଠିକ୍ ରଖିବାରେ ସାହାଯ୍ୟ କରିଥାଏ । ଏଥିରେ ପୋଷକତତ୍ତ୍ୱ ପ୍ରଚୁର ପରିମାଣରେ ଭରି ରହିଛି, ଯାହାକି ଶରୀରକୁ ବିଭିନ୍ନ ପ୍ରକାର ରୋଗରୁ ରକ୍ଷା କରିଥାଏ ।

**ଟମାଟୋ:** ଯଦିଓ ବର୍ଷର ଅନ୍ୟ ସବୁ ଋତୁରେ ଆମେ ଟମାଟୋ ଖାଇଥାଉ, ହେଲେ ଖରାଦିନେ ଏହା ଶରୀର ପାଇଁ ଅଧିକ ଲାଭଦାୟକ । ଏଥିରେ ୯୪% ପାଣି ଥିବା ବେଳେ ଲାଇକୋପିନ୍ ନାମକ ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା ଆମ ଶରୀରର କୋଷଗୁଡ଼ିକୁ ନଷ୍ଟ ହେବାରୁ ରକ୍ଷା କରିଥାଏ ଏବଂ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।

## ଜାଣନ୍ତୁ ଦୁନିଆ

# ବ୍ଲୁ ସିଟି ଅଫ୍ ଇଣ୍ଡିଆ

ରାଜସ୍ଥାନର ଯୋଧପୁର ସହର ନା କେବଳ ଏହାର ବାସ୍ତୁକଳା ଏବଂ ସଂସ୍କୃତିକୁ ନେଇ ପରିଚିତ ବରଂ ଏଠାକାର ନୀଳ ରଙ୍ଗ କୋଠାଗୁଡ଼ିକର ଦୃଶ୍ୟ ଏହାକୁ ଦି ବ୍ଲୁ ସିଟି ଅଫ୍ ଇଣ୍ଡିଆ ଭାବେ ପ୍ରସିଦ୍ଧ କରାଇଛି। ଜାଣିବା ଏହି ସହର ସମ୍ପର୍କରେ କିଛି ତଥ୍ୟ...

⏭।ଏହି ସହରରେ ପ୍ରାୟ ସବୁ ଘରର ରଙ୍ଗ ବ୍ଲୁ, ଯାହାକି ଭାରତର ଅନ୍ୟ କୌଣସି ସହରରେ ଦେଖିବାକୁ ମିଳି ନ ଥାଏ ।

⏭।କୁହାଯାଏ ଏହି ସହରରେ ପୂର୍ବରୁ ବ୍ରାହ୍ମଣ ଜାତିର ଲୋକେ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ଭାବେ ଜଣାପଡ଼ିବା ଲାଗି ନିଜ ଘରକୁ ନୀଳ ରଙ୍ଗ ଦେଉଥିଲେ । ଧୀରେ ଧୀରେ ଏହା ଯୋଧପୁରର ଏକ ପରମ୍ପରା ଭଳି ସବୁ ଜାତିର ଲୋକେ ବି ଘରକୁ ନୀଳ ରଙ୍ଗ କରିବା ଆରମ୍ଭ କରିଦେଲେ ।

⏭।ଏହା ବ୍ୟତୀତ କେହି କେହି ଏହା ପଛରେ ଅନ୍ୟ ଏକ କାରଣ ଥିବା ମଧ୍ୟ କୁହନ୍ତି । ଯୋଧପୁରର ଜଳବାୟୁ ଅତ୍ୟନ୍ତ ଗରମ ହୋଇଥିବାରୁ ଘରେ ନୀଳ ରଙ୍ଗ ଲଗାଇଲେ ସୂର୍ଯ୍ୟକିରଣର ପ୍ରଭାବ କମ୍ ରହିଥାଏ ଏବଂ ଘର ଥଣ୍ଡା ରହିଥାଏ । ତେଣୁ ସମସ୍ତେ ଘରକୁ ଏହି ରଙ୍ଗ ଦେଉଥିବା ବି ଶୁଣିବାକୁ ମିଳେ ।



⏭।ତା'ଛଡ଼ା ଉଇ ଏବଂ ମଶାଦାଉରୁ ଘରକୁ ସୁରକ୍ଷା ଦେବା ପାଇଁ ନୀଳ ରଙ୍ଗ ଭଲ ବୋଲି ମଧ୍ୟ ସେଠାକାର ବାସିନ୍ଦା ବିଶ୍ୱାସ ରଖୁଥିବାରୁ ଘରକୁ ଏହି ରଙ୍ଗ ଦେଇଥାନ୍ତି ।

⏭।ଏହି ସହରରେ ରାଜସ୍ଥାନ ରାଜ ପରିବାରର ଅନେକ ବଡ଼ ଓ ଭବ୍ୟ କିଲ୍ଲା, ମହଲ ଏବଂ ଐତିହାସିକ ସ୍ଥାପତ୍ୟ ରହିଛି । ତେଣୁ ଏଠାକାର ନୀଳ ରଙ୍ଗ ଏହି ରାଜକୀୟ ପରିଚୟକୁ ଅଧିକ ଖାସ୍ କରିଥାଏ ।

⏭।ଯୋଧପୁରରେ ସୂର୍ଯ୍ୟାସ୍ତ ସମୟ ସବୁଠୁ ମନୋହର । କାରଣ ଏହି ସମୟରେ ସୂର୍ଯ୍ୟଙ୍କ ତିର୍ଯ୍ୟକ୍ ନାରଙ୍ଗୀ କିରଣ ପଡ଼ି ନୀଳ ରଙ୍ଗ ଅଧିକ ଆକର୍ଷଣୀୟ ଦେଖାଯାଇଥାଏ । ସେଠାରେ ଥିବା ମେହରାନଗଡ଼ କିଲ୍ଲା ଉପରୁ ଏହି ସହରକୁ ଦେଖିଲେ ଏକ ନୀଳ ସମୁଦ୍ର ଭଳି ସୁନ୍ଦର ଦେଖାଯାଇଥାଏ । ଯାହାକୁ ଦେଖିବା ପାଇଁ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକ ଏଠାକୁ ଆସିଥା'ନ୍ତି ।



⏭।ଯୋଧପୁରରେ ଥିବା ଉମ୍ମେଦ ଭବନ ପ୍ୟାଲେସ୍ ଦୁନିଆର ସବୁଠୁ ଭବ୍ୟ ରାଜପ୍ରାସାଦଗୁଡ଼ିକ ମଧ୍ୟରେ ଗଣାଯାଏ । ଏହାର ସୁନ୍ଦର ଓ ଅପୂର୍ବ କାରୁକାର୍ଯ୍ୟ ପର୍ଯ୍ୟଟକଙ୍କୁ ଦେଖାଇବା ଲାଗି ଏହାକୁ ଏକ ପଞ୍ଚତାରକା ହୋଟେଲ୍ ଏବଂ ମ୍ୟୁଜିୟମ୍‌ରେ ପରିଣତ କରାଯାଇଛି । ଏହାବ୍ୟତୀତ ଯୋଧପୁରରେ ଥିବା ଯଶବନ୍ତ ଥଡ଼ା, ମଣ୍ଡୋର ଗାର୍ଡେନ୍ ଇତ୍ୟାଦି ସ୍ଥାନ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବେଙ୍ଗାଲୁରୁ ଏଫ୍‌ସି ସେମିରେ

**ଇଣ୍ଡିଆନ ସୁପରଲିଗ୍**

**ମୁମ୍ବାଇ ସିଟି ଏଫ୍‌ସି ପରାସ୍ତ**

**ବେଙ୍ଗାଲୁରୁ, ୨୯।୩**

ସ୍ଥାନୀୟ ଶ୍ରୀ କାନ୍ତିରାଭା ଷ୍ଟାଡିୟମରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ୨୦୨୪-୨୫ ପ୍ଲେଅଫ୍‌ରେ ବେଙ୍ଗାଲୁରୁ ଏଫ୍‌ସି ୫-୦ ଗୋଲରେ ମୁମ୍ବାଇ ସିଟି ଏଫ୍‌ସିକୁ ପରାସ୍ତ କରିଛି। ଆଇଏସ୍‌ଏଲ୍ ପ୍ଲେ-ଅଫ୍ ଇତିହାସରେ ଏହା ସର୍ବ ବୃହତ୍ ବିଜୟ। ବେଙ୍ଗାଲୁରୁ ବର୍ତ୍ତମାନ ୨ ଲେଗ୍ ବିଶିଷ୍ଟ ସେମିଫାଇନାଲରେ ଏଫ୍‌ସି ଗୋଆକୁ ଭେଟିବ। ଏହା ଏପ୍ରିଲ ୨ ଓ ୬ ତାରିଖରେ ଖେଳାଯିବ। ଅନ୍ୟପକ୍ଷରେ ପରାଜୟ ବରଣ କରି ଥିବା ମୁମ୍ବାଇ ସିଟି ଏଫ୍‌ସି ପ୍ରତିଯୋଗି ତାରୁ ବିଦାୟ ନେଇଛି।

ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଖେଳର ୯ମ ମିନିଟ୍‌ରେ ୱିଲିୟମ୍ସଙ୍କଠାରୁ ମିଳିଥିବା ପାସ୍‌କୁ ଗୋଲ୍‌ରେ ପରିଣତ କରି ସୁରେଶ ସିଂ ୱାଙ୍ଗଜାମ୍ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ପୂର୍ବରୁ ଏଡ୍‌ଗାର ମେଣ୍ଡେଜ (୪୨ତମ ମିନିଟ)ଏକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ର୍‍ୟାନ ୱିଲିୟମ୍ସ (୬୨ତମ) ଅଗ୍ରଣୀ ସଂଖ୍ୟା ବୃଦ୍ଧି କରିଥିଲେ। ପରେ ନିକଟରେ ଅବସରରୁ ପ୍ରତ୍ୟାବର୍ତ୍ତନ କରିଥିବା କିମ୍ବଦନ୍ତୀ ଫରୱାର୍ଡ ସୁନୀଲ ଛେତ୍ରୀ (୭୬ତମ) ଓ ଜର୍ଜ ପେରେରା ଡିଆଜ୍ (୮୩ମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ଦଳକୁ ପ୍ରଭାବୀ ବିଜୟୀ କରାଇଥିଲେ। ମ୍ୟାଚ୍‌ରେ ଉଚ୍ଚ କୋଟୀର ପ୍ରଦର୍ଶନ ପାଇଁ ୱାଙ୍ଗଜାମ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚରେ ମୁମ୍ବାଇ ସିଟି ଏଫ୍‌ସି ୫୯.୫% ସମୟ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲେ ହେଁ ଜେରାଡ ଜାରାଗୋଜାଙ୍କଠାରୁ କୋଚିଂ ନେଉଥିବା ଘରୋଇ ଦଳ ୬ଟି ଟାର୍ଗେଟ ଶଟ୍ ମଧ୍ୟରୁ ୫ଟି ଗୋଲ୍‌ରେ ପରିଣତ କରିବାରେ ସମର୍ଥ ହୋଇଥିଲା।

# ସମ୍ବଲପୁର-ଏ ଓ ବି, ଝାରସୁଗୁଡ଼ା, ରାଉରକେଲା, ବାଲେଶ୍ୱର ବିଜୟୀ


ପ୍ରଶାନ୍ତ ଠକ୍କର


ଚିରାଗ ସୋନୀ

**କଳାହାଣ୍ଡି କପ୍**

**ଭୁବନେଶ୍ୱର, ୨୯।୩ (ତପନ ସ୍ୱାଇଁ)**

କଟକ ଓ ଭୁବନେଶ୍ୱରର ୯ ଭେନ୍ୟୁରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ (ଦ୍ୱିତୀୟ ପର୍ଯ୍ୟାୟ)ର ଶନିବାର ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର-ଏ, ରାଉରକେଲା, ପୁରୀ, ବାଲେଶ୍ୱର, ସମ୍ବଲପୁର-ଏ ଓ ବି, ଝାରସୁଗୁଡ଼ା, ଗଞ୍ଜାମ ଓ ଢେଙ୍କାନାଳ ଦଳ ବିଜୟ ହାସଲ କରିଛି। ଡ୍ରିମ୍ସ ଗ୍ରାଉଣ୍ଡରେ ଭୁବନେଶ୍ୱର-ଏ ୭୧ ରନରେ ବଲାଙ୍ଗୀରକୁ ହରାଇଛି। ବଲାଙ୍ଗୀରର ଚିରାଗ ସୋନୀ ୫ ଉଇକେଟ ସଫଳତା ପାଇଛନ୍ତି। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ରାଉରକେଲା ୧୪୪ ରନରେ ଅନୁଗୋଳକୁ ଓ ଗ୍ରାଉଣ୍ଡ-୧ରେ ପୁରୀ ୬ ଉଇକେଟରେ ଦେବଗଡ଼କୁ ପରାସ୍ତ କରିଛି। ଖୋର୍ଦ୍ଧା ପଡ଼ିଆରେ ବାଲେଶ୍ୱର ୮ ଉଇକେଟରେ କେନ୍ଦ୍ରାପଡ଼ାକୁ, ଜଟଣୀ ରେଲୱେ ଗ୍ରାଉଣ୍ଡରେ ସମ୍ବଲପୁର-ଏ ୧୫୫ ରନରେ ସୋନପୁର, ସନ୍‌ସାଇନ୍ ଗ୍ରାଉଣ୍ଡରେ ଝାରସୁଗୁଡ଼ା ୪ ଉଇକେଟରେ ମାଲକାନଗିରି, ଏମ୍‌ଜିଏମ୍ ଗ୍ରାଉଣ୍ଡରେ ସମ୍ବଲପୁର-ବି ୪୩ ରନରେ ଭଦ୍ରକକୁ ହରାଇ ଦେଇଛି। ସମ୍ବଲପୁର-ଏ'ର ପ୍ରଶାନ୍ତ ଠକ୍କର ୨୬ ରନଦେଇ ୫ ଉଇକେଟ ନେଇଛନ୍ତି। ସେହିପରି ଅଡ଼ଶପୁର ପଡ଼ିଆରେ ଗଞ୍ଜାମ ୭ ଉଇକେଟରେ କଟକ-ବି, ରେଲୱେ ଷ୍ଟାଡିୟମରେ ଢେଙ୍କାନାଳ ୧୬୧ ରନରେ ରାୟଗଡ଼ାକୁ ପରାସ୍ତ କରିଛି।

# ଏନ୍‌ସିଏ କ୍ୟାମ୍ପ ପାଇଁ ୪ ମନୋନୀତ


ମହେଶ ସାହୁ


ପନକାଲା ମୋକ୍ଷିତ


ରାଜ ଯାଦବ


ସୌରଭ ମିଶ୍ର

**ଭୁବନେଶ୍ୱର, ୨୯।୩ (ତପନ ସ୍ୱାଇଁ)**

ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ୧୬ ବର୍ଷରୁ କମ୍ ବାଳକ ଏଲିଟି କ୍ୟାମ୍ପ ପାଇଁ ଓଡ଼ିଶାର ୪ ଖେଳାଳି ମନୋନୀତ ହୋଇଛନ୍ତି। ଏହି କ୍ୟାମ୍ପ ଏପ୍ରିଲ ୧୮ରୁ ମେ ୧୪ ପର୍ଯ୍ୟନ୍ତ ବିଭିନ୍ନ ଭେନ୍ୟୁରେ ଚାଲିବ। ବିସିସିଆଇ ଘରୋଇ ସିଜନ ୨୦୨୪-୨୫ର ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଉନ୍ନତ ପ୍ରଦର୍ଶନ ପାଇଁ ଏହି ୪ ଖେଳାଳିଙ୍କୁ ଏନ୍‌ସିଏ କ୍ୟାମ୍ପ ପାଇଁ ସୁଯୋଗ ମିଳିଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସୂତ୍ରରୁ ପ୍ରକାଶ। ଟିମ୍-ଏ ପାଇଁ ମନୋନୀତ ହୋଇଥିବା ମହେଶ ସାହୁ ସାଲେମ କ୍ୟାମ୍ପରେ ଯୋଗଦେବେ। ଟିମ୍-ବି'ରେ ସୁଯୋଗ ପାଇଥିବା ପନକାଲା ମୋକ୍ଷିତ ଜୟପୁରରେ ଏବଂ ଟିମ୍-ସି'ରେ ପାଇଥିବା ସ୍ୱାଗତ ସୌରଭ ମିଶ୍ର ଓ ରାଜ ଯାଦବ ପୁଣେରେ ଟ୍ରେନିଂ ନେବେ। ଏନ୍‌ସିଏ କ୍ୟାମ୍ପ ପାଇଁ ମନୋନୀତ ହୋଇଥିବାରୁ ଉକ୍ତ ୪ ଖେଳାଳିଙ୍କୁ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

# କାର୍ଯ୍ୟନିର୍ବାହୀ କମିଟିରେ ୪ ଖେଳାଳି ରହିବେ

**ଏଆଇଏଫ୍‌ଏଫ୍ ସମ୍ବିଧାନ ଚିଠା**

**ନୂଆଦିଲ୍ଲୀ, ୨୯।୩ (ପି.ଟି.)**

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଏହାର ସମ୍ବିଧାନରେ ବ୍ୟାପକ ପରିବର୍ତ୍ତନ କରିବାକୁ ଚାହୁଁଛି। ଏଥିପାଇଁ ପ୍ରସ୍ତୁତ କରାଯାଇଥିବା ସମ୍ବିଧାନ ଚିଠାରେ ୧୪ଜଣିଆ କାର୍ଯ୍ୟନିର୍ବାହୀ କମିଟିରେ ଅତିକମ୍‌ରେ ୪ଜଣ ପୂର୍ବତନ ଜାତୀୟ ଖେଳାଳିଙ୍କୁ ସ୍ଥାନ ଦେବା ଓ ଅନାସ୍ଥା ପ୍ରସ୍ତାବ ଜରିଆରେ କର୍ମକର୍ତ୍ତାଙ୍କୁ ବହିଷ୍କାର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବମାନ ରହିଛି। ଜଣେ ଅବସରପ୍ରାପ୍ତ ବିଚାରପତି ଏଲ୍ ନାଗେଶ୍ୱର ରାଓଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବିଧାନ ଚିଠା ସୁପ୍ରିମ କୋର୍ଟରେ ଉପସ୍ଥାପନ କରାଯାଇଛି। ଜଷ୍ଟିସ ପି.ଏସ୍ ନରସିଂହା ଓ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାର୍ଚ୍ଚ ୨୫ରେ ଏହି ବିଷୟର ଚୂଡ଼ାନ୍ତ ଶୁଣାଣି ଆରମ୍ଭ କରିଛନ୍ତି। କୋର୍ଟରେ ଯୁକ୍ତି ଉପସ୍ଥାପନ ପରେ ରାୟ ଏପ୍ରିଲ ୨ରେ ପ୍ରକାଶ ପାଇବ।

# ଅଷ୍ଟ୍ରେଲିଆ ନାଗରିକ ହେଲେ କାସାଟକିନା

**ମେଲବୋର୍ନ, ୨୯।୩ (ଏପି)**



ରୁଷିଆରେ ଜନ୍ମିତ ଟେନିସ ଖେଳାଳି ଡାରିଆ କାସାଟକିନା ଅଷ୍ଟ୍ରେଲିଆ ନାଗରିକତ୍ୱ ଗ୍ରହଣ କରିଛନ୍ତି। ଅଷ୍ଟ୍ରେଲିଆରେ ସ୍ଥାୟୀ ବସବାସ କରିବା ଲାଗି ସେ ଆଗ୍ରହୀ। ଏଥିଲାଗି ତାଙ୍କୁ ଅନୁମତି ଦେବା ପାଇଁ ସେ କରିଥିବା ଅନୁରୋଧକୁ ଅଷ୍ଟ୍ରେଲିଆ ସରକାର ଗ୍ରହଣ କରିଛନ୍ତି। ୨୭ବର୍ଷୀୟ କାସାଟକିନା ୨୦୨୨ ଫ୍ରେଞ୍ଚ୍ ଓପନ ସେମିଫାଇନାଲିଷ୍ଟ। ବର୍ତ୍ତମାନ ର୍‍ୟାଙ୍କିଙ୍ଗ ତାଲିକାରେ ସେ ୧୨ତମ ସ୍ଥାନରେ ରହିଛନ୍ତି। ୮ଥର ଡବ୍ଲ୍ୟୁଟିଏ ସିଙ୍ଗଲ୍ସ ଚାମ୍ପିୟନଙ୍କ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ ୮ମ ସ୍ଥାନ ରହିଛି। ୨୦୨୨ରେ ୟୁକ୍ରେନ୍ ଉପରେ ମସ୍କୋର ଆକ୍ରମଣ ପରେ ରୁଷିଆ ଓ ବେଲାରୁଷ ପକ୍ଷରୁ ଖେଳାଳିମାନେ ସେମାନଙ୍କ ଦେଶର ପତାକା ଅଧୀନରେ କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ ଉପରେ କଟକଣା ଜାରି କରାଯାଇଛି। ଫଳରେ ଏହାପରଠାରୁ କାସାଟକିନା ଟୁର୍‌ରେ ଜଣେ ନିରପେକ୍ଷ ଆଥଲେଟ ଭାବେ ଭାଗ ନେଇ ଆସୁଥିଲେ। ଅଷ୍ଟ୍ରେଲିଆ ନାଗରିକତ୍ୱ ମିଳିଥିବାରୁ ସେ ବହୁତ ଖୁସି ବୋଲି କାସାଟକିନା ତାଙ୍କର ଏକ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟରେ କହିଛନ୍ତି। ଟେନିସ ଅଷ୍ଟ୍ରେଲିଆ କହିଛି, କାସାଟକିନା ବର୍ତ୍ତମାନ ଅଷ୍ଟ୍ରେଲିଆ ନାଗରିକ ହୋଇଥିବାରୁ ସେ ଏଣିକି ଅଷ୍ଟ୍ରେଲିଆରୁ ପ୍ରତିନିଧିତ୍ୱ କରିପାରିବେ।


# Classified Everyday
0674-2580101, 9692975378


MATRIMONIAL

**BRIDE WANTED**

ବୟସ 29, Private ଚାକିରୀ କରୁଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7077016578. D-75374

**GROOM WANTED**

Tall, Handsome Brahmin boy 1989 born, 5'10" MBA (IB) & LLB, Lawyer in Puri earning 7Lacs per Annum invites suitable Brahmin proposals. Contact: 7978626462. D-3466


AUTOMOBILE SALE

Tata Ultra 41 Seater Bus for Sale. Contact Details: 7077714312. D-3476

For Sale Innova Crysta, Landrover, Dezire, Hondacity, Mercedes, Fortuner Ertiga CNG for details contact: 7381091234, 7077731532. D-76254


REAL ESTATE SALE

ଜଟଣୀଗେଟରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

**Ready to move 2bhk flat for sale @ 22lakh near Gudiapokhari, Bhubaneswar. Call: 9937544226.** D-3125

Personal plot 60x80= 4800sqft. Nearer to Phulanakhara, 11K.M. from Bhubaneswar, @1500/- Persft. with big Compoundwall, beautiful road, Touching to a Building. 7809525425. D-76433

**44 Dcml. (1920sqft.) Gharabadi boundary wall plot SALE at Bhaktamadhu Nagar, near ITER College, Jagamara. Price 95 lakh, negotiable. Only Genuine Buyer call for details: 9438220432/ 8144658008.** D-3412

**Duplex sale with gated Society near AIIMS Hospital, Bhubaneswar. 9777433701.** D-76253

**1792sqft. plot inside a gated community near Physiotherapy Hospital at Olatapur, side of Phulanakhara-Niali Highway for sale. 7008071631.** D-3416


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-3219

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly constructed commercialarea2000sqft. at BHARATPUR, BHUBANESWAR main road from Studio Chhak to Chandaka for Banks Malls Showroom. Contact: 7978609834, 7978578341. D-71599




All types hair cutting, body massage by smart lady room services available. Contact: 7077240328. D-71396

Newly open Jyoti SPA positively health benefits (Expert therapist). 8458067955. D-76904

**Newly opened spa in puri. Professional body massage available. 9861984834.** D-3394

**AFFIDAVIT**

By virtue of an affidavit sworn before dated 27.03.2025, I, Subash Chandra Khillo, At-Kulabir, P.O.- Padua, Dist.-Koraput, I have changed my son's name Kamesh Khilla to Kabir Khillo. Today onwards he will be known as Kabir Khillo for all purposes.
Subash Chandra Khilla D-3460

I, Priti Priyadarsini, D/o of Prasanta Kumar Behera, At-MIG11, H.B. Colony, P.O./ P.S./Dist.- Khordha-752055, I declare by this affidavit No.-842, dated on 28.3.2025 that now onwards I shall be known as Priti Priyadarshini for all purpose. D-75384

By virtue of an affidavit sworn before Magistrate, Kujang, dt- 26.03.2025, I, Basanta Dalai, Address: At- Nuaratnapur, P.O.-Kunjakothi, P.S.-Erasama, Dist.- Jagatsinghpur, declare that I have changed my son's name from Son Dalai (old name) to Sahil Kumar Dalai (new name). Henceforth, he shall be known as Sahil Kumar Dalai (new name) for all purposes.
Basanta Dalai D-3470

By virtue of an affidavit sworn before the Executive Magistrate, Saintala, dt. 29.03.2025, I, Shashidhar Behera, S/o- Ranjit Behera, R/o-Village- Bargaon, P.O.-Bhadra, P.S.- Saintala, Dist.- Balangir (Odisha), PIN- 767032 declare that now I have changed my son's name from Samya Ranjan Behera to Soumya Ranjan Behera. Henceforth, my son shall be known as Soumya Ranjan Behera for all purposes.
Shashidhar Behera D- 3469

By virtue of an affidavit sworn before Executive Magistrate, dated 17th March 2025 I, Ganesh Himirika, Address: Village- Jhodia Street, Katlaguda, P.O.-Halua, Dist.-Rayagada, Odisha, 765002, declare that I have changed my daughter's name from Mammali Himirika to Mili Kumari Himirika. Henceforth, she shall be known as Mili Kumari Himirika for all purposes.
Ganesh Himirika D-3468

By virtue of an affidavit sworn before Executive Magistrate, Angul, dated 28.03.2025, I, Tapi Majhi, Address: At- Talataila, P.O.-Kuio, P.S.- Angul sadar, Dist- Angul, PIN- 759123, Declare that I have changed my name from Tapi Majhi to Taapoiee Majhi. Henceforth, I shall be known as Taapoiee Majhi for all purposes.
Taapoiee Majhi D-3467



# ମନେ ପଡ଼ନ୍ତି

**ମନେ ପଡ଼ନ୍ତି**



ଽଅନ୍ୱେଷା ଧରାଶ୍ରୀ ଜେନା (ଲାଡ୍‌ଲି)
ହଣ୍ଡପା, ଅନୁଗୋଳ
ଆବିର୍ଭାବ- ୨୩.୦୪.୨୦୦୯
ତିରୋଧାନ- ୩୦.୦୩.୨୦୧୨
ତୁ ଆମକୁ କନ୍ଦାଇ ସବୁଦିନ ପାଇଁ ଆରପାରିକୁ ଚାଲିଗଲୁ। ତୁ ଯୋଉଠି ବି ଥା' ଭଲରେ ଥାଆ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଜେନା ପରିବାରବର୍ଗ।
ଧ-୩୪୬୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଽରମେଶ ଚନ୍ଦ୍ର ସ୍ୱାଇଁ
ଦିହୁଡ଼ା, ଗୋପ, ପୁରୀ
ଆବିର୍ଭାବ: ୧୩।୦୪।୧୯୬୫
ତିରୋଧାନ: ୨୧।୦୩।୨୦୨୫
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ରିଧିକାନ୍ତ, ରତିକାନ୍ତ, ବନ୍ଧୁ ଓ ପରିବାରବର୍ଗ।
ଧ-୩୪୭୧

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



ଽସବିତା ମହାନ୍ତି (ନିଲୁ)
ତିରୋଧାନ: ୨୫ ମାର୍ଚ୍ଚ ୨୦୨୦
ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର: ବଦ୍ରି, ଝିଅ, ଜ୍ୱାଇଁ, ନାତୁଣୀ।
ଧ-୩୪୭୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ରବୀନ୍ଦ୍ର ନାଥ ତ୍ରିପାଠୀ
ଚନ୍ଦନ ନଗର ୫ମ ଗଳି, ଲାଞ୍ଜିପଲ୍ଲୀ, ବ୍ରହ୍ମପୁର
ଆବିର୍ଭାବ: ୨୩।୧୦।୧୯୩୮
ତିରୋଧାନ: ୦୯।୦୪।୨୦୨୪
ଆପଣ ଆମ୍ଭମାନଙ୍କୁ ଦୁଃଖ ସାଗରରେ ଭସାଇ ହଠାତ୍ ଚାଲିଗଲେ। ଆଜି ଏହି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ- ସୁକାନ୍ତି, ପୁଅ- ନୃସିଂହନାଥ, ଦିବ୍ୟସିଂହ, ସରୋଜ, ବୋହୂ- ମୋହର, ପୂର୍ବାସା, ସୁଜାତା,ଝିଅ- ସୁଜାତା, ସସ୍ମିତା, ରଶ୍ମିତା, ଜ୍ୱାଇଁ- ବୁଲୁ, ମନ୍ମଥ, ନିଲୁ, ବିଟୁନ୍, ଚନ୍ଦନ, ସାହିଲ, କୁସୁମ, ଖୁସୁବ, ସରନ୍ୟା, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୩୪୭୩

**ଶ୍ରଦ୍ଧାଞ୍ଜଳି**



ଽସୂର୍ଯ୍ୟକାନ୍ତ ମହାନ୍ତି (ବାବୁଲା)
ସର୍ବୋଦୟ ନଗର, ଗୁଣ୍ଡିଚା ବିହାର ହୃଦାନନ୍ଦ କଲୋନୀ, ପୁରୀ-୨
ଆବିର୍ଭାବ: ୨୦।୦୨।୧୯୫୮
ତିରୋଧାନ: ୦୧।୦୪।୨୦୨୨
ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଆପଣଙ୍କ: ଭଉଣୀ, ଭିଣୋଇ, ଭାଇ, ଭାଇବୋହୂମାନେ, ଭଣଜା, ଭାଣିଜୀ, ପୁତୁରା, ଝିଆରୀ ଏବଂ ପରିବାରବର୍ଗ।
ଧ-୭୫୬୨୦

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

"M.B.K."

# Great Eastern® RETAIL

ଗ୍ରୀଷ୍ମ ଚାହେଁ ଏସି
ମନ କୁହେ ଗ୍ରେଟ୍ ଇଷ୍ଟର୍ଣ୍ଣ ରିଟେଲ

upto ₹7000 EXCHANGE VALUE* | upto ₹45000 CASH BACK* | 0 DOWN PAYMENT* COST EMI*
5 YEARS COMPREHENSIVE WARRANTY* | FREE STANDARD INSTALLATION* | FREE EXPRESS DELIVERY*

OPENING SOON AT Tonk Pani Road, Near Sai Mandir, Bhubaneswar

| Brand | Upto % off | Product | MRP | Effective Price | Per Day |
|---|---|---|---|---|---|
| LLOYD | 58% | 1.5 T 3* Inverter AC | ₹55990 | ₹23490* | ₹72/Day* |
| LLOYD | | 1.5 T 5* Inverter AC | ₹67990 | ₹29490* | ₹89/Day* |
| Godrej | 54% | 1.5 T 3* Inverter AC | ₹45900 | ₹20990* | ₹65/Day* |
| Godrej | | 1.5 T 5* Inverter AC | ₹54900 | ₹25490* | ₹78/Day* |
| VOLTAS | 62% | 1.5 T 3* Inverter AC | ₹64990 | ₹24490* | ₹75/Day* |
| VOLTAS | | 1.5 T 5* Inverter AC | ₹75990 | ₹30490* | ₹92/Day* |
| LG | 65% | 1.5 T 3* Inverter AC | ₹78990 | ₹27990* | ₹85/Day* |
| LG | | 1.5 T 5* Inverter AC | ₹85990 | ₹33990* | ₹81/Day* |
| Carrier | 66% | 1.5 T 3* Inverter AC | ₹78990 | ₹26990* | ₹82/Day* |
| Carrier | | 1.5 T 5* Inverter AC | ₹78490 | ₹32490* | ₹97/Day* |
| HITACHI | 61% | 1.5 T 3* Inverter AC | ₹64850 | ₹25490* | ₹78/Day* |
| HITACHI | | 1.5 T 5* Inverter AC | ₹75850 | ₹34990* | ₹104/Day* |
| DAIKIN | 54% | 1.5 T 3* Inverter AC | ₹58400 | ₹26990* | ₹82/Day* |
| DAIKIN | | 1.5 T 5* Inverter AC | ₹67200 | ₹35990* | ₹107/Day* |
| Panasonic | 59% | 1.5 T 3* Inverter AC | ₹59900 | ₹24490* | ₹75/Day* |
| Panasonic | | 1.5 T 5* Inverter AC | ₹67900 | ₹34490* | ₹103/Day* |
| Whirlpool | 63% | 1.5 T 3* Inverter AC | ₹62200 | ₹24490* | ₹75/Day* |
| Whirlpool | | 1.5 T 5* Inverter AC | ₹71900 | ₹26490* | ₹81/Day* |
| GENERAL | 24% | 1.5 T 3* Inverter AC | ₹55790 | ₹42490* | ₹125/Day* |
| GENERAL | | 1.5 T 5* Inverter AC | ₹70520 | ₹53990* | ₹157/Day* |
| LLOYD | 52% | 1.5 T 3* Inverter AC | ₹47990 | ₹22990* | ₹71/Day* |
| Godrej | 47% | 1.5 T 3* Inverter AC | ₹41900 | ₹21990* | ₹68/Day* |
| Carrier | 49% | 1.5 T 3* Inverter AC | ₹45090 | ₹22990* | ₹71/Day* |
| | 35% | 184 L Single Door | ₹17260 | ₹11190* | ₹31/Day* |
| | 35% | 235 L Double Door | ₹30690 | ₹19790* | ₹55/Day* |
| | 48% | 596L Side By Side + 24L OTG | ₹101990 | ₹52890* | ₹110/Day* |
| HAVELLS | 40% | Desert Cooler | ₹22390 | ₹13490* | ₹37/Day* |
| USHA | 36% | Air Cooler | ₹13190 | ₹8490* | ₹24/Day* |
| | 27% | 230L Deep Freezer | ₹32890 | ₹23990* | ₹67/Day* |

## BRING HOME THE GAME

| Upto % off | Product | MRP | Effective Price | Per Day |
|---|---|---|---|---|
| 59% | 32 (81.28cm) Smart TV | ₹28390 | ₹11490* | ₹32/Day* |
| 55% | 43 (109.7cm) Smart TV | ₹50490 | ₹22490* | ₹62/Day* |
| 49% | 55 (139.7cm) UHD TV | ₹66990 | ₹34490* | ₹103/Day* |
| 45% | 65 (165.1cm) Google TV | ₹101990 | ₹55790* | ₹162/Day* |
| 55% | 75 (190.5cm) UHD TV | ₹199900 | ₹89990* | ₹178/Day* |

SAMSUNG LG Panasonic SONY LLOYD Haier Whirlpool Godrej IFB BOSCH VOLTAS DAIKIN HITACHI GENERAL BLUE STAR HAVELLS EUREKA FORBES Livpure KUTCHINA GLEN hindware FABER Sunflame USHA

UP TO 5% INSTANT DISCOUNT* SBI card
#Min. Trxn.: ₹25,000; Max. Discount: ₹3,500 per card; Also valid on EMI Trxns.; Validity: 15 Mar - 13 Apr 2025. T&C Apply.

SCAN FOR MORE OFFERS

Widest Range Of Products* | Extended Warranty*
Easy Finance Available HDB FINANCIAL SERVICES BAJAJ FINSERV EMI IDFC FIRST Bank
www.greateasternretail.com | Great Eastern Retail | HELPLINE 033 4037 2000

ଭୁବନେଶ୍ୱର ବାପୁଜୀ ନଗର ✆ 9853945074 | ରାଉରକେଲା ଜାମୁନାନାକି ✆ 8984831218
କଟକ ଯୋବ୍ରା ରୋଡ ✆ 8908972713 | ବାଲେଶ୍ୱର ବିବେକାନନ୍ଦ ମାର୍ଗ ✆ 9658806880 | ସିଡିଏ ✆ 95836 47161
ଯାଜପୁର ରୋଡ଼ ଚୋର୍ଦା ବାଇପାସ୍ ✆ 7978077155 | ପଟିଆ ✆ 9853933698 | ବ୍ରହ୍ମପୁର ଦଳୁଆ ସାହି ✆ 9938668181

ODISHA | DELHI | HARYANA | WEST BENGAL | RAJASTHAN | UTTAR PRADESH | ANDHRA PRADESH | 90+ STORES

*Terms & conditions - Price includes cashback and exchange offer. Pictures are indicative. Offer applicable on selected models and brands. Exchange value applicable for working 1 to 2 years old Air Conditioner based on physical condition and submission of original invoice. 6 hrs delivery applicable only on Air Conditioners.


virtual frame

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩୦/୨୦୨୫ Bhubaneswar, Sunday, March 30/ 2025

# ମୁମ୍ବାଇକୁ ହରାଇଲା ଗୁଜରାଟ



ଶଟ୍ ଖେଳିବା ଅବସରରେ ସାଇ ସୁଦର୍ଶନ ।

**ଅହମଦାବାଦ,୨୯।୩**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶନିବାର ଅନୁଷ୍ଠିତ ମ୍ୟାଚରେ ଗୁଜରାଟ ଟାଇଟନ୍ସ ୩୬ ରନରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି । ସାଇ ସୁଦର୍ଶନଙ୍କ ଅର୍ଦ୍ଧଶତକ ସହାୟତାରେ ଗୁଜରାଟ ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୯୬ ରନ କରିଥିଲା । ୧୯୭ ରନ ବିଜୟ ଲକ୍ଷ୍ୟରେ ମୁମ୍ବାଇ ୨୦ ଓଭରରେ ୬ ଉଇକେଟ ହରାଇ ୧୬୦ ରନ କରି ପାରିଥିଲା । ରୋହିତ ଶର୍ମା ପୁଣି ଫେଲ୍ ମାରିଥିବାବେଳେ ସୂର୍ଯ୍ୟକୁମାର ଯାଦବଙ୍କ ଦ୍ରୁତ ୪୮ (୨୮ ବଲ, ୧ ଚୌକା, ୪ ଛକା) ଓ ତିଲକ ବର୍ମାଙ୍କ ୩୯ ରନ ପର୍ଯ୍ୟାପ୍ତ ହୋଇ ନ ଥିଲା । ଗୁଜରାଟ ବୋଲରଙ୍କ ମଧ୍ୟରେ ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ୨ଟି ଲେଖାଏ ଉଇକେଟ ନେଇଥିଲେ । ୨ ମ୍ୟାଚରୁ ଗୁଜରାଟ ପ୍ରଥମ ବିଜୟ ହାସଲ କରି ପଏଣ୍ଟ ଖାତା ଖୋଲିଛି । ଅନ୍ୟ ପକ୍ଷରେ ମୁମ୍ବାଇ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି । ନିଜର ପ୍ରଥମ ମ୍ୟାଚରେ ଏହି ଦଳ ଚେନ୍ନାଇ ସୁପର କିଙ୍ଗ୍ସଠାରୁ ହାରିଥିଲା ।

ଟସ୍ ଜିତି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ସାଇ ସୁଦର୍ଶନ ଓ ଅଧିନାୟକ ଶୁବମନ ଗିଲ୍‌ଙ୍କ ଓପନିଂ ଯୋଡ଼ିରେ ୫୧ ବଲ୍‌ରୁ ୭୮ ରନ ଯୋଗ କରି ଭଲ ଆରମ୍ଭ କରିଥିଲା । ଗିଲ୍ ୩୮ (୨୭ ବଲ୍, ୪ ଚୌକା, ୧ ଛକା) ରନକରି ଆଉଟ ହେବାପରେ ଜୋସ ବଟଲର ୨୪ ବଲ୍‌ରୁ ୩୯ (୫ ଚୌକା, ୧ ଛକା) ରନର ଉପଯୋଗୀ ଇନିଂସ ଖେଳିଥିଲେ । ବ୍ୟାଟିଂ କ୍ରମରେ ଉପରେ ଆସିଥିଲେ ହେଁ ଶାହରୁଖ ଖାଁ (୯) ଏହାର ଫାଇଦା ନେଇପାରି ନ ଥିଲେ । ଦଳର ବ୍ୟାଟିଂ ମେରୁଦଣ୍ଡ ସାଜିଥିବା ସୁଦର୍ଶନ ସର୍ବାଧିକ ୬୩ (୪୧ ବଲ, ୪ ଚୌକା, ୨ ଛକା) ରନ ସ୍କୋର କରିଥିଲେ । ମୁମ୍ବାଇ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଉଇକେଟ ନେଇଥିଲେ ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୧୯୬/୮ (ସାଇ ସୁଦର୍ଶନ–୬୩, ଜୋସ ବଟଲର–୩୯, ଶୁବମନ ଗିଲ–୩୮, ହାର୍ଦ୍ଦିକ ପାଣ୍ଡ୍ୟା–୨/୨୯, ଟ୍ରେଣ୍ଟ ବୋଲ୍ଟ–୧/୩୪, ଦୀପକ ଚହର–୧/୩୯, ମୁଜିବ ଉର ରହମନ–୧/୨୮, ସତ୍ୟନାରାୟଣ ରାଜୁ–୧/୪୦) । ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୬୦/୬ (ସୂର୍ଯ୍ୟକୁମାର ଯାଦବ–୪୮, ତିଲକ ବର୍ମା–୩୯, ମହମ୍ମଦ ସିରାଜ–୨/୩୪, ପ୍ରସିଦ୍ଧ କ୍ରିଷ୍ଣା–୨/୧୮, ରବିଶ୍ରୀନିବାସନ ସାଇ କିଶୋର–୧/୩୭, କାଗିଶୋ ରାବାଡ଼ା–୧/୪୨) ।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**

**ଦିଲ୍ଲୀ ବନାମ ହାଇଦ୍ରାବାଦ**

ସ୍ଥାନ: ବିଶାଖାପାଟଣା
ସମୟ: ଅପରାହ୍ନ ୩.୩୦

**ରାଜସ୍ଥାନ ବନାମ ଚେନ୍ନାଇ**

ସ୍ଥାନ: ଗୁଆହାଟୀ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୨ | ୨ | ୦ | ୪ | +୨.୨୬୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୨ | ୧ | ୧ | ୨ | +୦.୯୬୩ |
| ଗୁଜରାଟ ଟାଇଟନ୍ସ | ୨ | ୧ | ୧ | ୨ | +୦.୬୨୫ |
| ପଞ୍ଜାବ କିଙ୍ଗ୍ସ | ୧ | ୧ | ୦ | ୨ | +୦.୫୫୦ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧ | ୧ | ୦ | ୨ | +୦.୩୭୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୨ | ୧ | ୧ | ୨ | –୦.୧୨୮ |
| କୋଲକାତା ନାଇଟ ରାଇଡର୍ସ | ୨ | ୧ | ୧ | ୨ | –୦.୩୦୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୨ | ୧ | ୧ | ୨ | –୧.୦୧୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୨ | ୦ | ୨ | ୦ | –୧.୧୬୩ |
| ରାଜସ୍ଥାନ ରୟାଲ୍ସ | ୨ | ୦ | ୨ | ୦ | –୧.୮୮୨ |



ଭୁବନେଶ୍ୱରରେ ଶନିବାର ଆରମ୍ଭ ହୋଇଥିବା ଜାତୀୟ ପାରା ଫେନ୍‌ସିଂ ଚାମ୍ପିୟନ୍‌ଶିପ୍‌ର ପ୍ରଥମ ଦିବସରେ ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ମୁକାବିଲା । (ଫଟୋ: ବିକାଶ ନାୟକ)

# ଅବସର ନେଲେ ଶରଥ କମଲ

**ଚେନ୍ନାଇ, ୨୯।୩ (ପି.ଟି.)**

ଭାରତର ଅଗ୍ରଣୀ ଟେବୁଲ ଟେନିସ ଖେଳାଳି ୫ଥର ଅଲିମ୍ପିଆନ ଶରଥ କମଲ ଶନିବାର ଖେଳରୁ ବିଧିବଦ୍ଧ ଅବସର ନେଇଛନ୍ତି । ଏଠାରେ ଚାଲିଥିବା ଡବ୍ଲ୍ୟୁଟିଟି ଷ୍ଟାର କଣ୍ଟେଣ୍ଡର ଟୁର୍ନାମେଣ୍ଟର ପ୍ରି-କ୍ୱାର୍ଟରଫାଇନାଲରେ ନିଜ ଦେଶର ସ୍ନେହିତ ସୁରାଭାଜୁଲାଙ୍କଠାରୁ ସେ ୧୧-୯, ୧୧-୮, ୧୧-୯ରେ ହାରିଯାଇଛନ୍ତି । ଏହା ତାଙ୍କ କ୍ୟାରିୟରର ଅନ୍ତିମ ମ୍ୟାଚ ଥିଲା । ପରେ ସେ ଇଜିପ୍ଟର ଓମାର ଆସାରଙ୍କ ବିପକ୍ଷରେ ଏକ ପ୍ରଦର୍ଶନୀ ମ୍ୟାଚ ଖେଳି ଦର୍ଶକମାନଙ୍କୁ ତାଙ୍କ କ୍ରୀଡ଼ା ନୈପୁଣ୍ୟର ଏକ ଝଲକ ଦେଖାଇଥିଲେ । ୪୨ବର୍ଷୀୟ ଶରଥ ତାଙ୍କ ଫେୟାରୱେଲ ମ୍ୟାଚ ପରେ ଖବରଦାତାମାନଙ୍କୁ କହିଛନ୍ତି, ଜଣେ ଖେଳାଳି ଭାବେ ଦେଶ ପାଇଁ ସେ ତାଙ୍କ କର୍ତ୍ତବ୍ୟ ତୁଲାଇଛନ୍ତି । ବର୍ତ୍ତମାନ ସେ ଜଣେ ପ୍ରଶାସକ, କୋଚ୍ ଅବା ଜଣେ ମେଣ୍ଟର ଭାବେ କାର୍ଯ୍ୟ କରିବାକୁ ଆଗ୍ରହୀ ଅଛନ୍ତି । ପୂର୍ବରୁ ୨୪ବର୍ଷୀୟ ମାନବ ଠକ୍କର ପ୍ରଥମ ଭାରତୀୟ ଭାବେ ଡବ୍ଲ୍ୟୁଟିଟି ଷ୍ଟାର କଣ୍ଟେଡର ସେମିଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଛନ୍ତି । ସେ ଜର୍ମାନୀର ଆନ୍ଦ୍ରେ ବର୍ଟେଲ୍ସମିରଙ୍କୁ ୫ ଗେମ୍ ବିଶିଷ୍ଟ ରୋମାଞ୍ଚକ ମ୍ୟାଚରେ ପରାଜିତ କରିବା ସହ ଜଣେ ଅଲିମ୍ପିକ ପଦକ ବିଜେତା ଦକ୍ଷିଣ କୋରିଆର ଲିମ୍ ଜଙ୍ଗହୁନ୍ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ ।

# ଜୋକୋଭିଚ୍ ଫାଇନାଲରେ

**ମାୟାମି ଗାର୍ଡେନ୍ସ, ୨୯।୩ (ଏପି):** ନୋଭାକ ଜୋକୋଭିଚ୍ ତାଙ୍କ କ୍ୟାରିୟରରେ ଆଉ ଏକ ମାୟାମି ଓପନ ଟାଇଟଲର ନିକଟତର ହୋଇଛନ୍ତି । ସ୍ଥାନୀୟ ହାର୍ଡ ରକ୍ ଷ୍ଟାଡିୟମରେ ଶୁକ୍ରବାର ରାତିରେ ଅନୁଷ୍ଠିତ ସେମିଫାଇନାଲରେ ୧୪ତମ ସିଡ୍ ଗ୍ରିଗୋର୍ ଦିମିତ୍ରୋଭଙ୍କୁ ୬-୨, ୬-୩ରେ ପରାସ୍ତ କରି ସେ ମାୟାମି ଓପନ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି । ରବିବାର ଟାଇଟଲ ମୁକାବିଲାରେ ସେ ଅଣସିଡ୍ ତଥା ୧୯ବର୍ଷୀୟ ଜାକବ ମେନ୍‌ସିକ୍‌ଙ୍କୁ ଭେଟିବେ । ମେନ୍‌ସିକ୍ ଅନ୍ୟ ଏକ ସେମିଫାଇନାଲରେ ୩ୟ ସିଡ୍ ଟେଲର ଫ୍ରିଜ୍‌ଙ୍କୁ ୭-୬ (୭-୪), ୪-୬, ୭-୬ (୭-୪)ରେ ହରାଇ ଦେଇଛନ୍ତି । ସୂଚନାଯୋଗ୍ୟ, ୩୭ ବର୍ଷୀୟ ଜୋକୋଭିଚ୍ ଟୁର୍ନାମେଣ୍ଟର ପୂର୍ବ ଭେନ୍ୟୁ କି' ବିସ୍‌କେନିଠାରେ ୬ଥର ଚାମ୍ପିୟନ ହୋଇଛନ୍ତି ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ